


ଆଜିର ‘ସକାଳ’ ସହ ‘ସିନ୍ଦୂରା’ ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-281 ♦BHUBANESWAR ♦SUNDAY ♦7 APRIL 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୮୧ ♦ଭୁବନେଶ୍ୱର ♦ରବିବାର ♦୭ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)


### ରାଜ୍ୟ ବିଜେପିରେ ଥମୁନି ଅସନ୍ତୋଷ ଓ ଅନ୍ତଃକନ୍ଦଳ

# ଫିକା ପଡ଼ିଲା ପ୍ରତିଷ୍ଠା ଦିବସ

**ଆଜି ବି ରାଜ୍ୟ କାର୍ଯ୍ୟାଳୟରେ ନାରାବାଜି, ପ୍ରଦର୍ଶନ**

**ମନମୋହନଙ୍କ ସାମ୍ନାରେ କର୍ମୀଙ୍କ ଚେତାବନୀ**

**ଟିକଟ ନ ବଦଳିଲେ ରେମୁଣା ହେବ ବିଜେପି ଶୂନ୍ୟ**

**ବଡ଼ମ୍ବା, ଖଣ୍ଡପଡ଼ାର ବିଦ୍ରୋହୀ ଗୋଷ୍ଠୀଙ୍କ ରଣହୁଙ୍କାର**

**ଟିକଟ ବଦଳ ଆଶଙ୍କାରେ ଶକ୍ତି ପ୍ରଦର୍ଶନ କଲେ ସ୍ମୃତିରେଖା**

■ **ଭୁବନେଶ୍ୱର, ୬।୪ (ସମିସ):** ଟିକଟ ଘୋଷଣାକୁ ୫ ଦିନ ହେଲାଣି। ମାତ୍ର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପ୍ରତିବାଦ, ବିରୋଧ, ନାରାବାଜି ଥମିବାର ନାଁ ଧରୁନାହିଁ। ପ୍ରତିଦିନ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳରୀରୁ ବିଜେପି କର୍ମୀମାନେ ରାଜଧାନୀ ଆସି ରାଜ୍ୟ କାର୍ଯ୍ୟାଳୟରେ ନିଜ ଶକ୍ତି ପ୍ରଦର୍ଶନ କରୁଛନ୍ତି। ଦଳୀୟ ନେତୃତ୍ୱଙ୍କୁ ଚରମବାଣୀ ଶୁଣାଉଛନ୍ତି। ପ୍ରାର୍ଥୀତ୍ୱକୁ ବିରୋଧ କରି କେତେକ ଛାମୁଆ ନେତା ଦଳ ଛାଡ଼ିଥିବା ବେଳେ ବହୁ ନେତା ରାଜ୍ୟ ନେତୃତ୍ୱଙ୍କ ନିଷ୍ପତ୍ତି ଅପେକ୍ଷାରେ ରହିଛନ୍ତି। ଏପରିକି ଆଜି ୪୫ତମ ପ୍ରତିଷ୍ଠା ଦିବସରେ ମଧ୍ୟ ଦଳୀୟ କାର୍ଯ୍ୟାଳୟରେ ଅସନ୍ତୁଷ୍ଟ କର୍ମୀଙ୍କ ହଙ୍ଗାମା, ନାରାବାଜି ଉତ୍ସବର ମାହୋଲ୍‌କୁ ‘ଫିକା’ କରିଦେଇଛି।

ନିଜ ନେତାଙ୍କ ସପକ୍ଷରେ ରେମୁଣା, ଖଣ୍ଡପଡା, ବଡ଼ମ୍ବା ଏବଂ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଶହ ଶହ ସମର୍ଥକଙ୍କ ▶ପୃଷ୍ଠା-୧୪

## ଧର୍ମେନ୍ଦ୍ରଙ୍କ ଉପସ୍ଥିତିରେ ଜୟ-ଗିରୀଶ ସମର୍ଥକ ମୁହାଁମୁହିଁ

**ଗିରୀଶଙ୍କ ବ୍ୟାନର୍ ଢାଙ୍କିଦେଲେ ଜୟଙ୍କ ସମର୍ଥକ**

**ପ୍ରତିଶୋଧ ପାଇଁ ସୁଯୋଗ ଅପେକ୍ଷାରେ ଗିରୀଶଙ୍କ ସମର୍ଥକ**




■ **ସମ୍ବଲପୁର, ୬।୪ (ସମିସ):** ବିଜେପିର ପ୍ରତିଷ୍ଠା ଦିବସ ପାଳନ ବେଳେ ଆଜି ସମ୍ବଲପୁର ବିଜେପି କାର୍ଯ୍ୟାଳୟରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ବିଜେପିର ଜିଲ୍ଲା ସଭାପତି ଗିରୀଶ ପଟେଲଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା ଶୀତଳ ଯୁଦ୍ଧ ପଦାରେ ପଡ଼ିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଜୟ ଓ ଗିରୀଶଙ୍କ ସମର୍ଥକ ମୁହାଁମୁହିଁ ହୋଇଛନ୍ତି। ସୂଚନା ଅନୁସାରେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ବିଧାୟକ ଶ୍ରୀ ମିଶ୍ର ଆଜି ମଧ୍ୟାହ୍ନରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପହଞ୍ଚିବା ପରେ ଶ୍ରୀ ପଟେଲ ତାଙ୍କୁ ସ୍ୱାଗତ କରିବାକୁ ଯାଇ ନଥିଲେ। ପରେ ଜୟଙ୍କ ଚାମ୍ବରରେ ଜୟ ଓ ଧର୍ମେନ୍ଦ୍ର ପଶିବା ପରେ ସେଠାକୁ ଗିରୀଶଙ୍କୁ ଡକାଯାଇନଥିଲା। ଏଭଳି ଗମ୍ଭୀର ପରିସ୍ଥିତିକୁ ଶାନ୍ତ କରିବା ପାଇଁ ରେଙ୍ଗାଲି ବିଧାୟକ ନାଉରୀ ନାୟକ ଆଗକୁ ଆସିଥିଲେ। ସେ ଗିରୀଶଙ୍କ ହାତ ଧରି ଭିତରକୁ ନେଇଥିଲେ। କିନ୍ତୁ ସେହି ସମୟରେ ମହାନଦୀ ମଣ୍ଡଳ ବିଜେପି ସଭାପତି ସୁଶାନ୍ତ ପୁରୋହିତଙ୍କୁ ଭିତରକୁ ଛଡ଼ା ନଯିବାରୁ ଗିରୀଶଙ୍କ ସମର୍ଥକ ଓ ଜୟନାରାୟଣଙ୍କ ସମର୍ଥକଙ୍କ ମଧ୍ୟରେ କଥା କଟାକଟି ଓ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। “ବିଜେପି ଏକ ଶୃଙ୍ଖଳିତ ଦଳ, ଆମେ ଦେଶରେ ସେବା ଦାୟିତ୍ୱରେ ଅଛୁ, ଆମେ ଏକଜୁଟ ହୋଇ କାମ କରିବୁ” ବୋଲି କେନ୍ଦ୍ରମନ୍ତ୍ରୀ ବିଭିନ୍ନ ▶ପୃଷ୍ଠା-୧୪

### ନ୍ୟାୟିକ ସ୍ୱାଧୀନତାକୁ ନେଇ ବିଚାରପତି, ଆଇନଜୀବୀଙ୍କୁ ସିଜେଆଇଙ୍କ ପରାମର୍ଶ

# ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଅନୁଗତ ରୁହନ୍ତୁ



■ **ନୂଆଦିଲ୍ଲୀ, ୬।୪ (ଏଜେନ୍ସି):** ଗଣତନ୍ତ୍ରର ମହାପର୍ବ ଭାବେ ଏବେ ଭାରତରେ ସାଧାରଣ ନିର୍ବାଚନ ପାଇଁ ମତଦାନ ହେବାକୁ ଯାଉଛି। ଏହି ନିର୍ବାଚନ ଋତୁକୁ ନେଇ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ରାଜନେତାଙ୍କ ଯାଏଁ ସମସ୍ତେ ଉତ୍ସାହିତ ହୋଇପଡ଼ିଛନ୍ତି। ଆଉ କିଛି ଦିନ ପରେ ପ୍ରଥମ ପର୍ଯ୍ୟାୟ ମତଦାନ ଆରମ୍ଭ ହେବାକୁ ଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ନୀତି ଏବଂ ଆଦର୍ଶ ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱତନ୍ତ୍ରତାକୁ ନେଇ ମତଦାନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ଭାରତ ଭଳି ଏକ ଜୀବନ୍ତ ଏବଂ ଉଦ୍ଦୀପ୍ତ ଗଣତନ୍ତ୍ରର ମହାନୁଭବ। କିନ୍ତୁ ନ୍ୟାୟିକ ବ୍ୟବସ୍ଥା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ସ୍ୱାଧୀନ ଭାବେ କାର୍ଯ୍ୟ କରିବା ସହିତ କେବଳ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଅନୁଗତ ରହିବା ଉଚିତ ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି। ଦେଶର ବିଚାରପତି ଓ ଆଇନଜୀବୀମାନଙ୍କ ପ୍ରତି ସନ୍ଦେଶ ଦେଇ ସେମାନେ ସ୍ୱାଧୀନ ଏବଂ ନିରପେକ୍ଷ ଭାବେ କାର୍ଯ୍ୟ କରି କେବଳ ସମ୍ବିଧାନ ପ୍ରତି ଅନୁଗତ ରୁହନ୍ତୁ ବୋଲି କହିଛନ୍ତି। ନାଗପୁର ହାଇକୋର୍ଟ ଓକିଲ ସଂଘର ଶତବାର୍ଷିକୀ ଉତ୍ସବକୁ ସମ୍ବୋଧିତ କରିବା ଅବସରରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପ୍ରଖ୍ୟାତ ଦାର୍ଶନିକ ଆରିଷ୍ଟୋଟଲଙ୍କ ଉକ୍ତି ‘ମଣିଷମାନେ ହେଉଛନ୍ତି ରାଜନୈତିକ ପ୍ରାଣୀ’ର ଉଦାହରଣ ରଖିବା ସହିତ ପ୍ରତ୍ୟେକ ମଣିଷଙ୍କ ରାଜନୈତିକ ଆଦର୍ଶ ଓ ବିଚାରଧାରା ପ୍ରତି ସ୍ୱତନ୍ତ୍ରତା ରହିଛି ବୋଲି କହିଛନ୍ତି। ଏଥିରୁ ଓକିଲ କିମ୍ବା ବିଚାରପତି ମଧ୍ୟ ବାଦ୍ ପଡ଼ିବେ ନାହିଁ। ଭାରତ ଭଳି ଏକ ଜୀବନ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଅଧିକାଂଶ ଲୋକ ଯେକୌଣସି ଗୋଟିଏ ରାଜନୀତିକ ବିଚାରଧାରା ପ୍ରତି ଆକୃଷ୍ଟ ରହିବା ସ୍ୱାଭାବିକ। କିନ୍ତୁ ଆଇନଜୀବୀମାନେ ଅଦାଲତ ▶ପୃଷ୍ଠା-୧୪

### ବଲକା ଟିକଟ ଘୋଷଣାକୁ ନେଇ ଛକାପଞ୍ଝା

# ବଢୁଛି ଆଶାୟୀଙ୍କ ଉତ୍କଣ୍ଠା

### ବିଜେଡିର ୩୯ ବିଜେପିର ୩୫ ଆସନରେ ପ୍ରାର୍ଥୀ ଘୋଷଣା ବାକି

**ବିଜୟ ସମ୍ଭାବନା, ଦଳୀୟ ଆନୁଗତ୍ୟକୁ ବିଜେଡିର ପ୍ରାଥମିକତା**

**ହରଡ଼ଘଣାରେ ରାଜ୍ୟ ବିଜେପି**

**ସବୁ ଆସନରେ ଏକାଧିକ ଆଶାୟୀ, ଘାରୁଛି ବିଦ୍ରୋହ ଡର**

■ **ଭୁବନେଶ୍ୱର, ୬।୪ (ସମିସ):** ରାଜ୍ୟରେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା ପ୍ରକ୍ରିୟା ଜାରି ରଖିଛନ୍ତି। ବିଜେଡିର ୩୯ ଓ ବିଜେପିର ୩୫ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା ବାକି ରହିଛି। ଏହି ଆସନଗୁଡ଼ିକ ପାଇଁ ଦୁଇ ଦଳର ଆଶାୟୀ ଏବେବି ଉତ୍କଣ୍ଠା ଘେରରେ ରହିଛନ୍ତି। ବଳକା ଆସନ ପାଇଁ ଉଭୟ ଦଳ କାହାକୁ ପ୍ରାର୍ଥୀ କରିବେ ସେନେଇ ସ୍ଥିତି ପରଖୁଛନ୍ତି। ଦଳୀୟ ସନ୍ତୁଳନ ସହ ବିଜୟ ସମ୍ଭାବନା ଏବଂ ଦଳୀୟ ଆନୁଗତ୍ୟତା ବିଜେଡି ପାଇଁ ପ୍ରାର୍ଥିତ୍ୱର ମାପକାଠି ହୋଇଥିବା ବେଳେ ବିଜେପି ଦଳୀୟ ନୀତି ଆଦର୍ଶରେ ବିଶ୍ୱାସ ରଖୁଥିବା ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେଉଛି। ଚଳିତ ନିର୍ବାଚନରେ ବିଜେଡି ଟିକଟ ହାତେଇବା ପ୍ରାର୍ଥୀଙ୍କର ପ୍ରଥମ ପସନ୍ଦ ପାଲଟିଛି। ଅନ୍ୟପକ୍ଷରେ ବଳକା ୩୫ ଆସନ ପାଇଁ କାହାକୁ ପ୍ରାର୍ଥୀ କରିବ ସେନେଇ ହରଡ଼ଘଣାରେ ପଡ଼ିଛି ରାଜ୍ୟ ବିଜେପି। ପ୍ରଥମ ପର୍ଯ୍ୟାୟରେ ୧୧୨ଟି ଆସନରେ ପ୍ରାର୍ଥୀ ଘୋଷଣା ପରେ ଦଳ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ବିଶେଷକରି ଦଳର ପୁରୁଣା ନେତାଙ୍କ ବଦଳରେ ବିଜେପି ଯେପରି ଦଳଡିଆଁଙ୍କୁ ଟିକଟ ଦେଇଛି ତାହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ବିଜେପି ▶ପୃଷ୍ଠା-୧୪

# ପ୍ରଚଣ୍ଡ ଖରାରେ ଜଳିଲା ଓଡ଼ିଶା

### ୪୩ ଡିଗ୍ରୀ ଛୁଇଁଲା ୪ ସହରର ତାପମାତ୍ରା

- **୪୦ ଡିଗ୍ରୀ ଖରା ସହ ୨୨ ସହର ଜଳିଲା**
- **୪୩.୫ ସହ ଅନୁଗୋଳ ସବୁଠୁ ଉତ୍ତପ୍ତ**

■ **ଭୁବନେଶ୍ୱର, ୬।୪ (ସମିସ):** ଗତ କିଛି ଦିନ ହେବ ଅସହ୍ୟ ତାତିରେ ରାଜ୍ୟବାସୀ ସନ୍ତୁଳି ହେଉଛନ୍ତି। ଆଜି ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ପ୍ରଚଣ୍ଡ ଖରାରେ ରାଜ୍ୟବାସୀ ସିଝିଛନ୍ତି। ଚଳିତ ଗ୍ରୀଷ୍ମରେ ପ୍ରଥମଥର ପାଇଁ ରାଜ୍ୟର ୪ଟି ସହରର ତାପମାତ୍ରା ୪୩ ଡିଗ୍ରୀ ବା ତଦୂର୍ଦ୍ଧ୍ୱ ରହିଥିଲା। ୪୩.୫ ଡିଗ୍ରୀ ସହ ଅନୁଗୋଳ ଆଜି ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ୨୨ଟି ସହରର ତାପମାତ୍ରା ୪୦ଡିଗ୍ରୀ ବା ତା’ ଉପରେ ରହିଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ମାଲକାନଗିରିରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୨ ଡିଗ୍ରୀ ▶ପୃଷ୍ଠା-୧୪

### ରବିବାରଠାରୁ ବଦଳିବ ପାଗ

## ଆଶ୍ୱସ୍ତି ଦେବ କାଳବୈଶାଖୀ ବର୍ଷା

**କିଛି ଜିଲ୍ଲାରେ ବର୍ଷା ସହ କୁଆପଥର ମାଡ଼ ନେଇ ଆକଳନ କରିଛି ପାଣିପାଗ କେନ୍ଦ୍ର**

■ **ଭୁବନେଶ୍ୱର, ୬।୪ (ସମିସ):** ଗତ କିଛିଦିନ ଧରି ପ୍ରଚଣ୍ଡ ତାତିରେ ରାଜ୍ୟବାସୀ ସନ୍ତୁଳି ହେଉଥିବା ବେଳେ ଏଥିରୁ ସାମୟିକ ନିସ୍ତାର ମିଳିବାକୁ ଯାଉଛି। ରବିବାର ଓ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ଆକଳନ କରିଛି। ବର୍ଷା ସାଙ୍ଗକୁ ରାଜ୍ୟର କେତେକ ଜିଲ୍ଲାରେ କାଳବୈଶାଖୀ ଏବଂ କୁଆପଥର ବର୍ଷା ହୋଇପାରେ। ▶ପୃଷ୍ଠା-୧୪

### ବାଲେଶ୍ୱର ବିଜେପିକୁ ଆଉ ଏକ ଝଟ୍‌କା

# ଦଳ ଛାଡ଼ିଲେ ରଘୁ ମହାନ୍ତି



**ରେମୁଣା, ଜଳେଶ୍ୱର ଓ ସୋରବିଧାୟକ ପ୍ରାର୍ଥିତ୍ୱକୁ ନେଇ ତେଜୁଛି ଅସନ୍ତୋଷ**

■ **ବାଲେଶ୍ୱର, ୬।୪ (ସମିସ):** ନିର୍ବାଚନ ପୂର୍ବରୁ ଗୋଟିଏ ପରେ ଗୋଟିଏ ଶକ୍ତ ଧକ୍କା ବାଲେଶ୍ୱର ଜିଲ୍ଲା ବିଜେପି ସଂଗଠନକୁ ଦୁର୍ବଳ କରିବାରେ ଲାଗିଛି। ଟିକଟ ବଣ୍ଟନକୁ ନେଇ ଅସନ୍ତୋଷର ନିଆଁରେ ସିଝୁଥିବା ବିଜେପି ସହ ସବୁ ସଂପର୍କ ଛିନ୍ନ କରି ଦଳ ଛାଡ଼ିଛନ୍ତି ବାଲେଶ୍ୱର ଜିଲ୍ଲାର ବରିଷ୍ଠ ନେତା ରଘୁନାଥ ମହାନ୍ତି। ସେ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ବାଲେଶ୍ୱର ଜିଲ୍ଲା ବିଜେପିର ଦୁର୍ବଳ ନେତୃତ୍ୱ ତଥା ତାଙ୍କୁ ଦଳରେ ବାରମ୍ବାର ଅବହେଳା କରାଯିବା ଘଟଣା ପାଇଁ ଶ୍ରୀ ମହାନ୍ତିଙ୍କ ସମେତ ତାଙ୍କ ପରିବାରର ସମସ୍ତେ ବିଜେପି ସହ ସମ୍ପର୍କ ତୁଟାଇ ଦେଇଛନ୍ତି। ତାଙ୍କର ସମର୍ଥକ, ଶୁଭେଚ୍ଛୁଙ୍କ ସହ ଆଲୋଚନା ପରେ ଆଗାମୀ ରାଜନୈତିକ କାର୍ଯ୍ୟପନ୍ଥା ନେଇ ନିଷ୍ପତ୍ତି ନେବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଶା ରାଜନୀତିରେ ଜଣେ ବରିଷ୍ଠ ନେତା ହେଉଛନ୍ତି ରଘୁନାଥ। ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନମଣ୍ଡଳୀରୁ ପାଞ୍ଚଥର ବିଧାୟକ ଭାବେ ଜିତିବା ସହ ଜନତା ଦଳ, ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳରୁ ଲଗାତାର ବିଜୟୀ ହୋଇ ରାଜ୍ୟ ସରକାରରେ ବରିଷ୍ଠ ମନ୍ତ୍ରୀ ପଦ ହାତେଇ ଆସୁଥିଲେ। ବିଜୁ ଜନତା ଦଳର ମୁଖ୍ୟ ସଚେତକ, ବିଜେଡିର ଉପସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ। ରଘୁନାଥଙ୍କ ପୁତ୍ରବଧୂ ବର୍ଷାସୋନି ଚୌଧୁରୀ ମହାନ୍ତି ତାଙ୍କ ପରିବାର ▶ପୃଷ୍ଠା-୧୪




## ଲୋକକଥା



ଖରା ତାତିଠାରୁ ନିର୍ବାଚନ ତାତି
ବଳିପଡ଼ିଲାଣି ଦେଶରେ,
ନିଷ୍ଫଳ ନେତାଏ ଭୋଟର ପାଖକୁ
ଆସୁଚନ୍ତି କେତେ ବେଶରେ !
ପକେଇବା ପାଇଁ ଫାନ୍ଦରେ,
ଭୋଟର ଗୋସେଇଁ ଅଙ୍କ କଷୁଚନ୍ତି
ଫଳ ଦେଖେଇବେ ‘ଟିପ’ରେ !!

### ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ

# ଦୁଇ ଦଣ୍ଡୁଆ ମୃତ



**୧୫ରୁ ଊର୍ଦ୍ଧ୍ୱ ଆହତ**

■ **ହିଞ୍ଜିଳି, ୬।୪(ସମିସ):** ହିଞ୍ଜିଳି ଥାନା ଅନ୍ତର୍ଗତ ହିଞ୍ଜିଳିକାଟୁ ପୌରାଞ୍ଚଳ ଫାଟକ ସୋମପୁର ଛକରେ ଦଣ୍ଡୁଆମାନଙ୍କୁ ନେଇ ଯାଉଥିବା ଏକ ପିକଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦୁଇଜଣ ଦଣ୍ଡୁଆଙ୍କ ମୃତ୍ୟୁ ଘଟିଛି। ଏହାସହ ୧୫ରୁ ଊର୍ଦ୍ଧ୍ୱ ଦଣ୍ଡୁଆ ଆହତ ହୋଇଛନ୍ତି। ମୃତକମାନେ ହେଲେ, ସୋରଡ଼ା ଥାନା କାଳିଆଗୁଡ଼ା ଗ୍ରାମର ସନ୍ୟାସୀ ନାୟକ ଓ ଗାଙ୍ଗପୁର ଥାନା ତାମନାଡ଼ ଗ୍ରାମର ଦୀପକ ନାୟକ। ସୂଚନାନୁସାରେ, ଗାଙ୍ଗପୁର ଥାନା ପାଇଲିପଡ଼ା ପଞ୍ଚାୟତ ଅଧୀନ ଦହିମୁଣ୍ଡଳି ଗ୍ରାମର ଦଣ୍ଡଭୁକ୍ତାମାନେ ବ୍ରହ୍ମପୁର ଅଞ୍ଚଳରେ ଦଣ୍ଡ ପରିବେଷଣ ସାରି ଶନିବାର ଭୋରରୁ ଏକ ପିକ୍‌ଅପ୍ ଭ୍ୟାନ ନଂ (ଓଡି୧୩ଜେ ୯୩୪୩) ▶ପୃଷ୍ଠା-୧୪

## ପଶ୍ଚିମବଙ୍ଗରେ ସନ୍ଦେଶଖାଲି ଆକ୍ରମଣ ଘଟଣାର ପୁନରାବୃତ୍ତି

# ଏନ୍‌ଆଇଏ ଟିମ୍ ଉପରେ ଆଖିବୁଜା ପଥର ମାଡ଼

କୋଲକାତା,୬।୪(ଏଜେନ୍ସି)

ପଶ୍ଚିମବଙ୍ଗର ସନ୍ଦେଶଖାଲିରେ କିଛି ମାସ ତଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଟିମ୍ ଉପରେ ହୋଇଥିବା ଆକ୍ରମଣ ଘଟଣାର ପୁନରାବୃତ୍ତି ଘଟିଛି। ଏଥର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଟିମ୍ ଉପରେ ଆକ୍ରମଣ ହୋଇଛି। ମେଦିନାପୁର ଜିଲ୍ଲାରେ ଏନଆଇଏ ଟିମ ଉପରକୁ ଢେଲା ଓ ପଥର ମାଡ ହୋଇଛି । ଏହି ଜିଲ୍ଲାର ଭୂପିତାନି ନଗରରେ ଉତ୍ୟକ୍ତ ଲୋକମାନେ ଏନଆଇଏ ଟିମକୁ ଘେରିଯାଇ ଗାଡି ଉପରକୁ ଢେଲା ପଥର ମାଡ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ୨୦୨୨ରେ ହୋଇଥିବା ଏକ ବୋମା ବିସ୍ଫୋରଣ ମାମଲାକୁ ନେଇ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଶନିବାର ଭୋର ସମୟରେ ଏନଆଇଏ ଟିମ୍ ଏହି ଅଞ୍ଚଳରେ ପହଞ୍ଚିଥିଲା। ଏନଆଇଏଅଧିକାରୀମାନେ ମୁଖ୍ୟ ଅଭିଯୁକ୍ତ ମନୋବ୍ରତୋ



ଜାନା ଏବଂ ଅନ୍ୟ ଜଣଙ୍କୁ ଗିରଫ କରି କୋଲକାତା ଫେରୁଥିଲା ବେଳେ ସ୍ଥାନୀୟ ଲୋକ ଏକାଠି ହୋଇ ସେମାନଙ୍କ ଗାଡି ଅଟକାଇବା ସହିତ ଅତର୍କିତ ଆକ୍ରମଣ କରିଥିଲେ। ପୁରୁଷ ଏବଂ ମହିଳାମାନେ ଏନଆଇଏ ଟିମ୍ ଗାଡି ଉପରକୁ ଟେକା ପଥର ମାଡ଼ କରିବା ସହିତ ମହିଳାମାନେ ବାଉଁଶ ଦଣ୍ଡାରେ ଗାଡି ଭାଙ୍ଗିବା ଆରମ୍ଭ କରିଦେଇଥିଲେ। ଏହି ଘଟଣାରେ ଟିମ୍ ସଦସ୍ୟଙ୍କ କାର୍ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଆତଙ୍କବାଦ ନିରୋଧୀ ଟିମ୍‌ର ଜଣେ ଅଧିକାରୀ ଆହତ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୨୨ ଡିସେମ୍ବର ୩ ତାରିଖରେ ଭୂପିତାନି ନଗରରେ ଏକ ବିସ୍ଫୋରଣ ହୋଇଥିଲା । ଏଥିରେ ଏକ ଘର ଧ୍ୱଂସ ହୋଇଯାଇଥିଲା ବେଳେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା । ଏନଆଇଏ ଏହି ମାମଲାର ତଦନ୍ତ କରୁଥିବା ବେଳେ ପଚାରାଉଚରା ପାଇଁ ଗତ ମାସ ୮ ହେଲା ଟିଏମ୍‌ସି ନେତାଙ୍କୁ ପଚରାଉଚରା ପାଇଁ ସମନ ପଠାଇ ଚାଲିଥିଲା ।ହେଲେ ସଂପୃକ୍ତ ନେତା ଜଣକ ହାଜର ହୋଇ ନଥିଲେ। ତେବେ କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମନୋବ୍ରୋତୋଙ୍କୁ ଗିରଫ କରିବାକୁ ଏନଆଇଏ ଟିମ୍ ଏଠାରେ ପହଞ୍ଚିଥିଲା।

# ପୂର୍ବ ଓ ଦକ୍ଷିଣ ଭାରତରେ ଗ୍ରୀଷ୍ମ ଲହର ଜାରି

ନୂଆଦିଲ୍ଲୀ, ୬।୪(ଏଜେନ୍ସି)

ଓଡ଼ିଶାର କିଛି ଅଂଶ, ଝାଡଖଣ୍ଡ, ଉପକୂଳ ଆନ୍ଧ୍ର ଓ ଆନ୍ଧ୍ରପ୍ରଦେଶର ୟେନମ ଓ ରୟଲସୀମା ଅଞ୍ଚଳ, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ, ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳ, କର୍ଣ୍ଣାଟକର ଉତ୍ତର ଆଭ୍ୟନ୍ତର ଅଞ୍ଚଳ ଓ ତେଲେଙ୍ଗାନାରେ ଆସନ୍ତା ଦୁଇଦିନ ଧରି ଗ୍ରୀଷ୍ମ ଲହର(ହିଟ୍ ୱେଭ୍)ର ପ୍ରକୋପ ରହିବ। ଏସବୁ ପୂର୍ବ ଓ ଦକ୍ଷିଣ ଭାରତୀୟ ରାଜ୍ୟର ଅନେକ ଅଞ୍ଚଳରେ ସର୍ବୋଚ୍ଚ ତାପମାତ୍ରା ୪୦ରୁ ୪୩ ଡିଗ୍ରୀ ସେଲସିୟସ ରହିବ। ଗ୍ରୀଷ୍ମ ଲହର ଚାଲୁଥିବା ବେଳେ ଖରାକୁ ବାହାରିବାରେ ବିପଦ ରହିବ। ସମତଳ ଅଞ୍ଚଳରେ ତାପମାତ୍ରା ୪୦ଡିଗ୍ରୀ ଓ ପାର୍ବତ୍ୟାଞ୍ଚଳରେ ୩୦ଡିଗ୍ରୀରୁ ଅଧିକ ରହିଲେ ଗ୍ରୀଷ୍ମ ଲହର ଚାଲୁଥିବା କୁହାଯାଏ। ଗତକାଲି(ଶୁକ୍ରବାର) ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳ, ଓଡ଼ିଶା, ଉପକୂଳ ଆନ୍ଧ୍ର, ଆନ୍ଧ୍ରର ରୟାଲସୀମା, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ, କର୍ଣ୍ଣାଟକ, ତେଲେଙ୍ଗାନା ଓ ତାମିଲନାଡୁରେ ତାପମାତ୍ରା ୪୦ରୁ ୪୩ଡିଗ୍ରୀ ସେଲସିୟସ୍ ରହିଥିଲା। ଏହା ଏହି ସମୟର ସ୍ୱାଭାବିକ ତାପମାତ୍ରାଠାରୁ ୨ରୁ ୪ ଡିଗ୍ରୀ ସେଲସିୟସ୍ ଅଧିକ ଥିଲା। ଆଜି(ଶନିବାର) ଉତ୍ତରପ୍ରଦେଶର କେତେକ ଅଞ୍ଚଳ, ବିହାରର ଗୋଟିଏ ଦୁଇଟି ଅଞ୍ଚଳ, ଗୁଜରାଟ, ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳ, ପଶ୍ଚିମବଙ୍ଗ, ମଣିପୁର, ତ୍ରିପୁରା, ସିକ୍କିମ, ନାଗାଲାଣ୍ଡ ଓ ମିଜୋରାମରେ ତାମାତ୍ରା ସ୍ୱାଭାବିକ ତାପମାତ୍ରାଠାରୁ ୩ରୁ ୫ଡିଗ୍ରୀ ସେଲସିୟସ୍ ଅଧିକ ରହିଛି। ଶୁକ୍ରବାର ଆନ୍ଧ୍ରର ନନ୍ଦ୍ୟାଲରେ ତାପମାତ୍ରା ୪୩.୭ ଡିଗ୍ରୀ ଥିଲା ଯାହା ନନ୍ଦ୍ୟାଲକୁ ଦେଶର ସବୁଠାରୁ ଉତ୍ତପ୍ତ ସହରର ପରିଚୟ ଦେଇଥିଲା। ସେହିଭଳି ଆନ୍ଧ୍ରର କର୍ଣ୍ଣୁଲ ଓ ଓଡ଼ିଶାର ଭୁବନେଶ୍ୱର ତାମାତ୍ରା ଶୁକ୍ରବାର ଥିଲା ୪୩.୫ଡିଗ୍ରୀ ସେଲସିୟସ। ଓଡ଼ିଶାରେ ସୌର ତାପଜନିତ ଅସୁସ୍ଥତା କାରଣରୁ ୮ଜଣଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଥିଲା।

● ସିସୋଦିଆଙ୍କ ଜାମିନ ଆବେଦନ ପୁଣି ଖାରଜ୍

# ୧୮ ଯାଏଁ ନ୍ୟାୟିକ ହେପାଜତରେ ରହିବେ

ନୂଆଦିଲ୍ଲୀ,୬।୪(ଏଜେନ୍ସି)

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଗିରଫ ହୋଇ ଏକ ବର୍ଷରୁ ଅଧିକ ସମୟ ଧରି ଜେଲରେ ରହିଥିବା ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ କୋର୍ଟରୁ ଆଶ୍ୱସ୍ତି ମିଳିପାରି ନାହିଁ। ତାଙ୍କ ଜାମିନ ଆବେଦନକୁ ପୁଣିଥରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଖାରଜ କରିଦେଇଛନ୍ତି। ଆସନ୍ତା ୧୮ ପର୍ଯ୍ୟନ୍ତ ତାଙ୍କୁ ନ୍ୟାୟିକ ହେପାଜତରେ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଶୁଣାଣି ୧୮ ତାରିଖରେ କରାଯିବ। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ପ୍ରତ୍ୟେକ ଅଭିଯୁକ୍ତଙ୍କ ଦସ୍ତାବିଜ୍ ଯାଞ୍ଚ କରିବାକୁ କେତେ ସମୟ ଲାଗିଛି ତାହାର ଉତ୍ତର ରଖିବାକୁ କୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସିସୋଦିଆ ଦିଲ୍ଲୀ ଅବକାରୀ ଦୁର୍ନୀତିରେ ୨୦୨୩ ଫେବୃଆରୀରେ ଗିରଫ ହେବା ପରେ ସେବେ ଠାରୁ ପ୍ରାୟ ୧୩ ମାସ ହେଲା ତିହାର ଜେଲରେ ରହିଛନ୍ତି। ତାଙ୍କ ପରେ ଏହି ମାମଲାରେ ଆପ୍ ସାଂସଦ ସଞ୍ଜୟ ସିଂହଙ୍କୁ ଗିରଫ କରାଯାଇ ଜେଲରେ



ରଖାଯାଇଥିଲା ବେଳେ ତାଙ୍କୁ ନିକଟରେ ସୁପ୍ରିମକୋର୍ଟ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ସଞ୍ଜୟଙ୍କ ପରେ ସିସୋଦିଆଙ୍କୁ ଜାମିନ ମିଳିବ ବୋଲି ଆଶା କରାଯାଉଥିଲେ ହେଁ ଏହା ସମ୍ଭବ ହୋଇ ନାହିଁ।

ମାଇକ୍ରୋସଫ୍ଟର ଖୁଲାସା

# 'ଏଆଇ'କୁ ଅସ୍ତ୍ର କରି ଭାରତରେ ଚୀନ୍‌ର ନିର୍ବାଚନ ଭଣ୍ଡୁର ମସୁଧା

ନୂଆଦିଲ୍ଲୀ,୬।୪(ଏଜେନ୍ସି)

ଏବେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)କୁ ନେଇ ସବୁ ଆଡେ ଚର୍ଚ୍ଚା ଚାଲିଛି। କିନ୍ତୁ ଏଆଇକୁ ଅସ୍ତ୍ର କରି ଚୀନ ବିଶ୍ୱସ୍ତରରେ ପୁଣି ଏକ ଚାଲ ଖେଳିବାକୁ ମସୁଧା କରିଛି ବୋଲି ଆମେରିକାର ମାଇକ୍ରୋସଫ୍ଟ କର୍ପୋରେସନ ପକ୍ଷରୁ ଖୁଲାସା କରାଯାଇଛି। ଆମେରିକା ସମେତ ଭାରତ ଏବଂ ଦକ୍ଷିଣ କୋରିଆରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବିଭ୍ରାଟ ସୃଷ୍ଟି କରିବା ଲକ୍ଷ୍ୟରେ ଚୀନ ଏଭଳି ଷଡ଼ଯନ୍ତ୍ର ରଚିଥିବା ମାଇକ୍ରୋସଫ୍ଟ କହିଛି। ଏଆଇ ଦ୍ୱାରା ବିଭିନ୍ନ ବିଷୟବସ୍ତୁ ପ୍ରସ୍ତୁତ କରି ନିର୍ବାଚନକୁ ପ୍ରଭାବିତ କରିବା ଯୋଜନାରେ ବେଜିଂ ରହିଥିବା ବିଲ ଗେଟ୍ସଙ୍କ ମାଇକ୍ରୋସଫ୍ଟ କର୍ପୋରେସନ ଚେତାବନୀ ଜାରି କରିଛି। ପୂର୍ବରୁ ତାଇୱାନ ରାଷ୍ଟ୍ରପତି ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବା ପାଇଁ ଚୀନ୍ ଏଆଇକୁ ଅସ୍ତ୍ର କରିଥିଲା। ଏହାପରେ ଏବେ ଭାରତରେ ନିର୍ବାଚନ ହେବାକୁ ଯାଉଥିଲା



ବେଳେ ଚୀନ୍ ଏହାକୁ ପ୍ରଭାବିତ କରିବା ଲାଗି ଉଦ୍ୟମ ଚଳାଇଛି ବୋଲି ଏହି ସଂସ୍ଥା ସୂଚନା ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମାସରେ ମାଇକ୍ରୋସଫ୍ଟର ସହ ପ୍ରତିଷ୍ଠାତା ବିଲ ଗେଟ୍ସ ଭାରତ ଗସ୍ତରେ ଆସିଥିଲା ବେଳେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ସମାଜିକ, ମହିଳା ବିକାଶ, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରର ବିକାଶରେ ଏଆଇର ଉପଯୋଗକୁ ନେଇ ଗୁରୁତ୍ୱାରୋପ କରିଥିଲେ। ଏହି ଆଲୋଚନା ପରେ ମାଇକ୍ରୋସଫ୍ଟ ପକ୍ଷରୁ ଚୀନ୍‌ର ଏହି ଷଡ଼ଯନ୍ତ୍ର ସମ୍ପର୍କରେ ସୂଚନା ଦିଆଯାଇଛି।ଚଳିତ ବର୍ଷ ୟୁରୋପୀୟ ସଂଘ ସହ ବିଶ୍ୱର ପ୍ରାୟ ୬୪ଟି ଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏହି ଦେଶଗୁଡ଼ିକର ମୋଟ ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ପ୍ରାୟ ୪୯ ପ୍ରତିଶତ ରହିଥିବା ବେଳେ ପ୍ରମୁଖ ରାଷ୍ଟ୍ରଙ୍କ ନିର୍ବାଚନକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଚୀନ ମସୁଧା ଚଳାଇଛି ବୋଲି କୁହାଯାଇଛି। ମାଇକ୍ରୋସଫ୍ଟ ପକ୍ଷରୁ କୁହାଯାଇଛି ଯେ, ଚୀନ୍ ନିଜର ସ୍ୱାର୍ଥ ହାସଲ ପାଇଁ ସୋସିଆଲ ମିଡିଆ ମାଧ୍ୟମରେ ଏଆଇକୁ ବ୍ୟବହାର କରି ବିଭିନ୍ନ ତଥ୍ୟ କିମ୍ବା ବିଷୟବସ୍ତୁ ପ୍ରସ୍ତୁତ କରିବ ଏବଂ ଏହାକୁ ଉପଯୋଗ କରି ଜନମତ ପ୍ରଭାବିତ କରିବାକୁ ଉଦ୍ୟମ କରିବ।

# କଂଗ୍ରେସର ୧୪ତମ ପ୍ରାର୍ଥୀ ତାଲିକା ଘୋଷଣା

ନୂଆଦିଲ୍ଲୀ,୬।୪(ଏଜେନ୍ସି): ୨୦୨୪ ଲୋକସଭା ନିର୍ବାଚନ ପାଇଁ ଆଉ ମାତ୍ର ହାତ ଗଣିତ ସମୟ ବାକି ରହିଥିବା ବେଳେ କଂଗ୍ରେସ ପକ୍ଷରୁ ୧୪ତମ ପାର୍ଥୀ ତାଲିକା ଘୋଷଣା କରିଛି। ଏହି ତାଲିକାରେ ଗୋଆ, ମଧ୍ୟପ୍ରଦେଶ ଏବଂ ଦାଦ୍ରା ନଗର ହାବେଳୀର ୬ ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ମଧ୍ୟପ୍ରଦେଶର ଗ୍ୱାଲିଅର ଆସନରୁ ପ୍ରବୀଣ ପାଠକ, ମୁରେନାରୁ ସତ୍ୟପାଲ ସିଂ ସିକୱାର ଓ ଖାଣ୍ଡବାରୁ ନରେନ୍ଦ୍ର ପଟେଲଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। ସେହିପରି ଉତ୍ତର ଗୋଆରୁ ରାମକାନ୍ତ ଖଲାପ, ଦକ୍ଷିଣ ଗୋଆରୁ ବିରିୟାଟୋ ଫର୍ଣ୍ଣାଣ୍ଡିସଙ୍କ ନାମ ଘୋଷଣା କରାଯାଇଥିଲା ବେଳେ ଦାଦ୍ରା ନଗର ହାବେଳୀରୁ ଅଜିତ ରାମଜୀଭାଇ ମହଲାଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଛି। ବର୍ତ୍ତମାନ ସୁଦ୍ଧା କଂଗ୍ରେସ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୨୪୯ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ସାରିଛି।

● ପୁଣି ଭାରତର ଚିନ୍ତା ବଢ଼ାଇଲା ଚୀନ୍

# ସୀମାରେ ନିର୍ମାଣ କରୁଛି ୧୭୫ ଗାଁ



ନୂଆଦିଲ୍ଲୀ,୬।୪(ଏଜେନ୍ସି): ବିସ୍ତାରବାଦୀ ଚୀନ୍ ଭାରତୀୟ ସୀମା ମଧ୍ୟରେ ଏହାର ହରକତ୍ ବନ୍ଦ କରିବାକୁ ଆଦୌ ପ୍ରସ୍ତୁତ ନୁହେଁ। ଲଦାଖ ଅଞ୍ଚଳ ପରେ ଏବେ ଅରୁଣାଚଳ ପ୍ରଦେଶ ସୀମାରେ ଚୀନ୍ ନାନା ବିବାଦୀୟ କାର୍ଯ୍ୟକଳାପ ଚଳାଇ ଆସୁଥିବା ବେଳେ ନିକଟରେ ଏଠକାର ବହୁ ଗ୍ରାମର ନାମକୁ ମାଣ୍ଡାରିନ୍(ଚାଇନା) ଭାଷାରେ ନାମକରଣ କରିଥିଲା। ଚୀନ୍‌ର ଏଭଳି ଔଦ୍ଧତ୍ୟକୁ ନେଇ ଭାରତ କଡ଼ା ଜବାବ ରଖିଥିଲା ବେଳେ ପୁଣି ଏକ ହରକତ୍ ସାମ୍ନାକୁ ଆସିଛି। ବାସ୍ତବ ନିୟନ୍ତ୍ରଣ ରେଖା(ଏଲଏସି)କୁ ଲାଗି ଚୀନ୍ ନିଜ ପଟରେ ୧୭୫ ଟି ନୂତନ ଗ୍ରାମ ନିର୍ମାଣ ପାଇଁ ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି। ଏହାପୂର୍ବରୁ ଚୀନ୍ ଏଲଏସି ନିକଟରେ ୬୨୮ ଟି ଆଧୁନିକ ଗ୍ରାମ ପ୍ରତିଷ୍ଠା କରିସାରିଛି। ଆଞ୍ଚଳିକ ସ୍ତରରେ ନିଜର ସାମରିକ ଶକ୍ତି ଏବଂ ସାମର୍ଥ୍ୟ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଚୀନ୍ ଏହି ଗ୍ରାମ ପ୍ରତିଷ୍ଠା କରୁଛି ବୋଲି ଟ୍ରିବ୍ୟୁନ ଇଣ୍ଡିଆରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏକ ବଡ ଯୋଜନାରେ ଚୀନ୍ ସୀମାରେ ୯୦୦ ଟି ଗ୍ରାମ ନିର୍ମାଣ କରିବାକୁ ଯୋଜନା ଚଳାଇଥିବା ବେଳେ ସେଥିମଧ୍ୟରୁ ୨୦୦ ଟି ଗ୍ରାମ ଭାରତୀୟ ସୀମାକୁ ଲାଗି ରହିଥିବା କୁହାଯାଇଛି।

## ବିଜେପିର ୪୪ ତମ ପ୍ରତିଷ୍ଠା ଦିବସ

# ସେବା ଓ ବିକାଶ ପାଇଁ ବିଶ୍ୱାସଭାଜନ ହୋଇପାରିଛୁ: ମୋଦୀ

ନୂଆଦିଲ୍ଲୀ,୬।୪(ଏଜେନ୍ସି)

ଭାରତୀୟ ଜନତା ପାର୍ଟିର ଆଜିଥିଲା ୪୪ତମ ପ୍ରତିଷ୍ଠା ଦିବସ। ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ଆଜି ଦଳର ଦିଲ୍ଲୀସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟ ପରିସରରେ ଦଳୀୟ ପତାକା ଉତ୍ତୋଳନ କରି ଜନ ସଂଘର ପ୍ରତିଷ୍ଠାତା ସଭାପତି ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଓ ବିଜେପିର ପ୍ରତିଷ୍ଠାତା ସଦସ୍ୟ ଦୀନଦୟାଲ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଦଳର ୪୪ତମ ପ୍ରତିଷ୍ଠା ଦିବସ ପାଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜେପିର ନେତା, କାର୍ଯ୍ୟକର୍ତ୍ତା, କର୍ମୀ ଓ ସମର୍ଥକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ତାଙ୍କ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି, ସେବା ଓ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଅବିଶ୍ରାନ୍ତ କାର୍ଯ୍ୟ ପାଇଁ ବିଜେପି ଆଜି ଲୋକାଦୃତ ହୋଇଛି। ଗତ ୧୦ବର୍ଷରେ ବିକଶିତ ଭାରତର ଯେଉଁ ମୂଳଦୁଆ ପକାଯାଇଛି ତାହା ଉପରେ ନିର୍ମାଣ ଆରମ୍ଭ କରିବାକୁ ଲୋକେ ଆମକୁ ତୃତୀୟ ଥର ଜିତାଇବେ। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ମଧ୍ୟ ଏହି ଅବସରରେ ବିଜେପି କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ସେମାନଙ୍କ ନିରନ୍ତର ପ୍ରୟାସ ଯୋଗୁ ବିଜେପି ଆଜି ବିଶ୍ୱର ବୃହତ୍ତମ ରାଜନୈତିକ ସଂଗଠନ ହେବାର ଗୌରବ ଲାଭ କରିଛି। ଏହି ଅବସରରେ ଦଳୀୟ କର୍ମୀ ଓ ଗଣମାଧ୍ୟମକୁ ସମ୍ବୋଧନ କରି ନଡ୍ଡା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଓ ଦିଗଦର୍ଶନରେ ବିଜେପି ସବୁ କ୍ଷେତ୍ରରେ ବିଶେଷ କରି ଦେଶର ବିକାଶ ଲକ୍ଷ୍ୟ ହାସଲରେ କିପରି




ଅସାମାନ୍ୟ ସଫଳତା ହାସଲ କରିଛି ତାହା ବର୍ଣ୍ଣନା କରିଥିଲେ। ଏହି ବିକାଶ କାର୍ଯ୍ୟକ୍ରମସବୁକୁ ଜାରି ରଖି 'ବିକଶିତ ଭାରତ' ଲକ୍ଷ୍ୟ ହାସଲ ପାଇଁ ଆଗାମୀ ନିର୍ବାଚନ ଯେପରି ବିଜେପି ବଡ଼ ସଂଖ୍ୟାଗରିଷ୍ଠତା ସହ ଜିତିବ ତାହା ବିଜେପି କର୍ମୀମାନଙ୍କୁ ସୁନିଶ୍ଚିତ କରିବାକୁ ହେବ ବୋଲି ସେ କହିଥିଲେ। ବିଜେପିର ପ୍ରତିଷ୍ଠାତା ବରିଷ୍ଠ ନେତାମାନଙ୍କ ଓ ଲକ୍ଷଲକ୍ଷ କର୍ମୀଙ୍କ ସେବା, ତ୍ୟାଗ ସ୍ୱୀକାର, ଦଳ ପ୍ରତି ଆନୁଗତ୍ୟ, ପ୍ରତିବଦ୍ଧତାର ଫଳ ଭାବେ ବିଜେପି ଆଜି ବୃହତ୍ତମ ରାଜନୈତିକ ଦଳ ହୋଇପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଲୋକସଭାରେ ଆଜି ବିଜେପିର ୩୦୩ ଓ ରାଜ୍ୟସଭାରେ ୯୪ ସାଂସଦ ଅଛନ୍ତି। ବିଜେପି ନେତୃତ୍ୱାଧୀନ ଏନଡିଏର ଦେଶରେ ଆଜି ପ୍ରାୟ ୧୫୦୦ ବିଧାୟକ ଓ ୧୫୦ ପାଖାପାଖି ମେୟର ଅଛନ୍ତି, ହଜାରହଜାର ସଂଖ୍ୟାରେ ଜିଲ୍ଲା ପରିଷଦ ସଭାପତି ଓ ସଦସ୍ୟ ଅଛନ୍ତି।

■ ଘରୁ ଭୋଟଦାନ ବ୍ୟବସ୍ଥା

# ମାତ୍ର ୭% ବୃଦ୍ଧ ବାଛିଛନ୍ତି ପୋଷ୍ଟାଲ ବ୍ୟାଲଟ୍

ବେଙ୍ଗାଲୁରୁ, ୬।୪(ଏଜେନ୍ସି)

୮୫ବର୍ଷରୁ ଅଧିକ ବୟସର ଭୋଟର ଭୋଟ କେନ୍ଦ୍ରକୁ ନଯାଇ ଚାହିଁଲେ ନିଜ ଘରୁ ଯେପରି ଭୋଟ ଦେଇପାରିବେ ତାହାର ସୁବ୍ୟବସ୍ଥା ନିର୍ବାଚନ କମିଶନ କରିଛନ୍ତି। ବେଙ୍ଗାଲୁରୁରେ ଅଛନ୍ତି ୧ଲକ୍ଷ ୧୩ହଜାର ୧୦୮ ଭୋଟର ଯେଉଁମାନଙ୍କର ବୟସ ୮୫ବର୍ଷ ଟପିଛି। କିନ୍ତୁ ସେମାନଙ୍କ ମଧ୍ୟରୁ ମାତ୍ର ୭୫୫୪ଜଣ ପୋଷ୍ଟାଲ ବ୍ୟାଲଟ ଜରିଆରେ ଘରୁ ଭୋଟ ଦେବାକୁ ଚାହିଁଛନ୍ତି। ବୃହତ ବେଙ୍ଗାଲୁରୁ ମହାନଗର ପାଳିକାର ନିର୍ବାଚନ ଶାଖାର କର୍ମକର୍ତ୍ତା କହିଛନ୍ତି, ନିର୍ବାଚନ କମିଶନ ୮୫ବର୍ଷରୁ ଅଧିକ ବୟସର ଭୋଟରଙ୍କୁ ଏପ୍ରିଲ ୨ ତାରିଖ ସୁଦ୍ଧା ଫର୍ମ ୧୨(ଡି) ଭରି ପୋଷ୍ଟାଲ ବ୍ୟାଲେଟ ଜରିଆରେ ଘରୁ ଭୋଟ ଦେବା ଭଳି ସୁନ୍ଦର ସୁଯୋଗ ଦେଇଥିଲେ କିନ୍ତୁ ଖୁବ୍ କମ୍ ସଂଖ୍ୟକ ଯୋଗ୍ୟ ଭୋଟର ଏହି ସୁଯୋର ଉପଯୋଗ କରିବାକୁ ଚାହିଁଛନ୍ତି। ସଚେତନତାର ଅଭାବ ହେଉ କିମ୍ବା ଭୋଟ କେନ୍ଦ୍ରକୁ ଯାଇ ଭୋଟ ଦେବାକୁ ବୃଦ୍ଧବୃଦ୍ଧାଙ୍କ ଆଗ୍ରହ ହେଉ- ଏହି ଦୁଇ କାରଣରୁ ଘରୁ ଭୋଟ ଦେବାର ବ୍ୟବସ୍ଥାଟି ଆପାତତଃ ଫେଲ ମାରିଛି। ପୁଣି ବାଙ୍ଗାଲୁରୁରେ ସ୍ୱତନ୍ତ୍ର ଭାବେ ଭିନ୍ନକ୍ଷମ ୩୦,୬୯୩ ଜଣ ଅଛନ୍ତି, ଯେଉଁମାନେ ଏହି ପୋଷ୍ଟାଲ ବ୍ୟାଲେଟ ଜରିଆରେ ଘରେ ରହି ଭୋଟ ଦେଇପାରିଥାନ୍ତେ। କିନ୍ତୁ ସେମାନଙ୍କ ମଧ୍ୟରୁ ମାତ୍ର ୩୧୪ଜଣ ଏହାର ସୁଯୋଗ ନେବାକୁ ଚାହିଁ ନାମ ପଞ୍ଜିକରଣ କରିଛନ୍ତି। ମହାନଗରପାଳିକାର କର୍ମକର୍ତ୍ତା କହିଛନ୍ତି ଯେ ଯେଉଁ ୮୫ବର୍ଷରୁ ଅଧିକ ବୟସର ଭୋଟର ଓ ଯେଉଁ ସ୍ୱତନ୍ତ୍ର ଭିନ୍ନକ୍ଷମ ଭୋଟର ପୋଷ୍ଟାଲ ବ୍ୟାଲଟ ଜରିଆରେ ଘରୁ ଭୋଟ ଦେବା ପାଇଁ ନାମ ପଞ୍ଜିକୃତ କରିଛନ୍ତି ସେମାନଙ୍କ ଘରକୁ ମହାନଗରପାଳିକାର ନିର୍ବାଚନ ଟିମ୍ ଏପ୍ରିଲ ୧୩ରୁ ୧୮ ମଧ୍ୟରେ ଯାଇ କେଉଁଦିନ ସେମାନଙ୍କୁ ବ୍ୟାଲଟ ପେପର୍ ଇସ୍ୟୁ ହେବ ଓ କେଉଁ ଦିନ କେଉଁ ସମୟରେ ଭରା ଯାଇଥିବା ବ୍ୟାଲେଟ ପେପର୍ ନେବାକୁ ମହାନଗରପାଳିକାର ଟିମ୍ ଆସିବ ତାହା ଜଣାଇବେ।

## ଇସ୍ରାଏଲ ବିରୋଧରେ ଇରାନର ବଡ଼ ଯୁଦ୍ଧ ଆଶଙ୍କା

# ଭାରତ ସମେତ ୨୮ ରାଷ୍ଟ୍ରରେ ଦୂତାବାସ ବନ୍ଦକଲା ଇସ୍ରାଏଲ

ନୂଆଦିଲ୍ଲୀ,୬।୪(ଏଜେନ୍ସି)

ଇସ୍ରାଏଲ ବିରୋଧରେ ଇରାନ ଏବେ ପ୍ରତିହିଂସା ପରାୟଣ ହୋଇପଡ଼ିଛି। ସିରିଆର ଡାମାସ୍କସ୍‌ରେ ଇରାନ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ନିକଟରେ ଇରାନର ରିଭୋଲ୍ୟୁସନାରୀ ଗାର୍ଡ (ସେନା)ର ଦୁଇ ପ୍ରମୁଖ ଜେନେରାଲଙ୍କୁ ଇସ୍ରାଏଲ ନିକଟରେ ଏୟାର ଷ୍ଟ୍ରାଇକ୍ କରି ହତ୍ୟା କରିବା ଘଟଣାରେ ଇରାନ ଇସ୍ରାଏଲ ବିରୋଧରେ ଯୁଦ୍ଧ ଡକରା ଦେଇଛି। ଏପରିକି ଆମେରିକାକୁ ମଧ୍ୟ ଇରାନ ଚେତବାନୀ ଦେଇ ଏହି ଯୁଦ୍ଧରେ ମୁଣ୍ଡ ନ ପୂରାଇବାକୁ ଧମକ ଦେଇଛି। ଇରାନର ଏହି ଯୁଦ୍ଧଂଦେହି ଡକରାକୁ ନେଇ ଇସ୍ରାଏଲର ଆଭ୍ୟନ୍ତରୀଣ ସୁରକ୍ଷା ଏଜେନ୍ସି 'ସିନ୍ ବେଟ୍' ସତର୍କତା ଜାରି କରିଥିଲା ବେଳେ ବିଭିନ୍ନ ଦିଗକୁ ବିଚାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛି। ଏହିକ୍ରମରେ ଭାରତ ସମେତ ବିଶ୍ୱର ୨୮ଟି ରାଷ୍ଟ୍ରରେ ଇସ୍ରାଏଲର ରାଷ୍ଟ୍ରଦୂତ କାର୍ଯ୍ୟାଳୟକୁ ବନ୍ଦ କରିଦିଆଯାଇଛି। ଭାରତରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ସମେତ ମୁମ୍ବାଇସ୍ଥିତ ଇସ୍ରାଏଲର ବାଣିଜ୍ୟିକ ଦୂତାବାସ କାର୍ଯ୍ୟାଳୟକୁ ଗତକାଲି ବନ୍ଦ କରିଦିଆଯାଇଥିବା ଏକ ବିଳମ୍ବିତ ଖବର ସୂତ୍ରରୁ ଜଣାପଡ଼ିଛି। ବିଭିନ୍ନ ରାଷ୍ଟ୍ରରେ ରହିଥିବା ଇସ୍ରାଏଲୀ ଦୂତାବାସ ଉପରେ ଆକ୍ରମଣ କରିବାକୁ ଇରାନ ଯୋଜନା ପ୍ରସ୍ତୁତ କରୁଥିବା ସିନ୍ ବେଟ୍ ସୂଚନା ପାଇବା ପରେ ଇସ୍ରାଏଲ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ




ନିଆଯାଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧ ତାରିଖରେ ଡାମାସ୍କସ୍‌ରେ ଇରାନ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ନିକଟରେ ରହିଥିବା ଏକ ବିଲ୍ଡିଂ ଉପରକୁ ଇସ୍ରାଏଲ ସେନା କ୍ଷେପଣାସ୍ତ୍ର ମାଡ଼ କରି ଉଡାଇ ଦେଇଥିଲା। ଏହି ଘଟଣାରେ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପ(ଆଇଆରଜିସି)ର ମେଜର ଜେନେରାଲ ମହମ୍ମଦ ରେଜା ଜେହାଦିଙ୍କ ମୃତ୍ୟୁ ହେବା ସହିତ ଅନ୍ୟ ଜଣେ ପ୍ରମୁଖ ସେନା ଅଧିକାରୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଇରାନ ରାଷ୍ଟ୍ରପତି ତୁରନ୍ତ ଏକ ଜରୁରୀକାଳୀନ ବୈଠକ ଡକାଇ ଇସ୍ରାଏଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଥିଲେ।

## ଏନ୍‌ଏଚ୍-୧୬ରେ କାମ ଦେଲା ଆଇଇଏମ୍‌ଏସ୍

# କମିଲା ଦୁର୍ଘଟଣା ଓ ମୃତ୍ୟୁହାର

**ଭୁବନେଶ୍ୱର, ୬।୪(ସମିସ):** ସଡ଼କ ଦୁର୍ଘଟଣା ହ୍ରାସ ଲକ୍ଷ୍ୟରେ ୧୬ ନଂ ଜାତୀୟ ରାଜପଥରେ କାର୍ଯ୍ୟକାରୀ ହୋଇଥିବା ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଆଇଇଏମ୍‌ଏସ୍) ବେଶ୍ ସଫଳ ରହିଛି। ତେଣୁ ଏହାକୁ ଓଡ଼ିଶାର ସମେତ ନୂଆ ଓ ପୁରୁଣା ଜାତୀୟ ରାଜପଥରେ କାର୍ଯ୍ୟକାରୀ କରିବା ଲାଗି ଓଡ଼ିଶା କହିଛି। ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରାଳୟର ସଚିବଙ୍କୁ ପତ୍ର ଲେଖି ଏହା ଉପରେ ନିଷ୍ପତ୍ତି ନେବା ଲାଗି ଅନୁରୋଧ କରିଛନ୍ତି।




୧୬ ନଂ ଜାତୀୟ ରାଜପଥରେ ଯାଜପୁରର ପାଣିକୋଇଲି ଠାରୁ ଖୋର୍ଦ୍ଧାର ରାମେଶ୍ୱର (୧୪୦କିମି) ମଧ୍ୟରେ ପରୀକ୍ଷାମୂଳକ ଭାବେ ଆଇଇଏମ୍‌ଏସ୍ କାର୍ଯ୍ୟକାରୀ କରାଯାଇଥିଲା, ଯାହାର ଫଳାଫଳ ମଧ୍ୟ ବେଶ୍ ଉତ୍ସାହଜନକ ରହିଛି। ଆଇଇଏମ୍‌ଏସ୍ ପ୍ରଭାବରେ ପୂର୍ବ ତୁଳନାରେ ଗତବର୍ଷ ଏହି ସଡ଼କରେ ଦୁର୍ଘଟଣା ୫୦% ହ୍ରାସ ପାଇଥିବା ବେଳେ ମୃତ୍ୟୁ ହାର ୪୧%କୁ ହ୍ରାସ ପାଇଛି। ସିସିଟିଭି ଜରିଆରେ ରାସ୍ତା ଉପରେ ନଜର ରଖିବା ପାଇଁ ପରିବହନ ବିଭାଗର ଏକ ଅତ୍ୟାଧୁନିକ କମାଣ୍ଡ ସେଣ୍ଟର ମଧ୍ୟ ରହିଛି। ଏହା ଦ୍ୱାରା ସ୍ୱୟଂଚାଳିତ ଭାବେ ବିଭିନ୍ନ ପ୍ରକାର ଟ୍ରାଫିକ୍ ନିୟମ ଉଲ୍ଲଘଂନକାରୀଙ୍କୁ ଚିହ୍ନଟ କରାଯାଇପାରୁଛି। ଫଳରେ ସେମାନଙ୍କ ବିରୋଧରେ ତୁରନ୍ତ ଇ-ଚାଲାଣ କଟୁଛି। ରାସ୍ତାରେ ସିସିଟିଭି ଏବଂ ଅନ୍ୟ ଚିହ୍ନଟ ଉପକରଣ ଲାଗିଥିବାରୁ ଟ୍ରାଫିକ୍ ନିୟମ ଉଲ୍ଲଘଂନକାରୀଙ୍କ ମଧ୍ୟରେ ଭୟ ଦେଖା ଦେଉଛି। ଫଳରେ ଏହି ଦୂରତା ମଧ୍ୟରେ ଅଧିକାଂଶ ଗାଡ଼ି ଚାଳକ ଟ୍ରାଫିକ୍ ନିୟମ ମାନି ଯିବାକୁ ଉଚିତ ମଣୁଛନ୍ତି। ଓଡ଼ିଶାରେ ଆଇଇଏମ୍‌ଏସ୍‌ର କାର୍ଯ୍ୟକାରୀତା ସଫଳ ରହିଥିବାରୁ ଅନ୍ୟ ସମସ୍ତ ଏନ୍‌ଏଚ୍‌ରେ ଏହାର ବ୍ୟବହାର ଆରମ୍ଭ କରିବା ଉଚିତ ବୋଲି ପରିବହନ ବିଭାଗ କହିଛି। ଶ୍ରୀମତି ପାଢ଼ୀ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ପ୍ରସ୍ତାବିତ ନୂତନ ଓ ସମ୍ପ୍ରସାରିତ ଜାତୀୟ ରାଜପଥରେ ଆଇଇଏମ୍‌ଏସ୍‌କୁ ବାଧ୍ୟତାମୂଳକ କରାଯାଉ। ଏନ୍‌ଏଚ୍ ପ୍ରକଳ୍ପର ବ୍ୟୟ ଅଟକଳ ସମୟରେ ଆଇଇଏମ୍‌ଏସ୍ ପ୍ରକଳ୍ପକୁ ମଧ୍ୟ ସ୍ଥାନ ଦିଆଯାଉ। ଯେହେତୁ ଏନ୍‌ଏଚ୍-୧୬ରେ ଏହି ବୈଷୟିକ ବ୍ୟବସ୍ଥା ସଫଳ ରହିଛି ତେଣୁ ଅନ୍ୟ ରାଜପଥରେ ମଧ୍ୟ ସଡ଼କ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତ୍ୟୁ ହ୍ରାସ କରିବାରେ ମଧ୍ୟ ସଫଳ ହେବ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରାଳୟକୁ ପ୍ରସ୍ତାବ ଦିଆଯାଇଛି।

- ସଡ଼କ ମନ୍ତ୍ରାଳୟକୁ ରାଜ୍ୟ ପରିବହନ ବିଭାଗର ପ୍ରସ୍ତାବ
- ସବୁ ଏନ୍‌ଏଚ୍‌ରେ କାର୍ଯ୍ୟକାରୀ ହେଉ ଏହି ବ୍ୟବସ୍ଥା
- ଜାତୀୟ ରାଜପଥରେ ଯାଉଛି ଶତାଧିକ ଜୀବନ

୨୦୨୨ରେ ଓଡ଼ିଶାରେ ୫୪୬୭ ଜଣ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ୨୦୨୩ରେ ମୃତ୍ୟୁ ସଂଖ୍ୟା ୫୬୯୬ ରହିଥିଲା। ବର୍ଷକ ମଧ୍ୟରେ ମୃତ୍ୟୁ ହାର ୭.୨%ରୁ ୭.୬%କୁ ବୃଦ୍ଧି ପାଇଛି। କେବଳ ଜାତୀୟ ରାଜପଥ ଉପରେ ୩୦% ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ଯାଉଥିବା ବେଳେ ଏହି ରାସ୍ତାରେ ୭୨% ଲୋକ ଦ୍ରୁତଗତିରେ ଗାଡ଼ି ଚାଳନା ପାଇଁ ପ୍ରାଣ ହରାଇଛନ୍ତି। ଏପରିସ୍ଥଳେ ଆଇଇଏମ୍‌ଏସ୍ ରାଜ୍ୟର ଅନ୍ୟ ଜାତୀୟ ରାଜପଥରେ ମଧ୍ୟ ସଡ଼କ ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବ ବୋଲି କୁହାଯାଇଛି।

## ■ ବିଜୁ ଶ୍ରମିକ ସାମ୍ମୁଖ୍ୟର ଗଣସମ୍ମିଳନୀ ଆଜି

# କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରିବେ ପାଣ୍ଡିଆନ

**ଭୁବନେଶ୍ୱର,୬।୪(ସମିସ):** ରବିବାର ଭୁବନେଶ୍ୱର ୟୁନିଟ୍-୬ ଠାରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ଗଣସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମଗ୍ର ରାଜ୍ୟରୁ ଆସିଥିବା କର୍ମକର୍ତ୍ତାମାନଙ୍କୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ମହାସଚିବ ସୁବାସ ସିଂ କହିଛନ୍ତି, ଆସନ୍ତାକାଲି ୟୁନିଟ୍-୬ କ୍ୟାପିଟାଲ ହସ୍ପିଟାଲ ନିକଟସ୍ଥ କ୍ୱାର୍ଟର୍ ନଂ-ଭିଆଇଆର-୪ ସଭାକକ୍ଷରେ ଗଣସମ୍ମିଳନୀ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ଆସିଥିବା ୨୦୦୦ରୁ ଅଧିକ କର୍ମକର୍ତ୍ତାମାନଙ୍କୁ ଶ୍ରୀ ପାଣ୍ଡିଆନ୍ ସମ୍ବୋଧିତ କରିବେ। ରାଜ୍ୟ ସରକାର ସାମୁଖ୍ୟର ଅନେକ ପ୍ରସ୍ତାବ କାର୍ଯ୍ୟକାରୀ କରିଥିବା ବେଳେ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିଛନ୍ତି। ତେଣୁ ଏହି ସମ୍ମିଳନୀ ବେଶ୍ ଗୁରୁତ୍ୱ ବହନ କରୁଛି ବୋଲି ଶ୍ରୀ ସିଂ କହିଛନ୍ତି।



ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବନିମ୍ନ ମଜୁରିରେ ୧୦୦ ଟଙ୍କା ବୃଦ୍ଧି କରିଥିବାରୁ ୧ କୋଟିରୁ ଅଧିକ ଶ୍ରମିକ ଉପକୃତ ହେଉଛନ୍ତି। ଏହି ଐତିହାସିକ ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଉଭୟ ସରକାରୀ ଓ ବେସରକାରୀ ଶ୍ରମିକ ଉପକୃତ ହେବେ। ଅପରପକ୍ଷେ ସାମ୍ମୁଖ୍ୟ ଅଧୀନରେ ଥିବା କର୍ମଜୀବୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯାଇଥିବା ବେଳେ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଉଛି। ଦୁର୍ଘଟଣା ଓ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଉଛି। ସେହିପରି ଅଙ୍ଗନାବଡ଼ି କର୍ମୀଙ୍କ ଦରମା ୧୦ ହଜାର ଟଙ୍କା, ମିନି ଅଙ୍ଗନବାଡ଼ି କର୍ମୀଙ୍କ ଦରମା ୭୨୫୦ ଏବଂ ସହାୟିକାମାନଙ୍କ ଦରମା ୫୦୦୦ ଟଙ୍କାକୁ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଏଥିସହ '୫-ଟି' ଅଧ୍ୟକ୍ଷ ନିଜ ଜିଲ୍ଲା ଗସ୍ତ ସମୟରେ ପ୍ରତିଶ୍ରୁତି ରକ୍ଷା କରି ମିଶନ୍ ଶକ୍ତି ଅଧିନରେ କାର୍ଯ୍ୟରତ ଏମ୍‌ବିକେ ଓ ବ୍ୟାଙ୍କ ମିତ୍ରମାନଙ୍କ ମାସିକ ଭତ୍ତା ୬୭୫୦ ଟଙ୍କାରୁ ୧୦୭୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। କୃଷି ମିତ୍ର, ପ୍ରାଣୀ ମିତ୍ର, ଜୀବିକା ସହାୟକ ମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯାଇଛି। ମିଶନ୍ ଶକ୍ତି ଅଧୀନରେ କାର୍ଯ୍ୟରତ ୫୯, ୫୦୯ କମ୍ୟୁନିଟି ଷ୍ଟାଫ୍ ଭତ୍ତା ବୃଦ୍ଧି ପାଇଁ ରାଜ୍ୟ ସରକାର ୯୬.୫୧ କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ କରିଛନ୍ତି। ମୁଖ୍ୟମନ୍ତ୍ରୀ ୫ ବର୍ଷରେ ୭୫ ହଜାର କୋଟିର ସ୍ୱତନ୍ତ୍ର ବ୍ୟୟବରାଦ କରି ଏସଏଚ୍‌ଜିଗୁଡ଼ିକୁ ଏସ୍‌ଏମ୍‌ଇରେ ପରିଣତ କରିବା ପାଇଁ ପଦକ୍ଷେପ ନେଇଛନ୍ତି।

## ପ୍ରାଥମିକ ସ୍କୁଲ ପ୍ରଶ୍ନପତ୍ର ପ୍ରଘଟ ଘଟଣା

# ସହକାରୀ ଶିକ୍ଷକ ଓ ପତ୍ନୀ ଗିରଫ

**ଭୁବନେଶ୍ୱର,୬।୪(ସମିସ):** ପ୍ରାଥମିକ ବିଦ୍ୟାଳୟର ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଜଣେ ସହକାରୀ ଶିକ୍ଷକ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରିଛି ସାଇବର ଥାନା ପୁଲିସ। ସେମାନେ ହେଲେ, ଯାଜପୁର ଝାଡ଼ଙ୍ଗର ଜଗନ୍ନାଥ କର(୨୯) ଓ ତାଙ୍କ ପତ୍ନୀ ରତ୍ନପର୍ଣ୍ଣା ପତି(୨୭)। ସେମାନଙ୍କଠାରୁ ଲାପଟପ୍, ୯ଟି ପ୍ରଶ୍ନପତ୍ର, ମୋବାଇଲ ଫୋନ୍ ଓ ବ୍ୟାଙ୍କ ପାସ୍‌ବୁକ୍ ଜବତ କରାଯାଇଛି। ଗତ ମାର୍ଚ୍ଚ ୩୦ରେ ଏହି ମାମଲାରେ 'ସମୀର ଏଜୁକେସନାଲ'ର ମୁଖ୍ୟ ଗଞ୍ଜାମ ରମ୍ଭାର ସମୀର ସାହୁ(୨୧)କୁ ବାନ୍ଧିଥିଲା ସାଇବର ଥାନା ପୁଲିସ। ତେବେ ଦମ୍ପତି ଫେରାର୍ ହୋଇଯିବାର ଆଶଙ୍କା କରି ସମୀରକୁ ଗଣମାଧ୍ୟମରେ ନ ଜଣାଇ କୋର୍ଟଚାଲାଣ କରି ଦିଆଯାଇଥିଲା। ସେହିପରି ନିଜର ୟୁଟ୍ୟୁବ ଚ୍ୟାନେଲ୍‌ର ଲୋକପ୍ରିୟତା ବଢ଼ାଇବା ପାଇଁ ଅଭିଯୁକ୍ତମାନେ ଏଭଳି କାରନାମା କରିଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କର ଆର୍ଥିକ କାରବାରର ଖୋଳତାଡ଼ କରାଯାଉଛି। କେବଳ ୟୁଟ୍ୟୁବ ଭିଉୟର୍ସ ପାଇଁ ଜଣେ ଶିକ୍ଷକ କାହିଁକି ଏମିତି ନିଷ୍ପତ୍ତି ନେବ? ପ୍ରଶ୍ନପତ୍ର କିଛି ବିକ୍ରି କରିଛନ୍ତି କି? ପୂର୍ବରୁ କେବେ ପ୍ରଶ୍ନପତ୍ର ଭାଇରାଲ୍ କରିଛନ୍ତି କି?; ଆଦି ଦିଗରେ ସାଇବର୍ ପୁଲିସ ତଦନ୍ତ କରୁଛି।

# ବିଜେଡିରେ ଯୋଗଦେଲେ ଲୋକପ୍ରିୟ ଡାକ୍ତର ଦେବାନନ୍ଦ ମହାପାତ୍ର

**ଭୁବନେଶ୍ୱର, ୬।୪(ସମିସ):** କଟକ ଜିଲ୍ଲା ଅନ୍ତର୍ଗତ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ଲୋକପ୍ରିୟ ପ୍ରଫେସର୍ ଡାକ୍ତର ଦେବାନନ୍ଦ ମହାପାତ୍ର ଆଜି ଶଙ୍ଖଭବନରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ଡାକ୍ତର ପ୍ରଫେସର୍ ଦେବାନନ୍ଦଙ୍କୁ ଡକ୍ଟର ପାତ୍ର ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ।

**ନବୀନ ଓଡ଼ିଶା ନିର୍ମାଣରେ ସାରଥୀ ସାଜିବି**

ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଓ ହେପାଟୋଲୋଜିଷ୍ଟର ବିଶେଷଜ୍ଞ ଭାବେ ଡାକ୍ତର ମହାପାତ୍ର ଦୀର୍ଘ ୨୯ ବର୍ଷ କାଳ କାର୍ଯ୍ୟ କରି ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ଏହାବ୍ୟତୀତ ସେ ବିଭିନ୍ନ ଡାକ୍ତର ସଂଘ ଓ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଆଜି ପ୍ରଫେସର ଡାକ୍ତର ଦେବାନନ୍ଦ ମହାପାତ୍ରଙ୍କ ଯୋଗଦାନ ଫଳରେ ବିଶେଷକରି ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ।



ଏହି ଅବସରରେ ବିଜେଡିରେ ସାମିଲ୍ ହୋଇଥିବା ଡାକ୍ତର ଦେବାନନ୍ଦ ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଥିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରା, ନୀତି, ଆଦର୍ଶ ମୋତେ ସର୍ବଦା ପ୍ରଭାବିତ କରିଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରେରଣାରେ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁରୂପେ ତୁଲାଇବି। ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ବୋଲି ଡାଃ ମହାପାତ୍ର କହିଥିଲେ। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗତସିଂହପୁର କଂଗ୍ରେସ ନେତା ବିଜେଡିରେ ସାମିଲ

**ଭୁବନେଶ୍ୱର, ୬।୪(ସମିସ):** ଜଗତସିଂହପୁର ଜିଲ୍ଲାର ବହୁ କଂଗ୍ରେସ ନେତା ଆଜି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି।। ଶନିବାର ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ବିଜୁ ଶ୍ରମିକ ସାମୁଖ୍ୟର କାର୍ଯ୍ୟକାରୀ ସଭାପତି ମୋନିଦୀପା ସର୍ଖେଲ ଏବଂ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ସମସ୍ତଙ୍କୁ ଦଳରେ ସ୍ୱାଗତ କରିବା ସହିତ ସେମାନଙ୍କର ଯୋଗଦାନ ଫଳରେ ଜଗତସିଂହପୁର ଜିଲ୍ଲା ବିଶେଷକରି ପାରାଦ୍ୱୀପ, କୁଜଙ୍ଗ, ଏରସମାରେ ବିଜୁ ଜନତା ଦଳର ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ବିଶ୍ୱାସବ୍ୟକ୍ତ କରିଥିଲେ। ଆଜି ପାରାଦ୍ୱୀପ ନଗର କଂଗ୍ରେସ ସଭାପତି ଅନୁପ କୁମାର ସାହାଣୀ, କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ଦାସ, ଆମ ପାରାଦ୍ୱୀପ ପ୍ରଗତି ସଭାପତି ତଥା କୁଜଙ୍ଗ ବ୍ଲକ କଂଗ୍ରେସ ଉପସଭାପତି କୈଳାଶ ଚନ୍ଦ୍ର



ସାହୁ, କୁଜଙ୍ଗ ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ, ପାରାଦ୍ୱୀପ-ଏରସମା ଶିଳ୍ପ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ସମୀର ବିଶ୍ୱାଳ ନିଜର ସମର୍ଥକମାନଙ୍କ ସହ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି।। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସଂଗଠନକୁ ସୁଦୃଢ଼ କରିବା ସହିତ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନରେ ଯେଉଁ ଦାୟିତ୍ୱ ଦେବେ ତାହା ନିଷ୍ଠାର ସହ ତୁଲାଇବେ ବୋଲି ସେମାନେ ପ୍ରକାଶ କରିଥିଲେ।

# ଶଙ୍ଖ ଧରିଲେ ସାମାଜିକ କର୍ମୀ ଶ୍ରୀହରି ନାୟକ

## ବହୁ ନିର୍ବାଚିତ ପ୍ରତିନିଧିଙ୍କ ସହ ଶଙ୍ଖ ଧରିଲେ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ




**ଭୁବନେଶ୍ୱର, ୬।୪ (ସମିସ):** ଦଶପଲ୍ଲା ସ୍ୱାଭିମାନ ମଞ୍ଚର ସଭାପତି ତଥା ସାମାଜିକ କର୍ମୀ ଶ୍ରୀହରି ନାୟକଙ୍କ ସମେତ ଶତାଧିକ ବିଜେପି ଓ କଂଗ୍ରେସ କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧି ଶୁକ୍ରବାର ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଶଙ୍ଖଭବନଠାରେ ଆୟୋଜିତ ମିଶ୍ରଣ ପର୍ବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ସେମାନେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ଶ୍ରୀହରିଙ୍କ ସହ ନବାଗତ ବିଜେପି ଓ କଂଗ୍ରେସ କର୍ମୀଙ୍କୁ ଉଭୟ ନେତା ସ୍ୱାଗତ କରିବା ସହ ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀ ବେହେରା ଓ ଡକ୍ଟର ପାତ୍ର ଆଶାପ୍ରକାଶ କରିଛନ୍ତି।

ଏହି ଅବସରରେ ଶ୍ରୀହରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ, ତାକୁ ସୂଚାରୁ ରୂପେ ତୁଲାଇବି। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି ଓ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। କେବଳ ଦଶପଲ୍ଲା ନୁହେଁ, ସମଗ୍ର ନୟାଗଡ଼ ଜିଲ୍ଲାରେ ବିଜେଡିର ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ଲୋକଙ୍କ ପାଖରେ ସରକାରଙ୍କ ସଫଳତା ପହଞ୍ଚାଇବା ଦିଗରେ ଆମେ ସମସ୍ତେ ଜଣେ ଜଣେ ସିପାହୀ ଭାବେ କାର୍ଯ୍ୟ କରିବୁ ବୋଲି ପ୍ରକାଶ କରିଥିଲେ। ଏହି ମିଶ୍ରଣ ପର୍ବରେ ପୂର୍ବତନ ସରପଞ୍ଚ ଅରୁଣ କୁମାର ସ୍ୱାଇଁ, ସାଧୁ ଚରଣ ନାୟକ, ହେମନ୍ତ କୁମାର ନାୟକ, ପୂର୍ବତନ ସମିତି ସଭ୍ୟ କୁମାର ନାୟକ ଓ ସାମାଜିକ କର୍ମୀ କୁନା ପୃଷ୍ଟିଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଡେବ୍ରିଗଡ଼ ଇକୋଟୁରିଜମ୍‌ର ଆଶାତୀତ ସଫଳତା

# ରାଜସ୍ୱ ଆଦାୟରେ ୩.୫ କୋଟିର ରେକର୍ଡ

**ବରଗଡ଼, ୬।୪(ସମିସ):** ଇକୋଟୁରିଜମ୍ କ୍ଷେତ୍ରରେ ବରଗଡ଼ ଜିଲ୍ଲାର ଡେବ୍ରିଗଡ଼ ଅଭୟାରଣ୍ୟ ଓଡ଼ିଶାର ଅନନ୍ୟ ମାନ୍ୟତା ପାଇବା ସହ ଦିନକୁ ଦିନ ପର୍ଯ୍ୟଟକଙ୍କ ସଂଖ୍ୟାରେ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ଆର୍ଥିକ ବର୍ଷରେ ଡେବ୍ରିଗଡ଼ ଅଭୟାରଣ୍ୟ ୩.୫ କୋଟି ରାଜସ୍ୱ ଆୟ କରିଛି। ଏହା ଓଡ଼ିଶାରେ ସର୍ବାଧିକ ରାଜସ୍ୱ। ଗତବର୍ଷ ଏହି ସମୟରେ ଏହାର ଆୟ ୨.୫ କୋଟି ଥିବା ବେଳେ ଏଠାକୁ ଆସିଥିବା ପର୍ଯ୍ୟଟକଙ୍କ ସଂଖ୍ୟା ୩୦ ହଜାର ପହଞ୍ଚିଛି। ଯାହାକି ଚଳିତ ଆର୍ଥିକ ବର୍ଷରେ ଆୟ ୩.୫



କୋଟିକୁ ପହଞ୍ଚି ଥିବା ବେଳେ ଏହା ଗତବର୍ଷ ତୁଳନାରେ ୧ କୋଟିରୁ ଊର୍ଦ୍ଧ୍ୱ ଆୟ।

ପର୍ଯ୍ୟଟକଙ୍କ ସଂରଚନାକୁ ଦେଖିଲେ, ୫୦ ପ୍ରତିଶତ ପର୍ଯ୍ୟଟକ ଓଡ଼ିଶାର, ୨୦ ପ୍ରତିଶତ ପଶ୍ଚିମବଙ୍ଗର, ୩୦ ପ୍ରତିଶତ ଭାରତର ୧୫ଟି ରାଜ୍ୟରୁ ଏବଂ ୟୁରୋପ, ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆର ବିଦେଶୀ ପର୍ଯ୍ୟଟକ ମଧ୍ୟ ସାମିଲ ରହିଛନ୍ତି। ଡେବ୍ରିଗଡ଼ ଟର୍ନି ଟୁରିଜିମ୍ ହବ୍ କେବଳ ଜଙ୍ଗଲ ସଂରକ୍ଷଣରେ ବିପୁଳ ଅବଦାନ ଦେଇନାହିଁ, ବରଂ ବର୍ଷସାରା ସେମାନଙ୍କୁ ରୋଜଗାର ଯୋଗାଇ ଡେବ୍ରିଗଡ଼ର ସ୍ଥାନୀୟ ଜଙ୍ଗଲ ନିର୍ଭରଶୀଳ ସମ୍ପ୍ରଦାୟର ଅର୍ଥନୈତିକ ତଥା ସାମାଜିକ ବିକାଶରେ ମଧ୍ୟ ସହଯୋଗ ରହିଛି। ରାଜସ୍ୱ ଆଦାୟ ମୁଖ୍ୟତଃ ୧୪ଟି ପରିବାରର ରହଣି କୁଟୀର, ସଫାରି, କ୍ରୁଜ୍, ଟ୍ରେକିଂ, ପଦଯାତ୍ରା, କାୟାକିଂ, ପକ୍ଷୀ ଦେଖିବା, ଲାଇବ୍ରେରୀ, ଖାଦ୍ୟ ସେବା, ସ୍ମରଣିକା ଦୋକାନ ତଥା ତୃଣଭୂମି/ଲୁଣିଆ/ବିଶ୍ରାମର ସୁରକ୍ଷା ପାଇଁ ନିୟୋଜିତ ହୋଇଥିବା ପରିବାରଗୁଡ଼ିକର କଠିନ ପରିଶ୍ରମ ଏବଂ ପ୍ରତିବଦ୍ଧତାର ଫଳାଫଳ ଅଟେ।

# ପୁରୀ-ଗୁଣୁପୁର ଟ୍ରେନ୍ ଏସି ବଗିରେ ଲାଗିଲା ନିଆଁ

**କାଶୀନଗର, ୬।୪ (ସମିସ) :** ଗଜପତି ଜିଲ୍ଲା କାଶୀନଗର ରେଳଷ୍ଟେସନଠାରେ ପୁରୀ-ଗୁଣୁପୁର ଟ୍ରେନ୍‌ର ଏସି ବଗିରେ ନିଆଁ ଲାଗି ଯାଇଥିଲା। ତେବେ ଅଳ୍ପକେ ବର୍ତ୍ତିଯାଇଛନ୍ତି ସମସ୍ତ ଯାତ୍ରୀ । ସୂଚନା ଅନୁଯାୟୀ, ଆଜି ପୁରୀରୁ ଗୁଣୁପୁର ଅଭିମୁଖେ ଆସୁଥିବା ପାସେଞ୍ଜର ଟ୍ରେନ କାଶୀନଗର ରେଳଷ୍ଟେସନ ଠାରେ



**ଅଳ୍ପକେ ବର୍ତ୍ତିଲେ ଯାତ୍ରୀ**

ଅଟକି ଥିବାବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏସି ବଗିରେ ହଠାତ୍ ନିଆଁ ଲାଗିଯାଇଥିଲା। ଏହା ଦେଖି ଯାତ୍ରୀମାନେ ଭୟଭୀତ ହୋଇ ଯାଇଥିଲେ। ତେବେ ରେଳ କର୍ମଚାରୀମାନେ ନିଆଁକୁ ଆୟତ କରିଥିଲେ। ଫଳରେ କୌଣସି ଧନଜୀବନ ହାନି ହୋଇନଥିଲା। ଏଥିପାଇଁ ଆଜି ଟ୍ରେନ୍ ନିର୍ଦ୍ଧାରିତ ସମୟ ଠାରୁ ବିଳମ୍ବରେ ପହଞ୍ଚିଥିଲା । ଏଣୁ ଆଜି ପୁରୀ-ଗୁଣୁପୁର ଟ୍ରେନ୍‌ଟି ନିର୍ଦ୍ଧାରିତ ସମୟ ଠାରୁ ବହୁ ବିଳମ୍ବରେ ପହଞ୍ଚିଥିଲା। ଅଗ୍ନିକାଣ୍ଡ ଯୋଗୁଁ ଗୁଣୁପୁର ଏବଂ ଅନ୍ୟାନ୍ୟ ଗନ୍ତବ୍ୟ ସ୍ଥଳକୁ ଯାଉଥିବା ଯାତ୍ରୀମାନେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡିଛି ।

## ଏନ୍‌ଟିପିସି ସାଇଲୋ କନ୍‌ଭେୟର ବେଲ୍ଟରେ ଅଗ୍ନିକାଣ୍ଡ

# ପୋଡ଼ିଗଲା କୋଟି କୋଟି ଟଙ୍କାର ଯନ୍ତ୍ରାଂଶ

**ଅନୁଗୋଳ/କଣିହାଁ, ୬।୪(ସମିସ):** ତାଳଚେର ଉପଖଣ୍ଡ କଣିହାଁ ବ୍ଲକସ୍ଥିତ ଏନଟିପିସି ବିଦ୍ୟୁତ୍ ପ୍ରକଳ୍ପର ୨ ଓ ୩ ୟୁନିଟକୁ କନଭେୟର ବେଲ୍ଟ ୧୫ ଏ ମାଧ୍ୟମରେ (ଟିପି) ୧୬ ଦ୍ୱାରା କୋଇଲା ଯୋଗାଣ କରାଯାଇଥାଏ। ୧୫ବି' ରେ କୌଣସି କାରଣବଶତଃ ଭୟାବହ ଅଗ୍ନିକାଣ୍ଡ ଘଟିବା ଯୋଗୁଁ ପ୍ଲାଣ୍ଟ ଭିତରେ ଥିବା କନଭେୟର ବେଲ୍ଟରେ ନିଆଁ ଲାଗିଯାଇଥିଲା। କୋଇଲା ଡିପୋରୁ ପ୍ଲାଣ୍ଟ ଭିତରକୁ ଯାଇଥିବା ସାଇଲୋ କନଭେୟର ବେଲ୍ଟରେ ନିଆଁ ଲାଗି ବିଭିନ୍ନ ଯନ୍ତ୍ରାଂଶ ପୋଡ଼ିଯାଇଛି। ତେବେ ପ୍ଲାଣ୍ଟ ଭିତରେ ଲାଗିଥିବା ନିଆଁକୁ ଆୟତ୍ତ କରିବାକୁ ଏନଟିପିସି ପ୍ରକଳ୍ପର ୪ଟି ଅଗ୍ନିଶମ ଗାଡ଼ି ତାଳଚେର, ଅନୁଗୋଳ କଣିହାଁ ଅଗ୍ନିଶମର ଗୋଟିଏ ଲେଖାଏଁ, ଜେଆଇଟିପିଏଲ, ଜେଏସପିଏଲ ପ୍ଲାଣ୍ଟର ଗୋଟିଏ ଲେଖାଏଁ,

- ୟୁନିଟ୍ ୩ର ୫୦୦ ମେଗାୱାଟ୍ ଉତ୍ପାଦନ ବନ୍ଦ
- ନିଆଁ ଲିଭାଇବାରେ ୯ଟି ଅଗ୍ନିଶମ ଗାଡ଼ି ନିୟୋଜିତ



ମୋଟ ୯ ଟି ଗାଡ଼ି ସହିତ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ନିୟୋଜିତ ହୋଇଥିଲେ। ଦୁଇଘଣ୍ଟାର ଚେଷ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ କନଭେୟର ବେଲ୍ଟରୁ ନିଆଁ କୋଇଲାରେ ଲାଗିଯାଇଥିବାରୁ ଅଞ୍ଚଳ ଧୂଆଁମୟ ହୋଇଯିବାରୁ ଜନସାଧାରଣ ଭୟଭୀତ ହୋଇଯାଇଥିଲେ। ଏଥିରେ କୋଟି କୋଟି ଟଙ୍କା କ୍ଷୟକ୍ଷତି ହୋଇଥିବା ଅନୁମାନ କରାଯାଉଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପରେ ଅଗ୍ନିକାଣ୍ଡର ସତ୍ୟାସତ୍ୟ ଓ କ୍ଷୟକ୍ଷତି ଅକଳନ କରାଯାଇପାରିବ। ଏନଟିପିସି ପ୍ରକଳ୍ପର ସୁରକ୍ଷା ବିଭାଗ ଥିବାବେଳେ ଏଭଳି ଘଟଣା ଘଟିବା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। କନଭେୟର ବେଲ୍ଟରେ ପ୍ଲାଣ୍ଟ ଭିତରେ ଅଗ୍ନି ନିର୍ବାପକ ଓ ଗ୍ରୀଷ୍ମକାଳୀନ ଅତ୍ୟଧିକ ଉତ୍ତାପକୁ ପ୍ରତିରୋଧ କରିବା କାର୍ଯ୍ୟ ପାଇଁ ପାଣି ସିଞ୍ଚନ ବ୍ୟବସ୍ଥା, ଅଗ୍ନି ପ୍ରତିରୋଧକ ବ୍ୟବସ୍ଥା କଡ଼ାକଡ଼ି କରିବା ସହିତ ଡେସ୍କ ପ୍ଲେଟରେ କୋଇଲା ଗୁଣ୍ଡକୁ ସଠିକ ଭାବେ ପରିଚାଳନା କରୁ ନଥିବାରୁ ଏଭଳି ଅଘଟଣ ଘଟିଥିବା ଆଶଙ୍କା ହୋଇଯାଉଛି। ଏନଟିପିସି ପ୍ରକଳ୍ପର ଏଜିଏମ (ଏଚ୍‌ଆର) ଅଧିକାରୀ ବି କେ ପାଣ୍ଡେଙ୍କ ପ୍ରେସ ବିଜ୍ଞପ୍ତିରୁ ଜଣାଯାଏ ଯେ, ଅଗ୍ନିକାଣ୍ଡ ଯୋଗୁଁ ୟୁନିଟ୍ ୩ କୁ କାର୍ଯ୍ୟକ୍ଷମ କରିବା ପର୍ଯ୍ୟନ୍ତ ୫୦୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ତୁରନ୍ତ ବନ୍ଦ କରାଯାଇଛି। ଏହି ଅଗ୍ନିକାଣ୍ଡରେ ଶ୍ରମିକ ଓ କର୍ମଚାରୀଙ୍କ କିଛି କ୍ଷତି ହୋଇ ନଥିବା ସୂଚନା ମିଳିଛି। ଏଭଳି ଆକସ୍ମିକ ଦୁର୍ଘଟଣା ଯୋଗୁଁ ସମସ୍ତ ପ୍ରଶାସନିକ ଅଧିକାରୀ ଓ ଅଗ୍ନିଶମ ସେବା, ସିଆଇଏସ୍‌ଏଫ୍ ଓ ପ୍ଲାଣ୍ଟ ଜରୁରୀକାଳୀନ ବିଭାଗ ପକ୍ଷରୁ ସେବା ଯୋଗାଇ ଦିଆଯାଇ ଥିବାରୁ କୃତଜ୍ଞତା ଜଣାଇଥିଲେ।



## ଚାନ୍ଦବାଲି ବିଧାନସଭା ଆସନ

# ଏଥର 'ସମ୍ମାନ'ର ଲଢ଼େଇ

**ଭଦ୍ରକ, ୬।୪(ସମିସ):** ଭଦ୍ରକ ଜିଲ୍ଲାର ଅନ୍ୟତମ ପ୍ରମୁଖ ଆସନ ଚାନ୍ଦବାଲି ଏଥର ଏକ ବଡ଼ ଲଢ଼େଇ ଦେଖିବାକୁ ଯାଉଛି। ଗୋଟିଏ ପଟେ ବିଜେଡିର ରାଜ୍ୟ ଯୁବ ସଭାପତି ବ୍ୟୋମକେଶ ରାୟ ପ୍ରାର୍ଥୀ ହୋଇଥିବା ବେଳେ ବିଜେପିରୁ ପ୍ରାର୍ଥୀ ହୋଇଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ। ଯଦିଓ ରାୟ-ସାମଲଙ୍କ ଲଢ଼େଇ ଚଳିତଥରକୁ ମିଶାଇ କ୍ରମାଗତ ତୃତୀୟ ଥର ପାଇଁ ପାରମ୍ପରିକ ଭାବେ ହେବାକୁ ଯାଉଛି; କିନ୍ତୁ ନପାରିଲେ, ହ୍ୟାଟ୍ରିକ୍ ପରାଜୟ ବରଣ କରିବେ।

ଏକଦା କଂଗ୍ରେସର ଗଡ଼ ଥିବା ଚାନ୍ଦବାଲି ଆସନକୁ ୨୦୦୯ରେ ବିଜେଡି ଛଡ଼ାଇ ଆଣିଥିଲା। ସେବର୍ଷ ବିଜେଡିର ବିଜୟ ନାୟକ କଂଗ୍ରେସର ଅମିୟ ମହାପାତ୍ରଙ୍କୁ ୭୬୧୩ ଖଣ୍ଡ ଭୋଟରେ ହରାଇ ବିଜୟୀ ହୋଇଥିଲା। ତେବେ ୨୦୧୪ରେ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ ସେତେବେଳର ଛାତ୍ର ବିଜେଡି ସଭାପତି ପଦରେ ଥିବା ବ୍ୟୋମକେଶ ରାୟ। ତାଙ୍କୁ ଟକ୍କର୍ ଦେବା ପାଇଁ ମଇଦାନରେ ଥିଲେ, କଂଗ୍ରେସରୁ



ଅମିୟ ମହାପାତ୍ର ଓ ବିଜେପିର ଭେଟେରାନ୍ ମନମୋହନ ସାମଲ। କିନ୍ତୁ ଦୁଇ ହେଭିୱେଟ୍‌ଙ୍କୁ ଟକ୍କର୍ ଦେଇ ବ୍ୟୋମକେଶ ସମସ୍ତଙ୍କୁ ଚକ୍‌ମା ଦେଖାଇଥିଲେ। କଂଗ୍ରେସ ପ୍ରାର୍ଥୀଙ୍କଠାରୁ ୨୪, ୮୮୮ ଖଣ୍ଡ ଅଧିକ ଭୋଟ ପାଇ ସେ ବିଜୟୀ ହୋଇଥିଲେ। ବିଜେଡି ପ୍ରାର୍ଥୀ ଶ୍ରୀ ରାୟ ୬୮. ୫୫୭ (୪୩.୯୯ ପ୍ରତିଶତ)ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଅମିୟ କୁମାର ମହାପାତ୍ର ୪୩, ୬୭୪ (୨୮.୦୨ ପ୍ରତିଶତ)ଭୋଟ ପାଇଥିଲେ। ଆଉ ୩୮, ୯୫୩ (୨୪.୯୯) ଖଣ୍ଡ ଭୋଟ ପାଇ ବିଜେପି ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଗତ ୨୦୧୯ ସାଧାରଣ ନିର୍ବାଚନରେ ବି ବିଜେଡି ପ୍ରାର୍ଥୀ ଶ୍ରୀ ରାୟ ୮୦୮୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଶ୍ରୀ ରାୟ ୭୭, ୩୧୩ (୪୩.୨ପ୍ରତିଶତ) ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ଶ୍ରୀ ସାମଲ ୬୯, ୨୩୩ (୩୮.୭ପ୍ରତିଶତ) ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। କଂଗ୍ରେସ ପ୍ରାର୍ଥୀ ୩୦, ୧୪୬ (୧୬.୯ପ୍ରତିଶତ) ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

ଚଳିତ ଥର କିନ୍ତୁ ଦୁଇ ଦଳର ନେତାଙ୍କ ମଧ୍ୟରେ 'ସମ୍ମାନ'କୁ ନେଇ ନିର୍ବାଚନ ଲଢ଼ାଯିବ ବୋଲି ନିର୍ବାଚନମଣ୍ଡଳୀରେ ଜୋରଦାର୍ ଚର୍ଚ୍ଚା ହେଉଛି। କାରଣ ବ୍ୟୋମକେଶ ଏବେ ରାଜ୍ୟ

### ନିର୍ବାଚନ ମଇଦାନରେ ଯୁବ ସଭାପତି - ରାଜ୍ୟ ସଭାପତି

ଯୁବ ବିଜେଡି ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ରହିଥିବା ବେଳେ ମନମୋହନ ଏବେ ରାଜ୍ୟ ବିଜେପିର ମୁଖିଆ। ତେଣୁ ଉଭୟଙ୍କ ପାଇଁ ଏହି ନିର୍ବାଚନ ଜିତିବା ଗୁରୁତ୍ୱପୂର୍ଣ୍ଣ। ତେଣୁ ଉଭୟ ପ୍ରାଣପଣେ ଉଦ୍ୟମ କରିବା ସହ ସବୁ ବଳ ଲଗାଇଦେବେ ବୋଲି ଚର୍ଚ୍ଚା ହେଉଛି।

ଉଭୟ ନିଜ ନିଜ ଦଳର ରାଜ୍ୟର ୨ଟି ସମ୍ମାନସ୍ପଦ ପଦରେ ଥିବାରୁ ଏଥର ନିର୍ବାଚନ ଉଭୟଙ୍କ ପାଇଁ ସମ୍ମାନର ପ୍ରଶ୍ନ ହେବ ବୋଲି କୁହାଯାଉଛି।

ଚାନ୍ଦବାଲି ବ୍ଲକ, ଏନ୍‌ଏସି ସହ ତିହିଡି ବ୍ଲକର ୯ଟି ପଞ୍ଚାୟତକୁ ନେଇ ଗଠିତ ଚାନ୍ଦବାଲି ବିଧାନସଭା ଆସନରେ ଗତ ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନ ଫଳାଫଳ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ଯାଇଥିଲା। ଏଠାରେ ବିଜେଡି ପ୍ରାର୍ଥୀ ବ୍ୟୋମକେଶ ରାୟ ୩ୟ ଥର ଲାଗି ମଇଦାନକୁ ଓହ୍ଲାଇଛନ୍ତି। ଏଥର ଜିତିଲେ, ତାଙ୍କର ହ୍ୟାଟ୍ରିକ ବିଜୟ ହେବ। ସେହିଭଳି ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରାଜ୍ୟ ବିଜେପି ସଭାପତି ମନମୋହନ ବିଜୟୀ ହୋଇ

ଚାନ୍ଦବାଲି ବିଧାନସଭା ଆସନରେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଓ କରାଯାଇଥିବା ବହୁ ଜନକଲ୍ୟାଣମୂଳକ କାର୍ଯ୍ୟର ଚିଠା ନେଇ ବିଜେଡି ପ୍ରାର୍ଥୀ ଶ୍ରୀ ରାୟ ମଇଦାନକୁ ଓହ୍ଲାଇଛନ୍ତି। ସେହିପରି ବିଜେପି ପ୍ରାର୍ଥୀ ଶ୍ରୀ ସାମଲ କେନ୍ଦ୍ର ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଓ ମୋଦିଙ୍କ ହାୱାକୁ ଆୟୁଧ କରି ଏଥର ନିର୍ବାଚନୀ ବୈତରଣୀ ପାର୍ ହେବାକୁ ଉଦ୍ୟମ କରୁଛନ୍ତି। ଏଯାଏଁ କିନ୍ତୁ କଂଗ୍ରେସ ପ୍ରାର୍ଥୀ ଘୋଷଣା ନ କରି ଏଠାରେ ବ୍ୟାକ୍-ଫୁଟ୍‌ରେ ରହିଥିବା କୁହାଯାଉଛି।

## ଉଦଳା ନିର୍ବାଚନମଣ୍ଡଳୀ

# ପ୍ରାର୍ଥୀଙ୍କ ଦକ୍ଷତା ପରଖୁଥା'ନ୍ତି ଭୋଟର୍

**ଉଦଳା, ୬।୪ (ସମିସ):** ମୟୂରଭଞ୍ଜ ଜିଲ୍ଲାର ୯ ଗୋଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ଉଦଳା ସଂରକ୍ଷିତ ଆସନ ଗୋଟିଏ କାରଣ ପାଇଁ ବେଶି ଚର୍ଚ୍ଚିତ। ତାହା ହେଲା, ଏଠାରେ ମତଦାତାମାନେ ଦଳ ଅପେକ୍ଷା ସବୁବେଳେ ପ୍ରାର୍ଥୀଙ୍କ ଦକ୍ଷତାକୁ ଅଧିକ ଗୁରୁତ୍ୱ ଦେଇଥା'ନ୍ତି।

ଉଦଳା ସହର, ବ୍ଲକ୍, ଗୋପବନ୍ଧୁନଗର ବ୍ଲକ୍ ଓ କପ୍ତିପଦା ବ୍ଲକ୍‌ର ୧୯ ପଞ୍ଚାୟତକୁ ନେଇ ଗଠିତ





ଉଦଳା ନିର୍ବାଚନମଣ୍ଡଳୀ ଅତୀତରେ କଂଗ୍ରେସର ଗଡ଼ ଥିଲା। ୧୯୫୭ରୁ ୪ଥର ମନମୋହନ ଟୁଡୁ ଓ ୧୯୭୪ରୁ ୧୯୯୫ ପର୍ଯ୍ୟନ୍ତ ୪ଥର ରାବଣେଶ୍ୱର ମଢ଼େଇ କଂଗ୍ରେସରୁ ଏହି ଆସନରେ ବିଧାୟକ ହୋଇଥିଲେ। ମଝିରେ ୧୯୭୭ରେ ଜନତା ପାର୍ଟିରୁ ବୀରଭଦ୍ର ସିଂ ଓ ୧୯୯୦ରେ ଜନତା ଦଳରୁ ରୋହିଦାସ ସୋରେନ୍ କଂଗ୍ରେସଠାରୁ ଆସନ ଛଡ଼ାଇ ଆଣିଥିଲେ। କିନ୍ତୁ ୨୦୦୦ ମସିହା ପରଠାରୁ ଏହି ଆସନ ୩ଥର ବିଜେପି ଓ ୨ଥର ବିଜେଡି ଭାଗରେ ପଡ଼ିଛି। ବିଜେପିରୁ ଭାସ୍କର ମଢ଼େଇ ୨୦୦୦, ୨୦୦୪ ଓ ୨୦୧୯ରେ ବିଧାୟକ ହୋଇଥିଲେ। ୨୦୦୯ରେ ଭାସ୍କର ଟିକଟ ପାଇନଥିବା ବେଳେ ୨୦୧୪ରେ ପରାଜୟ ହୋଇଥିଲେ। ୨୦୦୯ରେ ବିଜେଡିରୁ ଶ୍ରୀନାଥ ସୋରେନ୍ ଓ ୨୦୧୪ରେ ଗୋଲକ ବିହାରୀ ନାଏକ ବିଜୟୀ ହୋଇଥିଲେ।

ବିଜେଡି-ବିଜେପି ମେଣ୍ଟ ଥିବା ବେଳେ ମେଣ୍ଟ ପ୍ରାର୍ଥୀ ଭାସ୍କର ମଢ଼େଇ ୨ଟି ନିର୍ବାଚନ ବିଜୟୀ ହୋଇଥିଲେ। ମେଣ୍ଟ ଭଙ୍ଗ ପରେ ଏହି ଆସନରେ ବିଜେଡିର ଭୋଟ ପ୍ରତିଶତ ବଢ଼ି ଚାଲିଛି।

### ୨୦୦୯ ଓ ୧୪ରେ ବିଜେଡି ଅକ୍ତିଆରରେ ଥିଲା ଆସନ।

ଗତ ୨୦୧୯ ନିର୍ବାଚନରେ ମାତ୍ର ୧ ପ୍ରତିଶତ ଭୋଟ୍ ବ୍ୟବଧାନରେ ବିଜେପି ଏଠାରେ ଜିତିଥିଲା। ୨୦୦୯ ମସିହାରେ ବିଜେଡି ପ୍ରାର୍ଥୀ ଶ୍ରୀନାଥ ସୋରେନ ୩୬ ପ୍ରତିଶତ ଭୋଟ ପାଇ ୪୦, ୫୯୭ ସହ ୧୧, ୧୯୩ ଭୋଟ୍ ବ୍ୟବଧାନରେ ବିଧାୟକ ହୋଇଥିଲେ। ୨୬ ପ୍ରତିଶତ ଭୋଟ୍ ସହ କଂଗ୍ରେସ ଦ୍ୱିତୀୟରେ ଓ ୧୭ ପ୍ରତିଶତ ଭୋଟ୍ ସହ ଜେଏମଏମ୍ ତୃତୀୟ ସ୍ଥାନରେ ରହିଥିଲା। ସେହିପରି ୨୦୧୪ ନିର୍ବାଚନରେ ବିଜେଡିରୁ ପୂର୍ବତନ ମନ୍ତ୍ରୀ ଗୋଲକ ବିହାରୀ ନାଏକ ୩୭ ପ୍ରତିଶତ ଭୋଟ୍ ଅର୍ଥାତ୍ ୪୯, ୬୨୮ଖଣ୍ଡ ପାଇ ବିଜୟୀ ହୋଇଥିବା ବେଳେ ବିଜେପିରୁ ଭାସ୍କର ମଢ଼େଇ ୩୦ ପ୍ରତିଶତ ଓ କଂଗ୍ରେସ ୧୭ ପ୍ରତିଶତ ଭୋଟ୍ ପାଇଥିଲା। ୨୦୧୯ ନିର୍ବାଚନରେ ପୁଣି ଶ୍ରୀନାଥ ସୋରେନ ବିଜେଡି ପ୍ରାର୍ଥୀ ହୋଇ ୪୫ ପ୍ରତିଶତ ଅର୍ଥାତ୍ ୬୮, ୨୯୨ ଖଣ୍ଡ ଭୋଟ ହାତେଇଥିଲେ। କିନ୍ତୁ ବିଜେପିର ଭାସ୍କର ମଢ଼େଇ ୪୫.୫ ପ୍ରତିଶତ ଅର୍ଥାତ୍ ୬୯, ୭୨୫ ଖଣ୍ଡ ଭୋଟ୍

### ଏଥର ସହଜ ହେବନି ବିଜେପିର ବିଜୟ ପଥ

ହାତେଇ ମାତ୍ର ୧୪୩୩ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। ଅପରପକ୍ଷରେ କଂଗ୍ରେସ ମାତ୍ର ୭ ପ୍ରତିଶତ ଭୋଟ୍ ପାଇଥିଲା।

ଏଥର ମଧ୍ୟ ଗତଥର ଭଳି ବିଜେଡି ଓ ବିଜେପି ମଧ୍ୟରେ ଘମାଘୋଟ ଲଢ଼େଇ ଦେଖିବାକୁ ମିଳିବ। ଏଥର ବିଜେପିରୁ ଭାସ୍କର ଓ ବିଜେଡିରୁ ଶ୍ରୀନାଥ ସୋରେନ୍ ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିନାହିଁ। ତେବେ ଗତ ୫ ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା, ସ୍କୁଲ ରୂପାନ୍ତରଣ ଓ ବିଭିନ୍ନ ବର୍ଗ ପାଇଁ ଉନ୍ନତିକରଣ କାମ ଏଠାରେ ବିଜେଡିକୁ ଆଗୁଆ ରଖିବ। ତେଣୁ ଏଥର ଏଠାରେ ବିଜେପିର ବିଜୟପଥ ସହଜ ହେବ ନାହିଁ ବୋଲି ରାଜନୈତିକ ମହଲ ଆକଳନ କରୁଛନ୍ତି।

## ସାଲେପୁର ବିଧାନସଭା କ୍ଷେତ୍ର

# ପ୍ରକାଶ ଦଳ ଛାଡ଼ିବା ପରେ ବଦଳିଲା ସମୀକରଣ

### ପ୍ରଶାନ୍ତଙ୍କ ପାଇଁ ସୁଯୋଗ; ବିଜେପି ଓ କଂଗ୍ରେସରେ ନେତୃତ୍ୱ ସଂକଟ

**କଟକ,୬।୪(ସମିସ):** କଟକ ଜିଲ୍ଲାର ସାଲେପୁର ବିଧାନସଭା କ୍ଷେତ୍ରରେ ବିଗତ ୪ ଦଶନ୍ଧି ଧରି ବେଶ ରୋଚକ ଲଢ଼େଇ ହୋଇଆସୁଛି। ଏକଦା ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସର ମଧ୍ୟ ଦୃଢ଼ ସାଂଗଠନିକ ସ୍ଥିତି ରହିଥିଲା। ୧୯୮୫ରୁ ୨୦୧୯ ମଧ୍ୟରେ ୩ଥର ଏହି କ୍ଷେତ୍ରରୁ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ୫ଥର ଜନତା ଦଳ ଓ ବିଜୁ ଜନତା ଦଳ ପ୍ରାର୍ଥୀ ଜିତାପଟ ହାସଲ କରିଛନ୍ତି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହି ବିଧାନସଭା କ୍ଷେତ୍ରରେ ସମୀକରଣ କିନ୍ତୁ ବଦଳିଯାଇଛି। ଦୀର୍ଘ ବର୍ଷ ଧରି କଂଗ୍ରେସର ସଂଗଠନକୁ ଏହି ନିର୍ବାଚନ ମଣ୍ଡଳୀରେ ମଜଭୁତ କରିଥିବା ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ୨୦୧୯ ନିର୍ବାଚନ ପୂର୍ବରୁ ବିଜେପିରେ ଯୋଗଦେବାରୁ କଂଗ୍ରେସ ସଂଗଠନ ଦୁର୍ବଳ ହୋଇପଡ଼ିଥିଲା। ଅପରପକ୍ଷରେ ଏଠାରେ ବେଶ୍ ଦୁର୍ବଳ ଥିବା ବିଜେପି ସଂଗଠନ ପ୍ରକାଶଙ୍କ ପାଇଁ ପୁଣି ସୁଦୃଢ଼ ହୋଇଥିଲା। କିନ୍ତୁ ନିକଟରେ ପ୍ରକାଶ ବିଜେପି ଛାଡ଼ି ବିଜେଡିରେ ଯୋଗଦେବାରୁ ବିଜେପିର ସାଂଗଠନିକ ସ୍ଥିତି ଶୋଚନୀୟ ହୋଇପଡ଼ିଥିବା ଚର୍ଚ୍ଚା ହେଉଛି।

ଏପରିକି ପ୍ରକାଶଙ୍କୁ ମଧ୍ୟ ବାରବାଟୀ-କଟକରୁ ବିଜେଡି ପ୍ରାର୍ଥୀ କରିବ ବୋଲି ଘୋଷଣା କରିଛି। ଏଭଳି ସ୍ଥିତିରେ ବର୍ତ୍ତମାନର ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ପାଇଁ ଏକ ଭଲ ସୁଯୋଗ ସୃଷ୍ଟି ହୋଇଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

ଏହି ବିଧାନସଭା କ୍ଷେତ୍ରରୁ ୧୯୮୫ରେ ଜନତା ଦଳ ପ୍ରାର୍ଥୀ କାଳିନ୍ଦୀ ବେହେରାଙ୍କୁ ହରାଇ କଂଗ୍ରେସ ପ୍ରାର୍ଥୀ ମାୟାଧର ସେଠୀ ବିଜୟୀ ହୋଇଥିଲେ। ୧୯୯୦ରେ କଂଗ୍ରେସ ପ୍ରାର୍ଥୀ ପ୍ରମୋଦ ଜେନାଙ୍କୁ ହରାଇ ଜନତା ଦଳ ପ୍ରାର୍ଥୀ କାଳିନ୍ଦୀ ବିଜୟ ଲାଭ କରିଥିଲେ। ୧୯୯୫ରେ କିନ୍ତୁ କଂଗ୍ରେସ ପ୍ରାର୍ଥୀ ରବୀନ୍ଦ୍ର ବେହେରାଙ୍କଠାରୁ କାଳିନ୍ଦୀ ହାରିଯାଇଥିଲେ। ତେବେ ୨୦୦୦ ଓ ୨୦୦୪ ନିର୍ବାଚନରେ ବିଜୁ ଜନତା ଦଳ ପ୍ରାର୍ଥୀ କାଳିନ୍ଦୀ ବେହେରା କଂଗ୍ରେସ ପ୍ରାର୍ଥୀ ପ୍ରକାଶ ବେହେରାଙ୍କୁ ପରାସ୍ତ କରିଥିଲେ। ୨୦୦୯ରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ କାଳିନ୍ଦୀଙ୍କ ପୁତ୍ର ଚନ୍ଦ୍ରସାରଥୀ ବିଜେଡି ପ୍ରାର୍ଥୀ ହୋଇଥିଲେ। ତାଙ୍କଠାରୁ ତୃତୀୟ ଥର ପାଇଁ ହାରିଥିଲେ କଂଗ୍ରେସ ପ୍ରାର୍ଥୀ ପ୍ରକାଶ। ହେଲେ ୨୦୧୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ପ୍ରକାଶ ବିଜେଡି ପ୍ରାର୍ଥୀ ପ୍ରଶାନ୍ତଙ୍କୁ ହରାଇ ବିଧାୟକ ହୋଇପାରିଥିଲେ। ୨୦୧୯ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ି ପ୍ରକାଶ ବିଜେପିରେ ଯୋଗ ଦେବାରୁ ଏଠାରେ କଂଗ୍ରେସ ସଂଗଠନ ଶୋଚନୀୟ ହୋଇଥିଲା। ତେବେ ୨୦୧୯ରେ ପ୍ରକାଶଙ୍କୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୨୦୨୪ ନିର୍ବାଚନର ଅବ୍ୟବହିତ ପୂର୍ବରୁ ପ୍ରକାଶ ବିଜେପି ଛାଡ଼ି ଦେବାରୁ ପୁଣି ବିଜେପି ସଂଗଠନ ଦୋହଲିଯାଇଛି। ଏବେ ଉଭୟ ବିଜେପି ଓ କଂଗ୍ରେସରେ ଏକପ୍ରକାର ନେତୃତ୍ୱ ସଂକଟ ଦେଖାଦେଇଛି। ବିଜେପିରେ ରଶ୍ମିରଞ୍ଜନ ଲେଙ୍କାଙ୍କ ପୂର୍ବରୁ ଏକ ସମାନ୍ତରାଳ ସଂଗଠନ ଥିବା ବେଳେ ପ୍ରକାଶ ଦଳ ଛାଡ଼ିବାରୁ ସେ ଏବେ ଅଧିକ ସକ୍ରିୟ ହୋଇଛନ୍ତି। ସେହିପରି କଂଗ୍ରେସରେ ଆକିବ ଖାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ କରାଯାଉଛି। ବିଜୁ ଜନତା ଦଳ ଏଠାରେ ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ପୁଣି ପ୍ରାର୍ଥୀ କରିଥିବା ବେଳେ ବିଜେପି ଓ କଂଗ୍ରେସ କାହାକୁ ପ୍ରାର୍ଥୀ କରୁଛି, ତାହା ଦେଖିବାକୁ ବାକି ରହିଛି। ସେହିପରି ପ୍ରକାଶ ଯେହେତୁ ସାଲେପୁର ଛାଡ଼ି ବାରବାଟୀ-କଟକ ଯାଇଛନ୍ତି ଏବେ ତାଙ୍କ ଅନୁଗତମାନଙ୍କ ଭୂମିକା ମଧ୍ୟ ବହୁ ଗୁରୁତ୍ୱ ବହନ କରୁଛି। ୨୦୦୪ ନିର୍ବାଚନ ପର୍ଯ୍ୟନ୍ତ ସାଲେପୁର ବିଧାନସଭା କ୍ଷେତ୍ରଟି ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ୨୦୦୯ରେ ଏହା ଅଣସଂରକ୍ଷିତ ହୋଇଥିଲା।

**୨୦୧୯ ଫଳାଫଳ**

ପ୍ରଶାନ୍ତ ବେହେରା(ବିଜେଡି)-୧, ୦୪, ୧୫୪ଖଣ୍ଡ ଭୋଟ(୫୬.୨୬ପ୍ରତିଶତ)
ପ୍ରକାଶ ଚନ୍ଦ୍ର ବେହେରା(ବିଜେପି)-୭୧, ୯୪୪ଖଣ୍ଡ ଭୋଟ(୩୮.୮୬ପ୍ରତିଶତ)
ରବୀନ୍ଦ୍ର ନାଥ କର(କଂଗ୍ରେସ)-୫୫୨୦ଖଣ୍ଡ ଭୋଟ(୨.୯୮ ପ୍ରତିଶତ)

**୨୦୨୪ର ମତଦାତା**

ପୁରୁଷ(୧, ୩୯, ୨୦୩)
ମହିଳା(୧, ୨୮, ୮୨୫)
ଅନ୍ୟାନ୍ୟ(୧୬)

## ଯାଜପୁରର ୭ ବିଧାନସଭା ଆସନ

# ନବାଗତଙ୍କ ଉପରେ ବିଜେପିର ଭରସା ପାଉନି

**ଯାଜପୁର,୬।୪(ସମିସ):** ଯାଜପୁର ଜିଲ୍ଲାରେ ରହିଥିବା ୭ଟି ବିଧାନସଭା ଆସନ ଓ ଗୋଟିଏ ଲୋକସଭା ଆସନରେ ସବୁ ଦଳ ଏ ପର୍ଯ୍ୟନ୍ତ ନିଜ ପ୍ରାର୍ଥୀ ଦେଇପାରିନାହାନ୍ତି। ବିଜେଡି ୪ଟି ବିଧାନସଭା ଓ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବିଜେପି ୬ଟି ବିଧାନସଭା ଓ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। କିନ୍ତୁ ଏ ପର୍ଯ୍ୟନ୍ତ କଂଗ୍ରେସ ପକ୍ଷରୁ

### ଘୋଷଣା ହୋଇଥିବା ୬ ଆସନରେ ପୁରୁଣା ମୁହଁ

କୌଣସି ଗୋଟିଏ ବି ଆସନରେ ପ୍ରାର୍ଥୀ ଦିଆଯାଇନାହିଁ। ତେବେ ଏପର୍ଯ୍ୟନ୍ତ ଘୋଷିତ ପ୍ରାର୍ଥୀ ତାଲିକାରେ ନବାଗତଙ୍କ ଅପେକ୍ଷା ବରିଷ୍ଠଙ୍କ ନାଁ ଆଗ ରହିଛି। ବିଜେଡିରେ କେବଳ ଜଣେ ନୂତନ ପ୍ରାର୍ଥୀଙ୍କୁ ସ୍ଥାନ ମିଳିଥିବା ବେଳେ ବିଜେପି ଜଣେ ବି ନୂତନ ପ୍ରାର୍ଥୀଙ୍କୁ ସୁଯୋଗ ଦେଇନାହିଁ। ବିଜେଡି ଯାଜପୁର ଆସନରେ ଜଣେ ମିଶନ ଶକ୍ତି ମହିଳାଙ୍କୁ ପ୍ରଥମଥର ପାଇଁ ଦଳୀୟ ପ୍ରାର୍ଥୀ କରି ନୂତନ ଉଦାହରଣ ସୃଷ୍ଟି କରିଛି। ବାକି ଥିବା ୩ଟି ଆସନରେ କେଉଁମାନଙ୍କୁ ସୁଯୋଗ ମିଳିବ, ତାହା ଦେଖିବା ବାକି ରହିଲା।

ତେବେ ବିଜେପି ଯେଉଁ ୬ଟି ଆସନ ଘୋଷଣା କରିଛି, ସେଠାରେ ସବୁ ପୁରୁଣା ପ୍ରାର୍ଥୀ। ସମସ୍ତ ଆସନରେ ପୂର୍ବରୁ ଲଢ଼ିଥିବା ନେତାଙ୍କ ଉପରେ ଦଳ ପୁଣିଥରେ ଆସ୍ଥା ପ୍ରକଟ କରିଛି। ଧର୍ମଶାଳାରେ ପୂର୍ବରୁ କଂଗ୍ରେସରୁ ଲଢ଼ିଥିବା ପ୍ରାର୍ଥିନୀଙ୍କୁ ବିଜେପି ସୁଯୋଗ ଦେଇଥିବା ବେଳେ ଏଠାରୁ ଆଶାୟୀ ଥିବା ହିମାଂଶୁ ଶେଖର ସାହୁଙ୍କ ସମର୍ଥକମାନେ ଦୁଇ ଦିନ ହେଲା ରାଜ୍ୟ କାର୍ଯ୍ୟାଳୟରେ ହଙ୍ଗାମା କରିସାରିଲେଣି। ଯାଜପୁରରେ ବିଜେପି ଦୁଇ ଦୁଇ ଥର ହାରିଥିବା ଗୌତମ ରାୟଙ୍କୁ ସୁଯୋଗ ଦେଇଥିବା ବେଳେ ଏଠାରେ ପୁଲିନ ପ୍ରକାଶ ପୁହାଣ ଓ ସଂଗ୍ରାମ ପାତ୍ରଙ୍କ ଭଳି ଯୁବ ଚେହେରା ଏଥର ନିର୍ବାଚନ ମଇଦାନରେ ଓହ୍ଲାଇବା ପାଇଁ ଆଶାୟୀ ଥିବା ବେଳେ ସେମାନଙ୍କୁ ଦଳ ସୁଯୋଗ ଦେଇନାହିଁ। କୋରେଇରେ ଆଲେକଜାଣ୍ଡାର ଦାସଙ୍କ ଭଳି ଯୁବ ନେତୃତ୍ୱ ଲବି କରି ବିଫଳ ହୋଇଛନ୍ତି। ସେଠାରେ ବିଜେଡିରୁ ଯାଇଥିବା ପୂର୍ବତନ ବିଧାୟକ ଆକାଶଦାସ ନାୟକଙ୍କୁ ଦଳ ପ୍ରାର୍ଥୀ କରିଛି। ବଡ଼ଚଣା, ସୁକିନ୍ଦା, ବିଞ୍ଝାରପୁରର ଦଳ ପୁରୁଣାଙ୍କୁ ପ୍ରାର୍ଥୀ କରିଥିବା ବେଳେ ବରୀକୁ ଏ ପର୍ଯ୍ୟନ୍ତ ଝୁଲାଇ ରହିଛି। ତେବେ ଏଠାରେ ନୂଆ ସୁଯୋଗ ପାଇବାର ସମ୍ଭାବନା କମ। ତେବେ ଦଳ ଲୋକସଭାରେ ନୂଆ ପ୍ରାର୍ଥୀଙ୍କୁ ସୁଯୋଗ ଦେଇଛି। ତେବେ କଂଗ୍ରେସ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରି ନଥିବାରୁ ନୂଆ-ପୁରୁଣା ଆକଳନ କରିହେଉନି। ବରିଷ୍ଠ ନେତୃତ୍ୱଙ୍କୁ ସୁଯୋଗ ଦେଲେ କମ୍ ରିସ୍କ ରହିଥିବା ଆଶଙ୍କା କରି ଦଳ ଏଭଳି ନିଷ୍ପତ୍ତି ନେଉଥିବା ବେଳେ କନିଷ୍ଠ ବା ନୂଆ ପ୍ରାର୍ଥୀ ନିର୍ବାଚନ ଲଢ଼ିବା ସୁଯୋଗରୁ ବଞ୍ଚିତ ହେଉଥିବାରୁ ବିଜେପିର ବହୁ ସ୍ଥାନରେ ବିଦ୍ରୋହ ଆରମ୍ଭ ହୋଇଛି।

## କଳାହାଣ୍ଡି ଲୋକସଭା ଆସନ

# ରାଜାଙ୍କ ପାଇଁ ଅଡୁଆରେ ରାଣୀ

**ଭବାନୀପାଟଣା, ୬।୪ (ସମିସ):** କଳାହାଣ୍ଡି ଜିଲ୍ଲାରେ ବିଜେପିକୁ ପ୍ରତିଷ୍ଠା କରାଇବା ସହ ୧୯୯୮, ୧୯୯୯ ଓ ୨୦୦୪ରେ ଲଗାତାର ୩ ଥର ବିଜେପି ସାଂସଦ ହୋଇ ରେକର୍ଡ ସୃଷ୍ଟି କରିଥିଲେ କଳାହାଣ୍ଡି ରାଜ ପରିବାରର ସ୍ୱର୍ଗତ



ବିକ୍ରମ କେଶରୀ ଦେଓ। ବିକ୍ରମଙ୍କ ଦେହାନ୍ତ ପରେ ତାଙ୍କ ପୁଅ ଅର୍କକେଶରୀ ଦେଓ ୨୦୧୪ ମସିହାରେ ବିଜେଡି ଟିକଟରେ ସାଂସଦ ହୋଇଥିଲେ। କିନ୍ତୁ କାର୍ଯ୍ୟରେ ଶିଥିଳତା ତଥା ସାଧାରଣ ଲୋକଙ୍କ କଥା ନ ବୁଝିବାରୁ ୨୦୧୯ରେ ବିଜେଡି ତାଙ୍କୁ ଟିକଟରୁ ବଞ୍ଚିତ କରିଥିଲା। ବିଜେଡିରୁ କୌଣସି ପ୍ରକାରେ ଟିକଟ ପାଇବାରେ ବିଫଳ ହେବାରୁ ବର୍ତ୍ତମାନ ସେ ଓ ତାଙ୍କ ପତ୍ନୀ ମାଳବିକା ଦେଓ ବିଜେପି ଶିବିରରେ। ଚଳିତ ନିର୍ବାଚନରେ ମାଳବିକା କଳାହାଣ୍ଡି ସଂସଦୀୟ କ୍ଷେତ୍ରରୁ ବିଜେପିରୁ ସାଂସଦ ପ୍ରାର୍ଥୀ ହୋଇଛନ୍ତି। ବିଜେପି ଟିକଟ ପାଇବା କ୍ଷଣି ରାଣୀ ମାଳବିକା ପ୍ରଚାର କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। କିନ୍ତୁ ସ୍ୱାମୀ ଅର୍କକେଶରୀଙ୍କ ପାଇଁ ମାଳବିକା ଅନେକ ସ୍ଥାନରେ ଗ୍ରହଣୀୟ ହୋଇପାରୁନାହାନ୍ତି। ସାଧାରଣ ଲୋକେ ତାଙ୍କୁ ନାପସନ୍ଦ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ଜିଲ୍ଲାର ରାଜନୈତିକ ବିଶାରଦମାନଙ୍କ କହିବା କଥା, ୨୦୧୪ରୁ ୨୦୧୯ ମଧ୍ୟରେ ଅର୍କ ସାଂସଦ ଥିବା ବେଳେ ନିଜ ସଂସଦୀୟ କ୍ଷେତ୍ରରେ କୌଣସି ଆଖିଦୃଶିଆ କାର୍ଯ୍ୟ କରିନଥିଲେ। ସାଧାରଣ ଲୋକଙ୍କର ମଧ୍ୟ କୌଣସି ଭଲ ମନ୍ଦ କିମ୍ବା ସୁଖଦୁଃଖରେ ସାମିଲ ହୋଇନଥିଲେ ବୋଲି ଜିଲ୍ଲାବାସୀଙ୍କ ମଧ୍ୟରେ ବଡ଼ କ୍ଷୋଭ ରହିଛି। ତେଣୁ ଏଭଳି ପରିସ୍ଥିତିରେ ତାଙ୍କ ପତ୍ନୀ ମାଳବିକାଙ୍କୁ ସାଧାରଣ ଲୋକ ସହଜରେ ଗ୍ରହଣ କରିପାରୁନାହାନ୍ତି। ପୂର୍ବରୁ ରାଜପରିବାରକୁ ଯେଉଁ ଭୋଟ ଦେଇ କୌଣସି ସୁବିଧା ପାଇ ନ ଥିବା ଲୋକେ ପୁଣି ରାଜପରିବାରର ରାଣୀଙ୍କୁ ଭୋଟ ଦେବେକି ନାହିଁ, ସେନେଇ ସନ୍ଦିହାନ ହୋଇପଡ଼ିଛନ୍ତି ଭୋଟର୍। ତେଣୁ ରାଜାଙ୍କ ପାଇଁ ରାଣୀ ଅଡୁଆରେ ବୋଲି ସାଧାରଣରେ ଏକ ଚର୍ଚ୍ଚା ଜୋର୍ ଧରିଛି।

## ଡିଜିଟାଲ ଓ ଏଆଇ ଯୁଗରେ ହଜିଯାଉଛି ବ୍ୟାନର୍, ପୋଷ୍ଟର୍

# ହାତବାନ୍ଧି ବସିଛନ୍ତି ଛାପାଖାନା ମାଲିକ

**ଭୁବନେଶ୍ୱର,୬।୪(ସମିସ):** ଦିନ ଥିଲା, ପୋଷ୍ଟର, ବ୍ୟାନର୍, ଲିଫ୍‌ଲେଟ୍, ପାମ୍ପଲେଟ୍, ଷ୍ଟିକର୍ ଆଦି ନିର୍ବାଚନ ପ୍ରଚାରର ପ୍ରମୁଖ ମାଧ୍ୟମ ଥିଲା। କିନ୍ତୁ କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ସାମାଜିକ ଗଣମାଧ୍ୟମ ଯୁଗରେ ଛାପା ପ୍ରଚାର ମାଧ୍ୟମ ହଜିଯିବାକୁ ବସିଲାଣି। ପ୍ରତି ନିର୍ବାଚନରେ ବିପୁଳ ଅର୍ଡର୍ ପାଉଥିବା ଛାପାଖାନା ପାଖରେ ଏଥର କିଛି କାମ ନାହିଁ। ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ସେମାନଙ୍କ ପାଖ ମାଡ଼ି ନାହାନ୍ତି। ତେଣୁ ଏଥର ନିର୍ବାଚନରେ ଛାପା ପ୍ରଚାର ମାଧ୍ୟମ ନିଜ ଗୁରୁତ୍ୱ ହରାଇବା ଆଶଙ୍କା ଦେଖା ଦେଇଛି।

### ଡିଜାଇନର୍‌ଙ୍କ ପାଖରେ ଜମୁଛି ଭିଡ଼

ଭୁବନେଶ୍ୱରରେ ଏକ ଛାପାଖାନା କରିଥିବା ଶ୍ରୀବସ୍ତ ମିଶ୍ର କହନ୍ତି, ୨୦୧୯ ନିର୍ବାଚନ ସମୟରେ ଆମକୁ ଏତେ କାମ ମିଳୁଥିଲା ଯେ ରାତି ଅନିଦ୍ରା ହେବାକୁ ପଡୁଥିଲା। ରାଜନୈତିକ ବ୍ୟାନର୍, ଟି-ସାର୍ଟ, ଲିଫ୍‌ଲେଟ୍ ଛାପିବା ପାଇଁ ଗହଳି ଥିଲା। କେବଳ ସହର ନୁହେଁ, ଗ୍ରାମାଞ୍ଚଳରୁ ମଧ୍ୟ ବିପୁଳ ଅର୍ଡର ଆସୁଥିଲା। କିନ୍ତୁ ଏବେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ପରିପ୍ରେକ୍ଷୀରେ ଆମକୁ କାମ ମିଳୁନାହିଁ। ପୁରୁଣା ଗ୍ରାହକଙ୍କୁ କାମ ସମ୍ପର୍କରେ ପଚାରିବାରୁ ଏଥର ସାମାଜିକ ଗଣମାଧ୍ୟମ ପ୍ରଚାର ଉପରେ ସେମାନେ ଗୁରୁତ୍ୱ ଦେଉଥିବା କହୁଛନ୍ତି। ସେହିପରି ଭଦ୍ରକ ଜିଲ୍ଲାର ଛାପାଖାନା ମାଲିକ ମନୋଜ ରଥ କହିଛନ୍ତି, ୨୦୧୯ ତୁଳନାରେ ଏଥର ଆମ ପାଖରେ ଆଦୌ କାମ ନାହିଁ। ଗତ ୪/୫ବର୍ଷ ଭିତରେ ନିର୍ବାଚନ ପ୍ରଚାର କୌଶଳରେ ଅନେକ ପରିବର୍ତ୍ତନ ଆସିଛି। ରାଜନୈତିକ ଦଳ ଓ



ପ୍ରାର୍ଥୀମାନେ ଡିଜିଟାଲ ପ୍ରଚାର ଉପରେ ଗୁରୁତ୍ୱ ଦେଉଛନ୍ତି। ଛାପାଖାନା ବଦଳରେ ସେମାନେ ଏବେ କମ୍ପ୍ୟୁଟର୍ ଡିଜାଇନର୍‌ଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଛନ୍ତି। ଡିଜିଟାଲ ପ୍ରଚାର ଅବା ସାମାଜିକ ଗଣମାଧ୍ୟମ ପ୍ରଚାର ଉପରେ ସେମାନେ ଅଧିକ ଅର୍ଥ ବ୍ୟୟ କରୁଛନ୍ତି।

ଓଡ଼ିଶାରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀ ତାଲିକା ଘୋଷଣା କରୁଛନ୍ତି। ଯେଉଁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି, ସେମାନେ ନିର୍ବାଚନ ପ୍ରଚାର ଆରମ୍ଭ କଲେଣି। କିନ୍ତୁ ସେମାନେ ମୁଖ୍ୟତଃ ପଦଯାତ୍ରା, ବାଇକ୍ ରାଲି ତଥା ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ଏହାବ୍ୟତୀତ ସେମାନେ ନିଜର ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଫଟୋ ଓ ଭିଡିଓ ପୋଷ୍ଟ କରି ଭୋଟରଙ୍କୁ ଆକୃଷ୍ଟ କରିବା ଉଦ୍ୟମରେ ଅଛନ୍ତି। ଅପରପକ୍ଷେ, ବଡ଼ବଡ଼ ବ୍ୟାନର୍ ବଦଳରେ ଡିଜିଟାଲ ହୋର୍ଡିଂ ପାଇଁ କିଛି ପ୍ରାର୍ଥୀ ଅର୍ଡର୍ ଦେବା ଆରମ୍ଭ କଲେଣି। ବଡ଼ ସମସ୍ୟା ହେଉଛି, ସର୍ବସାଧାରଣ ତଥା ଘରୋଇ ସ୍ଥାନରେ ବ୍ୟାନର୍, ହୋର୍ଡିଂ, ପୋଷ୍ଟର୍ ଲଗାଇବା ଉପରେ ଅଙ୍କୁଶ ଜାରି କରାଯାଇଛି। ମହାନଗର ଏବଂ ପୌରପାଳିକା ଅଞ୍ଚଳରେ କାନ୍ଥବାଡ଼ରେ ପ୍ରଚାରପତ୍ର ଲଗାଇବା ଉପରେ ପ୍ରତିବନ୍ଧକ ଜାରି କରାଯାଇଛି। ଏହା ସତ୍ତ୍ୱେ ପ୍ରିଣ୍ଟିଂ ପ୍ରେସ୍ ମାଲିକ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲକୁ ଅପେକ୍ଷା କରିଛନ୍ତି। ରାଜନୈତିକ ସମୀକ୍ଷକଙ୍କ ମତରେ, ଅଧିକରୁ ଅଧିକ ଭୋଟର୍‌ଙ୍କ ପାଖରେ ପହଞ୍ଚିବା ପ୍ରାର୍ଥୀଙ୍କ ଉଦ୍ଦେଶ୍ୟ। ଏଥିରେ ମୁଦ୍ରିତ ପ୍ରଚାରପତ୍ର ତୁଳନାରେ ଡିଜିଟାଲ ପ୍ରଚାର ଅଧିକ ପ୍ରଭାବ ବିସ୍ତାର କରିପାରୁଛି। କମ୍ ସମୟରେ ଏବଂ କମ୍ ଖର୍ଚ୍ଚରେ ଡିଜିଟାଲ ପ୍ରଚାର ଅଧିକ ଉପାଦେୟ ହେଉଛି। ଆଜିର ସମୟରେ ସମସ୍ତଙ୍କ ହାତରେ ସ୍ମାର୍ଟଫୋନ୍ ଥିବାରୁ ନିର୍ବାଚନରେ ପ୍ରାର୍ଥୀମାନେ ଡିଜିଟାଲ ପ୍ରଚାରକୁ ମୁଖ୍ୟ ଆୟୁଧ କରୁଛନ୍ତି। ତେଣୁ ପୂର୍ବଭଳି ଆଉ ବ୍ୟାନର୍, ଲିଫ୍‌ଲେଟ୍, ପୋଷ୍ଟର୍ ବ୍ୟବହାର ହେବାର ସମ୍ଭାବନା ଯଥେଷ୍ଟ କମ୍ ବୋଲି ସେ କହିଛନ୍ତି।

ଆଦିତ୍ୟ ବିର୍ଲା ଗ୍ରୁପ୍‌ର ନିର୍ଦ୍ଦେଶକ ପଦବୀରୁ ସ୍ୱେଚ୍ଛାକୃତ ଅବସର ନେଇ ରାଜନୀତିରେ ପାଦ ଥାପିଛନ୍ତି ସଂତୃପ୍ତ ମିଶ୍ର। ବିଜୁ ଜନତା ଦଳ ତାଙ୍କୁ କଟକ ଲୋକସଭା ଆସନରୁ ପ୍ରାର୍ଥୀ କରିଛି। ପ୍ରାୟ ତିନି ଦଶନ୍ଧି ଧରି କର୍ପୋରେଟ୍ ଜଗତରେ କାର୍ଯ୍ୟ କରି ସେ ପ୍ରତିଷ୍ଠିତ ହୋଇ ପାରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇଥିବା ସଂତୃପ୍ତ ଜନସେବାକୁ ପାଥେୟ କରି ନିର୍ବାଚନ ଲଢ଼ିବେ। ମୂଲ୍ୟବୋଧଭିତ୍ତିକ ରାଜନୀତିକୁ ବିଶ୍ୱାସ କରୁଥିବା ୫୮ ବର୍ଷୀୟ ସଂତୃପ୍ତଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତକାର...



# ରାଜନୀତି ନୁହେଁ; ରାଷ୍ଟ୍ର ନିର୍ମାଣର ପ୍ରତିଜ୍ଞା କରିଛି

**ପ୍ର: କଟକ ସଂସଦୀୟ କ୍ଷେତ୍ରରେ ହଠାତ୍ ଜଣେ ନୂଆ ମୁହଁ ଭାବେ ସଂତୃପ୍ତ ଉଭା ହେଲେ। କର୍ପୋରେଟ୍ ଜଗତରୁ ରାଜନୀତି ମଇଦାନକୁ ଆସିବାର ନିଷ୍ପତ୍ତି କିପରି ରହିଥିଲା?**

**ଉ:** ଏଭଳି ନିଷ୍ପତ୍ତି କେହି ହଠାତ୍ ନିଏ ନାହିଁ। ବିଗତ ୧୦ ବର୍ଷ ଭିତରେ ଦୁଇଥର ସୁଯୋଗ ଆସିଥିଲା। ହେଲେ ବିଭିନ୍ନ କାରଣରୁ ରାଜନୀତି ମଇଦାନକୁ ଓହ୍ଲାଇ ପାରିନଥିଲି। ପେସାଗତ ଜୀବନରେ କୌଣସି ସମସ୍ୟା ବି ନଥିଲା। ଆହୁରି ୧୦ ବର୍ଷ କାର୍ଯ୍ୟ କରି ପାରିଥା'ନ୍ତି। କିନ୍ତୁ ଜୀବନର ମୂଲ୍ୟବୋଧକୁ ନେଇ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଥିଲା। ମୋ ଜୀବନର ଲକ୍ଷ୍ୟ କ'ଣ? ୨୮ ବର୍ଷ ଧରି ଅକ୍ଳାନ୍ତ ପରିଶ୍ରମ କରି ଯେଉଁ ଅଭିଜ୍ଞତା ହାସଲ କରିଛି, ମୋ ରାଜ୍ୟର ବିକାଶରେ ତାହା କିପରି ବିନିଯୋଗ କରିବି? ଏ ସବୁ ପ୍ରଶ୍ନର ଉତ୍ତରରେ ମୁଁ ନିର୍ବାଚନ ଲଢ଼ିବାକୁ ମନ ବଳାଇଛି। କିନ୍ତୁ ଏହାକୁ ରାଜନୀତି ବୋଲି ବିଚାର କରୁନାହିଁ। ମୋ ପାଇଁ ଏହା ରାଷ୍ଟ୍ର ନିର୍ମାଣର ପ୍ରତିଜ୍ଞା। ରାଜନୀତି ବଦଳରେ ରାଷ୍ଟ୍ର ନିର୍ମାଣ ଶବ୍ଦ ବ୍ୟବହାର କଲେ ସକାରାତ୍ମକ ମନୋଭାବ ଜାଗ୍ରତ ହୁଏ।

**ପ୍ର: ବିଜୁ ଜନତା ଦଳ(ବିଜେଡି)କୁ କାହିଁକି ବାଛିଲେ?**

**ଉ:** ଏହାର ୩ଟି କାରଣ ରହିଛି। ପ୍ରଥମତଃ ବିଜୁ ଜନତା ଦଳ ଅଥବା ବିଜେଡିର ସୁପ୍ରିମୋ ନବୀନ ପଟ୍ଟନାୟକ ହେଉଛନ୍ତି ଜଣେ ଭଦ୍ର ରାଜନେତା। ତାଙ୍କ ବିଚାରଧାରାରେ ଯେ କେହି ଅନୁପ୍ରାଣିତ ହୋଇପାରେ। ଅନାବଶ୍ୟକ ଭାବେ ସେ କାହାକୁ ସମାଲୋଚନା କରନ୍ତି ନାହିଁ। କର୍ମ ବିଶ୍ୱାସୀ ନବୀନ, କର୍ମ ହିଁ ତାଙ୍କ ପରିଚୟ। ୫ ବର୍ଷ ଭିତରୁ ୪ ବର୍ଷ ୮ମାସ ସେ ରାଜ୍ୟ ବିକାଶରେ ଧ୍ୟାନ ଦିଅନ୍ତି, ଅବଶିଷ୍ଟ ୪ ମାସ ରାଜନୀତି କରନ୍ତି। କିନ୍ତୁ ଅନ୍ୟମାନେ ଯେପରି ଠିକ ଏହାର ଓଲଟା। ନବୀନ ବାବୁଙ୍କ ବ୍ୟକ୍ତିତ୍ୱ ପ୍ରଭାବିତ କରିଥିଲା। ଦ୍ୱିତୀୟରେ ଜାତୀୟ ଦଳଗୁଡ଼ିକ ପାଇଁ ଓଡ଼ିଶା ହେଉଛି ୩୦ରୁ ଗୋଟିଏ। ସେମାନଙ୍କ ପାଇଁ ସମସ୍ତ ରାଜ୍ୟ ସମାନ। କିନ୍ତୁ ବିଜେଡି ପାଇଁ ଓଡ଼ିଶା ହେଉଛି ଏକୋଇର ବେଳା ବିଶିକେସନ। ବିଜେଡିର ଧ୍ୟାନ, ସ୍ନେହ, ପ୍ରେମ ଏବଂ ସବୁକିଛି ଆମ ରାଜ୍ୟ ଓଡ଼ିଶା ଉପରେ କେନ୍ଦ୍ରୀଭୂତ। ତୃତୀୟରେ ବିଜୁ ଜନତା ଦଳର କାର୍ଯ୍ୟଧାରା ପ୍ରଶଂସନୀୟ। ମୋ ଚିନ୍ତାଧାରା ସହ ମେଳ ଖାଉଥିବା ଭଳି ଏହା ଏକ ଦଳ। ଏଣୁ ବିଜୁ ଜନତା ଦଳରେ ସାମିଲ ହେବା ଏକ ପ୍ରକାର ସଂଯୋଗ।

**ପ୍ର: କେଉଁ ସଂକଳ୍ପ ନେଇ ଜନତାଙ୍କୁ ଭେଟୁଛନ୍ତି?**

**ଉ:** ଲୋକଙ୍କୁ ମୋ ବିଷୟରେ କହୁଛି। ନିଜେ ନିଜର ପରିଚୟ ଦେଉଛି। ପ୍ରଥମେ ଜନସାଧାରଣ ମୋତେ ଜାଣନ୍ତୁ ଆଉ ଚିହ୍ନନ୍ତୁ। ଲୋକଙ୍କ ଭିତରେ ଏକ ବିଶ୍ୱାସ ଭରି ହୋଇ ରହିଛି ଯେ ଆମ ନେତା ଜିତିବା ପରେ ଦିଲ୍ଲୀ ପଳେଇବେ। କିନ୍ତୁ ମୁଁ ସମସ୍ତଙ୍କୁ ଆଶ୍ୱାସନା ଦେଉଛି କି ସେପରି କିଛି ହେବ ନାହିଁ। ଲୋକଙ୍କ ସେବା କରିବାକୁ ଓ ରାଷ୍ଟ୍ର ନିର୍ମାଣରେ କାର୍ଯ୍ୟ କରିବାକୁ ଦିଲ୍ଲୀ, ବମ୍ବେ ଛାଡ଼ି କଟକ ଫେରିଛି। ଜିତିବା ପରେ ନିଜର ତିନିମାସିଆ କ୍ୟାଲେଣ୍ଡର୍ ପ୍ରକାଶ କରିବି। ଯେଉଁଥିରେ ଲୋକେ ଜାଣିପାରିବେ ଯେ ପ୍ରତି ତିନି ମାସରେ କେଉଁଦିନ କେଉଁଠାରେ ମୋ ସହ ଭେଟ ହେବ। କଟକ ସଂସଦୀୟ କ୍ଷେତ୍ରରେ କେବଳ ମୋ ଦ୍ୱାରା ସର୍ବାଙ୍ଗୀନ ବିକାଶ ହେବ ବୋଲି କହୁନାହିଁ। ସମସ୍ତ ଜନସାଧାରଣଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ବିକାଶମୂଳକ କାର୍ଯ୍ୟର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବ।

**ପ୍ର: ଜିଲ୍ଲାରେ ବିକାଶକୁ ନେଇ ନେଇ ଆପଣଙ୍କ ବିଚାରଧାରା କ'ଣ ରହିଛି?**

**ଉ:** ବିକାଶ ଯାତ୍ରା ଜାରି ରହିଛି। ଆଗକୁ ବି ବିକାଶମୂଳକ କାର୍ଯ୍ୟ ହେବ। ସମସ୍ତ ଦିଗକୁ ଧ୍ୟାନ ଦେବାକୁ ପଡ଼ିବ। ଯେପରିକି ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ସୌରଶକ୍ତି ଦ୍ୱାରା ପରିଚାଳିତ ହୋଇପାରିବ, ବନାରସର ଗଙ୍ଗା ଆଳତି ଭଳି ଆମ ଜିଲ୍ଲାର ବିଭିନ୍ନ ସ୍ଥାନରେ ମହାନଦୀ ଆଳତି ହୋଇପାରିବ। ମହାନଦୀ ଆଳତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ଏବଂ ପର୍ଯ୍ୟଟନସ୍ଥଳର ମର୍ଯ୍ୟାଦା ବୃଦ୍ଧି ପାଇବ। କଟକ ସହରରେ ମଧ୍ୟ ତାରକସୀ ମାର୍କେଟ୍ ଖୋଲିପାରିବ। ଶହଶହ ଅଳଙ୍କାର ଦୋକାନ ଗୋଟିଏ ସ୍ଥାନରେ ରହିଲେ ଦେଶ ବାହାରରୁ ବ୍ୟବସାୟୀ କଟକ ଆସିବେ। କୃଷକଙ୍କ ବିକାଶ ନେଇ ମଧ୍ୟ କିଛି ଯୋଜନା ରହିଛି। ମୁଁ ଆଦୌ ଅଳସୁଆ ନୁହେଁ। କାର୍ଯ୍ୟ କରିବାର ପ୍ରବୃତ୍ତି ରଖି ନିର୍ବାଚନକୁ ଓହ୍ଲାଇଛି। ନିଜସ୍ୱ ଦୃଷ୍ଟିକୋଣରେ ଅନେକ ଯୋଜନା ରଖିଛି।

**ପ୍ର: ଆପଣଙ୍କ ପ୍ରତିଦ୍ୱନ୍ଦ୍ୱୀ ଓ ନିର୍ବାଚନ ରଣନୀତି ସଂକ୍ରାନ୍ତରେ କ'ଣ କହିବେ?**

**ଉ:** କେବଳ ଏତିକି କହିବି ଯେ କୌଣସି କୁସ୍ତି ଲଢ଼ିବାକୁ ମୁଁ ଆସିନାହିଁ। ବିରୋଧୀଙ୍କ ବିରୋଧରେ ସ୍ୱର ଉଠାଇ ଜିତିବାକୁ ଚାହେଁନାହିଁ। ଯେଉଁ ମୂଲ୍ୟବୋଧରେ ବଡ଼ ହୋଇଛି, ତାହା ମୋ ବିଶ୍ୱାସକୁ ମଜଭୁତ କରୁଛି। ମୋ ଜୀବନରେ ଆନୁଗତ୍ୟ, ପ୍ରତିବଦ୍ଧତା, ମୂଲ୍ୟବୋଧ, କୃତଜ୍ଞତା ବହୁ ଗୁରୁତ୍ୱପୂର୍ଣ୍ଣ। ମୋତେ ଓ ମୋ ବିଚାରଧାରାକୁ ବୁଝି କଟକ ଜନସାଧାରଣ ମୋତେ ଜିତାଇବେ ବୋଲି ମୁଁ ଦୃଢ଼ ନିଶ୍ଚିତ।

## ରାଜନୀତିର ରିମୋଟ୍ କଣ୍ଟ୍ରୋଲ

# ଖଲ୍ଲିକୋଟ ରାଣୀମା'ଙ୍କୁ ଝୁରୁଛନ୍ତି ଭୋଟର୍

**ବ୍ରହ୍ମପୁର,୬।୪(ସମିସ):** ଖଲ୍ଲିକୋଟର ପ୍ରିୟ ରାଣୀମା' ତଥା ୧୦ ଥରର ବିଧାୟିକା ଦିବଂଗତ ଭି. ସୁଜ୍ଞାନ କୁମାରୀ ଦେଓଙ୍କୁ ଝୁରୁଛନ୍ତି ଭୋଟର୍। ଜଣେ ପ୍ରତିଭାବାନ ତଥା ଅପ୍ରତିଦ୍ୱନ୍ଦ୍ୱୀ ନାରୀନେତ୍ରୀ ଭାବେ ପରିଚିତ ରାଣୀ ମା'ଙ୍କ ଦୀର୍ଘ ବର୍ଷର ରାଜନୈତିକ ଭୂମିକା ଗଞ୍ଜାମ ଜିଲ୍ଲା ବିକାଶର ପ୍ରମୁଖ ଅଂଶବିଶେଷ ଥିଲା। ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ରିମୋଟ୍ କଣ୍ଟ୍ରୋଲ ତାଙ୍କ ହାତରେ ରହିଥିଲା ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ଏଠାରେ ସେ ଯାହାକୁ ପ୍ରାର୍ଥୀ ରୂପେ ବାଛୁଥିଲେ, ଲୋକ ତାଙ୍କୁ ଅକୁଣ୍ଠ ଚିତ୍ତରେ ଗ୍ରହଣ କରୁଥିଲେ। କିନ୍ତୁ ତାଙ୍କ ଅବର୍ତ୍ତମାନରେ ବର୍ତ୍ତମାନ ଖଲ୍ଲିକୋଟର ଦାୟିତ୍ୱ କିଏ ନେବ, ସେନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଖଲ୍ଲିକୋଟର ରାଣୀ ମା' ୧୯୬୩ ମସିହାରେ ପ୍ରଥମେ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ପରେ ୧୯୭୪ ମସିହାରେ ଉତ୍କଳ କଂଗ୍ରେସ ଦଳରୁ ନିର୍ବାଚନ ଲଢ଼ି ବିଜୟ ହାସଲ କରିଥିଲେ। ତତ୍‌ପରେ ୧୯୭୭ ଜନତା ପାର୍ଟି, ୧୯୮୫ରେ ଜନତା ପାର୍ଟି, ୧୯୯୦ଜନତା ଦଳ, ୧୯୯୫ରେ ଜନତା ଦଳରୁ ଲଢ଼ି ବିଧାୟିକା ହୋଇଥିଲେ। ସେହିଭଳି ୨୦୦୦ ମସିହାରେ ବିଜୁ ଜନତା ଦଳରୁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇ ରେକର୍ଡସଂଖ୍ୟକ ଭୋଟ୍‌ରେ ବିଜୟ ହୋଇଥିଲେ। ତତ୍ପରେ ପୁନର୍ବାର ସେ ୨୦୦୪ ମସିହାରେ ମଧ୍ୟ ଖଲ୍ଲିକୋଟ ନିର୍ବାଚନମଣ୍ଡଳୀରୁ ଲୋକଙ୍କ ଆସ୍ଥା ଜିତି ବିଧାୟିକା ହେବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ। ଏତିକିରେ ସରିନଥିଲା ରାଣୀ ମା'ଙ୍କ ରାଜନୈତିକ ଯାତ୍ରା। ୨୦୦୯ ମସିହାରେ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଭି. ସୁଜ୍ଞାନ କୁମାରୀ ଦେଓ। ଏଠାରେ ମଧ୍ୟ ସେ ବିଜୟୀ ହୋଇଥିଲେ। ସେହିପରି ୨୦୧୪ ମସିହାରେ ମଧ୍ୟ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ବିଧାୟିକା ମୁକୁଟ ପିନ୍ଧିଥିଲେ। ତତ୍ପରେ ସେ ନିର୍ବାଚନ ଲଢ଼ିନଥିବା ବେଳେ ଅଞ୍ଚଳର ବିକାଶ ପ୍ରତି ସଦା ଗୁରୁତ୍ୱ ଦେଇଆସୁଥିଲେ। ଅସୁସ୍ଥତା କାରଣରୁ ରାଣୀ ମା' ଯେତେବେଳେ ଚେନ୍ନାଇ ଚାଲି ଯାଇଥିଲେ, ସେ ସମୟରେ ମଧ୍ୟ ନିଜ ଅଞ୍ଚଳର ବିକାଶ ପ୍ରତି ତୀକ୍ଷ୍ଣ ନଜର ରଖିଥିଲେ। ଖଲ୍ଲିକୋଟର ସମସ୍ତ ରାଜନୈତିକ ନେତା ସେମାନଙ୍କ ରାଜନୀତି ଭବିଷ୍ୟତ ପାଇଁ ରାଣୀ ସୁଜ୍ଞାନଙ୍କ ଉପରେ ନିର୍ଭର କରୁଥିଲେ। ନିର୍ବାଚନ ଆସିଲେ ପ୍ରାର୍ଥୀମାନେ ନିଜ ନିଜର ପୋଷ୍ଟର୍‌ରେ ରାଣୀଙ୍କ ଫଟୋ ରଖି ନିର୍ବାଚନୀ ପ୍ରଚାର କରିଥା'ନ୍ତି। ସ୍ୱର୍ଗତ ରାଜା ପୂର୍ଣ୍ଣଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ସହଧର୍ମିଣୀ ରାଣୀ ଭି. ସୁଜ୍ଞାନ



ଉତ୍ସାହିତ ଥିଲେ ହେଁ ରାଣୀ ମା'ଙ୍କ ଅନୁପସ୍ଥିତି ଅନୁଭବ କରୁଛନ୍ତି। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ପୁଣିଥରେ ଏଠାରେ ବିଜେଡିର ବିଧାୟିକା ପ୍ରାର୍ଥୀ ହେବାର ସୌଭାଗ୍ୟ ପାଇଛନ୍ତି। ସେ ଏଠାରେ ବିଜୁ ଜନତା ଦଳକୁ ତୃଣମୂଳ ସ୍ତରରୁ ସୁସଂଗଠିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ଉଦ୍ୟମରେ ଏଠାରେ ବିରୋଧୀ

**■ ଅନୁଗାମୀଙ୍କ ଭରସାରେ ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ**
**■ କବିସୂର୍ଯ୍ୟନଗରରେ ମଙ୍ଗ ଧରିଛନ୍ତି ଲତିକା ପ୍ରଧାନ**

କୁମାରୀ ଦେଓ ଓଡ଼ିଶା ବିଧାନସଭାକୁ ୧୦ଥର ନିର୍ବାଚିତ ହୋଇଥିଲେ। ଏହା ତାଙ୍କର ରାଜନୈତିକ କାର୍ଯ୍ୟଧାରା, ଜନସମ୍ପର୍କ ଓ ବଳିଷ୍ଠ ନେତୃତ୍ୱର ପରିଚୟ। ବିଜୁ ଜନତା ଦଳର ଜଣେ ଶୃଙ୍ଖଳିତ ନେତ୍ରୀ ଭାବେ ସେ ବେଶ୍ ଜଣାଶୁଣା। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦଳର ସବୁ ବଡ଼ବଡ଼ ନେତା ତାଙ୍କୁ ଆଦର କରନ୍ତି ଓ ସମ୍ମାନ ଜଣାନ୍ତି। ପଦପଦବୀର ମୋହ ତାଙ୍କ ବ୍ୟକ୍ତିତ୍ୱକୁ ଆଦୌ ପ୍ରଭାବିତ କରି ପାରି ନଥିଲା। ସେବା ଓ ରାଜନୀତି ଉଭୟରେ ନିଃସ୍ୱାର୍ଥପରତା ଯୋଗୁଁ ରାଣୀ ସାହେବାଙ୍କ ସାମାଜିକ, ରାଜନୈତିକ ଅବଦାନ ଅସାଧାରଣ। ସେ ଅସୁସ୍ଥ ଥିବା ସମୟରେ ମଧ୍ୟ ଖଲ୍ଲିକୋଟର ବିକାଶ ପାଇଁ ସଦା ତତ୍ପର ରହିଥିଲେ। ଖଲ୍ଲିକୋଟର ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ସ୍ଥାନୀୟ ବିଧାୟିକା ହୁଅନ୍ତୁ କିମ୍ବା ଏନ୍‌ଏସି ଅଧ୍ୟକ୍ଷ ହୁଅନ୍ତୁ କିମ୍ବା ଅନ୍ୟାନ୍ୟ ନେତୃ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କୁ ନିୟମିତ ଟେଲିଫୋନ ମାଧ୍ୟମରେ ପଚାରି ବୁଝୁଥିଲେ।

ସାଧାରଣ ନିର୍ବାଚନ ପାଇଁ ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ଭୋଟର୍ ବେଶ୍ ଶିବିର ଦୁର୍ବଳ ରହିଛି। ଏଠାରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରତାପ ନାୟକଙ୍କୁ ପ୍ରାର୍ଥୀ କରିଛି। ସେହିଭଳି କଂଗ୍ରେସ ଚିରଞ୍ଜୀବୀ ବିଷୋୟୀଙ୍କୁ ଏଠାରେ ପ୍ରାର୍ଥୀ କରିଛି।

ପୁରୁଷୋତ୍ତମପୁର ବ୍ଲକର ୧୧ଟି ପଞ୍ଚାୟତ, କବିସୂର୍ଯ୍ୟନଗର ବ୍ଲକର ୯ଟି ପଞ୍ଚାୟତ କବିସୂର୍ଯ୍ୟନଗର ଏନଏସି, ବେଗୁନିଆପଡ଼ା ବ୍ଲକ ଓ କୋଦଳା ଏନଏସିକୁ ନେଇ ଗଠିତ ଏହି ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨ଲକ୍ଷ ୩୫ହଜାର ୩୩୪ଜଣ ଭୋଟର ରହିଛନ୍ତି। ସେହିପରି ଖଲ୍ଲିକୋଟ ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ କେବଳ ବିଜେପି ଦଳ ପ୍ରାର୍ଥୀ ଘୋଷଣା କରିଛି। ଏଠାରୁ ପୂର୍ବତନ ବିଧାୟକ ପୂର୍ଣ୍ଣ ସେଠୀ ବିଜେପିରୁ ଲଢ଼ିବେ। କଂଗ୍ରେସ ଓ ବିଜେଡିର ଚିତ୍ର ଅସ୍ପଷ୍ଟ ରହିଛି। ଖଲ୍ଲିକୋଟ ବ୍ଲକ, ଏନ୍‌ଏସି, ପୁରୁଷୋତ୍ତମପୁର ବ୍ଲକର ୧୫ଟି ପଞ୍ଚାୟତ ଓ ଏନ୍‌ଏସିକୁ ଗଠିତ ଏହି ନିର୍ବାଚନମଣ୍ଡଳୀରେ ସମୁଦାୟ ୨ ଲକ୍ଷ ୩୦ ହଜାର ୭୩୯ଜଣ ଭୋଟର ରହିଛନ୍ତି। ବିଜେଡି ଏଠାରେ କାହାକୁ ପ୍ରାର୍ଥୀ କରିବ, ସେନେଇ ନିର୍ବାଚନମଣ୍ଡଳୀ ଜନସାଧାରଣଙ୍କ ନଜର ରହିଛି।

## 'ବଡ଼ ଘର ବଡ଼ ଗୁମର କଥା'

# ଭାଇ ବିରୋଧରେ ପ୍ରଚାର କରିବେ ଭଉଣୀ

**ବ୍ରହ୍ମପୁର,୬।୪(ସମିସ):** ମାଆଙ୍କୁ ସମ୍ମାନ ଓ ମହିଳା ସଶକ୍ତୀକରଣ ଉପରେ ବିଜୁ ଜନତା ଦଳ ଗୁରୁତ୍ୱ ଦେଉଥିବା ବେଳେ ବିରୋଧୀ ଦଳ ମହିଳା ବିରୋଧୀଙ୍କୁ ପ୍ରାର୍ଥୀ କରିଛି। ମା' ଓ ଭଉଣୀଙ୍କ ଭଳି ରକ୍ତର ସମ୍ପର୍କକୁ ଯିଏ ଅସମ୍ମାନ ଦେଇ ତିରସ୍କାର କରିଛି, ପୈତୃକ ସମ୍ପତ୍ତି ହଡ଼ପ କରିବା ପାଇଁ ନିଜ ରକ୍ତସମ୍ପର୍କ ଭଉଣୀକୁ ଘରୁ ତଡ଼ିବା, ଧମକ ଦେବା ଭଳି ଘୃଣ୍ୟ କାର୍ଯ୍ୟ କରିପାରୁଛି; ସେଭଳି ବ୍ୟକ୍ତିକୁ ପ୍ରାର୍ଥୀ କରିଛି

**ବିଜେପି ବିଧାୟକ ପ୍ରାର୍ଥୀଙ୍କୁ ବଡ଼ ଭଉଣୀଙ୍କ ତିରସ୍କାର**

ବିଜେପି। ଏଭଳି ଗୁରୁତ୍ୱର ଅଭିଯୋଗ ଆଣିଛନ୍ତି ଖୋଦ୍ ବ୍ରହ୍ମପୁର ବିଜେପି ବିଧାୟକ ପ୍ରାର୍ଥୀ କେ. ଅନୀଲ କୁମାରଙ୍କ ବଡ଼ ଭଉଣୀ ତଥା ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର କେ. ମାଧବୀ। ଖାଲି ସେତିକି ନୁହେଁ, ଆସନ୍ତା ନିର୍ବାଚନରେ ସେ ଭାଇ ଅନୀଲଙ୍କ ବିରୋଧରେ ଲୋକଙ୍କ ପାଖକୁ ଯିବେ ଓ ବିଜେଡିର ଜଣେ ଶୃଙ୍ଖଳିତ କର୍ମୀ ଭାବେ ବିଜେଡି ପ୍ରାର୍ଥୀ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ପାଇଁ ପ୍ରଚାର କରିବେ ବୋଲି କହିଛନ୍ତି। ସେହିପରି ସେ ବିଜେଡି ପ୍ରାର୍ଥୀ ଡାକ୍ତର ଚ୍ୟାଉ ପଟ୍ଟନାୟକଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ବ୍ରହ୍ମପୁର ରାଜନୀତିରେ ବଡ଼ଘରର ବଡ଼ ଗୁମର କଥା ପଦାକୁ ଆସିବା ପରେ ସାଧାରଣରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି।

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରୁ କେ. ମାଧବୀ ୨୦୧୩-୧୮ ପର୍ଯ୍ୟନ୍ତ ବ୍ରହ୍ମପୁରର ପ୍ରଥମ ମହିଳା ମେୟର ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଇଛନ୍ତି। ତେବେ ମେୟର ପଦବୀ ଅଳଙ୍କୃତ କରିଥିଲେ ହେଁ ଏହି ପଦମର୍ଯ୍ୟାଦା ପାଇଁ ସେ ଖୁସି ନଥିବା କହିଛନ୍ତି। ଏଥିପାଇଁ ସେ ନିଜ ସାନଭାଇ ତଥା ବର୍ତ୍ତମାନର ବିଜେପି ବିଧାୟକ ପ୍ରାର୍ଥୀ କେ. ଅନୀଲ କୁମାରଙ୍କୁ ସିଧାସଳଖ ଦାୟୀ କରିଛନ୍ତି। ୩ଟି ସନ୍ତାନ ପାଇଁ ନିଜେ କିମ୍ବା ନିଜର ପତ୍ନୀ ମେୟର ପଦବୀ ପାଇଁ ଅଯୋଗ୍ୟ ଥିବା କାରଣରୁ ଅନୀଲ ନିଜ ବଡ଼ଭଉଣୀ କେ. ମାଧବୀଙ୍କୁ ମୋହରା ଭାବେ ବ୍ୟବହାର କରିଥିଲେ। ଏପରିକି ସେହି ସମୟରେ ବିଭିନ୍ନ ପ୍ରକାରର ଭୟ ଦେଖାଇ ସବୁ କାର୍ଯ୍ୟ ନିଜେ ହାସଲ କରୁଥିଲେ ବୋଲି ଅଭିଯୋଗ ଆଣିଛନ୍ତି କେ. ମାଧବୀ। ବଡ଼କଥା ହେଲା, ସମ୍ପତ୍ତିକୁ ନେଇ ପରିବାର ମଧ୍ୟରେ ଏଭଳି ବିଶୃଙ୍ଖଳା, ଯାହାକୁ ନେଇ ମେୟର ପଦବୀ ଯିବାର ଦୁଇଦିନ ପୂର୍ବରୁ ପୈତୃକ ଘର ଛାଡ଼ିବାକୁ ପଡ଼ିଥିଲା କେ. ମାଧବୀଙ୍କୁ। ସେହିଦିନଠାରୁ ଏକ ଭଡ଼ାଘରେ ରହି ଆସୁଛନ୍ତି ଏହି ପୂର୍ବତନ ମେୟର। କେବଳ ଏତିକି ନୁହେଁ, ବରଂ ଘରୁ ତଡ଼ିବା ପରେ ସହରରେ କୌଣସି ସ୍ଥାନରେ ତାଙ୍କୁ ଓ ତାଙ୍କ ପରିବାରକୁ ରଖାଇଦେବେ ନାହିଁ ବୋଲି ମଧ୍ୟ ଧମକ ଦେଇଥିବା ଅଭିଯୋଗ କରିଛନ୍ତି ମାଧବୀ।



ସମ୍ପତ୍ତି କାରଣରୁ ମାଧବୀ ଓ ତାଙ୍କ ପରିବାର ସବୁବେଳେ ଦହଗଞ୍ଜ ଭିତରେ ପେଶି ହେଉଥିଲେ। ଅନେକ ସମୟରେ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ରାସ୍ତାରୁ ହଟାଇବାକୁ ମଧ୍ୟ ବହୁ ଷଡ଼ଯନ୍ତ୍ର ହୋଇଥିବା କହିବାକୁ ସେ କୁଣ୍ଠା ପ୍ରକାଶ କରିନାହାନ୍ତି। ତେବେ ବର୍ତ୍ତମାନ ଯେତେବେଳେ ତାଙ୍କର ଜୀବନ ପ୍ରତି ମୋହ ଓ ଲୋଭ ତୁଟିଯାଇଛି, ସେ ଆଉ କୌଣସି ପ୍ରକାରର ଧମକକୁ ଖାତିର କରୁନାହାନ୍ତି ବୋଲି କହିଛନ୍ତି। ଖାଲି ସେ ନୁହଁନ୍ତି, ବରଂ ପରିଣତ ବୟସର ଉପନୀତ ହୋଇଥିବା ତାଙ୍କ ମା' କେ. ସୁଗୁଣା ମଧ୍ୟ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ଆଣିଛନ୍ତି ମାଧବୀ। ଏଭଳି ପରିସ୍ଥିତିରେ ଜଣେ ମହିଳା ଭାବେ ନିଜର ସମ୍ମାନ ରକ୍ଷା କରିବା ପାଇଁ ସ୍ୱାର୍ଥପର ଭାଇ ପରିବର୍ତ୍ତେ ଜଣେ ନିର୍ମଳ, ସରଳ, ନିଷ୍କପଟ, ଅମାୟିକ, ନିଷ୍ଠାପର, ସେବା ମନୋଭାବୀ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିବା ସହ ତାଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ସ୍ପଷ୍ଟ କରିଛନ୍ତି।

# ଜୀବନଜୀବିକା ସଂଘର୍ଷ ଭିତରେ ହଜିଯାଉଛି ମତଦାନ ଅଧିକାର

**ଭୁବନେଶ୍ୱର,୬।୪(ସମିସ):** ୧୮ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ନାଗରିକ ନିଶ୍ଚିତ ଭାବେ ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିବେ। ଭାରତୀୟ ନିର୍ବାଚନ ଆୟୋଗଙ୍କଠାରୁ ଆରମ୍ଭ କରି ବେସରକାରୀ ସଂଗଠନ ଏଥିପାଇଁ ସଚେତନତା ସୃଷ୍ଟି କରୁଛନ୍ତି। ୫ବର୍ଷରେ ଥରେ ସରକାର ଗଢ଼ିବା ପାଇଁ ଭୋଟ ଦେବାକୁ ସୁଯୋଗ ମିଳେ। କିନ୍ତୁ ଭୁବନେଶ୍ୱରରେ ଏପରି ଅନେକ ଲୋକ ଅଛନ୍ତି, ଯାହାଙ୍କ ପାଖରେ ଭୋଟ ପରିଚୟପତ୍ର

**ସ୍ୱତନ୍ତ୍ର ଭୋଟରଙ୍କ ମଧ୍ୟରେ ସୀମିତ ପୋଷ୍ଟାଲ ବାଲଟ୍**

ଅଛି, ଭୋଟ ଦେବାକୁ ଇଚ୍ଛା ଅଛି, କିନ୍ତୁ ଭୋଟ୍ ଦେଇପାରିବେ ନାହିଁ। କାରଣ ସେମାନେ ଏଠାରେ ପ୍ରବାସୀ ଜୀବନ ବିତାଉଛନ୍ତି। ପେଟପାଟଣା ପାଇଁ ହଜାର କୋଷ ଦୂରରୁ ଧାଇଁ ଆସିଛନ୍ତି ଭୁବନେଶ୍ୱରକୁ। ଆଉ କେବଳ ଭୋଟ ଦେବା ଉଦ୍ଦେଶ୍ୟରେ ନିଜ ଗ୍ରାମକୁ ଯିବା ପାଇଁ ସେମାନଙ୍କର ଆର୍ଥିକ ଅବସ୍ଥା ଅନୁମତି ଦେଉନାହିଁ। ଦେଶର ଏହି ଗଣତାନ୍ତ୍ରିକ ପର୍ବରେ ସତେଯେପରି ସେମାନଙ୍କ ପାଇଁ କୌଣସି ଗୁରୁତ୍ୱ ରଖେନାହିଁ।

ରାଜଧାନୀର ରାସ୍ତାକଡ଼ରେ ରହନ୍ତି ଶହଶହ ସଂଖ୍ୟାରେ ବାସହୀନ ଲୋକ। ଫ୍ଲାଏଓଭର୍, ପରିତ୍ୟକ୍ତ ଘର, ଦୋକାନ ବାରଣ୍ଡା, ରେଳ ଷ୍ଟେସନ୍ ହେଉଛି ସେମାନଙ୍କର ବାସସ୍ଥାନ। ସେମାନଙ୍କ ଭିତରେ ଓଡ଼ିଆ ଲୋକଙ୍କ ଅପେକ୍ଷା ଅଣଓଡ଼ିଆ ଲୋକଙ୍କ ସଂଖ୍ୟା ବି କିଛି କମ୍ ନୁହେଁ। ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ରାଜସ୍ଥାନରୁ ଧାଇଁ ଆସିଛନ୍ତି ଏଠାକୁ ରୋଜଗାର ଆଶାରେ। କିଏ ମୂଲ ଲାଗୁଛି ତ ଆଉ କିଏ ଛୋଟ ମୋଟ ବ୍ୟବସାୟ କରୁଛି। ସକାଳଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଏମାନଙ୍କର ଜୀବନଜୀବିକାର ସଂଘର୍ଷ ଚାଲିଥାଏ। ପିଲାଛୁଆ ଧରି ରାସ୍ତାକଡ଼େ ଖୋଲା ଆକାଶ ତଳେ ପଡ଼ି ରହନ୍ତି। ସେମାନଙ୍କ ଭିତରୁ କିଛି ଲୋକ ଏପରି ଅଛନ୍ତି, ଯେଉଁମାନଙ୍କର ଭୋଟ ପରିଚୟପତ୍ର, ଆଧାର କାର୍ଡ ରହିଛି।

ଭୁବନେଶ୍ୱରରେ ପରିବାର ଧରି ରହୁଥିବା ଭରତ ସିଂ ନାମକ ଜଣେ ବ୍ୟକ୍ତି କହିଛନ୍ତି, ରୋଜଗାର ଆଶାରେ ପ୍ରାୟ ଚାରି ବର୍ଷ ତଳେ ମୟୂରଭଞ୍ଜରୁ ଏଠାକୁ ଚାଲି ଆସିଥିଲେ। ଦିନ ବେଳା ସେ ଫଳ ଦୋକାନରେ କାମ କରନ୍ତି ଆଉ ତାଙ୍କ ପିଲାଛୁଆ ପ୍ଲାଷ୍ଟିକ୍ ଫୁଲ ଓ ଖେଳଣା ବିକନ୍ତି। ପରିବାର ଭିତରେ ତାଙ୍କର ଓ ତାଙ୍କ ପତ୍ନୀଙ୍କ ପାଖରେ ଭୋଟ ପରିଚୟପତ୍ର ରହିଛି। ଗତ ସାଧାରଣ ନିର୍ବାଚନରେ ସେମାନେ ଭୋଟ ଦେଇଥିଲେ। କିନ୍ତୁ ଏଥର ଭୋଟ ଦେବା ପାଇଁ ଟଙ୍କା ଖର୍ଚ୍ଚ କରି ଗାଁକୁ ଯାଇ ପୁଣି ଫେରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ ବୋଲି କହିଛନ୍ତି। ସେହିପରି ପଶ୍ଚିମବଙ୍ଗର ସନତ କୁମାର କହିଛନ୍ତି, ଆମର ରହିବାର ଠିକଣା ନାହିଁ। ପେଟ ପାଇଁ ସହର ସହର ଘୂରି ବୁଲୁଛୁ। ଗୋଟିଏ ଜାଗାରୁ ପୁଲିସ ଉଠାଇଦେଲେ ନୂଆ ଜାଗାକୁ ଚାଲି ଯାଉଛୁ। ଜନ୍ମ ପ୍ରମାଣପତ୍ର ନଥିବାରୁ ଏଯାବତ୍ ଭୋଟ ପରିଚୟପତ୍ର ମିଳିପାରିଲା ନାହିଁ। କିନ୍ତୁ ଭୋଟ ଦେବାର ସୁଯୋଗ ମିଳିଲେ, ନିଶ୍ଚିତ ଦେବେ ବୋଲି କହିଛନ୍ତି। କେବଳ ଏହି ଦୁଇ ଜଣ ନୁହନ୍ତି, ବହୁ ସଂଖ୍ୟାରେ ଲୋକ ଅତି ଦୟନୀୟ ଅବସ୍ଥାରେ ରହି ଗୁଜୁରାଣ ମେଣ୍ଟାଉଛନ୍ତି। ଦୁଇ ଓଳି ଖାଦ୍ୟ ଯୋଗାଡ଼ କରିବାରେ ସେମାନଙ୍କର ଦିନ ବିତି ଯାଉଛି। ଭାରତୀୟ ଗଣତନ୍ତ୍ରର ମହାନ ଉତ୍ସବରେ ସତେଯେପରି ଏହି ନାଗରିକମାନେ ଗୌଣ ହୋଇପଡ଼ିଛନ୍ତି।



ନିଜ ନିର୍ବାଚନମଣ୍ଡଳୀରୁ ଦୂରରେ ଥିବା ବିଭିନ୍ନ ବର୍ଗର ଯୋଗ୍ୟ ଭୋଟର୍‌ଙ୍କ ପାଇଁ ପୋଷ୍ଟାଲ ବାଲଟ୍ ବ୍ୟବସ୍ଥା ଅଛି। ଘରଠାରୁ ଦୂରରେ ରହିଲେ ମଧ୍ୟ ସେମାନେ ମତଦାନ ଅଧିକାର ସାବ୍ୟସ୍ତ କରିପାରିବେ। ୮୫ବର୍ଷରୁ ଅଧିକ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ତଥା କର୍ମଜୀବୀ ଭୋଟର ଏହାର ବ୍ୟବହାର କରିପାରିବେ। କିନ୍ତୁ ଏ ସମ୍ପର୍କରେ ସଚେତନତା ଅଭାବ ବଡ଼ ଅନ୍ତରାୟ ସୃଷ୍ଟି କରୁଛି। ସ୍ୱତନ୍ତ୍ର ବର୍ଗର ଭୋଟର୍ ବ୍ୟତୀତ ସାଧାରଣ ଭୋଟର୍ ପୋଷ୍ଟାଲ ବାଲଟ୍ ବ୍ୟବହାର ନେଇ ଅଙ୍କୁଶ ରହିଛି। ସେହିପରି ପୋଷ୍ଟାଲ ବାଲଟ୍ ପାଇଁ ଆବେଦନ କରିବା ଅନେକ ଭୋଟରଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ଯଦିଓ ନିର୍ବାଚନ କିମ୍ବା ଜରୁରୀ ଦାୟିତ୍ୱରେ ନିୟୋଜିତ ସରକାରୀ କର୍ମଚାରୀ, ସାଧାରଣ ଲୋକ ତଥା ଅଟକ ଥିବା ଭୋଟର୍‌ମାନେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ଭୋଟ ଦେଇପାରିବେ, ତେବେ ଏଥିରୁ ସାଧାରଣ ବର୍ଗର ମତଦାତା ପୋଷ୍ଟାଲ ବାଲଟ୍ ପାଇବା ପାଇଁ ଉଦ୍ୟମ କରିବା ବଦଳରେ ଭୋଟ୍ ନଦେବାକୁ ଉଚିତ ମଣୁଥିବା ଅଭିଯୋଗ ହେଉଛି।



୬/୪/୨୦୨୪ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୫୯,୭୦୫/- | ସୁନା: ୦୧.୬୦୦ ଗ୍ରାମ୍ | ରୁପା: ୧୪୫.୬୦୦ ଗ୍ରାମ୍

## ସିଟି ଶ୍ରୀକ୍ଷେତ୍ର

## ଅଗ୍ନିବିପନ୍ନଙ୍କୁ ଭେଟିଲେ ସଞ୍ଜୟ



**ପୁରୀ, ୬।୪(ସମିସ):** ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ସତ୍ୟବାଦୀ ବ୍ଲକ ସାରଙ୍ଗଜୋଡ଼ି ପଞ୍ଚାୟତ ଧୋଜାମୁଣ୍ଡେଇ ଗ୍ରାମର ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ମୋହନ ଦାସ ଓ ବାଇଧର ଦାସ ଏବଂ ଦେବରାଜ ଦାସଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଶୁକ୍ରବାର ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଅଗ୍ନି ବିପନ୍ନ ପରିବାର ମୋହନ ଦାସ ଓ ବାଇଧର ଦାସ ଏବଂ ଦେବରାଜ ଦାସଙ୍କୁ ଭେଟି ଆଶ୍ୱାସନା ଦେବା ସହିତ ସମବେଦନା ଜଣାଇଛନ୍ତି। ଏହା ସହିତ ନିତ୍ୟବ୍ୟବହାର୍ଯ୍ୟ ଜିନିଷ, ଚୁଡ଼ା, ବିସ୍କୁଟ, ଚାଉଳ, ଡାଲି, ପାଲ ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏହି ସମୟରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ଉପାଧ୍ୟକ୍ଷଙ୍କ ପ୍ରତିନିଧି ପ୍ରକାଶ ପ୍ରଧାନ, ପୁରୀ ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଦେବାଶିଷ ରାୟ, ସାରଙ୍ଗଜୋଡ଼ି ପଞ୍ଚାୟତର ସମିତି ସଭ୍ୟ ଧଡୁ ଜେନା, ପୂର୍ବତନ ଅଧ୍ୟକ୍ଷ ବେବି ଲାଲ୍ ମିଶ୍ର ଓ ପଞ୍ଚାୟତ ସଭାପତି ଲିଙ୍ଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଯାତ୍ରୀଙ୍କୁ ଲାପ୍‌ଟପ ଫେରାଇଲା ଜିଆର୍‌ପି

**ପୁରୀ, ୬।୪(ସମିସ):** ଟ୍ରେନ୍‌ରେ ଜଣେ ଯାତ୍ରୀ ତାଙ୍କ ଲାପ୍‌ଟପ ଛାଡି ଦେଇଥିଲେ। ପୁରୀ ଜିଆର୍‌ପି ପୁଲିସ ଏହି ଲାପ୍‌ଟପ ପାଇ ସମ୍ପୃକ୍ତ ଯାତ୍ରୀଙ୍କୁ ହସ୍ତାନ୍ତର କରିଛି। ଜିଆର୍‌ପିର ଏଭଳି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଛନ୍ତି। ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଜିଲ୍ଲା କୁଜଙ୍ଗ ଥାନା ପଥୁରିଆ ଗ୍ରାମର ବିନାୟକ ସାହୁ ଭୁବନେଶ୍ୱର ଶନିବାର ସକାଳ ପ୍ରାୟ ୯ଟାରେ କଟକ ଷ୍ଟେଶନରେ ତାଳଚେର-ପୁରୀ ମେମୁ ଟ୍ରେନରେ ଚଢିଥିଲେ। ସେ ତାଙ୍କ ଗନ୍ତବ୍ୟସ୍ଥଳ ପଟିଆ ଷ୍ଟେଶନରେ ଓହ୍ଲାଇଥିଲେ। ହେଲେ ତାଙ୍କ ଲାପ୍‌ଟପ ବ୍ୟାଗ୍‌ଟି ନେବାକୁ ଭୁଲି ଯାଇଥିଲେ। ଲଗେଜ କ୍ୟାରିୟରରେ ଲାପ୍‌ଟପ ବ୍ୟାଗ୍ ରହିଥିଲା। ଟ୍ରେନଟି ପୁରୀରେ ପହଞ୍ଚିବା ପରେ ଜିଆର୍‌ପି ପକ୍ଷରୁ ଟ୍ରେନ୍ ଯାଞ୍ଚ କରାଯାଇଥିଲା। କର୍ମଚାରୀମାନେ ଲାପ୍‌ଟପ ବ୍ୟାଗ୍‌ଟି ପାଇଥିଲେ। ଜିଆର୍‌ପି ଥାନାରେ ଏହା ରଖାଯାଇଥିବା ବେଳେ ବିନାୟକ ରେଲୱେରେ ଅଭିଯୋଗ କରିବା ସହ ବ୍ୟକ୍ତିଗତ ଭାବେ ସମ୍ପର୍କୀୟମାନଙ୍କୁ କହିଥିଲେ। ପୁରୀ ଜିଆର୍‌ପି ଏକ ଲାପ୍‌ଟପ ପାଇଥିବା ଖବର ପାଇବା ପରେ ବିନାୟକ ତାଙ୍କର ପ୍ରମାଣପତ୍ର ସହ ପୁରୀରେ ପହଞ୍ଚିଥିଲେ। ନିଜର ଲାପ୍‌ଟପ ବୋଲି ପ୍ରମାଣ ଦେବା ପରେ ଜିଆର୍‌ପି ପକ୍ଷରୁ ତାଙ୍କୁ ଲାପ୍‌ଟପଟି ହସ୍ତାନ୍ତର କରାଯାଇଛି। ପୁରୀ ଜିଆର୍‌ପିକୁ ଧନ୍ୟବାଦ ଦେଇଛନ୍ତି ବିନାୟକ।

## 'ପ୍ରତିଟି ମଣିଷକୁ ଆପଣାର ମଣୁଥିଲେ ଗଙ୍ଗାଧର ମହାପାତ୍ର'



**ପୁରୀ, ୬।୪(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରଖ୍ୟାତ ଆଇନଜୀବୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ଅଷ୍ଟାଦଶତମ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଗଙ୍ଗାଧର ମହାପାତ୍ର ସ୍ମୃତି କମିଟି ପକ୍ଷରୁ ଶୁକ୍ରବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଡ. ନୀଳକଣ୍ଠ ପତି। ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ବିଶିଷ୍ଟ ସ୍ନାୟୁଶଲ୍ୟ ଚିକିତ୍ସକ ଡାକ୍ତର ଅଶୋକ ମହାପାତ୍ର, ମୁଖ୍ୟବକ୍ତା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଏବଂ ମୁକ୍ତିମଣ୍ଡପ ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗଙ୍ଗାଧର ମହାପାତ୍ରଙ୍କଠାରେ ମଣିଷପଣିଆ ଭରି ରହିଥିଲା। କୌଣସି ବାଛ ବିଚାର ନ କରି ପ୍ରତିଟି ମଣିଷକୁ ସେ ସ୍ନେହରେ କୋଳେଇ ନେଉଥିଲେ। ତାଙ୍କ ଭଳି ବ୍ୟକ୍ତିତ୍ୱ ବିରଳ ବୋଲି ଅତିଥିଗଣ କହିଥିଲେ। ଆଇନସେବା ପାଇଁ କଟକର ସୌର୍ଯ୍ୟକାନ୍ତ ପାଢ଼ୀ ଓ ପୁରୀର ଜୟଦେବ ମିଶ୍ର, ସମାଜସେବା ପାଇଁ ବିଭୂତିଭୂଷଣ ପଟ୍ଟନାୟକ ଏବଂ ଶ୍ରେଷ୍ଠ ଆଇନ ସ୍ନାତକ ପୁରୀ ଜିଏମ୍ ଲ' କଲେଜର ଗୌରଭ ରାଲହନଙ୍କୁ ଗଙ୍ଗାଧର ମହାପାତ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଆଇନଜୀବୀ ଉମାବଲ୍ଲଭ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଏବଂ ଅନୁଷ୍ଠାନର ସାଧାରଣ ସମ୍ପାଦକ ଚକ୍ରଧର ମହାପାତ୍ର ବିବରଣୀ ପାଠ ଓ ସଂଯୋଜନା ତଥା ସ୍ମୃତି କମିଟିର ଯୁଗ୍ମ ସମ୍ପାଦକ ବୀରେନ୍ଦ୍ରଭୂଷଣ ହୋତା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକାରୀ ସମ୍ପାଦକ ବିପିନ ଦଳାଇ, ପୁଷ୍କର ମହାପାତ୍ର, ସୋମ୍ୟରଞ୍ଜନ ସ୍ୱାଇଁ, ସତ୍ୟବ୍ରତ ରଥ, ସଭାକାର୍ଯ୍ୟ ପରିଚାଳନା କରିଥିଲେ।

### ପୁରୀରେ ପ୍ରଚାର ଜୋର୍‌ଦାର କଲା ବିଜେଡି

# ଚା' ଖଟିରେ ସାଂସଦ, ବିଧାୟକ ପ୍ରାର୍ଥୀ

**ପୁରୀ, ୬।୪(ସମିସ)**





ଶ୍ରୀକ୍ଷେତ୍ର ପୁରୀ। ଏହି ବିଧାନସଭା ଆସନଟି ରାଜ୍ୟ ରାଜନୀତିର ଏକ ଚର୍ଚ୍ଚିତ ନାଁ। ଏଥର ନିର୍ବାଚନରେ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ କିଏ ଜିତିବ ବାଜି? କାହାକୁ ଆଶୀର୍ବାଦ କରିବେ ମହାପ୍ରଭୁ? ଶ୍ରୀକ୍ଷେତ୍ର ବିକାଶର କିଏ ସାଜିବ ସାରଥୀ? ଏପରି ଚର୍ଚ୍ଚା ଆଲୋଚନା ଭିତରେ ଆରମ୍ଭ ହୋଇଛି ରାଜନୈତିକ ଗୋଟି ଚାଳନା। ପ୍ରମୁଖ ଦଳ ନିଜ ବିଜୟକୁ ନେଇ ଅଙ୍କ କଷିବା ଆରମ୍ଭ କରିଛନ୍ତି। ଯଦିଓ ଏ ପର୍ଯ୍ୟନ୍ତ କଂଗ୍ରେସର ପ୍ରାର୍ଥୀ କିଏ ହେବ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଦୁଇ ପ୍ରମୁଖ ଦଳ ବିଜେଡି ଏବଂ ବିଜେପି ସେମାନଙ୍କ ପ୍ରାର୍ଥିତ୍ୱ ଘୋଷଣା କରିସାରିଛନ୍ତି। ବିଜେଡିରୁ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁଅ ସୁନୀଲ ପ୍ରଥମଥର ବଡ଼ ନିର୍ବାଚନୀ ମୈଦାନରେ ଏଣ୍ଟ୍ରି ମାରିଥିବା ବେଳେ ତାଙ୍କ ପ୍ରତିପକ୍ଷରେ ରହିଛନ୍ତି ଜୟନ୍ତ କୁମାର ଷଡ଼ଙ୍ଗୀ। ନବାଗତ ସୁନୀଏ ଏବଂ ଅଭିଜ୍ଞ ଜୟନ୍ତଙ୍କ ମଧ୍ୟରେ ଲଢେଇ ଜୋର୍‌ଦାର ହେବ ବୋଲି କୁହାଯାଉଥିବା ବେଳେ ଦୁହେଁ ପ୍ରଚାରକୁ ମଧ୍ୟ ଗତି ଦେଇଛନ୍ତି। ତେବେ ଶନିବାର ବିଜେଡି ପ୍ରାର୍ଥୀ ସୁନୀଲ ଏବଂ ପୁରୀ ସଂସଦୀୟ କ୍ଷେତ୍ରର ପ୍ରାର୍ଥୀ ଅରୂପ ପଟ୍ଟନାୟକ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ଦୁହେଁ ସକାଳୁ ଚା' ଖଟି, ପରିବା ମାର୍କେଟରୁ ଆରମ୍ଭ କରି ସବୁବର୍ଗର ଲୋକଙ୍କୁ ଭେଟି ଓଡ଼ିଶାବାସୀଙ୍କ ପ୍ରିୟ ନବୀନ ପଟ୍ଟନାୟକଙ୍କ ସମର୍ଥରେ ନିଜର ବହୁ ମୂଲ୍ୟ ଅଧିକାର ସାବ୍ୟସ୍ତ କରିବାକୁ ଅନୁରୋଧ କରିଛନ୍ତି।

ପୁରୀ ଲୋକସଭା ଆସନରୁ ବିଜେଡି ଅରୂପ ପଟ୍ଟନାୟକଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଦଳୀୟ ମହଲରେ ଦେଖାଦେଇଛି ଉତ୍ସାହ। ଅରୂପ ମଧ୍ୟ ଶାଣିତ ଢଙ୍ଗରେ ପ୍ରଚାର ଆରମ୍ଭ କରିଛନ୍ତି। ଓଡ଼ିଆ ଜାତିର ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ତାଙ୍କ ପ୍ରଚାର ଆରମ୍ଭ କରିଥିବା ବେଳେ ପୁରୀର ବିଧାୟକ ପ୍ରାର୍ଥୀ ସୁନୀଲଙ୍କ ସହିତ ଶନିବାର ବୁଲି ଭୋଟ ଭିକ୍ଷା କରିଥିଲେ। ଦୁହେଁ ସକାଳେ ମେଡିକାଲ ଛକରୁ ପଦଯାତ୍ରା କରି ବଡ଼ଦାଣ୍ଡରେ ସବୁବର୍ଗର ଲୋକଙ୍କୁ ଭେଟିଥିଲେ। ବଡ଼ଶଙ୍ଖ ପରିବାର ମାର୍କେଟରେ ବ୍ୟବସାୟୀଙ୍କ ସହ କଥା ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟ ସରକାର ପୁରୀରେ କରିଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେପରି ଗାଦିସୀନ ହୋଇ ଓଡ଼ିଶାବାସୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବେ ସେ ବିଷୟରେ କହିଥିଲେ। ଚା' ଖଟିରେ ଲୋକଙ୍କୁ ଭେଟିବା ସହ ଅଟୋ ଚାଳକଙ୍କ ସହ କଥା ହୋଇଥିଲେ। ଶରଧାବାଲି, ନବକଳେବର ରୋଡ ପ୍ରଭୃତି ଅଞ୍ଚଳ ବୁଲି ବିଜେଡି ସପକ୍ଷରେ ମତଦାନ ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ ଅରୂପ ଏବଂ ସୁନୀଲ।

> **ବଡ଼ଦାଣ୍ଡରେ ବୁଲି ସବୁବର୍ଗର ଲୋକଙ୍କୁ ଭେଟିଲେ**

ଏହି ଅବସରରେ ଅରୂପ କହିଥିଲେ, ସଂସଦୀୟ କ୍ଷେତ୍ରର ସବୁ ଅଞ୍ଚଳକୁ ଯିବାକୁ ପଡ଼ିବ। ବର୍ତ୍ତମାନ ସୁଦ୍ଧା ଯାହା ଅନୁଭବ କରିଛନ୍ତି, ଭୋଟରମାନେ ବିଜେଡିକୁ ନେଇ ସକରାତ୍ମକ ଆଭିମୁଖ୍ୟ ରଖିଛନ୍ତି। ଯାହା ଜଣେ ପ୍ରାର୍ଥୀ ପାଇଁ ବଡ଼ କଥା। ପ୍ରତିପକ୍ଷରେ କିଏ ରହିଛି ତାହା ବଡ଼ ନୁହେଁ, ସାଧାରଣ ଲୋକଙ୍କ ପାଖରେ ଆମେ କେତେଦୂର ଗ୍ରହଣୀୟ ହେଉଛୁ ସେଇଟା ବଡ଼ କଥା ବୋଲି କହିଛନ୍ତି।

ସେହିପରି ପୁରୀ ବଧାନସଭାର ବିଜେଡି ପ୍ରାର୍ଥୀ ସୁନୀଲ କହିଛନ୍ତି, ପୁରୀ ସହରର ପ୍ରତ୍ୟେକ ଘରେ ପହଞ୍ଚି ସମସ୍ତଙ୍କ ଗୁରୁଜନ, ମା'ମାନଙ୍କଠାରୁ ଆଶୀର୍ବାଦ ନେବୁ। ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଜଣାଇବୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଁ ଏକମାତ୍ର ନେତା ଯିଏ ସର୍ବଦା ପୁରୀ ଉପରେ ଫୋକସ୍ ରଖିଛନ୍ତି। ବିଗତ ଦିନରେ ପୁରୀର ବିକାଶ କରୁଥିଲେ, ଏବେ କରୁଛନ୍ତି ଆଗକୁ ମଧ୍ୟ କରିବେ। ଜନସାଧାରଣ ପୁରୀର ବିକାଶକୁ ପସନ୍ଦ କରୁଛନ୍ତି। ସେମାନଙ୍କ ନବୀନ ପଟ୍ଟନାୟକଙ୍କୁ ସମର୍ଥନ ଦେଇ ଷଷ୍ଠଥର ତାଙ୍କୁ ମୁଖ୍ୟମନ୍ତ୍ରୀ କରିବେ ବୋଲି କହିଛନ୍ତି ସୁନୀଲ।

## ଲକ୍ଷାଧିକ ଶ୍ରଦ୍ଧାଳୁ ଓ ମାନସିକଧାରୀ ବାରୁଣୀବୁଡ଼ ପକାଇଲେ



**ସାକ୍ଷୀଗୋପାଳ, ୬।୪(ସମିସ):** ଭାର୍ଗବୀ ନଦୀର ଉଭୟପାର୍ଶ୍ୱରେ ବାରୁଣିବୁଡ ବା ସାଗରସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲକ୍ଷାଧିକ ଶ୍ରଦ୍ଧାଳୁ ମାନେ ବୁଡ ପକାଇଛନ୍ତି। କିମ୍ବଦନ୍ତୀ ଅନୁଯାୟୀ ଶ୍ରଦ୍ଧାଳୁ ବୁଡ ପକାଇବା ପରେ ଓଦା ଲୁଗାରେ ପିତୃ ପୁରୁଷଙ୍କ ଉଦ୍ଦ୍ୟେଶରେ ବାଲୁକା ପିଣ୍ଡ ଅର୍ପଣ କରିଥାନ୍ତି। ବଳପୁର ଗ୍ରାମରେ ପୂଜିତ ବାଲୁଙ୍କେଶ୍ୱର ଦେବଙ୍କର ପ୍ରତିଦିନ ନୀତିକାନ୍ତି ସରିବା ପରେ ବରାଳ ଗ୍ରାମର ବାଲୁଙ୍କେଶ୍ୱରଙ୍କୁ ଆଣିବା ପାଇଁ ନିମନ୍ତ୍ରଣ ଧରି ସାଙ୍ଗରେ ଘଣ୍ଟଣ୍ଟ, କାହାଳୀ, ତୁରୀ ଛତୀ, ତ୍ରାସ, ବୈରଖ, ମଶାଲ, ବାଜା ବାଜାଇ ବାରୁଣି ସ୍ନାନ ଅଭିମୁଖେ ଅପରାହ୍ନରେ ଆସିଥିଲେ। ଆସିବା ବାଟରେ ବିଭିନ୍ନ ସ୍ଥାନରେ ଭୋଗ ଖାଇ ଭାର୍ଗବୀ ନଦୀକୂଳ ସ୍ଥିତସାଗରସ୍ନାନ ପଡ଼ିଆରେ ଥିବା ତୀର୍ଥ ମଣ୍ଡପରେ ବିଜେ କରିଥିଲେ। ଠାକୁର ଆସିବା ଅଗାରୁ ମନ୍ଦିର ପକ୍ଷରୁ ମଣ୍ଡପକୁ ହୋମଯଜ୍ଞ କରାଯାଇଥିଲା। ସେହିପରି ନଦୀର ଅପରପାର୍ଶ୍ୱରେ ସୁଆଣ୍ଡୋର ଲୋକେଶ୍ୱର ଓ ବିଦ୍ୟାଧରପୁରର କୁଣ୍ଡେଳେଶ୍ୱର ମହାଦେବ ସୁସଜିତ ବିମାନ ପଟୁଆରରେ ଗ୍ରାମରୁ ବାହାରି ତୀର୍ଥ ମଣ୍ଡପରେ ପହଞ୍ଚିଥିଲେ। ଚତୁଶ୍ୱମ୍ଭୁଙ୍କୁ ତୀର୍ଥର ଉଭୟପାର୍ଶ୍ୱରେ ଏକ ସଙ୍ଗେ ସେବାୟତମାନେ ଅଭିମନ୍ତ୍ରିତ ତୀର୍ଥ ଜଳରେ ସ୍ନାନ, ପୂଜା, ଅଳତୀ କରିବା ପରେ ଉପସ୍ଥିତ ଭକ୍ତ ବୁଡ ପକାଇଥିଲେ। ମାନସିକ ଭୋଗ ଓ ଗ୍ରାମ କୋଠ ଭୋଗ ଠାକୁରଙ୍କ ପାଖରେ କରାଯାଇଥିଲା। ଅନ୍ୟପକ୍ଷେ ବରାଳ ମନ୍ଦିରର କାର୍ଯ୍ୟନିବାହୀ ଅଧିକାରୀ ରାଜବଲ୍ଲଭ ମିଶ୍ର, ବଳପୁର ମନ୍ଦିର ଟ୍ରଷ୍ଟବୋର୍ଡର ମ୍ୟାନେଜିଂବୋର୍ଡର ସଦସ୍ୟ ନିରଞ୍ଜନ ମହାପାତ୍ରଙ୍କ ସହିତ ଅନ୍ୟ କର୍ମକର୍ତ୍ତାମାନେ ଠାକୁରଙ୍କ ନୀତିକାନ୍ତି ପରିଚାଳନାରେ ସହଯୋଗ କରିଥିଲେ। ବିଳମ୍ବିତ ରାତିରେ ଠାକୁର ତୀର୍ଥ ମଣ୍ଡପରୁ ବିଦାୟ ନେଇ ଗ୍ରାମରେ ଦୁଆରୀ ଭୋଗ ଖାଇଥିଲେ। ସକାଳେ ଠାକୁର ବରାଳ ଗ୍ରାମ ମୁଣ୍ଡରେ ଥିବା ବିଭୁତି ବାଟିକାରେ ରହିଥିଲେ। ସାଗରସ୍ନାନ ମେଳଣ ପଡ଼ିଆରେ ସତ୍ୟବାଦୀ ତହସିଲଦାର ଆଲୋକ କୁମାର ଦେହୁରୀ, ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ବିଡିଓ ଲିପିସା ରାୟ, ଉପାଧ୍ୟକ୍ଷା ନିବେଦିତା ପାତ୍ର, ସ୍ଥାନୀୟ ବଳପୁର ସରପଞ୍ଚ ପିୟଙ୍କା ପଣ୍ଡାଙ୍କ ସହିତ ବିଜେଡି ଦଳର ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସ ବର୍ମା, ବିଜେପିର ଓମ ପ୍ରକାଶ ମିଶ୍ର, ବିଦ୍ରୋହୀ ବିଜେପି ନେତା କାମାକ୍ଷା ପ୍ରଧାନଙ୍କ ସହିତ ବିଭିନ୍ନ ଜନପ୍ରତିନିଧି, ସତ୍ୟବାଦୀ ଥାନା ଆଇଆଇସି ଉମେଶ କୁମାର ସାହୁ ଫୋସ ସହ ସେଠାରେ ଉପସ୍ଥିତ ରହିଥିଲେ।

## ଗ୍ରାମ୍ୟ ଜିମ୍ ନିର୍ମାଣ ପାଇଁ ଦାବି

**ପୁରୀ, ୬।୪(ସମିସ):** କଣାସ ବ୍ଲକ ଖଣ୍ଡହତା ପଞ୍ଚାୟତରେ ଏକ ଗ୍ରାମ୍ୟ ଜିମ୍ ନିର୍ମାଣ କରିବା ଲାଗି ଦାବି ହୋଇଛି। ଏ ନେଇ ପ୍ରାୟ ୩ ମାସ ପୂର୍ବରୁ ପଞ୍ଚାୟତ ଅନ୍ତର୍ଗତ ନାବଡ଼ା ଗ୍ରାମର ଦୁଷ୍ମନ୍ତ କୁମାର ସାହୁ ପ୍ରମୁଖ ଚିଠି ଲେଖି ମୁଖ୍ୟ ଶାସନ ସଚିବ, କେନ୍ଦ୍ରାଞ୍ଚଳ ଆର୍‌ଡିସି ଏବଂ ପୁରୀ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଏ ନେଇ ମୁଖ୍ୟ ଶାସନ ସଚିବ ଏହି ଅନୁରୋଧ ପ୍ରସ୍ତାବ ଉପରେ ପଦକ୍ଷେପ ନେବା ଲାଗି ଆର୍‌ଡିସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଆର୍‌ଡିସିଙ୍କ ନିକଟରୁ ପୁରୀ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି। ଏହି ପ୍ରସ୍ତାବ ସମ୍ପର୍କରେ ଅନୁଧ୍ୟାନ କରି କ'ଣ ପଦକ୍ଷେପ ନିଆଯିବ ତାହା ଦେଖିବା ପାଇଁ ଚିଠିରେ ଦର୍ଶାଯାଇଛି। ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ପ୍ରସ୍ତାବ ଦେଇଥିବା ଦୁଷ୍ମନ୍ତ ସାହୁ। ଶ୍ରୀ ସାହୁ କହିଛନ୍ତି ମୋ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ଖଣ୍ଡହତା ପଞ୍ଚାୟତରେ ଗ୍ରାମ୍ୟ ଜିମ୍ ପ୍ରତିଷ୍ଠା କରିବା ଲାଗି ଅନୁରୋଧ କରିଛୁ। ଏହାଦ୍ୱାରା ଆଖପାଖର ବହୁ ଗାଁର ଯୁବପୀଢି ଉପକୃତ ହେବେ। ଆଜିକାଲି ନିଜକୁ ସୁସ୍ଥ ଏବଂ ଫିଟ୍ ରଖିବା ପାଇଁ ଲୋକେ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ। ତେଣୁ ଏହି ଜିମ୍ ନିର୍ମାଣ କରାଗଲେ ଅଞ୍ଚଳବାସୀ ବିଶେଷ ଉପକୃତ ହୋଇପାରନ୍ତେ ବୋଲି ଶ୍ରୀ ସାହୁ କହିଛନ୍ତି।

## ରାୟପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ସମ୍ବର୍ଦ୍ଧନା

**ପୁରୀ, ୬।୪(ସମିସ):** ଓଡ଼ିଆ ଓ ଛତିଶଗଡ଼ ସାହିତ୍ୟର ମିଳିତ ସମନ୍ୱୟ ଆଗାମୀ ଦିନରେ ଭାରତୀୟ ସାହିତ୍ୟକୁ ନୂଆ ଚେତନା ଦେବ ବୋଲି କହିଛନ୍ତି ପଣ୍ଡିତ ରବିଶଙ୍କର ଶୁକ୍ଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ଶୁକ୍ଳା। ଭାରତୀୟ ସାହିତ୍ୟକୁ ସେ କହିଛନ୍ତି ଯେ ଭୀମଭୋଇ, ସାରଳା ଦାସ, ଉପେନ୍ଦ୍ର ଭଞ୍ଜ, ଫକୀରମୋହନଙ୍କଠାରୁ ମନୋଜ ଦାସଙ୍କ ପର୍ଯ୍ୟନ୍ତ ଅନେକ କବି, ଗାଳ୍ପିକ ଓ ଔପନ୍ୟାସିକ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଯେପରି ସେମାନଙ୍କର ଲେଖନୀରେ ଜୀବନ୍ତ କରିଛନ୍ତି ତାହା ଅବିସ୍ମରଣୀୟ। ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଡକ୍ଟର ବିଜୟାନନ୍ଦ ସିଂହ ଓ କଥାକାର ବଦ୍ରି ମିଶ୍ର ପ୍ରଫେସର ଶୁକ୍ଲାଙ୍କୁ ଶନିବାର ସିଂହଦ୍ୱାରଠାରେ ସମ୍ବର୍ଦ୍ଧିତ କରିଥିଲେ। ଖୁବ୍‌ଶୀଘ୍ର ରାୟପୁରଠାରେ ଏକ କର୍ମଶାଳାର ଆୟୋଜନ କରାଯାଉଛି ବୋଲି ଶ୍ରୀ ମିଶ୍ର ଜଣାଇଛନ୍ତି।

**AFFIDAVIT**

By virtue of an affidavit before Executive Magistrate, Bhubaneswar. I have changed my name from Rima Dhawan To Reema Diddee. Henceforth, I shall be known as **REEMA DIDDEE**, D/o- Late Madhusudan Lal Diddee resident of Flat No-401, 4th Floor, A-One Mansion, Plot No.129, K-3A Kalinga Nagar, Po-Ghatikia, Ps-Khandagiri, Bhubaneswar, Dist-Khorda, Odisha for all future purposes.

**AFFIDAVIT**

I, Iqubal Yusuf, S/o- MD Ather, resident of At- Mukundaprasad, Po- P.N College, Ps/ Dist- Khordha, Pin-752057, Odisha declare by this affidavit No. 616, date-06/04/2024, that now onwards I shall be known as **MOHAMMED IQBAL YOUSUF** for all future purposes.

**AFFIDAVIT**

I, Mahemed Abu Salam, S/o- Mohammed Ekram Rasul, resident of At/Po-Neulpur, Ps-Dharmasala, Dist-Jajpur, Pin-755024, Odisha declare by this affidavit No. 617, date-06/04/2024, that now onwards I shall be known as **MOHAMMED ABUSALAM** for all future purposes.

# ୧୭ରୁ ସାହିଯାତ: ଚଳଚଞ୍ଚଳ ଆଠ ସାହି ଆଖଡ଼ା

**ପୁରୀ, ୬।୪(ସମିସ)**



ଶ୍ରୀଜଗନ୍ନାଥଙ୍କ ଉପାସନା ସହିତ ଶ୍ରୀକୃଷ୍ଣ ଲୀଳା ଏବଂ ଶ୍ରୀରାମ ଲୀଳା ଅଙ୍ଗାଙ୍ଗୀ ଭାବେ ଜଡିତ। ଶ୍ରୀମନ୍ଦିରରେ ଚୈତ୍ରମାସ ଶ୍ରୀରାମ ନବମୀଠାରୁ ଶ୍ରୀରାମ ଲୀଳା ନୀତି ଅନୁଷ୍ଠିତ ହୋଇଥାଏ। ଏହା ଶ୍ରୀକ୍ଷେତ୍ରରେ ସାହିଯାତ ଭାବେ ପାଳନ କରାଯାଏ। ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ସାହିଯାତର ସମନ୍ୱୟ ରହିଛି। ଆସନ୍ତା ୧୭ ତାରିଖରେ ଶ୍ରୀରାମ ନବମୀ। ଏହି ଦିନଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହେବ ଶ୍ରୀରାମ ଲୀଳା ତଥା ସାହିଯାତ। ଏଥିରେ ସାମିଲ ହେବେ ଶ୍ରୀକ୍ଷେତ୍ରର ଆଠସାହି ଆଖଡା। ସାହିଯାତ ଲାଗି ଏବେ ଚଳଚଞ୍ଚଳ ହୋଇପଡ଼ିଛି ଅଖାଡାଗୁଡିକ।

ପୁରୀ କାଳିକାଦେବୀ ସାହି ଯାତ ନାମ ଶ୍ରୀରାମଜନ୍ମ ନୀତି। ଶ୍ରୀରାମ ନବମୀ ଦିନ ଏହି ନୀତି ସମ୍ପନ୍ନ ହୋଇଥାଏ। ସାହିରୁ ଶ୍ରୀରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଏବଂ ଋଷ୍ୟଶୃଙ୍ଗ ବେଶଧାରୀ ବାହାରି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ନୀତିରେ ସାମିଲ ହୁଅନ୍ତି। ଏହାପରେ ସେମାନେ ଶ୍ରୀନଅରକୁ ଯାଇ ଫେରିବା ପରେ ସାହି ପରିକ୍ରମା କରନ୍ତି। ଦକ୍ଷିଣକାଳୀଙ୍କଠାରୁ ଏହି ଆଖଡାର ନିଶାଣ ବାହାରେ। ନିଶାଣ ଆଗରେ ରହି ଯାତ ପଟୁଆର ମିତ୍ର ସାହି ମାଟିମଣ୍ଡପ ସାହି ପରିକ୍ରମା କରିଥାଏ। ଚଳିତ ବର୍ଷ ସାହିଯାତ ପାଇଁ ଅଖାଡା ପକ୍ଷରୁ ପ୍ରସ୍ତୁତି ଚାଲିଛି।

ମାଟିମଣ୍ଡପ ସାହି ଆଖଡା ସାହିଯାତରେ ସାମିଲ ହେଉଥିଲେ ମଧ୍ୟ ଏହାର କୌଣସି ନୀତି ନାହିଁ। ମାଟିମଣ୍ଡପ ସାହିର ମିତ୍ର ସାହି କାଳିକାଦେବୀ ସାହି। କାଳିକା ଦେବୀ ସାହି ଯାତ୍ରା ପରଦିନ ମାଟିମଣ୍ଡପ ସାହି ଆଖଡାରୁ ଯାତ ଶୋଭାଯାତ୍ରା ବାହାରି ମିତ୍ର ସାହି ପରିକ୍ରମା କରିଥାଏ। ୧୮ ତାରିଖରେ ଯଜ୍ଞରକ୍ଷା ନୀତି ରହିଛି। ହରଚଣ୍ଡୀ ଆଖଡାର ଆକର୍ଷଣ ହେଉଛି ପର୍ଶୁରାମ। ଚୈତ୍ର ଶୁକ୍ଳ ଦଶମୀ ଏବଂ ଏକାଦଶୀରେ ଏହି ସାହି ଆଖଡାର ଯାତ ରହିଛି। ଦଶମୀରେ ନାକ, କାନ ଏବଂ ଏକାଦଶୀ ତିଥି ଯାତରେ ପର୍ଶୁରାମ ବାହାରିବା ଲାଗି ପ୍ରସ୍ତୁତି ଚାଲିଛି। ଚୈତ୍ର ଶୁକ୍ଳ ଦ୍ୱାଦଶୀରେ ଅର୍ଥାତ୍ ୨୦ ତାରିଖରେ ମାର୍କଣ୍ଡେଶ୍ୱର ସାହି ବନବାସ ପ୍ରସ୍ତାବ ନୀତି ସମ୍ପନ୍ନ ହୁଏ। ଏହି ନୀତିରେ ଶ୍ରୀରାମ ବନବାସରେ ଯାଇଥାନ୍ତି। ସାହି ଆଖଡାରୁ ଶ୍ରୀରାମ, ଲକ୍ଷ୍ମଣ, ସୀତା, ବିଶ୍ୱାମିତ୍ର, ଗୁହକ ଶବର ଏବଂ ଡଗରଙ୍କୁ ନେଇ ସାହିଯାତ ପଟୁଆର ବାହାରିଥାଏ। ବେଶଧାରୀ ଜଗନ୍ନାଥବଲ୍ଲଭ ମଠ ନୀତିରେ ସାମିଲ ହୋଇଥାନ୍ତି।

ସେହିପରି ୨୨ ତାରିଖରେ କୁଣ୍ଢାଇବେଣ୍ଟ ସାହି ପକ୍ଷରୁ ମାୟାମୃଗ ପ୍ରସ୍ତାବ ଆଗତ ହେବ। ଆଖଡାରୁ ରାମ, ଲକ୍ଷ୍ମଣ, ସୀତା, ହନୁମାନ ଓ ମାୟା ରାବଣ ବାହାରି ସୀତା ଚୋରି ନୀତିରେ ସାମିଲ ହେବେ। ୨୩ ତାରିଖରେ ଦୋଳମଣ୍ଡପ ସାହି ଆଖଡାର ଲଙ୍କାପାଡ଼ି ନୀତି ରହିଛି। ଏହି ଆଖଡା ପକ୍ଷରୁ ସାହି ଯାତରେ ଲଙ୍କାପୋଡି ହନୁମାନ ଏବଂ ରାବଣ ବାହାରିଥାଏ। ସେହିପରି ବାଲିସାହି ଆଖଡା ପକ୍ଷରୁ ପ୍ରତିପଦାରେ ଅର୍ଥାତ୍ ୨୪ ତାରିଖରେ ସେତୁବନ୍ଧ ପ୍ରତିଷ୍ଠା ଏବଂ ଦ୍ୱିତୀୟା ଅର୍ଥାତ୍ ୨୬ ତାରିଖରେ ରାବଣ ବଧ ଲୀଳା ସମ୍ପନ୍ନ ହୁଏ। ଏହି ଆଖଡାର ରାବଣ ମୁଖ୍ୟ ଆକର୍ଷଣ।

ଗୌଡବାଡ ସାହି ଆଖଡା ପକ୍ଷରୁ ସାହିଯାତର ଶେଷ ପର୍ବ ରାମାଭିଷେକ ନୀତି ସମ୍ପନ୍ନ ହୁଏ। ପୁଷ୍ୟା କର୍କଟ ନକ୍ଷତ୍ର ଥାଇ ଶ୍ରୀଜଗନ୍ନାଥଙ୍କ ତାରା ଶୁଦ୍ଧି ଥିବା ଦିନ ଏହି ନୀତି ପାଳିତ ହୋଇଥାଏ। ବୈଶାଖ କୃଷ୍ଣ ଦ୍ୱିତୀୟା ପରେ ଯେଉଁଦିନ ଉପରୋକ୍ତ ତିଥି ଥାଏ ସେହିଦିନ ଏହି ନୀତି ସମ୍ପନ୍ନ ହୁଏ। ଗୌଡବାଡ ସାହି ପକ୍ଷରୁ ଭରତ ଏବଂ ଶତ୍ରୁଘ୍ନ ବାହାରି ଶ୍ରୀମନ୍ଦିରକୁ ଯାଇଥାନ୍ତି। ସେଠାରୁ ପାଦୁକା ନେଇ ଶ୍ରୀଜଗନ୍ନାଥ ବଲ୍ଲଭକୁ ଯାଇ ନୀତିରେ ସାମିଲ ହୋଇଥାନ୍ତି। ଚଳିତବର୍ଷ ମେ ୧ ତାରିଖରେ ଗୌଡ଼ବାଡ଼ ସାହି ପକ୍ଷରୁ ରାମାଭିଷେକ ନୀତି ସମ୍ପନ୍ନ କରାଯିବ।

**(ନିଲାମ ଇସ୍ତାହାର)**

ମାନନୀୟ ଶ୍ରୀଯୁକ୍ତ ଦେୱାନୀ ଜର୍ଜ ତଥା ଫୌଜଦାରି ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ, ସୋହେଲା

ଏକଜ୍ୟୁକୁଶନ କେଶ ନଂ୦୫/୮/୨ ଅଫ ୨୦୧୭-୧୮

ଅଜନ୍ତା ଶୁଭଦର୍ଶିନୀ ...ଡିକ୍ରିଦାର

ବନାମ

ଦିଲ୍ଲିପ କୁମାର ସାହୁ ... ଦେନାଦାର

ଏତ୍‌ଦ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି ଯେ, ଦେନାଦାର ଦିଲ୍ଲିପ କୁମାର ସାହୁ, ପି-ସ୍ୱର୍ଗତ ସୋମନାଥ ସାହୁ, ନି/ପୋ-ଇଛାପୁର, ଥା-ଡୁଙ୍ଗୁରିପାଲି, ଜିଲ୍ଲା-ସୁବର୍ଣ୍ଣପୁରଙ୍କ ନିମ୍ନ ତଫସିଲ ବର୍ଣ୍ଣିତ ଜମି ଆସନ୍ତା ତା.୧୨.୦୪.୨୦୨୪ରିଖ ଇସବି ଦିନ ଘ୧୧ଣ୍ଟା ସମୟରେ ଉକ୍ତ ଅଦାଲତରେ ପ୍ରକାଶ୍ୟ ନିଲାମ କରାଯିବ ।

**ତଫସିଲ**

ମୌଜା-ଗଣ୍ଡିଆପାଲି, ଥା/ତ-ବିଜେପୁର, ଜିଲ୍ଲା-ବରଗଡ, ଚକ ଖାତା ନଂ-୧୨୫, ଚକ ନଂ-୩୯୭, ଚକ ପ୍ଲଟ ନଂ-୮୩୭, ରକବା ଏ୦.୪୦ଡି ।

ଦେୱାନୀ ଜଜ୍ ତଥା ଫୌଜଦାରୀ
ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ସୋହେଲା



ସ୍ୱାସ୍ଥ୍ୟ ହିଁ ସମ୍ପଦ। ଜଣେ ବ୍ୟକ୍ତି ପାଖେ ଧନସମ୍ପଦ, ସୁଖସୁବିଧା ଯେତେ ଉପଲବ୍ଧ ଥିଲେ ମଧ୍ୟ ଯଦି ସ୍ୱାସ୍ଥ୍ୟ ଭଲ ନ ଥାଏ, ତେବେ ଜୀବନକୁ ଭଲଭାବେ ଉପଭୋଗ କରିହୁଏ ନାହିଁ। ତେଣୁ ସୁସ୍ଥ ଜୀବନଯାପନ ପାଇଁ ସୁସ୍ଥ ଓ ନୀରୋଗ ଶରୀରଟିଏ ନିହାତି ଜରୁରୀ। ଏହି ଲକ୍ଷ୍ୟରେ ସଚେତନତା ସୃଷ୍ଟି ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ('ହୁ') ଆନୁକୂଲ୍ୟରେ ୧୯୫୦ ମସିହାରୁ ଏପ୍ରିଲ୍ ୭ ତାରିଖକୁ ପ୍ରତିବର୍ଷ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' ରୂପେ ପାଳନ କରାଯାଉଅଛି। 'ହୁ' ଅନୁସାରେ ସମ୍ପୂର୍ଣ୍ଣଭାବେ ଶାରୀରିକ, ମାନସିକ ଓ ସାମାଜିକ ସୁସ୍ଥତାକୁ 'ସ୍ୱାସ୍ଥ୍ୟ ବା ଉତ୍ତମ ସ୍ୱାସ୍ଥ୍ୟ' କୁହାଯାଇଥାଏ। ପ୍ରତ୍ୟେକ ବ୍ୟକ୍ତି, ସଂସ୍ଥା, ସଂଗଠନ ଓ ସରକାରଙ୍କ ମିଳିତ ପ୍ରଚେଷ୍ଟାରେ କିପରି ପୃଥିବୀବାସୀ, ନୀରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ଉପଭୋଗ କରିବେ, ତାହା ଏହି ଦିବସର ମୂଳ ଉଦ୍ଦେଶ୍ୟ। ପ୍ରତିବର୍ଷ ପରି ଏବର୍ଷର ବିଷୟବସ୍ତୁ ହେଉଛି **'ମୋ ସ୍ୱାସ୍ଥ୍ୟ ମୋ ଅଧିକାର'**।

# 'ସୁସ୍ଥ ମାନସିକତା ଆମର ଅଧିକାର'

**କେବଳ ଖାଦ୍ୟ, ବସ୍ତ୍ର ଓ ଘର ପାଇବା ଆମର ଅଧିକାର ନୁହେଁ; ଉତ୍ତମ ସ୍ୱାସ୍ଥ୍ୟ ବିଷୟରେ ଜାଣିବା ଓ ଦରକାର ବେଳେ ଚିକିତ୍ସା ପାଇବା ଆମର ଅଧିକାର। ତେଣୁ ଏହି ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରତିବର୍ଷ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' ପାଳନ ହେଉଛି। ଆଜିର ଆଧୁନିକ ଯୁଗରେ ଲୋକମାନେ ରୋଗପ୍ରତି ବିଶେଷକରି ମାନସିକ ରୋଗ ପ୍ରତି ଦାୟିତ୍ୱବାନ ହେଉନାହାନ୍ତି। ତେଣୁ 'ସୁସ୍ଥ ମାନସିକତା ଆମର ଅଧିକାର' ବିଷୟରେ ଜନଜାଗରଣର ଆବଶ୍ୟକତା ରହିଛି।**



କେତେକ ମାନସିକ ରୋଗ ଅଛି ଯଥା-ସିଜୋଫ୍ରେନିଆ ଭଳି ରୋଗରେ ଲୋକଟି ମଧ୍ୟ ସମାଜରେ ନାନା କ୍ଷତି ଘଟାଇଥାଏ। ଏ ରୋଗରେ ମନୁଷ୍ୟ ମନରେ ନାନା ପ୍ରକାର ସନ୍ଦେହ ଉପୁଜିଥାଏ। ଜଣେ ଅନ୍ୟ ଜଣଙ୍କୁ ସନ୍ଦେହ କରିଥାଏ। ରୋଗୀଟି ଭାବେ, ତାକୁ କିଏ ଖାଦ୍ୟରେ ବିଷ ମିଶାଇ ମାରିଦେବାକୁ ଚେଷ୍ଟା କରୁଛି ବା କେବେ କେବେ ଗୁଣି-ଗାରେଡ଼ି କରି ତାକୁ ମାରିବାକୁ ଚେଷ୍ଟା କରୁଛି। ଅନେକ ସମୟରେ ତାକୁ ଶୂନ୍ୟରୁ କେହି କିଛି ନିର୍ଦ୍ଦେଶ ଦେବାପରି ଜଣାଯାଏ। ସେ ସେହି ନିର୍ଦ୍ଦେଶକୁ ମାନି କାମ କର। ଫଳରେ ଅନେକ ଭୁଲ୍କାମ ତା' ମୁଣ୍ଡରେ ପଶିଯାଏ ଓ ସେହି ଭୁଲ ନିର୍ଦ୍ଦେଶକୁ ମାନି କାମ କରିଥାଏ। ଯେପରିକି ନିଜ ସ୍ତ୍ରୀକୁ ସନ୍ଦେହ କରି ଅନେକ ସମୟରେ ନିଜ ସ୍ତ୍ରୀ ଓ ପିଲାଙ୍କୁ ହତ୍ୟା କରିବାକୁ ମଧ୍ୟ ପଛାଏ ନାହିଁ। ପରିବାର, ପରିବେଶ, ପରିସ୍ଥିତିର ଅଚାନକ ଓ ଅପ୍ରତ୍ୟାଶିତ ପରିବର୍ତ୍ତନ ହେଲେ ମନୁଷ୍ୟ ତା'ର ମାନସିକ ଭାରସାମ୍ୟ ରକ୍ଷା କରି ପରିସ୍ଥିତି ସହ ନିଜକୁ ଖାପ ଖୁଆଇପାରେ ନାହିଁ। ତେଣୁ ସେ ମାନସିକ ଭାରସାମ୍ୟ ହରାଇଥାଏ। ନାନା କାରଣରୁ ଯେପରି ଶାରୀରିକ ରୋଗ ହୋଇଥାଏ ସେହିପରି ନାନାପ୍ରକାର କାରଣରୁ ମାନସିକ ରୋଗ ହୋଇଥାଏ। ଏହାର ଭୂତ, ପ୍ରେତ, ପୂର୍ବଜନ୍ମର ଅଭିଶାପ ସଙ୍ଗେ କୌଣସି ସମ୍ପର୍କ ନ ଥାଏ। ମସ୍ତିଷ୍କରେ କେତେକ ସ୍ନାୟବିକ ରସ କ୍ଷରଣର ବୈଷମ୍ୟ ଯୋଗୁଁ ଏପରି ହୋଇଥାଏ। ମାନସିକ ରୋଗ ବିଷୟରେ ଜାଣିବାକୁ ହେଲେ ପ୍ରଥମେ ମସ୍ତିଷ୍କ ଉପରେ କିଛି ଜାଣିବା ଦରକାର।



ଡା. ସମ୍ରାଟ କର

ମସ୍ତିଷ୍କର ଲିମ୍ବିକ୍ ସିଷ୍ଟମ (ଲିମ୍ଫିକ ସିଷ୍ଟମ) ଜ୍ଞାନଶକ୍ତି, ବୁଦ୍ଧି ଓ ବିଚାରଶକ୍ତି ପରିଚାଳିତ କରିଥାଏ। ଏହା ଏକ ନିର୍ଦ୍ଦିଷ୍ଟ ପରିମାଣର ଜୈବ ତରଳ ପଦାର୍ଥ (ମୋନୋଆମାଇନ୍ସ) ନିର୍ଗତ ହେବାର କାର୍ଯ୍ୟ କରେ। ଯଦି କୌଣସି ରାସାୟନିକ ପ୍ରକ୍ରିୟା (ବାୟୋକେମିକାଲ ରିଆକସନ) ଯୋଗୁଁ ଲିମ୍ବିକ୍ ସିଷ୍ଟମରେ ନିର୍ଗତ ହେଉଥିବା ଜୈବ ତରଳ ପଦାର୍ଥ (ମୋନୋଆମାଇନ୍ସ) ସଞ୍ଚାଳନର ପରିମାଣରେ ପରିବର୍ତ୍ତନ ହୁଏ, ତାହାହେଲେ ମାନସିକରୋଗ ସୃଷ୍ଟି ହୋଇଥାଏ। ଏହି ରାସାୟନିକ ପ୍ରକ୍ରିୟା ବଂଶଗତ କାରଣ ଯୋଗୁଁ ହୋଇପାରେ, ସାମାଜିକ ଓ ମାନସିକ ଦୁର୍ବଳତାରୁ ହୋଇପାରେ କିମ୍ବା କୌଣସି କାରଣ ନ ଥାଇ ମଧ୍ୟ ହେବାର ସମ୍ଭାବନା ଅଛି। ଶାରୀରିକ ଓ ମାନସିକ ରୋଗ ପାଇଁ ଶୀଘ୍ର ଡାକ୍ତରଙ୍କ ସାହାଯ୍ୟ ନେବା ଆବଶ୍ୟକ। ସେହିପରି ସମାଜ ଓ ପରିବାର ଦାୟିତ୍ୱବାନ୍ ହୋଇ ରୋଗୀଟିକୁ ସାହାଯ୍ୟ, ସହାନୁଭୂତି ଓ ଉତ୍ସାହ ଦେଲେ ଏହାର ପରିମାଣ କମିଯାଇପାରିବ।

**ସହକାରୀ ଅଧ୍ୟାପକ, ମାନସିକ ରୋଗ ବିଭାଗ**
**ପୁରୀଘାଟ ରୋଡ଼, କଟକ-୭୫୩୦୦୯**
**ମୋବାଇଲ- ୯୯୩୭୨୪୩୩୩୩୩**

## ନଖ ସଫାରୁ ସୁସ୍ଥତା

ହାତ ପରି ମଧ୍ୟ ନଖକୁ ସଫା ରଖିବାର ଆବଶ୍ୟକତା ରହିଛି। ଏକ ଅଧ୍ୟୟନ ଅନୁସାରେ ନଖରେ ୩୨ ପ୍ରକାରର ଜୀବାଣୁ ଏବଂ ୨୮ ପ୍ରକାରର ଫନଜାଇ ରହିଥାଏ। ତଥାପି ଅନେକ ଜଣ ନଖ ସ୍ୱଚ୍ଛତାକୁ ଏତେ ଧ୍ୟାନ ଦେଇ ନ ଥା'ନ୍ତି। ନଖ ସଫା ନ ରହିବା ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି ହୋଇଥାଏ। ତେଣୁ ସପ୍ତାହକୁ ଥରେ ନଖକୁ ଟ୍ରିମ୍ କରିବା ଜରୁରି। ନଖକୁ କାଟିବା ପରେ ପରେ ନଖ ସାଇଟ୍‌କୁ ଭଲଭାବେ ଘଷିବା ଜରୁରି। ନଖ କାଟିବା ସମୟରେ ଯେପରି ଚମଡ଼ା କଟି ନ ଯାଏ, ସେଥିପ୍ରତି ଧ୍ୟାନ ଦେବା ଦରକାର। କାରଣ ଏହାଦ୍ୱାରା ସଂକ୍ରମିତ ହେବାର ଅଧିକ ଭୟ ଥାଏ। ଅଧିକ ପାଣି ସଂସ୍ପର୍ଶରେ ଆସିବା ଦ୍ୱାରା ନଖ ଦୁର୍ବଳ ହୋଇଯାଏ, ତେଣୁ ଯେତେ ସମ୍ଭବ ନଖକୁ ଶୁଖିଲା ରଖିବା ଦରକାର। ପାଣିରେ କାର୍ଯ୍ୟ କରିବା ସମୟରେ ସର୍ବଦା ଗ୍ଲୋବସ୍ ବ୍ୟବହାର କରନ୍ତୁ। ନଖକୁ ସଫା ରଖିବା ପାଇଁ ସ୍ୱତନ୍ତ୍ର ମଏଶ୍ଚରାଇଜ୍ର, ଭିଟାମିନ୍ ଇ-, ଜୋଜୋବା ତେଲ ଆଦି ବ୍ୟବହାର କରିପାରିବେ। ନେଲ୍‌ପଲିସ୍ ବ୍ୟବହାର କରୁଥିଲେ, ଉତ୍ତମ ଗୁଣବତ୍ତା ଓ ରସାୟନମୁକ୍ତ ନେଲ୍ ପଲିସ ଲଗାଇପାରିବେ। କେବଳ ସେତିକି ନୁହେଁ; ଖାଦ୍ୟରେ ମଧ୍ୟ ବାୟୋଟିନ୍, ଭିଟାମିନ୍ ଏ, ସି, ଡି ଏବଂ ଇ, ମିନେରାଲ, ଆଇରନ୍, ଜିଙ୍କ୍ ସାମିଲ କରିପାରିବେ। ପ୍ରତିଦିନ ନିର୍ଦ୍ଦିଷ୍ଟ ପରିମାଣର ପାଣି ପିଇବା ଜରୁରି। ନଖର ଆକୃତି, ନଖ ପତଳା ହେବା ଆଦି ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ସୂଚନା ଦିଏ। ତେଣୁ ଏହାକୁ ଅଣଦେଖା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ।




## ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ସର୍ଜରୀ

CARE HOSPITALS

ସମୟ ସହିତ ଉନ୍ନତ ହୋଇଛି ଚିକିତ୍ସା ପଦ୍ଧତି। ପୂର୍ବରୁ ଓପନ୍ ସର୍ଜରୀ ମାଧ୍ୟମରେ ଆଣ୍ଠୁ ପ୍ରତିରୋପଣ କରାଯାଉଥିଲା। ବର୍ତ୍ତମାନ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଅତ୍ୟାଧୁନିକ ପଦ୍ଧତିରେ ଅନେକ ଜଟିଳ ରୋଗର ସଫଳ ଚିକିତ୍ସା କରାଯାଇ ପାରୁଛି। ସେହି ଭଳି ଏକ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ହେଉଛି ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ସର୍ଜରୀ। ବର୍ତ୍ତମାନ ରୋବୋଟ୍ ସାହାର୍ଯ୍ୟରେ ଆଣ୍ଠୁ ପ୍ରତ୍ୟାରୋପଣ ସର୍ଜରୀ ହେଉଥିବାରୁ ଏହି ସର୍ଜରୀର ସଫଳତା ହାର ବେଶ ଅଧିକ।



**କେଉଁମାନେ କରିପାରିବେ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ସର୍ଜରୀ**

- ଆଥ୍ରାଇଟିସ୍ ରୋଗୀ
- ଆଣ୍ଠୁ ବଙ୍କା ହୋଇଯାଇଥିବା ବ୍ୟକ୍ତି
- ଆଣ୍ଠୁଗଣ୍ଠି ବାତ ରୋଗୀ
- ଦୀର୍ଘଦିନ ଧରି ଆଣ୍ଠୁଗଣ୍ଠି ଯନ୍ତ୍ରଣା ହେଉଥିବା ରୋଗୀ
- ପୂର୍ବରୁ ଆଣ୍ଠୁ ସର୍ଜରୀ ହୋଇଥିବା ବ୍ୟକ୍ତି

**ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ସର୍ଜରୀର ଉପକାରୀତା**

- ବୟସ୍କ ବ୍ୟକ୍ତି
- ସର୍ଜରୀର ସଫଳତା ହାର ଅନ୍ୟ ଆଣ୍ଠୁ ସର୍ଜରୀ ତୁଳନାରେ ବେଶ ଅଧିକ
- ଅତ୍ୟାଧୁନିକ ଜ୍ଞାନ କୌଶଳ ସାହାଯ୍ୟରେ ଏହି ସର୍ଜରୀ କରାଯାଏ
- ରୋବୋଟ୍ ସାହାଯ୍ୟରେ ସର୍ଜରୀ ହେଉଥିବାରୁ ଭୁଲ ହେବାର ସମ୍ଭବନା ନଥାଏ
- ସର୍ଜରୀ ସମୟରେ କିମ୍ବା ପରେ ଯନ୍ତ୍ରଣା ହୁଏ ନାହିଁ
- ୨୪ ଘଣ୍ଟା ମଧ୍ୟରେ ରୋଗୀ ନିଜ ଗୋଡ଼ରେ ଠିଆ ହୋଇପାରେ
- ୨୪ ଘଣ୍ଟା ମଧ୍ୟରେ ରୋଗୀ ନିଜ ଗୋଡ଼ରେ ଠିଆ ହୋଇପାରେ
- ଅଧିକ ଦିନ ହସ୍ପିଟାଲରେ ରହିବାକୁ ପଡ଼େ ନାହିଁ
- ଅଧିକ ଦିନ ଫିଜିଓଥେରାପିର ଆବଶ୍ୟକତା ପଡ଼େ ନାହିଁ
- ଶୀଘ୍ର ପୂର୍ବ ଭଳି ନିଜର ସମସ୍ତ କାମ କରି ପାରିବେ
- ମାଂସପେଶୀ ଓ ଆଣ୍ଠୁର ହାଡ଼କୁ କାଟିବାକୁ ପଡୁନଥିବାରୁ ସଫଳତା ହାର ବେଶ ଅଧିକ
- ବୟସ୍କ ବ୍ୟକ୍ତି, ମୋଟା ବ୍ୟକ୍ତିଙ୍କ ମେରୁଦଣ୍ଡ ସର୍ଜରୀ ପାଇଁ ଏହା ସବୁଠାରୁ ଭଲ
- ରକ୍ତ କ୍ଷରଣ ହୋଇନଥାଏ। ମେରୁଦଣ୍ଡକୁ କିମ୍ବା ମାଂସପେଶୀକୁ କାଟିବାକୁ ପଡ଼େ ନାହିଁ। ସର୍ଜରୀର କୌଣସି କଟାକଟି ଦାଗ ରୁହେ ନାହିଁ।



Advt.

**Dr. Sandeep Singh**, MBBS, MS (Ortho), MRCS (Glasgow), MRCS (UK), FRCS (Primary & Revision Joint Replacement, London), Fellow Sports Injury (UK), Senior Consultant - Orthopaedics
Care Hospitals, Prachi Enclave Road, Chandrasekharpur, Bhubaneswar
For Emergency Contact: 0674 6165656 OR Visit: www.carehospitals.com

KALINGA HOSPITAL LIMITED ODISHA

www.kalingahospital.com

This World Health Day
Get Your Comprehensive
**WELLNESS SOLUTION**
only at
₹1999
Valid till 30th April, 2024



**PACKAGES FOR MEN**

CBC, ESR, FBS & PPBS, Kidney Function Test, Liver Function Test, Lipid Profile, Urine R & M, Stool R & M, Calcium, Uric acid, Thyroid Panel (T3, T4, TSH), Phosphorous, HBA1C, Vitamin B12, Vitamin D3, PSA, Iron, TIBC, Iron Saturation, Microalbumin, X-Ray of Chest, Ultrasonography, ECG, TMT, PFT, Dental Consultation, Diet Counseling

**PACKAGES FOR WOMEN**

CBC, ESR, FBS & PPBS, Kidney Function Test, Liver Function Test, Lipid Profile, Urine R & M, Stool R & M, Calcium, Uric acid, Thyroid Panel (T3, T4, TSH), Phosphorous, HBA1C, Vitamin B12, Vitamin D3, Iron, TIBC, Ca 125, LH, FSH, Prolactin, Pap Smear, Microalbumin, X-Ray of Chest, Ultrasonography, ECG, TMT, PFT, Dental Consultation, Diet Counseling

Call for Appoinment: 7064421154

**KALINGA HOSPITAL LTD.**
Chandrasekharpur, Bhubaneswar
24X7 Emergency Helpline
1800 572 5000 , 0674 666 5200
kalingahospital  kalingahospitalbhubaneshwar  hospitalkalinga

# ବାରବର୍ଷ ହେଲା ଅଙ୍ଗନବାଡ଼ିରେ ତାଲା ଝୁଲୁଛି

**ନୟାହାଟ,୭ ।୪(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଗଲବରୀ ପଞ୍ଚାୟତର ନୂଆପାଟଣା ପ୍ରାଥମିକ ବିଦ୍ୟାଳୟ ପରିସରରେ ନିର୍ମାଣ କରାଯାଇଥିବା ଅଙ୍ଗନବାଡ଼ି କେନ୍ଦ୍ର ଦୀର୍ଘ ବାର ବର୍ଷ ହେଲା ତାଲା ପଡି ରହିଛି । ଉକ୍ତ ଗ୍ରାମର ପିଲାମାନେ ଭୁର ଭୁରା ଗ୍ରାମକୁ ଏକ କିଲୋମିଟର ଦୂର ଚାଲି ଚାଲି ପାଠ ପଢିବା ପାଇଁ ଯାଇଥାନ୍ତି । ଏସମ୍ପର୍କରେ ସୂଚନା ନେବାରୁ ସରକାରୀ କାଗଜକଲମରେ ଉକ୍ତ ଗ୍ରାମରେ ଅଙ୍ଗନବାଡିକେନ୍ଦ୍ର ନାହିଁ । କିନ୍ତୁ ଏଠାରେ ଅଙ୍ଗନବାଡ଼ି ଘର ନିର୍ମାଣ ହେଲା କେମିତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରତି ଗ୍ରାମରେ ଅଙ୍ଗନବାଡି ଘର ସହିତ ଅଙ୍ଗନବାଡି ଶିକ୍ଷକ ପାଚିକା ରହିଛନ୍ତି । ନୂଆପାଟଣା ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନବାଡି ଘର ବନ୍ଦ ହେବା ନେଇ ଖବର ଗଣମାଧ୍ୟମରେ ପ୍ରକାଶ ପରେ ପୁରୀରୁ ଜିଲ୍ଲାପାଳ ଅଫିସରୁ ଦୁଇ ଜଣ କର୍ମଚାରୀ ଆସି ଅନୁଧ୍ୟାନ କରି ଏସଂପର୍କରେ ସରକାରକୁ ଜଣାଇବା ପରେ ଶିକ୍ଷକ ନିଯୁକ୍ତି କରାଯିବ ବୋଲି କହିଥିଲେ । କିନ୍ତୁ ଏକ ବର୍ଷ ପୁରିଥିଲେ ମଧ୍ୟ ଅଦ୍ୟାବଧି ଶିକ୍ଷକ ନିଯୁକ୍ତି ହୋଇନାହିଁ । ତୁରନ୍ତ ଶିକ୍ଷକ ନିଯୁକ୍ତି ନହେଲେ ଗୋପ ବ୍ଲକ ଆଗରେ ଧାରଣା ଦେବେ ବୋଲି କାର୍ତ୍ତିକ ବେହେରା ,କାଶୀନାଥ ନାୟକ, କାହ୍ନୁ ଚରଣ ସାହୁ , ପଦିଆ ସାହୁ ପ୍ରମୁଖ ଜଣାଇଛନ୍ତି ।

# ଆୟୁଷ ଡାକ୍ତରଙ୍କ ଭରସାରେ କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ର



**ଗମ୍ଭାରୀପଦା/କାକଟପୁର,୭ ।୪(ସମିସ):** ପୁରୀ ଜିଲ୍ଲା କାକଟପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଭିତ୍ତିଭୂମିର ବିକାଶ ସତ୍ତ୍ୱେ ରୋଗୀ ସେବାରେ ଉନ୍ନତି ହୋଇପାରି ନାହିଁ । କାକଟପୁର ବ୍ଲକର ପ୍ରାୟ ୧୨ ଟି ପଞ୍ଚାୟତର ୫୫ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି । ପ୍ରତିଦିନ କାକଟପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଶହଶହ ରୋଗୀଙ୍କ ଲମ୍ବା ଧାଡି ଲାଗି ରହୁଛି । ଡାକ୍ତରଙ୍କ ଅନୁପସ୍ଥିତିରୁ ଆୟୁଷ ଡାକ୍ତର ରୋଗୀଙ୍କୁ ଦେଖୁଦେଖୁ ଉପଯୁକ୍ତ ସେବା ବଦଳରେ କଟକ କିମ୍ବା ଭୁବନେଶ୍ୱରକୁ ରେଫର କରି ଦେଉଛନ୍ତି । ଏଠାରେ ଅବସ୍ଥାପିତ ଜଣେ ମାତ୍ର ଡାକ୍ତର ସପ୍ତାହକୁ ୩ ଦିନ ଆସୁଥିବାର ଅଭିଯୋଗ ହେଉଛି । ୪ ମାସ ହେବ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାର୍ମାସିଷ୍ଟ ଚାକିରିରୁ ଅବସର ନେଇଥିଲେ ମଧ୍ୟ ତାଙ୍କ ସ୍ଥାନରେ ଫାର୍ମାସିଷ୍ଟ ନିଯୁକ୍ତି କରିବା ବଦଳରେ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କୁ ଡେପୁଟେସନରେ ଆଣି କେବଳ ନିରାମୟ ଯୋଜନାରେ ଔଷଧ ବିତରଣ ପାଇଁ ରଖାଯାଇଛି । ଆୟୁଷ ଡାକ୍ତରଙ୍କ ଭରସାରେ ଡାକ୍ତରଖାନା ଚାଲିଥିଲେ ମଧ୍ୟ ଏଠାରେ ସାଧାରଣ ଥଣ୍ଡା ଓ ଜ୍ୱର ରୋଗର ଚିକିତ୍ସା ହେଉନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି । ପ୍ରଶାସନିକ ଅବହେଳା,ବିଭାଗୀୟ ଉଦାସୀନତା ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଇଚ୍ଛାଶକ୍ତି ଅଭାବରୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ବର୍ଷ ଧରି ସମସ୍ୟା ଲାଗିରହିଛି ।ଜଣେ ଆୟୁଷ ଡାକ୍ତରଙ୍କ ଭରସାରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ସକାଳେ ଚାଲିଲେ ଉପର ବେଳା ବନ୍ଦ ରହୁଥିବାର ଦେଖିବାକୁ ମିଳୁଛି । ରୋଗୀଙ୍କ ବେଡ଼ରେ ବେଡ଼ସିଟିଟିଏ ନାହିଁ , ଲାବରୋଟ୍ରୋରି ରୁମ ,ଡ୍ରେସିଂ ରୁମ କଥା ନକହିବା ଭଲ । ସ୍ୱାସ୍ଥ୍ୟକେନ୍ଦ୍ରର ଏକାଧିକ କର୍ମଚାରୀ ନିୟମିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁନଥିବା ଅଭିଯୋଗ ହେଉଛି । ଏଠାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ଅଞ୍ଚଳବାସୀ ଅନେକବାର ଧାରଣା , ଧର୍ମଘଟ, ରାସ୍ତାରୋକ କରିଛନ୍ତି କିନ୍ତୁ କେବଳ ପ୍ରତିଶ୍ରୁତି ଛଡା ଆଉ କିଛି ମିଳିନି । ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କାକଟପୁର ବ୍ଲକର ଜନସାଧାରଣ ଦାବି କରିଛନ୍ତି ।

# ପୀଢପାଟଣା ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଡେଲାଙ୍ଗ,୭।୪(ସମିସ):** ଡେଲାଙ୍ଗ ବ୍ଲକର ପୀଢପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଏବିଇଓ ସୁଶମା ଦାଶ, ପ୍ରଧାନ ଶିକ୍ଷକ ଦିଗମ୍ବର ରଥ, ଶିକ୍ଷାବିତ୍ ବିଭୂତି ଭୂଷଣ ହୋତା, ନିରଞ୍ଜନ ସାହୁ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ଶିକ୍ଷକ ସନ୍ତୋଷ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ଗୋପାଳଚନ୍ଦ୍ର ମହାପାତ୍ର,ସାମାଜିକକର୍ମୀ ଲକ୍ଷ୍ମୀନାରାୟଣ ପାଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରତ୍ନାକର ପରିଡା, ସୁରମା ଜେନା, ସୁଲୋଚନା ଜେନା ପ୍ରମୁଖ ଉପସ୍ଥିତ ରହି ଶିଶୁଙ୍କ ନୈ÷ତିକ ଶିକ୍ଷା ଓ ଅଭିଭାବକଙ୍କ ଗୁରୁଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ଚଳିତ ବର୍ଷ ବିଦ୍ୟାଳୟ ପକ୍ଷରୁ ବାଦାୟୀ ଶିକ୍ଷୟତ୍ରୀ ଜ୍ୟୋତ୍ରୀମୟୀ ଦେବୀଙ୍କୁ ଉତ୍ତମ ଶିକ୍ଷାଦାନ କରିବା ନେଇ ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସିଆରସିସି ଦୁର୍ଯ୍ୟୋଧନ ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷକ କାହ୍ନୁଚରଣ ସେଠୀ, ଅମରାବତୀ ତାଡ, କଳ୍ପନା ପ୍ରଧାନ, ଗ୍ରାମବାସୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଗଣେଶ୍ୱର ପରିଡା, କାଳୁଚରଣ ଦାସ,ରଶ୍ମୀରଂଜନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମା'ବନ ବିହାରୀ ପୀଠରେ ମାଇପିମେଳା

**ନିମାପଡା,୭।୪(ସମିସ):** ପୁରୀ,କଟକ ଓ ଖୋର୍ଦ୍ଧା ଜିଲ୍ଲାର ସଂଯୋଗସ୍ଥଳ ନିମାପଡା ବ୍ଲକ ଅନ୍ତର୍ଗତ ମିଟେଇପୁର ପଞ୍ଚାୟତ ନିକଟସ୍ଥ ଛିଟିକଣା ଠାରେ ମା'ବନବିହାରୀଙ୍କ ପୀଠରେ ଚଳିତବର୍ଷ ମାଇପିମେଳା ଅନୁଷ୍ଠିତ ହେବ । ଏହି ମେଳା ଏଠାରେ ୩ ଦିନଧରି ଚାଲିବ ବୋଲି କମିଟି ପକ୍ଷରୁ କୁହାଯାଇଛି । ଏଠାରେ ମାନସିକଧାରୀମାନେ ଗୁଆ,ନଡିଆ ବସାଇ ମାନସିକ କଲେ ମାନସିକ ପୂରଣ ହୁଏ ବୋଲି ଲୋକକଥା ରହିଛି । ଚଳିତବର୍ଷ ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଆରମ୍ଭ ହୋଇଛି ମା'ବନ ବିହାରୀ ମେଳା । ଏଠାରେ ଏକ ବଟବୃକ୍ଷ ମୂଳରେ ପୂଜା ପାଉଛନ୍ତି ମା' ବନବିହାରୀ, ଏଠାକୁ ବହୁତ ମହିଳା ଶ୍ରଦ୍ଧାଳୁ ଆସୁଥିବାରୁ ଏହି ମେଳାଟି ମାଇପି ମେଳା ବା ବୁଢିମେଳା ରୂପେ ଜଣାଶୁଣା । ବିଶେଷକରି ମା'ଙ୍କ ନିକଟରେ କୋରା,ଖଇ,ନଡିଆ ଆଦି ଭୋଗଲାଗି ହୋଇଥାଏ । ଶନିବାର ପ୍ରତ୍ୟୁଷରୁ ମା' ବନବିହାରୀଙ୍କୁ ପୂଜକମାନଙ୍କ ଦ୍ୱାରା ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା । ଏହି ମେଳାକୁ ବିଭିନ୍ନ ଜିଲ୍ଲାର ବ୍ୟବସାୟୀମାନେ ବ୍ୟବସାୟ କରିବା ଲାଗି ଆସିଥାନ୍ତି । ବିଭିନ୍ନ ଅଞ୍ଚଳରୁ ଏଠାକୁ ହଜାର ହଜାର ସଂଖ୍ୟାର ଭକ୍ତମାନେ ଆସୁଥିବାରୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ନିମାପଡା,ନିଆଳି ଓ ବାଲିପାଟଣା ଥାନା ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି ଲାଗି ଶତାଧିକ ପୁଲିସ କର୍ମଚାରୀ ନିୟୋଜିତ କରାଯାଇଛି ।

# ଚିଲିକା ନୂଆପଡ଼ାରେ ଦଶଦୋଳ



**କୃଷ୍ଣପ୍ରସାଦ,୭ ।୪(ସମିସ):** ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡ଼ାଠାରେ ଗୁରୁବାର ଐତିହାସିକ ଦଶଦୋଳ ଯାତ୍ରା ମହୋତ୍ସବ ଆରମ୍ଭ ହୋଇଯାଇଛି । ମୁଖ୍ୟ ପୀଠାଧୀଶ ଶ୍ରୀ ଗୁପ୍ତେଶ୍ୱର ଦେବଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରୁ ୧୬ ଠାକୁର ସୁସଜ୍ଜିତ ବିମାନରେ ପଟୁଆରରେ ଆସି ପୂଜା ମଣ୍ଡପରେ ବିରାଜମାନ ହୋଇଥିଲେ । ପ୍ରତ୍ୟହ ଲୋକନୃତ୍ୟ ଭାରତଲୀଳା ସହ ମନୋରଞ୍ଜନ ନିମନ୍ତେ ରାମ ନାଟକ ପରିବେଷଣ କରୁଛନ୍ତି । ସନ୍ଧ୍ୟା ସମୟରେ ସମରକଳା ପାଇକ ଆଖଡା ସାଙ୍ଗକୁ ଚିତାକର୍ଷକ ଆତସବାଜି ପ୍ରଦର୍ଶନ ହେଉଛି । ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀ କାନ୍ତ ଜେନା, ସମ୍ପାଦକ ସୁକାନ୍ତ କୁମାର ପ୍ରଧାନଙ୍କ ସମେତ ୩୫ ଜଣିଆ କମିଟି ଯାତ୍ରା ପରିଚାଳନାରେ ସହଯୋଗ କରୁଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ଲାଗି କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କନେତୃତ୍ୱରେ ପୁଲିସ ଫୋର୍ସ ମୁତୟନ କରାଯାଇଛି । ରବିବାର ପ୍ରତ୍ୟୁଷରୁ ମେଳଣ ପର୍ବ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ଠାରୁ ପ୍ରକାଶ ।

● ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

# ଶିଶୁର ପ୍ରାଥମିକ ଶିକ୍ଷା ସୁଦୃଢ ହେଲେ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ



**ଡେଲାଙ୍ଗ,୭।୪(ସମିସ):** ଡେଲାଙ୍ଗ ବ୍ଲକର ଧାନକେରାସ୍ଥିତ ନବଜ୍ୟୋତି ବିଦ୍ୟାମନ୍ଦିର ପରିସରରେ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଡ.ବୁଭୂପ୍ରଶାଦ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁଟିକୁ ଭଲ ମଣିଷ ଭାବେ ଗଢିତୋଳିବାକୁ ହେଲେ ପ୍ରାଥମିକଶିକ୍ଷା ସଠିକ୍ ଭାବେ ଦେବା ଦରକାର, ଯାହା ପିଲାଟିକୁ ଅଭିଭାବକ ତଥା ପିତାମାତାଙ୍କ ଠାରୁ ଶିଖିବାକୁ ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ । ବିଦ୍ୟାମନ୍ଦିରର ପରିଚାଳନା କମିଟି ସଭାପତି ଭାଗ୍ୟଧର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ କବି ପ୍ରଶନ୍ନ ପାଟଶାଣି ଉଚ୍ଚ ବିଦ୍ୟାଳୟ ମୁନିନ୍ଦାର ପ୍ରଧାନ ଶିକ୍ଷକ ହୃଷିକେଶ ବଳିୟାରସିଂହ , ସ୍ଥାନୀୟ ସରପଞ୍ଚ ମିନାକ୍ଷୀ ମହାପାତ୍ର, ପୂର୍ବତନ ସମିତିସଭ୍ୟ ଅମିୟ ବରାଳ ପ୍ରମୁଖ ଯୋଗ ଦେଇ କୋମଳମତି ଶିଶୁଟିର ଭବିଷ୍ୟତ ଗଢିବା ପାଇଁ ପିତାମାତାଙ୍କ ଗୁରୁଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିଭିନ୍ନ କ୍ରୀଡା ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଛାତ୍ରଛାତ୍ରୀଙ୍କ ମା' ମାନଙ୍କ ମଧ୍ୟରେ ଝୋଟି, ମ୍ୟୁଜିକ ଚେୟାର, ଟଙ୍କା ପଇସା ଗଣା ପ୍ରଭୃତି ପ୍ରତିଯୋଗୀତା କରାଯାଇ ପୁରସ୍କୃତ କରାଯାଇଥିଲା । ଗୁରୁଜୀ ଓ ଗୁରୁମା ବିଶ୍ୱଜିତ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ପୁଷ୍ପଲତା ସ୍ୱାଇଁ, ପ୍ରିୟଦର୍ଶିନୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସନ୍ଧ୍ୟାରେ କୋମଳମତି ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଶ୍ରୀଜଗନ୍ନାଥ କଥା ଗୁରୁକୁଳମ୍-ଚାରଣ ସମ୍ମିଳନୀ ଉଦ୍‌ଘାଟିତ




**ପୁରୀ,୭ ।୪(ସମିସ):** ଡୁଡୁଓ୍ୱଲା ଧର୍ମଶାଳା ପରିସରରେ ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପକ୍ଷରୁ ଉପଦଳପତି ଡଃ ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ 'ଶ୍ରୀଜଗନ୍ନାଥ କଥା ଗୁରୁକୁଳମ୍-୪୭ତମ ଚାରଣ ସମ୍ମିଳନୀ' ଉଦ୍‌ଘାଟିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସୁଥିବା ଚାରଣଙ୍କୁ ଅପରାହ୍ନ ୨ ଘଟିକା ସମୟରେ ସ୍ୱାଗତ କରାଯାଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ସମୁହ ବିଷ୍ଣୁ ସହସ୍ରନାମ, ପଞ୍ଚଦଶ ଅଧ୍ୟାୟ ଶ୍ରୀମଦ୍ ଭଗବତ ଗୀତା, ହନୁମାନ ଚାଳିଶା ପାଠ କରାଯାଇଥିଲା । ଉଦ୍‌ଘାଟନ ଉତ୍ସବରେ ରାଧାବଲ୍ଲଭ ମଠର ମହନ୍ତ ପୂଜ୍ୟ ସନ୍ଥ ରାମକୃଷ୍ଣ ଦାସ ମହାରାଜ, ଭିତରଛ ଭବାନୀ ଶଙ୍କର ମହାପାତ୍ର , କୃଷ୍ଣ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ସେବାୟତ ଗୋପାଳ ଖୁଣ୍ଟିଆ, ଡ଼ଃ ଶରତ ମହାନ୍ତି ଏବଂ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା ମହାପ୍ରଭୁଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥଲେ । ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀର ସାଂସ୍କୃତିକ ସଂପାଦକ ଡଃ ଶୁଭେନ୍ଦୁ ସ୍ୱାଇଁ ସଭାକାର୍ଯ୍ୟ ସଞ୍ଚାଳନ କରିଥିବା ବେଳେ ବରିଷ୍ଠ ଚାରଣ ପଣ୍ଡିତ ଗଣେଶ୍ୱର ପରିଡ଼ା, ବଂଶୀଧର ପରିଡ଼ା,ବିଦ୍ୟାଧର ପୃଷ୍ଟି ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ଡ଼ଃ ଶରତ ଚନ୍ଦ୍ର ପାତ୍ର ସମସ୍ତ ଚାରଣଙ୍କୁ ଶୃଙ୍ଖଳା ଓ ଆଚରଣ ପୂର୍ଣ୍ଣ ଜୀବନ ଯାପନ ପାଇଁ ନିବେଦନ କରିଥିଲେ । ପଣ୍ଡିତ ସଦାଶିବ ରଥଶର୍ମାଙ୍କୁ ଶ୍ରଦ୍ଧା ସମ୍ମାନ ଜଣାଇବା ସହିତ ଚାରଣଗୋଷ୍ଠୀକୁ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇଥିବାରୁ ବରିଷ୍ଠ ଚାରଣମାନେ ତାଙ୍କ ଗୁଣଗାନ କରିଥିଲେ । ସେହିପରି ସର୍ବ ସ୍ୱରୂପରେ ଶ୍ରୀ ଜଗନ୍ନାଥ ବିଷୟ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା କହିଥିବା ବେଳେ ଶ୍ରୀଜଗନ୍ନାଥଙ୍କ ଚୂନରା ସେବା ବିଷୟରେ ଡଃ ଶରତ ମହାନ୍ତି ଆଲୋଚନା କରିଥିଲେ । ଜୟ ଜଗନ୍ନାଥ ଟିଭିର ଉପସ୍ଥାପକ ଶେଷଦେବ ସାହୁ ମହାପ୍ରଭୁଙ୍କ ଲୀଳା ବିଷୟରେ ଆଲୋଚନା କରିଥିଲେ ।ଇତ୍ୟବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ଶ୍ରୀ ଜଗନ୍ନାଥ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶିକ୍ଷା କ୍ଷେତ୍ରରେ ଡ଼ଃ ପ୍ରଭୁ ଚରଣ ମହାନ୍ତି, ଡଃ ସୁନୀଲ ଧଳ, ଚିକିତ୍ସା କ୍ଷେତ୍ରରେ ଡ଼ଃ ସରୋଜ ଜେନା, ଡ଼ଃ ଔଜଲ୍ୟ ଜେନା, ସମାଜସେବା କ୍ଷେତ୍ରରେ ପ୍ରସନ୍ନ କୁମାର ବେଉରା, କୋଦଣ୍ଡ ଭୂୟାଁ, ସମୀର ପରିଜା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା ।

# ବକ୍ରେଶ୍ୱରଦେବଙ୍କ ବାରୁଣୀ ସ୍ନାନ



**ବଲଙ୍ଗା,୭ ।୪(ସମିସ):** ପଶ୍ଚିମାଶମ୍ଭୁ ପଞ୍ଚୁଦୋଳ ଥାନାପତି ବକ୍ରେଶ୍ୱର ଦେବଙ୍କ ମହା ବାରୁଣୀ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବକ୍ରେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଗୋପାଳ ଜୀଉଙ୍କୁ ସହିତ ସୁସଜ୍ଜିତ ଦୋଳ ବିମାନ ଓ ପାଲିଙ୍କିରେ ଘଣ୍ଟ,ଘଣ୍ଟା ଓ ବିଭିନ୍ନ ବାଦ୍ୟ ରୋଷଣୀ ପଟୁଆରରେ ନିକଟସ୍ଥ ଭାର୍ଗବୀ ନଦୀ ର ଭୃଗୁ ଘାଟରେ ଅବସ୍ଥାନ କରିଥିଲେ । ସ୍ନାନ କାର୍ଯ୍ୟ ଶେଷ ପରେ ୨୨ ଗୁଣ୍ଠ ମେଳଣ ପଡ଼ିଆରେ କନକବେଦୀ ନିକଟରେ ଅବସ୍ଥାନ କରିବା ପରେ ପ୍ରସିଦ୍ଧ ଚୁଡା ଘଷା ଓ ପଣା ଭୋଗ କରାଯାଇଥିଲା । ମାନସିକଧାରୀ ସ୍ନାନ ପରେ ଭୋଗ ଅର୍ପଣ କରି ମନସ୍କାମନା ପୂର୍ଣ୍ଣ ପାଇଁ ପ୍ରାର୍ଥନା କରିଥିଲେ । ବର୍ଷ ତମାମ ଭାର୍ଗବୀ ନଦୀରୁ ଜଳ ଯାଇ ମନ୍ଦିରରେ ଠାକୁରମାନଙ୍କୁ ସ୍ନାନ କରାଯାଉଥିବା ବେଳେ କେବଳ ବାରୁଣୀ ସ୍ନାନ ଦିନ ଠାକୁର ନିଜେ ସ୍ନାନ ପାଇଁ ନଦୀକୁ ଆସିଥାନ୍ତି ।ଗ୍ରାମର ଲୋକମାନଙ୍କ ଦ୍ୱାରରେ ଭୋଗ ଅର୍ପଣ କରି ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ ।

# ଅସ୍ତିତ୍ୱ ହରାଉଛି ଚିରସ୍ରୋତା ପ୍ରାଚୀ

## ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀଙ୍କ ଦାବି



**କୁଣ୍ଡେଇ,୭ ।୪(ସମିସ):** ପୁରୀ ଜିଲ୍ଲା କାକଟପୁର ଅଞ୍ଚଳର ଜୀବନରେଖା ଭାବେ ପରିଚିତ ପ୍ରାଚୀ ନଦୀ ଏବେ ତାର ଅସ୍ତିତ୍ୱ ହରାଇବାକୁ ବସିଛି । ଦିନେ ଚିରସ୍ରୋତା ଥିବା ଏହି ନଦୀ ନିଜର ସତ୍ତା ରକ୍ଷା ପାଇଁ ସଂଗ୍ରାମ କରୁଛି । ବର୍ଷା ଋତୁକୁ ଛାଡି ଦେଲେ ଅବଶିଷ୍ଟ ଦିନ ଏହାର ଶଯ୍ୟା ଜଳଶୂନ୍ୟ । ଏକଦା ସ୍ରୋତସ୍ୱିନୀ ପ୍ରାଚୀ ନୌବାଣିଜ୍ୟ ଉତ୍କଳର ପରିଚୟ ବହନ କରୁଥିଲା । କାଠଯୋଡ଼ି ନଦୀର ଏକ ଶାଖା ନଦୀ ଥିଲା । କିନ୍ତୁ ଏବେ ଅଡସପୁର ପରଠାରୁ କେବଳ ସଫେଇ ନାଳ ଭାବେ ସ୍ଥାନେ ସ୍ଥାନେ ଦେଖା ଯାଉଥିବା ବେଳେ ଅଡସପୁର ଠାରୁ କାଠଯୋଡ଼ି ପର୍ଯ୍ୟନ୍ତ ଏହାର ଅସ୍ତିତ୍ୱ ନାହିଁ । ପୁଣ୍ୟତୋୟା ପ୍ରାଚୀ ନଦୀର ନିମ୍ନ ଉପତ୍ୟକାରେ ଜଳ ସଙ୍କଟ ଦିନକୁ ଦିନ ବଢୁଥିବାରୁ ଅଞ୍ଚଳ ବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରାଚୀ ନଦୀ ଶଯ୍ୟା ପୋତି ହୋଇ ଗଲାଣି । ଏପରିକି ବର୍ଷା ଓ ବନ୍ୟା ସମୟକୁ ଛାଡ଼ି ଦେଲେ ଅନ୍ୟ ସମୟରେ ପାଣି ମିଳୁନାହିଁ । ପାନୀୟ ଜଳର ଉତ୍କଟ ଅଭାବ ଦେଖାଦେଇଛି । ୧୯୮୦ ପୂର୍ବରୁ ଏହି ନଦୀରେ ପ୍ରଚୁର ଜଳ ରହୁଥିଲା ଯାହା ଫଳରେ ସମ୍ପୃକ୍ତ ଅଞ୍ଚଳର କୃଷି ପାଇଁ ବରଦାନ ଥିଲା । କାଳକ୍ରମେ ଜଙ୍ଗଲ ନଷ୍ଟ, ଜନସଂଖ୍ୟା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ ରାସ୍ତା ଘାଟ ନିର୍ମାଣ , କୋଠାବାଡ଼ି ନିର୍ମାଣ , କିଛି ଜାଗାରେ ପ୍ରାଚୀ ନଦୀ ତଟ ପଠାକୁ ପୋତି ଘର କରିଥିବା ଦେଖାଯାଏ । ଏହି ପରି ବିଭିନ୍ନ କାରଣ ପାଇଁ ପ୍ରାଚୀ ନଦୀର ଜଳସ୍ରୋତ କମିବାରେ ଲାଗିଛି । କେବଳ ବର୍ଷା ଋତୁକୁ ଛାଡ଼ିଦେଲେ ଅନ୍ୟ ସମୟରେ ପ୍ରାଚୀ ନଦୀ ଶୁଷ୍କ ପଡିଛି । ଫଳରେ ଭୂତଳ ଜଳସ୍ତର ହ୍ରାସ ପାଇବା ଯୋଗୁ ନଳକୂପ, ପୋଖରୀ ଗୁଡିକ ଶୁଖିଲା ପଡ଼ିଛି । ଜୀବନ ଧାରଣ ପାଇଁ ଜଳ ଏକ ଅପରିହାର୍ଯ୍ୟ ଆବଶ୍ୟକତା । ସେଥିପାଇଁ ନଦୀକୂଳମାନଙ୍କରେ ମାନବ ସଭ୍ୟତା ଗଢିଉଠିଥିଲା ତାହା ସହିତ ନଦୀ କୂଳେ କୂଳେ ବହୁ ମଠ, ମନ୍ଦିର ଗଢିଉଠିଥିଲା । ଏ ଅଞ୍ଚଳର ହଜାର ହଜାର ଏକର ଚାଷ ଜମିକୁ ଅତୀତରେ ପାଣି ଯୋଗାଉଥିଲା । ପ୍ରାଚୀ ନଦୀର କୂଳରେ ଶତାଧିକ ଉଠା ଜଳସେଚନ ପ୍ରକଳ୍ପ ଚାଲୁଥିଲା । ପରିବା ଚାଷ କରି ଚାଷୀ ଲାଭବାନ ହେଉଥିଲେ । ହେଲେ ଏବେ ନଦୀରେ ପାଣି ଅଭାବରୁ ଶହ ଶହ ଜମି ପଡିଆ ପଡିଛି । ଶହ ଶହ ଉଠା ଜଳ ସେଚନ ପ୍ରକଳ୍ପ ଗୁଡିକ ଅଚଳ ହୋଇ ପଡିଛି । ଅତୀତରେ ଶହ ଶହ ମତ୍ସ୍ୟଜୀବୀ ଏଠାରେ ମାଛ ମାରି ପରିବାର ପ୍ରତିପୋଷଣ କରୁଥିଲେ । ପାଣି ନଥିବାରୁ ଡଙ୍ଗା ଓ ଜାଲ ଲୋକେ ବିକି ସାରିଲେଣି । ଶହ ଶହ ମତ୍ସ୍ୟଜୀବୀ ପରିବାର ଲୋକ ଉପାସରେ ଦିନ କାଟୁଛନ୍ତି । ତେବେ ପ୍ରାଚୀ ନଦୀ ଖନନ ନହେଲେ ଆଗାମୀ ଦିନରେ ପ୍ରାଚୀ ନଦୀ ମାନଚିତ୍ରରୁ ଲିଭିଯିବ ବୋଲି ବହୁ ବୁଦ୍ଧିଜୀବୀ ପରିବେଶବିତ୍‌ଙ୍କ ମତ ପ୍ରକାଶ କହିଛନ୍ତି ।

# କୁଣ୍ଡେଇ କେନାଲରେ କଟକୀ ଦଳ ଭର୍ତ୍ତି



**ନୟାହାଟ,୭ ।୪(ସମିସ):** ପୁରୀ ଜିଲ୍ଲା ନୟାହାଟ ଦେଇ ଯାଇଥିବା କୁଣ୍ଡେଇ କେନାଲର ନୂଆପାଟଣା ଠାରୁ ନୟାହାଟ କଲେଜ ଛକ ପର୍ଯ୍ୟନ୍ତ କଟକୀ ଦଳ ଭର୍ତ୍ତି ହୋଇ ରହିଛି । ଲୋକମାନେ ଉକ୍ତ କେନାଲରେ ମରି ଯାଇଥିବା ପଶୁପକ୍ଷୀ ଫୋପାଡି ଦେଉଛନ୍ତି । ଫଳରେ ପାଣି ଦୂଷିତ ହେବା ସହିତ ସେହି ପାଣିକୁ ଲୋକମାନେ ବ୍ୟବହାର କରିବା ଫଳରେ ବିଭିନ୍ନ ପ୍ରକାର ରୋଗରେ ଶିକାର ହେଉଛନ୍ତି । ନୂଆପାଟଣା ଠାରୁ କଲେଜ ଛକ ପର୍ଯ୍ୟନ୍ତ ଦୁର୍ଗନ୍ଧରେ ଫାଟି ପଡୁଛି । ଯାହାଫଳରେ ସାଧାରଣ ବାଟୋଇ ଯାତାୟତରେ ବାଧା ସୃଷ୍ଟି କରିଛି । ଏସମ୍ପର୍କରେ ଜଳ ସେଚନ ବିଭାଗ ଯନ୍ତ୍ରୀ ତପନ କୁମାର ନାୟକକୁ ପଚାରିବାରୁ ଆମେ ୩୦ରୁ ଉର୍ଦ୍ଧ୍ୱ ମଲା ପଶୁଙ୍କର ଶବ ବାହାରି କରି ସାରିଲାଣୁ ,କଟିକି ଦଳ ସଫା କରାଯିବ ବୋଲି ଯନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

# ‘ଦୀର୍ଘାୟୁ କରେ ଶୃଙ୍ଖଳିତ ଜୀବନଶୈଳୀ’

ବେଦରେ ଅଛି “ଆଚାର, ବିଚାର, ବ୍ୟବହାର, ଆହାର ଓ ନିଦ୍ରା ଠିକ୍ ରହିଲେ ଜଣେ ଦୀର୍ଘାୟୁ ହୁଏ। ତେଣୁ ସୁସ୍ଥ ଜୀବନ ଯାପନ ଲୋକଙ୍କୁ ସଚେତନ କରିବାରେ ସ୍ୱାସ୍ଥ୍ୟ ଦିବସର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି।



ଡା. ଅକ୍ଷୟ କୁମାର ସାମଲ

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁସାରେ, ଶାରୀରିକ, ମାନସିକ, ଆର୍ଥିକ, ସାମାଜିକ ଓ ଆଧ୍ୟାତ୍ମିକ ଭାବରେ ସ୍ୱାସ୍ଥ୍ୟ ଭୋଗ କରିବା ହେଉଛି ସୁସ୍ଥ ଓ ସକାରାତ୍ମକ ସ୍ୱାସ୍ଥ୍ୟ। ଏହି ପ୍ରକାର ସ୍ୱାସ୍ଥ୍ୟକୁ ଭୋଗ କରିବା ସମସ୍ତଙ୍କର ମୌଳିକ ଅଧିକାର। ଏହାକୁ ନିଶ୍ଚିତ କରିବା ପାଇଁ ସରକାର, ସାମାଜିକ ସଂସ୍ଥା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ମାନେ ସମ୍ମିଳତ ଭାବେ କାର୍ଯ୍ୟ କରିବାକୁ ଆଗେଇ ଆସିବା ଉଚିତ। ସମସ୍ତ ଅଧିକାର ସହିତ ସମସ୍ତ କର୍ତ୍ତବ୍ୟ ମଧ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସମାଜର ପ୍ରତ୍ୟେକ ଅଂଶ ସରକାର ସାମାଜିକ ସଂସ୍ଥା ତଥା ବ୍ୟକ୍ତି ବିଶେଷ ସମେସ୍ତ କାର୍ଯ୍ୟ କରି ମଣିଷର ସ୍ୱାସ୍ଥ୍ୟ ଅଧିକାର ଅକ୍ଷୁଣ୍ଣ ରଖିବାକୁ ଏପ୍ରିଲ ୭ ତାରିଖ ଏକ ସ୍ମରଣୀକା ମାତ୍ର। କେବଳ ସେତିକି ନୁହେଁ; ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ସୁସ୍ଥ ରହିବାକୁ କେତେଗୁଡ଼ିଏ ପରିମାପ ମଧ୍ୟ ଦେଇଛି।



ସରକାରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଯଥା:- ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ସ୍ୱଚ୍ଛ ପରିମଳ ବ୍ୟବସ୍ଥା, ଜନନୀଯୋଜନା, ୧୦୨ ଆମ୍ବୁଲାନ୍ସ ବ୍ୟବସ୍ଥା, ମାଗଣାରେ ସ୍ୱାସ୍ଥ୍ୟସେବା ଓ ଶିବିରର ଆୟୋଜନ, ମାଗଣା ଔଷଧ ଯୋଜନା ଓ ପ୍ରଧାନମନ୍ତ୍ରୀ ଯୋଜନାରେ ଅଧାମୂଲ୍ୟରେ ଔଷଧ ଯୋଜନା, ବ୍ୟକ୍ତିଗତ ସ୍ତରରେ ଶୃଙ୍ଖଳିତ ଜୀବନ ଯାପନ ଯଥା, ଶୃଙ୍ଖଳିତ ଜୀବନ ଚର୍ଯ୍ୟା, ସନ୍ତୁଳିତ ଆହାର, ନିଶା ଦ୍ରବ୍ୟ ଓ ମଦ୍ୟର ବର୍ଜନ, ନିୟମିତ ବ୍ୟାୟାମ, ଓଜନ ନିୟନ୍ତ୍ରଣ, ମାନସିକ ଅବସାଦ ଦୂର ପାଇଁ ଯୋଗ, ଧ୍ୟାନ, ଭଗବତ୍ ଚର୍ଚ୍ଚା ଇତ୍ୟାଦି ସକାରାତ୍ମକ ସ୍ୱାସ୍ଥ୍ୟର ପରିଭାଷା। ।

ପ୍ରଫେସର ଓ ମୁଖ୍ୟ; ହୃଦରୋଗ ବିଭାଗ
ଡିନ୍ ଓ ଡାଇରେକ୍ଟର, ହାଇଟେକ୍ ମେଡିକାଲ କଲେଜ, ମୋ ୯୪୩୭୯୪୧୪୨୪




# “ଉତ୍ତମ ସ୍ୱାସ୍ଥ୍ୟ ହିଁ ବ୍ୟକ୍ତିଗତ ଅଧିକାର”

କୌଣସି ରୋଗବ୍ୟାଧି ନ ଥିଲେ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିହେବ ତାହା ନୁହେଁ; ଶାରୀରିକ –ମାନସିକ ସୁସ୍ଥତା ଓ ସାମାଜିକ ସୁସ୍ଥତା ପରସ୍ପର ପରିପୂରକ। ‘ବ୍ୟକ୍ତି ସ୍ୱାଧୀନତା’ ଯେପରି ଏକ ବ୍ୟକ୍ତିଗତ ଅଧିକାର, ସେହିପରି ବର୍ତ୍ତମାନ ସମୟରେ ‘ଉତ୍ତମ ସ୍ୱାସ୍ଥ୍ୟ’ ମଧ୍ୟ ଏକ ବ୍ୟକ୍ତିଗତ ଅଧିକାର।





ଡା. ଚିରରଞ୍ଜନ ଖାଡ଼ଙ୍ଗ

ଅଧୁନା ସମଗ୍ର ପୃଥିବୀପୃଷ୍ଠରେ ପ୍ରାୟ ୫୦ଟି ଦେଶରେ ଥିବା ୪୦୦ କୋଟି ଜନସାଧରଣଙ୍କ ‘ଉତ୍ତମ ସ୍ୱାସ୍ଥ୍ୟ ଅଧିକାର’ରୁ ବଞ୍ଚିତ ଅଛନ୍ତି। ଏହାର କାରଣ ହେଉଛି ଦୁର୍ବଳ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟନୀତି, ଦୁର୍ବଳ ରାଷ୍ଟ୍ରୀୟ ଅର୍ଥନୈତିକ ବ୍ୟବସ୍ଥା। ଜନସାଧାରଣଙ୍କୁ ଉପଯୁକ୍ତ ପରିମାଣରେ ଶିକ୍ଷା ମିଳୁ ନ ଥିବାବେଳେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ଓ ଚିକିତ୍ସକ ତଥା ଚିକିତ୍ସା-ସରଞ୍ଜାମ-ଚିକିତ୍ସାଳୟ ଯୋଗାଇ ଦିଆଯାଇ ପାରି ନାହିଁ। ୟୁକ୍ରେନ୍-ଋଷ୍ ଯୁଦ୍ଧ, ଇସ୍ରାଏଲ-ଗାଜାପଟ୍ଟି ଯୁଦ୍ଧ ଭଳି ଅନ୍ତଃରାଷ୍ଟ୍ରୀୟ ବିବାଦ, ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ସମୟରେ ରାଷ୍ଟ୍ର ତଥା ସରକାରଙ୍କ ଥଇଥାନ –ପ୍ରଶମନରେ ଅପ୍ରସ୍ତୁତି ମହାମାରୀ ସମୟରେ ସ୍ୱାସ୍ଥ୍ୟସେବା, ବ୍ୟାପକ ରୋଗ ପ୍ରତିରୋଧକ- ପ୍ରତିଷେଧକ ଟିକାକରଣ, ଅପପୁଷ୍ଟି ନିରାକରଣ, ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କାର୍ଯ୍ୟକ୍ରମ, ନିଶାଦ୍ରବ୍ୟର ବ୍ୟବହାରରେ ରୋକ, ଅଣସଂକ୍ରାମକ ରୋଗ ସମ୍ବନ୍ଧରେ ଯଥେଷ୍ଟ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ନ କରିବା ଆଦି କାରଣରୁ ବ୍ୟକ୍ତି ଉତ୍ତମସ୍ୱାସ୍ଥ୍ୟ ଉପଭୋଗ କରିପାରି ନ ଥା’ନ୍ତି। ତେଣୁ ପ୍ରତିବର୍ଷ ଏପ୍ରିଲ ୭ ତାରିଖକୁ ‘ବିଶ୍ୱ ସ୍ୱାସ୍ଥ୍ୟ ଦିବସ’ ପାଳନ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିବାର ଅଧିକାର ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରାଇବା ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ ରହିଛି। ଅବଶ୍ୟ ଓଡ଼ିଶା ସରକାର ଏସବୁ କ୍ଷେତ୍ରରେ ଜନସଚେନତା ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି।

**ସଚେତନତା ଜରୁରି:** ଦେଶର ପ୍ରତ୍ୟେକ ସ୍ଥାନ ତଥା ଦୁର୍ଗମ ତଥା ପାହାଡ଼ିଆ ଅଞ୍ଚଳର ଜନସାଧାରଣଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିବା ଜରୁରି। ଚବିଶ ଘଣ୍ଟିଆ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବାର ଉପଲବ୍ଧତା, କୁଶଳୀ ତଥା ଅଭିଜ୍ଞ ଚିକିତ୍ସକ ଓ ସରଞ୍ଜାମର ଉପଲବ୍ଧତା, ରୋଗ ସମ୍ବନ୍ଧରେ ବିଶଦଭାବରେ ବୁଝାଇବା, ରୋଗର ଚିକିତ୍ସା, ଔଷଧ ଓ ଚିକିତ୍ସା ସମ୍ବନ୍ଧୀୟ ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ବୁଝିବା ଓ ବୁଝାଇବା, ରୋଗବ୍ୟାଧିର କାରଣ ତଥା ପ୍ରତିଷେଧକ ବିଷୟରେ ଜାଣିବା ଜରୁରୀ। ସେହିପରି ବିଶୁଦ୍ଧ ପାନୀୟଜଳ, ବିଶୁଦ୍ଧ ବାୟୁ, ନିରାପଦ କାର୍ଯ୍ୟସ୍ଥଳ, ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବିବାଦ- ଯୁଦ୍ଧ ଇତ୍ୟାଦିକୁ ପ୍ରତିହତ କରି ଅକାରଣରେ ଯୁଦ୍ଧଜନିତ ଧନଜୀବନ ହାନିକୁ ବନ୍ଦ କରାଯିବା ଆବଶ୍ୟକ। ତେଣୁ ଦେଶର ପ୍ରତ୍ୟେକ ନାଗରିକ ସ୍ୱ-ସ୍ୱାସ୍ଥ୍ୟ ଅଧିକାର ବିଷୟରେ ସଚେତନ ହେବା ଜରୁରି। କାରଣ ପ୍ରତ୍ୟେକ ନାଗରିକର ଉତ୍ତମ ସ୍ୱାସ୍ଥ୍ୟ ହିଁ ଭବିଷ୍ୟତରେ ଏକ ସୁ-ବିକଶିତ ଉତ୍ତମ ରାଷ୍ଟ୍ର ନିର୍ମାଣରେ ସହଯୋଗ ହେବ।

ବରିଷ୍ଠ କର୍କଟ ବିଶେଷଜ୍ଞ,
ସମ୍ଅଲଟିମେଟ୍ ମେଡ଼ିକେୟାର, ଭୁବନେଶ୍ୱର









# ଦେବ ମେଳେ ଶ୍ରୀମନ୍ଦିରେ



ପ୍ରସ୍ତୁତି: ହେମନ୍ତ କୁମାର ନାୟକ

ଶ୍ରୀକ୍ଷେତ୍ର କହିଲେ ସାଧାରଣରେ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ଭାବେ ବୁଝାଯାଏ। ଯେଉଁଠାରେ ନୀଳକନ୍ଦରରେ ବିଜେ କରନ୍ତି ନୀଳାଦ୍ରିନାଥ। ତେବେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବ୍ୟତୀରକେ ଏଠାରେ ଅନ୍ୟାନ୍ୟ ଦେବଦେବୀଙ୍କ ଗୁରୁତ୍ୱ କାଳେ କାଳେ ରହି ଆସିଛି। ଯେଉଁଥିପାଇଁ ଏଭଳି ଦେବକ୍ଷେତ୍ରକୁ ପରିଦର୍ଶନ କରି କୃପା ଲାଭ କରିବା ପାଇଁ ଏବେ ବି ରାଜ୍ୟରୁ ତଥା ରାଜ୍ୟ ବାହାରରୁ ଦୈନିକ ହଜାର ହଜାର ଲୋକେ ଛୁଟି ଆସୁଛନ୍ତି। ଯାହାକୁ ନେଇ ଏଥର ଆମର ଉପସ୍ଥାପନା।

## ମଣିକର୍ଣ୍ଣିକା ଭାବେ କପାଳମୋଚନ



ଶ୍ରୀଜଗନ୍ନାଥ ମନ୍ଦିରର ଦକ୍ଷିଣ ପଶ୍ଚିମ କୋଣରେ ମେଘନାଦ ପ୍ରାଚୀରଠାରୁ ପ୍ରାୟ ୩୦ ମିଟର ଦୂରରେ ଶ୍ରୀକପାଳମୋଚନ ମନ୍ଦିର ଅବସ୍ଥିତ। ଭୂମି ପତ୍ତନଠାରୁ ଏହା ୧୫ ମିଟର ନିମ୍ନରେ ରହିଛି। ମନ୍ଦିରର ଉଚ୍ଚତା ପ୍ରାୟ ୧୮ ମିଟର। ମୁଖ୍ୟ ମନ୍ଦିର ବ୍ୟତୀତ ଅନ୍ୟ ଏକ ମନ୍ଦିରରେ ସିଦ୍ଧ ଗଣେଶ ପୂଜିତ ହୁଅନ୍ତି। କପାଳମୋଚନଙ୍କ ପଶ୍ଚାତ୍‌ଦେଶରେ ଦତ୍ତାତ୍ରେୟଙ୍କ ମୂର୍ତ୍ତି ରହିଛି। କପାଳମୋଚନଙ୍କ ଆସ୍ଥାନ ମଣିକର୍ଣ୍ଣିକା ଭାବରେ ପରିଚିତ। ବର୍ଷାଦିନରେ ମଣିକର୍ଣ୍ଣିକା ତୀର୍ଥ ଭାବେ କଥିତ କୂପର ଜଳସ୍ତର ବୃଦ୍ଧି ହେଲେ କପାଳମୋଚନ ମଧ୍ୟ ଜଳମଗ୍ନ ରୁହନ୍ତି। ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବଙ୍କ ରୂପେ ପ୍ରସିଦ୍ଧ ପଞ୍ଚଶିବଙ୍କ ମଧ୍ୟରେ ଶ୍ରୀକପାଳମୋଚନ ନକୁଳ ଅଟନ୍ତି। ମାଦଳା ପାଞ୍ଜିରେ ପରିଦୃଶ୍ୟମାନ ମନ୍ଦିରକୁ ଅନଙ୍ଗକେଶରୀ ନିର୍ମାଣ କରିଥିଲେ।

ପୁରାଣ ତଥ୍ୟ ଅନୁସାରେ ଦିନେ ସ୍ୱର୍ଗରେ ବ୍ରହ୍ମା ଓ ଶିବଙ୍କ ମଧ୍ୟରେ କଳହ ହେଲା। ଶିବ କହିଲେ ମୁଁ ସୃଷ୍ଟି କର୍ତ୍ତା, ବ୍ରହ୍ମା କହିଲେ ମୁଁ ସୃଷ୍ଟି କର୍ତ୍ତା। ଏମିତି ବାକ୍‌ବିତଣ୍ଡା ମଧ୍ୟରେ ଦୁହେଁ ଉତ୍ତେଜିତ ହୋଇପଡ଼ିଲେ। ଏମାନଙ୍କ କଳହ ଦେଖିବାକୁ ସ୍ୱର୍ଗର ଅନ୍ୟ ଦେବତାମାନେ ପହଞ୍ଚିଗଲେ। ବ୍ରହ୍ମାଙ୍କର କଟୁ ବାକ୍ୟକୁ ଶିବ ସହ୍ୟ କରିପାରିଲେ ନାହିଁ। କ୍ରୋଧରେ ସେ ପ୍ରକମ୍ପିତ ହେବାକୁ ଲାଗିଲେ। ଚକ୍ଷୁରୁ ସ୍ଫୁଲିଙ୍ଗ ନିର୍ଗତ ହେଲା, ହାତରୁ ତ୍ରିଶୂଳ ଖସିପଡ଼ିଲା। ସେ ବ୍ରହ୍ମାଙ୍କୁ ଏକ ଶକ୍ତ ଚାପୁଡ଼ା ମାରିଲେ। ବ୍ରହ୍ମାଙ୍କର ପଞ୍ଚମୁଖରୁ ଗୋଟିଏ ମୁଖ ଛିଣ୍ଡିଗଲା। ବିଷ୍ଣୁ ପହଞ୍ଚି ବ୍ରହ୍ମାଙ୍କୁ ସାନ୍ତ୍ୱନା ଦେଲେ ତୁମେ ଚତୁର୍ମୁଖ ବ୍ରହ୍ମା ହୁଅ। ୪ ମୁଖରେ ୪ଟି ବେଦ ରଚନା କର। ଏପଟେ ଶିବ ଶାନ୍ତ ହେବା ପରେ ଦେଖିଲେ ତାଙ୍କ ହାତରେ ବ୍ରହ୍ମାଙ୍କ କପାଳ ଲାଗି ରହିଛି। ହେଲେ ଯେତେ ଚେଷ୍ଟା କଲେ ମଧ୍ୟ ହସ୍ତରୁ କପାଳ ଖସିଲା ନାହିଁ। ଆକୁଳ ହୋଇ ଦେବତାମାନଙ୍କୁ ଅନୁରୋଧ କଲେ। ଦେବତାମାନେ କହିଲେ ଏହା ବ୍ରହ୍ମଶାପ, ତୀର୍ଥାଟନରେ ହିଁ ମୁକ୍ତି ମିଳିବ। ବ୍ୟଥିତ ଆଶୁତୋଷ ସାରା ବ୍ରହ୍ମାଣ୍ଡରେ ଥିବା ତୀର୍ଥ ସବୁ ପ୍ରଦକ୍ଷିଣ କଲେ। କେଉଁଠାରେ ତାଙ୍କ ହସ୍ତରୁ କପାଳ ଖସିଲା ନାହିଁ। ଅବଶେଷରେ ଶିବ ଶ୍ରୀକ୍ଷେତ୍ରରେ ପ୍ରବେଶ କଲେ। ଶ୍ରୀମନ୍ଦିରର ଦକ୍ଷିଣ ପଶ୍ଚିମରେ ସେତେବେଳେ ମଣିକର୍ଣ୍ଣିକା ତୀର୍ଥ ନାମରେ ଏକ ବଡ଼ ସରୋବର ଥିଲା। ସଦାଶିବ ସେଠାରେ ପ୍ରବେଶ କରନ୍ତେ ତାଙ୍କ ହସ୍ତରୁ ବ୍ରହ୍ମାଙ୍କ କପାଳ ଖସିପଡ଼ିଲା। ବ୍ରହ୍ମଶାପରୁ ମୁକ୍ତ କପାଳମୋଚନ ରୂପେ ପ୍ରତିଷ୍ଠିତ ହେଲେ।

ଦୈନନ୍ଦିନ ଏଠାରେ ଠାକୁରଙ୍କ ପୂଜା ସହ ବିଶେଷ ପର୍ବ ମଧ୍ୟରେ ଶୀତଳ ଷଷ୍ଠୀ, ଜାଗର ଆଦି ଅନୁଷ୍ଠିତ ହୁଏ। ଜାଗର ଓ ଶୀତଳ ଷଷ୍ଠୀରେ ପୀଠରେ ପ୍ରବଳ ଭିଡ଼ ହୋଇଥାଏ। ଏହାବ୍ୟତୀତ କପାଳମୋଚନ ପଞ୍ଚପାଣ୍ଡବଙ୍କ ମଧ୍ୟରେ ସାମିଲ ହୋଇ ଚନ୍ଦନ ଯାତ୍ରାରେ ମହାପ୍ରଭୁଙ୍କ ସହ ମିଶି ନରେନ୍ଦ୍ରରେ ଜଳକ୍ରୀଡ଼ା କରିଥାନ୍ତି।





## ଶଙ୍ଖକ୍ଷେତ୍ର ମଧ୍ୟସ୍ଥଳେ ମାଉସୀ ମା'

ଶ୍ରୀକ୍ଷେତ୍ରର ଆକାର ଶଙ୍ଖ ସ୍ୱରୂପ। କପାଳମୋଚନଙ୍କ ମନ୍ଦିରଠାରୁ ମାଉସୀମା'ଙ୍କ ମନ୍ଦିର ପର୍ଯ୍ୟନ୍ତ ଅଞ୍ଚଳ ଏହି ଶଙ୍ଖକ୍ଷେତ୍ରର ମଧ୍ୟସ୍ଥଳରେ ଅବସ୍ଥିତ। ସୌମ୍ୟବଦନା ମା' ମାଉସୀମା ଭକ୍ତ ବତ୍ସଳା। ସେ ଅଭୟ ଅକ୍ଷୟ ଧାରିଣୀ। ମନୋବାଞ୍ଛାକୁ ଭକ୍ତ ନିଜେ ଜଣାଇବା ପୂର୍ବରୁ ମା' ସବୁ ବୁଝି ତା' ଅଜ୍ଞାନରୂପକ ପଥକୁ ସୁଗମ କରିଦେଇଥାନ୍ତି। ଶ୍ରୀଜଗନ୍ନାଥଙ୍କ ମାଉସୀମା'ଙ୍କ ମନ୍ଦିର ସିଂହଦ୍ୱାରରୁ ଗୁଣ୍ଡିଚା ମନ୍ଦିର ଯିବା ବାଟରେ ବଡ଼ଦାଣ୍ଡର ମଧ୍ୟସ୍ଥଳ ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ। ଦେଢ଼ ଡେସିମିଲ ଜମି ଉପରେ ପ୍ରତିଷ୍ଠିତ ଏହି ମନ୍ଦିରର ଉଚ୍ଚତା ପ୍ରାୟ ୩୦ ଫୁଟ୍। ମୁଗୁନି ପ୍ରସ୍ତରରେ ନିର୍ମିତ ମା'ଙ୍କ ବିଗ୍ରହର ଉଚ୍ଚତା ପ୍ରାୟ ୨ ହାତ। ମା'ଙ୍କ ମୁଖ ଦେବୀ ସୁଭଦ୍ରାଙ୍କ ପରି ହଳଦୀବଦନା। ଉଭୟ ପାର୍ଶ୍ୱରେ ଦେବୀ ଛାୟା ଓ ମାୟା ମୂର୍ତ୍ତି ବିରାଜମାନ। ସମ୍ମୁଖରେ ଏକ ସିଂହ ମା'ଙ୍କ ଶକ୍ତିପ୍ରାପ୍ତ ହୋଇ ହାତୀକୁ ଚାପି ଧରିଥିବା ଦେଖାଯାଏ। ସେଥିପାଇଁ ମା'ଙ୍କୁ ଶକ୍ତି ସ୍ୱରୂପିଣୀ ବୋଲି ମଧ୍ୟ କୁହାଯାଏ। ଜଗମୋହନ ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମେତ ଲକ୍ଷ୍ମୀ, ଶିବ ପାର୍ବତୀ, ରାଧାକୃଷ୍ଣ, ଦେବୀ ଦୁର୍ଗାଙ୍କ ବିଭିନ୍ନ ରୂପ, ଗଣେଶ, ନୃସିଂହ, ମହାବୀର ହନୁମାନ ଓ ନବଗ୍ରହ ଆଦି ପୂଜା ପାଉଛନ୍ତି। କେଶରୀବଂଶୀୟ ରାଜାଙ୍କ ରାଜତ୍ୱ ସମୟରେ ଏହି ମନ୍ଦିରଟି ନିର୍ମିତ ହୋଇଥିବା ଅନୁମାନ କରାଯାଏ।

ପୂଜକ ବିଶ୍ୱନାଥ ମିଶ୍ର କୁହନ୍ତି, ମା' ପରମ ବୈଷ୍ଣବୀ। ତାଙ୍କର ଦୈନନ୍ଦିନ ପୂଜା ଭୋଗରେ କେବଳ ଫଳ ଓ ଶୁଖିଲା ଭୋଗ ଲାଗିଥାଏ ଏବଂ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସମର୍ପଣ ହୋଇଥାଏ। ବିଶେଷ ପର୍ବପର୍ବାଣି ମଧ୍ୟରେ ନୃସିଂହ ଚତୁର୍ଦ୍ଦଶୀ ଏଠାରେ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୁଏ। ଏହି ପବିତ୍ର ତିଥିରେ ମା'ଙ୍କର ଜଳାଶାୟୀ ନୀତି ସମ୍ପନ୍ନ କରାଯାଏ। ଏହିଦିନ ଫୁଲ, ଚନ୍ଦନ, ଅଗୁର ଆଦି ଦ୍ୱାରା ସୁବାସିତ ଜଳକୁ ମା'ଙ୍କର ଅଧର ପର୍ଯ୍ୟନ୍ତ ଭରି ଜଳଲାଗି କରାଯାଏ, ଯାହା ଆଶ୍ଚର୍ଯ୍ୟଜନକ ଭାବେ ୨/୩ ଘଣ୍ଟା ମଧ୍ୟରେ ଶୁଖିଯାଏ।

କିମ୍ବଦନ୍ତୀ କହେ ସେତେବେଳେ ମାଳିନୀ ନାମକ ଏକ ନଦୀ ବଡ଼ଦାଣ୍ଡକୁ ଦୁଇଭାଗରେ ବିଭକ୍ତ କରି ରଖିଥିଲା, ଯେଉଁଥିପାଇଁ ରଥଯାତ୍ରା ସମୟରେ ୬ଟି ରଥର ଆବଶ୍ୟକତା ପଡୁଥିଲା। ଚତୁର୍ଦ୍ଧାମୂର୍ତ୍ତି ପ୍ରଥମେ ୩ଟି ରଥରେ ଯାଇ ନଦୀ ତଟରେ ଅଟକୁଥିଲେ। ସେଠାରେ ପହଣ୍ଡି କରାଯାଇ ନୌକାରେ ନଦୀ ପାର ହୋଇ ଅପରପାର୍ଶ୍ୱରେ ରହିଥିବା ଅନ୍ୟ ତିନିରଥରେ ବିଜେ ହେଉଥିଲେ। ଫେରନ୍ତା ବାଟରେ ମଧ୍ୟ ସମାନ ସ୍ଥିତିର ସମ୍ମୁଖୀନ ହେଉଥିଲେ।



ଏହିପ୍ରକାରେ ନବଦିନ ବ୍ୟାପୀ ଯାତ୍ରାର ୬/୭ ଦିନ ଅସୁବିଧାରେ କଟୁଥିଲା। ଦୟାମୟୀ, କରୁଣାମୟୀ ମାଉସୀ ମା' ମହାପ୍ରଭୁଙ୍କ ଏହି ଅସୁବିଧାକୁ ବୁଝି ଯାତ୍ରାକୁ ସୁଗମ କରିବା ଲାଗି ମାଳିନୀ ନଦୀ ଜଳକୁ ସମ୍ପୂର୍ଣ୍ଣ ରୂପେ ଶୋଷି ଶଯ୍ୟାକୁ ଶୁଷ୍କ କରିଦେଇଥିଲେ। ସେଇଥିପାଇଁ ମାଉସୀ ମା' ଅର୍ଦ୍ଧଶୋଷଣୀ ବା ଅର୍ଦ୍ଧାଶିନୀ ନାମରେ ଖ୍ୟାତ।




## ଅନନ୍ୟ ଯଜ୍ଞ ନୃସିଂହ

ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିରର ପୂର୍ବ-ଉତ୍ତର କୋଣରେ ଶ୍ରୀଯଜ୍ଞ ନୃସିଂହଙ୍କ ମନ୍ଦିର ପ୍ରତିଷ୍ଠିତ। ଏହି ନୃସିଂହଙ୍କୁ ପ୍ରତିଷ୍ଠା କରି ମହାରାଜା ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ସହସ୍ର ଅଶ୍ୱମେଧ ଯଜ୍ଞ କରିଥିବା ବିଭିନ୍ନ ଶାସ୍ତ୍ରରେ ବର୍ଣ୍ଣନା ଅଛି। ମହାପ୍ରଭୁଙ୍କ ଦାରୁ ମହୋଦଧିରେ ଆବିର୍ଭୂତ ହେବା ପରେ ଏହି ନୃସିଂହଙ୍କ ମନ୍ଦିର ସମ୍ମୁଖରେ ସାମାନ୍ୟ ଆଡ଼ ହୋଇ ବିଶ୍ୱକର୍ମାଙ୍କ ଦ୍ୱାରା ମହାପ୍ରଭୁଙ୍କ ଦିବ୍ୟ ରୂପ ଲାଭ କରିଥିଲେ। ସେଥିପାଇଁ ତାହା ଆଡ଼ପ ମଣ୍ଡପ ରୂପେ ପ୍ରସିଦ୍ଧ ଲାଭ କରିଥିଲା, ଯାହା ଆଜିର ଶ୍ରୀଗୁଣ୍ଡିଚା ମନ୍ଦିର। ପୁରାତନ କାଳରୁ ଯଜ୍ଞ ନୃସିଂହ ଶ୍ରୀଜଗନ୍ନାଥଙ୍କ ଉପାସନା ସହିତ ଜଡ଼ିତ। ଦ୍ୱାଦଶ ନୃସିଂହଙ୍କ ମଧ୍ୟରୁ ଯଜ୍ଞ ନୃସିଂହ ଅନ୍ୟତମ। ଅଥର୍ବ ବେଦରେ ସ୍କମ୍ଭ ବା ସ୍ତମ୍ଭର ଦେବତା ବୋଲି ଉଲ୍ଲେଖ ଅଛି। ନୃସିଂହଙ୍କ ଆବିର୍ଭାବ ନରଯୁକ୍ତ ସିଂହ ଚେତନାର ସମଷ୍ଟି।

ଲାଙ୍ଗୁଳା ନରସିଂହଦେବଙ୍କ ଦ୍ୱାରା ନିର୍ମିତ ହୋଇଥିବା ଆନ୍ଧ୍ରପ୍ରଦେଶର ସୀମାଚଳ ମନ୍ଦିରରେ ଦ୍ୱାଦଶ ନୃସିଂହଙ୍କ ବିଗ୍ରହ ଦେଖିବାକୁ ମିଳେ। ମାତ୍ର ସେଥିରେ ଯଜ୍ଞ ନୃସିଂହଙ୍କ ମୂର୍ତ୍ତି ପୁରୀର ଯଜ୍ଞ ନୃସିଂହଙ୍କ ମୂର୍ତ୍ତିଠାରୁ ଭିନ୍ନ। ପୁରୀର ଯଜ୍ଞ ନୃସିଂହ ବିଗ୍ରହ ଭାରତରେ ଅନନ୍ୟ। ଏହି ବିଗ୍ରହ ଦୁଇଟିଯାକ ଗୋଡ଼ର ଆଣ୍ଠୁଟେକି ପାଦ ଯୋଡିକ ଦେହ ସହିତ ଲଗାଇ ବସିଥିବା ଦେଖାଯାଏ।

ପ୍ରାଚୀନ କାଳରୁ ଶ୍ରୀନୃସିଂହ ଚତୁର୍ଦଶୀ ଦିନ ଶ୍ରୀମନ୍ଦିରରେ ମହାପ୍ରଭୁ ଯଜ୍ଞ ନୃସିଂହ ବେଶରେ ଭୂଷିତ ହେଉଥିଲେ। ଏହି ବେଶର ପ୍ରଚଳନ କୌଣସି କାରଣରୁ ବନ୍ଦ ରହିଛି। ନବକଳେବରରେ କୋଣାର୍କ ଦିଗରୁ ଯେ କୌଣସି ଦାରୁ ଶ୍ରୀକ୍ଷେତ୍ରକୁ ପ୍ରବେଶ କରିବା ପୂର୍ବରୁ ଏହି ମନ୍ଦିର ନିକଟରେ ରହିଥାଏ। ସେଠାରେ ଦଇତାପତି ଓ ଅନ୍ୟାନ୍ୟ ସେବକ ଗୋଟିଏ ରାତି ଅବସ୍ଥାନ କରିଥାନ୍ତି। ନିକଟସ୍ଥ ପ୍ରାଚୀନ ଇନ୍ଦ୍ରଦ୍ୟୁମ୍ନର କେତେକ ବିଧି ନିର୍ବାହ କରି ନୃସିଂହଙ୍କ ମନ୍ଦିରରେ ରହି ଆନୁଷଙ୍ଗିକ ରୀତିନୀତି କରିଥାନ୍ତି। ସେହି ମନ୍ଦିର ନିକଟରେ ଦାରୁ ବନ୍ଦାପନା କରାଯିବା ପରେ ଶୋଭାଯାତ୍ରାରେ ଶ୍ରୀମନ୍ଦିରକୁ ଅଣାଯିବାର ବିଧି ରହିଛି। ଏଠାରେ ବିଶେଷ ପୂଜା ମଧ୍ୟରେ ନୃସିଂହ ଚତୁର୍ଦ୍ଦଶୀ, ସୁଦାଶାବ୍ରତ, ସାବିତ୍ରୀ ଅମାବାସ୍ୟା, ସାତପୁରୀ ଅମାବାସ୍ୟା ଅନୁଷ୍ଠିତ ହୋଇଥାଏ।





## ଭୀମରୂପେ ଶ୍ରୀଲୋକନାଥ



ଶ୍ରୀଜଗନ୍ନାଥ ମନ୍ଦିରର ପଶ୍ଚିମରେ ପ୍ରାୟ ୨ କିଲୋମିଟର ଦୂରରେ ଶ୍ରୀଲୋକନାଥ ମନ୍ଦିର ଅବସ୍ଥିତ। ଶ୍ରୀଲୋକନାଥ ପଞ୍ଚପାଣ୍ଡବଙ୍କ ମଧ୍ୟରେ ଭୀମ ରୂପରେ କଳ୍ପିତ। ମନ୍ଦିରଟି ପ୍ରାୟ ୧୦ ଏକର ଜମି ପରିମିତ ସ୍ଥାନରେ ସୁଦୀର୍ଘ ପ୍ରାଚିର ଦ୍ୱାରା ପରିବେଷ୍ଟିତ। ବେଢ଼ା ସମ୍ମୁଖରେ ପାର୍ବତୀ ସାଗର ନାମକ ଜଳାଶୟ ରହିଛି। ଏହି ଜଳାଶୟର ପତ୍ତନ ସହିତ ମନ୍ଦିରର ଲିଙ୍ଗ ବିଜେ କରିଥିବା ଜଳ ପତ୍ତନ ସମାନ ରୁହେ। କଥିତ ଅଛି ତ୍ରେତୟା ଯୁଗରେ ଜନପଦୀୟ ଲୋକେ ଦେଇଥିବା ଏକ ଲାଉକୁ ଶ୍ରୀରାମଚନ୍ଦ୍ର ଏଠାରେ ଶିବ ଲିଙ୍ଗ ରୂପେ ପୂଜା କରିଥିଲେ। ପରବର୍ତ୍ତୀ କାଳରେ ଏହା ଲାଉକେଶ୍ୱର ରୂପେ ପୂଜିତ ହେଲେ। ଲାଉକେଶ୍ୱର ହିଁ ଜନମାନସରେ ଲୋକମାନଙ୍କ ନାଥ ଅର୍ଥାତ୍ ଲୋକନାଥ ମହାଦେବ ଭାବେ ପରିଚିତ ହୋଇଆସିଛନ୍ତି।

ମନ୍ଦିରରେ ପୂଜା ପାଉଥିବା ଶିବ ଲିଙ୍ଗ ବର୍ଷତମାମ୍ ଜଳମଗ୍ନ ହୋଇ ରହିଥାନ୍ତି। ଫାଲଗୁନ କୃଷ୍ଣ ଏକାଦଶୀରେ ପଙ୍କୋଦ୍ଧାର ପରେ ଦିବ୍ୟ ଲିଙ୍ଗଙ୍କ ଦର୍ଶନ ମିଳେ। ଏବେର ପରିଦୃଶ୍ୟମାନ ମନ୍ଦିର ଭୌମକର ବଂଶୀୟ ରାଜାମାନଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା। ବର୍ତ୍ତମାନ ମନ୍ଦିର ପରିଚାଳନା ଦାୟିତ୍ୱ ଟ୍ରଷ୍ଟବୋର୍ଡ ଉପରେ ନ୍ୟସ୍ତ ରହିଛି। ଏଠାରେ ପଣ୍ଡା ଓ ମହାପାତ୍ରମାନେ ସେବକ ଭାବେ କାମ କରୁଛନ୍ତି। ପଣ୍ଡା ଶ୍ରୀଲୋକନାଥଙ୍କ ସେବା ସହ ଯମେଶ୍ୱର ଓ ବାଟ ଲୋକନାଥ ଏବଂ ମହାପାତ୍ରମାନେ ଶ୍ରୀଲୋକନାଥଙ୍କ ସେବା ସହ ଯମେଶ୍ୱର ଓ ବିମଳାଙ୍କ ସେବା କରିଥାନ୍ତି। ଏମାନଙ୍କ ବ୍ୟତୀତ ମାଳି ସେବକ ମଧ୍ୟ ରହିଛନ୍ତି। ଶ୍ରୀଲୋକନାଥଙ୍କ ଉପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ସୁରକ୍ଷା ଦାୟିତ୍ୱ ରହିଛି। ଏଠାରେ ବଲ୍ଲଭ, ସକାଳଧୂପ, ମଧ୍ୟାହ୍ନଧୂପ, ସନ୍ଧ୍ୟାଧୂପ, ବଡ଼ସିଂହାର ନୀତି ହୋଇଥାଏ। ବିଶେଷ ପର୍ବ ଭାବେ ଶମ୍ଭୁ ଏକାଦଶୀ ପାଳନ କରାଯାଏ। ସୋମବାର ଦିନ ଏକାଦଶୀ ପଡ଼ିଲେ ଶମ୍ଭୁ ଏକାଦଶୀ ହୁଏ। ଏହି ଦିନ ଶ୍ରୀମନ୍ଦିରରେ ସମନ୍ୱୟାତ୍ମକ ନୀତି ଅନୁଷ୍ଠିତ ହୁଏ। ଏହା କେବଳ ପୁରୀ ଜଗନ୍ନାଥ ଓ ଲୋକନାଥଙ୍କ ମଧ୍ୟରେ ସମାହିତ ହୁଏ। କିନ୍ତୁ ୧୯୮୪ ମସିହା ପରଠାରୁ ଏଠାରେ ଶମ୍ଭୁ ଏକାଦଶୀ ହୋଇପାରୁ ନାହିଁ। ସେହିପରି ଶିବ ଚତୁର୍ଦ୍ଦଶୀରେ ଲୋକନାଥ ମନ୍ଦିରରେ ସମନ୍ୱୟାତ୍ମକ ନୀତି ହୋଇଥାଏ। ଏହା ହରିହର ପୂଜା ଭାବେ ବିଦିତ। ଶ୍ରୀଲୋକନାଥ ମଧ୍ୟ ପଞ୍ଚପାଣ୍ଡବ ଭାବେ ଚନ୍ଦନଯାତ୍ରାରେ ସମ୍ମିଳିତ ହୁଅନ୍ତି।

ବୈଶାଖ ମାସର ଶେଷ ସୋମବାର ଏଠାରେ ସରନ୍ତି ସୋମବାର ମହୋତ୍ସବ ଅନୁଷ୍ଠିତ ହୁଏ। ଓଡ଼ିଶାର ଗ୍ରାମାଞ୍ଚଳରୁ ଶତାଧିକ ଭକ୍ତ ଏଠାରେ ପହଞ୍ଚି ନୂଆଧାନରେ ଚୁଡ଼ାଘସା ପ୍ରସ୍ତୁତ କରି ଭୋଗ ଲଗାଇଥାନ୍ତି। ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ପୀଠରେ ପ୍ରସିଦ୍ଧ ଜାଗରମେଳା ଅନୁଷ୍ଠିତ ହୋଇଥାଏ। ଶ୍ରାବଣ ମାସର ପ୍ରତି ସୋମବାର ଭାରତର ବିଭିନ୍ନ ପ୍ରାନ୍ତରୁ ପବିତ୍ର ନଦୀଜଳ ଧରି ପାଦରେ ଚାଲିଚାଲି କାଉଡ଼ିଆମାନେ ଜଳାଭିଷେକ ନିମନ୍ତେ ପୀଠରେ ପହଞ୍ଚିଥାନ୍ତି।





## ପ୍ରବେଶଦ୍ୱାରେ ଆଲାମଚଣ୍ଡୀ




ଶ୍ରୀକ୍ଷେତ୍ରର ପ୍ରବେଶ ଦ୍ୱାରରେ ଦେବୀ ଆଲାମଚଣ୍ଡୀ ବା ଦେବୀ ଆଲମ୍ବା ଅଠରନଳା ସମୀପରେ ବିରାଜମାନ କରିଛନ୍ତି। ଗବେଷକଙ୍କ ମତ ଅନୁସାରେ ଗଙ୍ଗବଂଶର ନରପତି ଅନଙ୍ଗଭୀମ ଦେବଙ୍କ ରାଜତ୍ୱ କାଳରେ ମନ୍ଦିରଟି ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା। ଦେବୀଙ୍କ ମନ୍ଦିର ତିନିଭାଗରେ ବିଭକ୍ତ ଯଥା ବିମାନ, ଜଗମୋହନ ଓ ମୁଖଶାଳା। ବିମାନଟି ପ୍ରାୟ ୩୦ ଫୁଟ ଉଚ୍ଚତା ହୋଇଥିବା ବେଳେ ଜଗମୋହନ ଓ ମୁଖଶାଳାର ଉଚ୍ଚତା ଯଥାକ୍ରମେ ୨୦ ଫୁଟ ଓ ୧୫ ଫୁଟ। ବିମାନର ମଧ୍ୟ ଭାଗରେ ଦେବୀ ଆଲମ୍ବାଙ୍କ ପ୍ରାୟ ଦେଢ଼ଫୁଟ ଉଚ୍ଚତାର ଶବାରୂଢ଼ା ମୂର୍ତ୍ତି ଦଣ୍ଡାୟମାନ। ଦେବୀ ଚତୁର୍ଭୁଜା, ନୃମୁଣ୍ଡମାଳିନୀ, ତ୍ରିନୟନା, ଅଙ୍କୁଶ ତ୍ରିଶୂଳ ଏବଂ ପାନପାତ୍ର ଧାରିଣୀ ଅଟନ୍ତି।

ମନ୍ଦିର ସମ୍ମୁଖ ଭାଗରେ ରହିଛି ଏକ ପୁଷ୍କରିଣୀ। ଏହାକୁ ମା' ଆଲାମଚଣ୍ଡୀଙ୍କ ପୁଷ୍କରଣୀ କେହି କେହି କହୁଥିବା ବେଳେ କିଛି ପଥର ପୋଖରୀ ବୋଲି କହନ୍ତି। ନବକଳେବର ସମୟରେ ଦାରୁ ଆସିବା ବେଳେ ଦଇତାପତିମାନେ ଆଲାମଚଣ୍ଡୀ ପୀଠରେ ରାତ୍ରିଯାପନ କରିବା ସହ ପୋଖରୀରେ ସ୍ନାନ କରିଥାନ୍ତି। ରାତିସାରା ସେଠାରେ ମହାଦାରୁ ଶଗଡ଼ି ଅବସ୍ଥାନ କରନ୍ତି। ବିଶ୍ୱାସ ରହିଛି ଅର୍ଦ୍ଧରାତିରେ ମା'ଙ୍କର ମାଜଣା ହେବା ପରେ ମା'ମହାଦାରୁଙ୍କୁ ଦର୍ଶନ କରନ୍ତି। କେହି କେହି କୁହନ୍ତି, ମହାଦାରୁଙ୍କୁ ପରଖ କରନ୍ତି। ମା'ଙ୍କର ପରଖ ପରେ ଦାରୁରେ ଯଦି କୌଣସି ଦୋଷ ଥାଏ ତାହା ଦୂର ହୋଇଯାଏ। ମା' ଦାରୁ ପରଖ କରିବା ପରେ ସକାଳୁ ଶ୍ରୀମନ୍ଦିରରୁ ଘଣ୍ଟ, ଘଣ୍ଟା ସହିତ ଦାରୁଙ୍କୁ ପଟୁଆରରେ ଶ୍ରୀମନ୍ଦିରକୁ ଅଣାଯାଇଥାଏ।

ନବକଳେବର ସହିତ ଆଲାମଚଣ୍ଡୀ ମନ୍ଦିର ଏବଂ ଏହି ପୋଖରୀ ଜଡ଼ିତ। ପୋଖରୀର ଦକ୍ଷିଣ ପାର୍ଶ୍ୱରେ ମକରଧ୍ୱଜ ମହାବୀର ଅଛନ୍ତି। ଏହି ମହାବୀରଙ୍କ ମୂର୍ତ୍ତିଙ୍କୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ଏଭଳି ବିଗ୍ରହ ସମଗ୍ର ଭାରତବର୍ଷରେ ବିରଳ। ଗୋଟିଏ ମୋଗଲ ସେନା ଉପରେ ସେ ଦଣ୍ଡାୟମାନ। ଏଥିରୁ ଜଣାପଡୁଛି ଶ୍ରୀମନ୍ଦିର ଆକ୍ରମଣ ବେଳେ ମୋଗଲ ସୈନ୍ୟମାନଙ୍କୁ ପରାଜିତ କରିବାରେ ତାଙ୍କର ଭୂମିକା ରହିଥିଲା। ନିଶ୍ଚିତ ଭାବେ ମହାବୀରଙ୍କ କୃପା ଲାଭ କରି ଗଜପତିଙ୍କ ସେନାବାହିନୀ ମୋଗଲମାନଙ୍କ ସହ ଲଢ଼ିଥିଲେ। ସେହି ସ୍ମୃତିରେ ଏଭଳି ବିଗ୍ରହ ସେଠାରେ ସ୍ଥାନ ପାଇଛନ୍ତି। ଏସବୁ ବ୍ୟତୀତ ସପ୍ତପୁରୀ ଅମାବାସ୍ୟା ନୀତି ନିମନ୍ତେ ସପ୍ତପୁରୀ ୭ଟି ତାଡ ମା'ଙ୍କ ପୀଠରୁ ଶ୍ରୀମନ୍ଦିରକୁ ବିଜେ କରାଯାଏ। ଏଥିରୁ ଜଣାପଡେ ମହାପ୍ରଭୁଙ୍କ ଉପାସନା ସହିତ ମୂଳରୁ ମା'ଜଡିତ ରହିଛନ୍ତି।

## ଜଗନ୍ନାଥଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିର



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜନ୍ମବେଦୀ ଭାବେ ଗୁଣ୍ଡିଚା ମନ୍ଦିର ଜଣାଶୁଣା। ଏହା ଶ୍ରୀମନ୍ଦିରଠାରୁ ୩ କିମିରୁ ସାମାନ୍ୟ କମ୍ ଦୂରତାରେ ଅବସ୍ଥିତ। ବଡ଼ଶଙ୍ଖ ପରେ ଗୁଣ୍ଡିଚା ମନ୍ଦିରକୁ ଯିବା ପୂର୍ବରୁ ଯେଉଁ ପ୍ରଶସ୍ତ ସ୍ଥାନଟି ପରିଦୃଶ୍ୟ ହୁଏ ତାହା ଶରଧାବାଲି ଭାବେ ପ୍ରସିଦ୍ଧ। ଗୁଣ୍ଡିଚା ମନ୍ଦିରକୁ ଗୁଣ୍ଡିଚା ମଣ୍ଡପ, ଯଜ୍ଞବେଦୀ, ମହାବେଦୀ, ଆଡ଼ପମଣ୍ଡପ, ରାସମଣ୍ଡପ, ଆଟୋପ ମଣ୍ଡପ ନାମରେ ମଧ୍ୟ ଅଭିହିତ କରାଯାଏ। ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ଗୁଣ୍ଡିଚା ମଣ୍ଡପଟି କାଷ୍ଠ ମଣ୍ଡପ ଥିଲା। ଗଙ୍ଗବଂଶର ରାଜା ନରସିଂହ ଦେବ (ଦ୍ୱିତୀୟ)ଙ୍କ ରାଜତ୍ୱ ସମୟରେ ପଥର ମଣ୍ଡପ ନିର୍ମିତ ହୋଇଥିଲା। ଗୁଣ୍ଡିଚା ଘର ଗର୍ଭଗୃହରେ ପ୍ରତିଷ୍ଠିତ ସିଂହାସନଟି କଳାମୁଗୁନି ପଥରରେ ନିର୍ମିତ। ଏହାର ଉଚ୍ଚତା ୪ ଫୁଟ ଓ ଲମ୍ବ ୧୯ ଫୁଟ ବିଶିଷ୍ଟ ଅଟେ। ପିଢ଼ ଶୈଳୀରେ ନିର୍ମିତ ମନ୍ଦିରର ଉଚ୍ଚତା ୭୫ ଫୁଟ। ଜଗମୋହନର ଛାତଟି ୪ଟି ସ୍ତମ୍ଭ ଉପରେ ଅଧିଷ୍ଠିତ। ଗୋଟିକିଆ କଳାମୁଗୁନି ପଥରରେ ନିର୍ମିତ ପ୍ରତ୍ୟେକଟି ସ୍ତମ୍ଭର ଉଚ୍ଚତା ପ୍ରାୟ ୨୫ ଫୁଟ। ଜଗମୋହନରେ ଥିବା ଗରୁଡ ସ୍ତମ୍ଭର ଉଚ୍ଚତା ପ୍ରାୟ ୧୨ ଫୁଟ। ପ୍ରତିବର୍ଷ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଗ୍ରହମାନେ ସପ୍ତଦିବସ ବ୍ୟାପୀ ଅବସ୍ଥାନ କରି ପୁନଃ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାନ୍ତି। କିମ୍ବଦନ୍ତୀ ଅନୁସାରେ ଇନ୍ଦ୍ରଦ୍ୟୁମ୍ନଙ୍କ ମହାରାଣୀ ଗୁଣ୍ଡିଚାଦେବୀଙ୍କ ଅନୁରୋଧକ୍ରମେ ଏହି ଯାତ୍ରା ପ୍ରଚଳିତ ହୋଇଥିଲା। ଗୁଣ୍ଡିଚାଦେବୀଙ୍କୁ ଦର୍ଶନ ଦେବା ପାଇଁ ଶ୍ରୀଜଗନ୍ନାଥ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଏହି ଯାତ୍ରା କରିଥାନ୍ତି। ଗୁଣ୍ଡିଚା ମଣ୍ଡପକୁ ମହାପ୍ରଭୁ ଯେଉଁ ଦ୍ୱାରରେ ପ୍ରବେଶ କରନ୍ତି ସେହି ଦ୍ୱାରରେ ଫେରନ୍ତି ନାହିଁ। ମନ୍ଦିରର ବାମପଟେ ରହିଛି ବାହୁଡା ଦ୍ୱାର, ଯାହାକୁ ନାକଚଣା ଦ୍ୱାର କୁହାଯାଏ।

କିମ୍ବଦନ୍ତୀ ଅନୁସାରେ, ସ୍ୱପ୍ନାଦେଶ ପରେ ମହାପ୍ରଭୁ ଦାରୁ ମହୋଦଧି ଲାଗିବା ପରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଶୋଭାଯାତ୍ରାରେ ଉକ୍ତ ଦାରୁଙ୍କୁ ଆଣି ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟ ଭାଗରେ ଥିବା ମଣ୍ଡପ ଉପରେ ବିଜେ କରାଇଥିଲେ। ସେହିଠାରେ ଅନନ୍ତ ମହାରଣା ପ୍ରଥମେ ଚତୁର୍ଦ୍ଧାବିଗ୍ରହଙ୍କୁ ନିର୍ମାଣ କରିଥିଲେ। ସେହି ଅନନ୍ତ ମହାରଣା ରୂପରେ ମହାପ୍ରଭୁ ସ୍ୱୟଂ ନିଜକୁ ନିଜେ ଗଢ଼ିଥିବାରୁ ମହାପ୍ରଭୁଙ୍କର ଏଠାରେ ଆବିର୍ଭୁତ ହୋଇଥିଲେ। ମହାରାଜା ଇନ୍ଦ୍ରଦ୍ୟୁମ୍ନ ଗୁଣ୍ଡିଚା ମନ୍ଦିରର ଉତ୍ତର ପାର୍ଶ୍ୱରେ ଯଜ୍ଞ ନୃସିଂହଙ୍କୁ ସ୍ଥାପନ କରି ସେହିଠାରେ ଅଶ୍ୱମେଧ ଯଜ୍ଞ କରିଥିଲେ। ସେହି ଯଜ୍ଞ ବେଦୀକୁ ଆଡ କରି ମହାପ୍ରଭୁ ଯେଉଁ ମଣ୍ଡପରେ ଆବିର୍ଭୂତ ହୋଇଥିଲେ ତାହାକୁ ଆଡ଼ପ ମଣ୍ଡପ କୁହାଯାଏ। ଏହି ମନ୍ଦିରକୁ ଉତ୍ତର ଭାରତର ଯାତ୍ରୀମାନେ ଜନକପୁରୀ ଏବଂ ବଙ୍ଗାଳୀ ଯାତ୍ରୀମାନେ ମାସିର୍‌ବାଡ଼ି ବୋଲି କହିଥାନ୍ତି।



# ଗୁଡ୍ ମର୍ଣ୍ଣିଂ ରିପୋର୍ଟର





# ଅଧ୍ୟାପିକାରୁ ଉଦ୍ୟୋଗୀ

**ଦେବୀଦାନୀଙ୍କ ଆତ୍ମବିଶ୍ୱାସ, ଇଚ୍ଛାଶକ୍ତି, ସରକାରଙ୍କ ପ୍ରୋତ୍ସାହନରେ ଆଜି ଜଣେ ମହିଳା ଚାଷୀ ମହିଳା ଉଦ୍ୟୋଗୀ ଭାବେ ପରିଚିତ । ଏପରିକି ଜିଲ୍ଲାର ଶ୍ରେଷ୍ଠ ମହିଳା ଚାଷୀ ଭାବେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କୃତ ହୋଇ ପାରିଛନ୍ତି । ଆଗକୁ ଅନେକ ଲକ୍ଷ୍ୟ ରଖିଛନ୍ତି । ଏହି ଫାର୍ମ ହାଉସରେ ଜୈବିକ ପଦ୍ଧତିରେ ପନିପରିବା ଓ ଅନ୍ୟାନ ଚାଷ କରିବା, ମସଲା ଜାତୀୟ, ଔଷଧ ଜାତୀୟ ବୃକ୍ଷ ଏକ ବଡ ଫାର୍ମ ସ୍ୱତନ୍ତ୍ର ଭାବେ କରିବାର ଲକ୍ଷ୍ୟ ରହିଛି । ଜଣେ ଫାର୍ମକୁ ଆସିଲେ ବୃକ୍ଷଲତା ସହ ପଶୁ ପକ୍ଷୀ ଦେଖି ସମୟ ଅତିବାହିତ କରି ପାରିବ । ମନୋରଞ୍ଜନ ସହ କିଛି ଜାଣିବା, ଶିଖିବାର ସମସ୍ତ ସୁବିଧା ରହିବ ବୋଲି ଦେବୀଦାନୀ କହିଛନ୍ତି ।**

ମହିଳା ଚାଷୀ ଉଦ୍ୟୋଗୀ ଦେବୀଦାନୀ । ପିଲା ଦିନରୁ ରହିଥିଲା ପଶୁ, ପକ୍ଷୀ ପ୍ରତି ପ୍ରେମ । ପାଠ ପଢ଼ାରେ ମଧ ପାରଙ୍ଗମ । ସବୁ ଶ୍ରେଣୀରେ ଭଲ ମାର୍କ ରଖି ପାହାଚ ପାହାଚ ଡେଇଁ ଏମ ଫାର୍ମ ଭଳି ଏକ ସମ୍ମାନଜନକ ଡିଗ୍ରୀ ହାସଲ କରିଥିଲେ । କିଛି ଦିନ ପାଇଁ ଏକ ଘରୋଇ ଫାର୍ମାସୀ କଲେଜରେ ଅଧ୍ୟାପିକା ଭାବେ ମଧ କାମ କଲେ । ହେଲେ ପିଲାଦିନରୁ ଥିବା ପଶୁପକ୍ଷୀ ନିଶା ମନରେ ଯାଇ ନ ଥିଲା । ଶିକ୍ଷାଦାନକୁ ପେସା ଭାବେ ଆପଣେଇଥିଲେ ହେଲେ ନିଶା ଆଗରେ ପେସା ହାର ମାନିଯାଇଥିଲା । ଚାକିରି ଛାଡି ପଶୁପକ୍ଷୀକୁ ପାଳନ କରିବାକୁ ସହର ଉପକଣ୍ଠ ଜୟନ୍ତପୁର ପଞ୍ଚାୟତ (କେନ୍ଦୁଘାଟି) ପଣ୍ଡୁପାଲି ଗ୍ରାମ ନକଟରେ ରାମ ବାଟିକା ନାମରେ ଏକ ଫାର୍ମ ଆରମ୍ଭ କରିଥିଲେ । ଏହି ଫାର୍ମରେ ଏବେ ଏକାଧିକ ପଶୁ, ପକ୍ଷୀ ସହିତ ସୁନ୍ଦର ଫୁଲ, ଫଳ ଗଛ, ଔଷଧୀୟ ଗଛ ଲାଗିଛି । ଦେବୀଦାନୀଙ୍କ କହିବା ଅନୁସାରେ ପିଲାଟି ଦିନରୁ ଗଛ ଲତା ପଶୁ ପକ୍ଷୀଙ୍କୁ ସ୍ନେହ ପ୍ରେମ ଭଲପାଇବା ଥିଲା । ଚାକିରି ଛାଡ଼ି ନିଜସ୍ୱ ଏକ ଫାର୍ମ କଲେ । ସିନ୍ଦୁରପଙ୍କ ନିକଟସ୍ଥ କେନ୍ଦୁଘାଟିରେ ଏକ ଫାର୍ମ ଆରମ୍ଭ କଲେ ଏବେ ତାହା ୬୬ ଏକର ସ୍ଥାନରେ ପହଞ୍ଚିଯାଇଛି । ଫାର୍ମ ହାଉସ ଏବେ ଶ୍ରୀରାମ ବାଟିକା ଇକୋ ଟୁରିଜିମ ନାମରେ ନାମିତ ହୋଇଛି ।



ଶୁଭମ ଖଡିରତ୍ନ
ସମ୍ବଲପୁର

ରାଜ୍ୟ ସରକାରଙ୍କ ପ୍ରୋତ୍ସହନ ମଧ ମିଳିଛି । ଏବେ ପଶୁପକ୍ଷୀ ପାଳନ ସହ ଦୁର୍ଘଟଣାରେ ଆହତ ପଶୁ ପକ୍ଷୀଙ୍କୁ ନିଜ ଫାର୍ମକୁ ଆଣି ଚିକିତ୍ସିତ କରି ଯତ୍ନ ନିଅନ୍ତି । ପ୍ରଥମେ ଫାର୍ମରେ ହାତ ଗଣତି ପଶୁ ପକ୍ଷୀ ରହିଥିବା ବେଳେ ଏବେ ପ୍ରାୟ ୩୦ ପ୍ରଜାତିର ପକ୍ଷୀ ରଖିଛନ୍ତି । ଫାର୍ମରେ ଓଟ ପକ୍ଷୀ, ଏମୁ, ବତକ, ସେହିପରି କୁକୁଡାରେ ଦେଶୀ, ଟର୍କି, ବ୍ରହ୍ମା, କଡକନାଥ ଅଛନ୍ତି । ୮୫ ପ୍ରଜାତିର ଗାଇ ମଇଁଷି ରଖିଛନ୍ତି । ପ୍ରତିଦିନ ଶହେ ଲିଟରରୁ ଅଧିକ କ୍ଷୀର ଉତ୍ପାଦନ କରି ବିକ୍ରି କରୁଛନ୍ତି । ଗୋଲାପ, ଜାରବେରା, ଗ୍ଲାଡିଗ୍ଲୋସ ସହ ଅନ୍ୟ ପ୍ରଜାତିର ଫୁଲ ଗଛ ଲାଗିଛି । ଆମ୍ବ, ପିଜୁଳି, ନଡିଆ ଗଛ ସହ ପରିବା ଓ କଦଳୀ ଚାଷ ମଧ କରୁଛନ୍ତି । ଫାର୍ମରେ ବଣଭୋଜି କରିବାକୁ ସମସ୍ତ ସୁବିଧା ରହିଛି । ପର୍ଯ୍ୟଟକ ରହିବାକୁ ଆକର୍ଷଣୀୟ କଟେଜ ତିଆରି ହୋଇଛି । ୭ରୁ ୮ ପ୍ରଜାତିର ୫୦ରୁ ଅଧିକ ପାରା ଓ ୬୦ଟି ଏମୁ ପକ୍ଷୀ ଅଛନ୍ତି । ଏମୁ ପୌଷ୍ଟିକ ଖାଦ୍ୟ ପାଇବ ବୋଲି



ନିତିଦିନ ମକା, କୋବି ପତ୍ର କୁଣ୍ଡା ଦିଆଯାଉଛି । ପଶୁପକ୍ଷୀଙ୍କ ଖାଇବା ପାଇଁ ୪ ଏକର ଜମିରେ ପ୍ରୋଟିନ ଯୁକ୍ତ ସୁପର ଗ୍ରାସ ଚାଷ ହୋଇଛି । ୫୦୦ରୁ ଅଧିକ ଆମ୍ବ, ୪ଶହ ପିଜୁଳି, ୨ ଶହ ଲେମ୍ବୁ, ୩ ଶହ ନଡିଆ ଓ ଅନ୍ୟାନ ଫଳ ଗଛ ରହିଛି । ତାପମାତ୍ର ନିୟନ୍ତ୍ରଣ ବ୍ୟବସ୍ଥା କରି ଗୋଟିଏ ସ୍ଥାନରେ ବିଭିନ୍ନ ପ୍ରଜାତିର ଓ ରଙ୍ଗର ଗୋଲାପ ଫୁଲ ବଗିଚା ହୋଇଛି । ପାଖାପାଖି ୩ ହଜାରରୁ ୪ ହଜାର ଗଛ ରହିଛି । ନିତିଦିନ ସମ୍ବଲପୁର ବଜାରକୁ ୨ ହଜାରଟି ଫୁଲ ବିକ୍ରି ପାଇଁ ଆସିଥାଏ । ଏହା ସହ ସହରରେ ଥିବା ମନ୍ଦିର ଓ ବିଭିନ୍ନ ପୂଜା ମଣ୍ଡପକୁ ଫୁଲ ଯୋଗାଇ ଦେଇଥାନ୍ତି । ଦେଶୀ ବିଦେଶୀରୁ ପକ୍ଷୀ ଆଣି ଫାର୍ମରେ ରଖାଯାଉଛି । ଓଟ ଘୋଡା, ଗଧ, ଛେଳି ଚାଷ କରାଯାଉଛି । ଯାହା ଲୋକଙ୍କୁ ଦେଖିବା ପାଇଁ ଆମ ଫାର୍ମକୁ ଟାଣି ଆଣୁଛି ବୋଲି ଦେବୀଦାନୀ କହିଛନ୍ତି । ଆଗକୁ ଏଗ୍ରୋ ଇକୋ ଟୁରିଜିମର ଏହି ବିରାଟ ପ୍ରକଳ୍ପକୁ ଅଧିକ ବିକାଶ କରାଯିବ ।

ଔଷଧୀୟ ବଗିଚା, ବାରମାସି ଫୁଲ ବଗିଚା, ମସଲା ବଗିଚା ତିଆରି କରିବାର ଯୋଜନା ରହିଥିବା କହିଛନ୍ତି । ହେଲେ ଆଗକୁ ଏକ ନିଆରା ଓ ଦୁଃସାହସିକ ପାର୍କ ତିଆରି କରିବେ । ଯାହା ପୁଣି ପିଲାଙ୍କ ପାଇଁ ହାତ ପାହାନ୍ତାରେ ମିଳିବ । ଫାର୍ମକୁ କେବଳ ବୁଲିବା ପାଇଁ ନୁହଁ କିଛି ଶିକ୍ଷା ଲାଭ କରିପାରିବେ । ଘୋଡା ଚଢ଼ାଠୁ ଆରମ୍ଭ କରି ବିଭିନ୍ନ ପିଲାଙ୍କ ପାଇଁ ଖେଳକୁଦର ବ୍ୟବସ୍ଥା ରହିବ । ଯାହା ଲୋକଙ୍କୁ ଆକୃଷ୍ଟ କରିବ ବୋଲି ଦେବୀଦାନୀ କହିଛନ୍ତି । ନିଜେ ରେଜଗାରକ୍ଷମ ହେବା ସହ ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ରୋଜଗାର ଦେଇପାରିଛନ୍ତି । ନିକଟରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ ଅସିତ ତ୍ରିପାଠୀ ତାଙ୍କ ଫାର୍ମ ପରିଦର୍ଶନ କରି ବହୁତ ଖୁସୀ ବ୍ୟକ୍ତ କରିଥିଲେ ।



# ଗଛ ପ୍ରେମରେ ସରକାରୀ ଅଧିକାରୀ

**ସବୁଜ ବଳୟ ମଧ୍ୟରେ ଏଠାକାର ଶାନ୍ତ ଓ ମନୋରମ ପରିବେଶ ଦେଖାଣହାରୀଙ୍କ ମନକୁ ଦେଇଥାଏ ଶୀତଳ ଶାନ୍ତିର ବାର୍ତ୍ତା । ସରକାରୀ କାନ୍ଥ ଦେଉଛି ଅମୃତ ବଚନ ବାର୍ତ୍ତା । ସିମେଣ୍ଟ ପିଲରରେ ଝଲସୁଛି ଲୋକ ସଂସ୍କୃତି ଓ ପରମ୍ପରାର ଝଲକ । ନବବଧୂ ପରି ରଙ୍ଗବେରଙ୍ଗ ଫୁଲ ଓ ସବୁଜ ବଳୟରେ ସଜେଇ ହୋଇଛି ସମଗ୍ର ଅଫିସ ପରିସର ।**

ସରୋଜ କୁମାର ଷଡଙ୍ଗୀ
ବରଗଡ଼



ବୃକ୍ଷ ହିଁ ଜୀବନ । ସ୍ୱଚ୍ଛ ସବୁଜ ଆମ କାର୍ଯ୍ୟାଳୟ । ଚାଷୀ ହୁଅନ୍ତୁ କି ଯୁବପୀଢ଼ି କିମ୍ବା ଛାତ୍ରଛାତ୍ରୀ । ସମସ୍ତଙ୍କୁ ସବୁଜ ବଳୟର ନିଆରା ସଚେତନତା ବାର୍ତ୍ତା ଦେଉଛି ବରଗଡ଼ ଜିଲ୍ଲା ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ କାର୍ଯ୍ୟାଳୟ । ଯିଏ ଥରେ ଏହି ସରକାରୀ ଅଫିସକୁ ଆସିଲା ବାରମ୍ବାର ଆସିବାକୁ ମନେ କରିବ । ସରକାରୀ ଅଫିସ କାନ୍ଥ ଓ ସିମେଣ୍ଟ ପିଲର ଦେଉଛି ନୀତିବାଣୀ, ଅମୃତ ବଚନ ଓ ଲୋକ ସଂସ୍କୃତି ଏବଂ ପରମ୍ପରାର ସଚେତନତା ବାର୍ତ୍ତା । ଖାଲି ଏତିକି ନୁହେଁ । ଅଫିସ ପରିସରରେ ଦେଶି ଓ ବିଦେଶୀ ଫୁଲର ସମ୍ଭାର ଓ ପ୍ରାକୃତିକ ମନୋରମ ଦୃଶ୍ୟ ହୋଇଛି ମୁଖ୍ୟ ଆକର୍ଷଣ । କ୍ରୋଟନ, ଆରଲିଆ, ସର୍ବଜୟା, ଛୋଟ ଟଗର, କଇଁ, ସଦବାହାର, ଥୁଜା, ସାଇକସ, ଗେଣ୍ଡୁ, ସ୍ୱର୍ଣ୍ଣଧାରା, ଥାନବାରଜିଆ, ମଧୁମାଳତି, କାମ୍ବରେକମ ଇଣ୍ଡିକମ ଭଳି ରଙ୍ଗବେରଙ୍ଗ ଫୁଲ ହୋଇଛି ମନଲୋଭା । ଜୁଇ, ଯାଇ, ମଧୁମାଳତୀ, ସ୍ୱର୍ଣ୍ଣଧାରା, ସଦାବାହାର ଫୁଲରେ ମହକୁଛି ବରଗଡ଼ ଜିଲ୍ଲା ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ କାର୍ଯ୍ୟାଳୟ । ସରକାରୀ ଅଫିସ କାନ୍ଥ ଓ ସିମେଣ୍ଟ ପିଲର ଦେଉଛି ନୀତିବାଣୀ, ଅମୃତ ବଚନ ଓ ଲୋକ ସଂସ୍କୃତି ଏବଂ ପରମ୍ପରାର ସଚେତନତା ବାର୍ତ୍ତା । ସରକାରୀ କାମରୁ ଟିକିଏ ଫୁରସତ ପାଇଲେ ହତାରେ ରଫା, ପାଣି ନେଇ ସବୁଜ ବଳୟର ସୁରକ୍ଷା ଓ ସ୍ୱଚ୍ଛ ସବୁଜ କାର୍ଯ୍ୟାଳୟ ଗଢ଼ିବା ପାଇଁ ଲାଗିପଡ଼ନ୍ତି ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ପଣ୍ଡା । ଫୁଲ ବଗିଚାର ମାଳି ଭଳି ଦିନରାତି ସେବାଯତ୍ନ କରି ସମଗ୍ର ରାଜ୍ୟ ପାଇଁ ଏକ ଭିନ୍ନ ଉଦାହରଣ ସୃଷ୍ଟି କରିଛନ୍ତି ଏହି ସରକାରୀ ଅଧିକାରୀ । ସବୁଜ ବଳୟ ମଧ୍ୟରେ ଏଠାକାର ଶାନ୍ତ ଓ ମନୋରମ ପରିବେଶ ଦେଖାଣହାରୀଙ୍କ ମନକୁ ଦେଇଥାଏ ଶୀତଳ ଶାନ୍ତିର ବାର୍ତ୍ତା । ଚାଷୀ, ହୁଅନ୍ତୁ କି ଛାତ୍ରଛାତ୍ରୀ ଏଠାକାର ପ୍ରାକୃତିକ ଦୃଶ୍ୟକୁ ମୋବାଇଲ କ୍ୟାମେରାରେ କଏଦ କରିବା ପାଇଁ ନେଇଥାନ୍ତି ସେଲଫିର ମଜା ।

## ଦୁର୍ଘଟଣା ଦେଇଛି ସ୍ୱାବଲମ୍ବୀ ପ୍ରେରଣା

# ଜୈବିକ ଉପାୟରେ ତରଭୁଜ ଚାଷ

ଇଚ୍ଛା ଥିଲା କମ୍ପାନୀର ମେସିନ ଅପରେଟର ହେବାକୁ । ବାହାର ରାଜ୍ୟରେ କାମ କରି ଦି ପଇସା ରୋଜଗାର ପାଇଁ ହାଇଦ୍ରାବାଦ ଗଲେ । ସେଠାରେ କମ୍ପାନୀରେ ଜଏନ କରିବାକୁ ଯିବା ବାଟରେ ହେଲା ସଡ଼କ ଦୁର୍ଘଟଣା । ଗୁରୁତର ଅବସ୍ଥାରେ ଭୁବନେଶ୍ୱରକୁ ଫ୍ଲାଇଟରେ ଆସି ଚିକିତ୍ସା ହେବା ପରେ ଆଉ ବାହାରକୁ ଯିବାକୁ ମନ ବଳିଲାନି । ଗାଁରେ ରହି ଦୁଇ ପଇସା ରୋଜଗାର କରିବାର ଉଦ୍ୟମ ଆରମ୍ଭ ହେଲା । ନୂଆ କୌଶଳରେ ତରଭୁଜ ଚାଷ କରି ରାଜକନିକା ବ୍ଲକ କାଟଣାବଣିଆ ପଞ୍ଚାୟତର ସିଙ୍ଗିରି ଗାଁ ମାନସ ରଞ୍ଜନ ଦାସ ଜଣେ ସଫଳ ଚାଷୀ ଭାବେ ବେଶ ପରିଚିତ ହୋଇପାରିଛନ୍ତି ।



ସୁକାନ୍ତ କୁମାର ଦାଶ
ରାଜକନିକା

୨୦୧୯ ମେ ମାସ ୨୨ ତାରିଖରେ ଘରୁ ହାଇଦ୍ରାବାଦ ଯାଇ ସେଠାରୁ କମ୍ପାନୀ ଯିବା ବାଟରେ ୨୪ ତାରିଖ ଦୁର୍ଘଟଣା ଘଟିବା ଓ ଚିକିତ୍ସା ସରିବା ବେଳକୁ କରୋନା ମାଡି ଆସିଲା, ତା ପରଠୁ ମାନସ ଆରମ୍ଭ କଲେ ନୂଆ କୌଶଳରେ ତରଭୁଜ ଚାଷ । ସେହିଦିନଠୁ ଆଉ କେବେ ବି ପଛକୁ ଫେରି ନାହାନ୍ତି ଯୁବ ଚାଷୀ ମାନସ ରଞ୍ଜନ ଦାସ । ବାପା ମା ଙ୍କର ଏକମାତ୍ର ପୁଅ ଭାବରେ ମାନସ ଯୁକ୍ତ ଦୁଇ ପରେ ଆଇଟିଆଇ ଓ ପରେ ଇଫୋସିଟିରେ ସାର୍ଟିଫିକେଟ ଇନ ଆଡ଼ଭାନ୍ସ ମେସିନିଙ୍ଗରେ କୋର୍ସ କରି ହାଇଦ୍ରାବାଦରେ ଏକ କମ୍ପାନୀରେ ଅପରେଟର ଭାବରେ ଯୋଗ ଦେବାକୁ ଯାଇ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ନିଜ ନିଷ୍ପତ୍ତି ବଦଳାଇ ଚାଷରେ ମନ ଦେଇ ଆଜି ଜଣେ ସଫଳ ଚାଷୀ ଭାବରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ବାପାଙ୍କ ପନିପରିବା ଚାଷକୁ ଏତେ ଗୁରୁତ୍ୱ ନଦେଇ ନଦୀ ଅବବାହିକାର ଜୟକୁଣ୍ଡା, ପତରପୁର ମୌଜାର ପାରମ୍ପରିକ ତରଭୁଜ ଚାଷ ଅଞ୍ଚଳ ଛାଡି ନିଜ ସିଙ୍ଗିରି ମୌଜାର ନିଜ ଜମିରେ ପ୍ରଥମ ବର୍ଷ ମାତ୍ର ୧୨ ଗୁଣ୍ଠ ଜମିରେ ଆରମ୍ଭ କଲେ ଜୈବିକ ଉପାୟରେ ତରଭୁଜ ଚାଷ ।

ପ୍ରଥମ ବର୍ଷ ବେଶ ଭଲ ଫସଲ ହେବା ପରେ ୨ୟ ବର୍ଷ ଫସଲରେ ବର୍ଷା ବାଧକ ସାଜିଲା । ପରେ ୩ୟ ବର୍ଷ ୩ ଏକର ଆଉ ଚଳିତ ବର୍ଷ ୪ ଏକର ଜମିରେ ତରଭୁଜ ଚାଷ କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି ମାନସ । ନଦୀ ପଠାରେ କେବଳ ଯେ ତରଭୁଜ ଚାଷ ହୋଇ ପାରିବ ଏ ଧାରଣାକୁ ଭୁଲ ପ୍ରମାଣିତ କରି ମାନସ ନିଜ ଚାଷରେ ବେଶ ଲାଭବାନ ହେବା ସହ ସ୍ଥାନୀୟ ଅଞ୍ଚଳ ଚାଷୀଙ୍କୁ ପ୍ରେରଣା ଦେଇଛନ୍ତି । ଜୈବିକ ପଦ୍ଧତିରେ ଚାଷ କରିବା ସହ ନିଜ ଅମଳ ତରଭୁଜର ମଞ୍ଜିକୁ ସାଇତି ପୁଣି ସେଇ ମଞ୍ଜିରୁ ତରଭୁଜ ଚାଷ କରିବାର ନିଆରା କୌଶଳ ଆପଣାଇ ମାନସ ଏବେ ଜଣେ ସଫଳ କୃଷି ଉଦ୍ୟୋଗୀ ହୋଇପାରିଛନ୍ତି । ଏବେ ଜୀବନର ଏକ ଦୁର୍ଘଟଣାରୁ ଚାଷ ପ୍ରତି ଆକୃଷ୍ଟ ହୋଇ ମାଟି ସହ ଲଢ଼ି ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଦେଇ ଉଭୟ ବାପା ଓ ପୁଅ ବେଶ ସନ୍ତୁଷ୍ଟ ଥିବା କହିଛନ୍ତି ।



**ବୃକ୍ଷ ପ୍ରେମରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜୟକୃଷ୍ଣ ନାୟକ । ଚାକିରି କାଳରେ ବିଦ୍ୟାଳୟ ଗୁଡିକର ପରିବେଶକୁ ସୁବୁଜିମାମୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଜୟକୃଷ୍ଣ ସାର ଅବସର ପରେ ନିଜ ବାଡିବଗିଚାକୁ ଦେଇଛନ୍ତି ଉଦ୍ୟାନର ରୂପ । ପକ୍ଷୀମାନଙ୍କ ପାଇଁ ସୃଷ୍ଟି କରିଛନ୍ତି ଅଭୟାରଣ୍ୟ । ଗଛଲଗାଇ ପରିବେଶ ବଞ୍ଚାଇବାକୁ ଅନ୍ୟମାନଙ୍କୁ ଯୋଗାଉଛନ୍ତି ପ୍ରେରଣା ।**

# ଅବସର ପରେ ଗଛ ସେବା

ଜୟକୃଷ୍ଣ ସାର, ଚାନ୍ଦବାଲି ଶିକ୍ଷା ବିଭାଗ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ପରିଚିତ ନାମ । ୬୫ବର୍ଷର ଜୟକୃଷ୍ଣ ସାରଙ୍କ ଘର ଚାନ୍ଦବାଲି ବ୍ଲକ ମୌସୁଧା ଗାଁରେ । ଜଣେ ସଚ୍ଚୋଟ, କର୍ମଠ, କର୍ତ୍ତବ୍ୟନିଷ୍ଠ, ସମାୟାନୁବର୍ତ୍ତିତା ଓ ପରିବେଶ ପ୍ରେମୀ ଭାବେ ବେଶ ଜଣାଶୁଣା । ସହକାରୀ ଶିକ୍ଷକ ରୂପେ ନିଜର ଶିକ୍ଷାକତା ଜୀବନ ଆରମ୍ଭ କରି ସହଶିକ୍ଷାଧିକାରୀ ଭାବେ କାର୍ଯ୍ୟରୁ ଅବସର ଗ୍ରହଣ କରିସାରିଛନ୍ତି । ଚାକିରି କାଳ ମଧ୍ୟରେ ଶିକ୍ଷା ବିଭାଗର ବିଭିନ୍ନ ପଦ ପଦବୀରେ ନିଜର ପାରଦର୍ଶିତା ପାଇଁ ମଧ ସମ୍ମାନିତ ହୋଇଛନ୍ତି । ଶିକ୍ଷାକତା ସମୟରେ ବିଦ୍ୟାଳୟ ଗୁଡିକ ସବୁଜମୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଅବସରରେ ପରେ ନିଜ ବଗିଚାରେ ବିଭିନ୍ନ ପ୍ରକାରର ଗଛ ଯଥା- ବିଭିନ୍ନ ପ୍ରଜାତିର ଆମ୍ବ, ପଣସ, କୋଳି, ଅମୃତଭଣ୍ଡା, ବିବିଧ ପନିପରିବା । ଚାଷ କରି ଏକ ସବୁଜ ବଳୟ ସୃଷ୍ଟି କରି ଅନ୍ୟମାନଙ୍କୁ ପ୍ରଭାବିତ କରି ପାରିଛନ୍ତି । ଏଥି ସହିତ ପୋଖରୀ କୂଳରେ ବଡ ବଡ ଗଛ ଲଗାଇ ପକ୍ଷୀଙ୍କ ପାଇଁ ସୃଷ୍ଟି କରିଛନ୍ତି ଅଭୟାରଣ୍ୟ । ସମସ୍ତେ ନିଜ ନିଜ ବାଡ଼ି ବଗିଚାକୁ ସୁବୁଜିମାମୟ କରି ପରିବେଶ ସୁରକ୍ଷା କରିବାକୁ ଆହ୍ୱାନ କରୁଛନ୍ତି । କେବଳ ଆହ୍ୱାନ ନୁହଁ, ସଚେତନ ମଧ କରୁଛନ୍ତି । ମୁଖ୍ୟତଃ ଯୁବକମାନେ ଏ ଦିଗରେ ଅଧିକ ମନୋନିବେଶ କରିବାକୁ ସେ ନିୟମିତ ପରାମର୍ଶ ଦେଇ ଆସୁଛନ୍ତି । ବୃକ୍ଷପ୍ରେମୀ ଜୟକୃଷ୍ଣ ସାରଙ୍କ ପରିବାର କହିଲେ ଏକମାତ୍ର ପୁଅ ବିଦେଶରେ । ନିଜ ବଗିଚାର ବୃକ୍ଷମାନଙ୍କୁ ନିଜ ପୁଅ, ଝିଅ ଓ ପରିବାରର ସଦସ୍ୟ ଭଳି ସ୍ନେହ ଭଲପାଇବା ଦେଇ ଯତ୍ନ ନିଅନ୍ତି । ପ୍ରତିଦିନ ମାଟି ହାଣିବା, ପାଣିଦେବା, ଜୈବିକ ଖତ ସାର ଦେଇ ଗଛ ଗୁଡିକୁ ଛୋଟରୁ ବଡ଼ କରନ୍ତି । ବିଭିନ୍ନ ପ୍ରକାରର ଚାରା ସଂଗ୍ରହ କରି ବଗିଚାକୁ ପରିପୂର୍ଣ୍ଣ କରି ଖୁସି ହୁଅନ୍ତି । ସନ୍ଧ୍ୟା ହେଲେ ପକ୍ଷୀମାନଙ୍କର କିଚିରି ମିଚିରି ଶବ୍ଦରେ ନିଜକୁ ହଜାଇ ଲେଖନୀ ଧରି କବିତା ରଚନା କରନ୍ତି । ବିଭିନ୍ନ ସଭା ସମିତି ହେଉ ବା ସାହିତ୍ୟାନୁଷ୍ଠାନ ସୁବୁଠି ବୃକ୍ଷରୋପଣ ପାଇଁ ଉତ୍ସାହିତ କରନ୍ତି । ସେଥିପାଇଁ ତାଙ୍କୁ ସମସ୍ତେ ବୃକ୍ଷ ମଣିଷ ବୋଲି କୁହନ୍ତି ।



ଉମାକଲ୍ୟାଣ ମହାପାତ୍ର
ଭଦ୍ରକ



## ମହାବାରୁଣୀ ସ୍ନାନ ପାଇଁ ଜନସମୁଦ୍ର

# ଚିତ୍ରୋତ୍ପଳା ଘାଟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

ଖଣ୍ଡପଡ଼ା, ୬।୪(ସମିସ): ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ କ୍ଷେତ୍ରରେ ଆଜି ମହାବାରୁଣୀ ସ୍ନାନ ହୋଇଥିବା ବେଳେ ପ୍ରାୟ ଏକ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ



ହୋଇଥିଲା। ଦୀର୍ଘ ୧୨ ବର୍ଷ ପରେ ମହା ବାରୁଣୀ ସ୍ନାନ ପଡ଼ିଥିବାରୁ ସମସ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା। କଣ୍ଟିଲୋର ମହାନଦୀ ତଥା ଚିତ୍ରୋତ୍ପଳା ଘାଟରେ ସ୍ନାନ ଓ ପିଣ୍ଡ ପକାଇବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପ୍ରଥମେ ମହାପ୍ରଭୁ ଶ୍ରୀ ଗୋବିନ୍ଦଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ନୀଳମାଧବଙ୍କ ମନ୍ଦିର ପରିସରରୁ ସୁସଜ୍ଜିତ ବିମାନ ଯୋଗେ ବିରାଟ ପଟୁଆରରେ ବାହାରି କଣ୍ଟିଲୋ ମଙ୍ଗଳା ମନ୍ଦିର ନିକଟସ୍ଥ ବାରୁଣୀ ସ୍ନାନ ସ୍ଥଳୀରେ ପହଞ୍ଚି ସ୍ନାନ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଏହି ସ୍ନାନ ଉତ୍ସବରେ ସମସ୍ତ ସେବାୟତ ସକ୍ରିୟ ସହଯୋଗ କରିଥିଲେ।

ଚଳିତ ବର୍ଷ ଶତଭିଷା ନକ୍ଷତ୍ର ସହ ଶନିବାର ପଡ଼ିଥିବାରୁ ମହାବାରୁଣୀ ଯୋଗ ପଡ଼ିଥିବା ସେବାୟତମାନେ କହିଛନ୍ତି। ସକାଳ ୧୦ଟାରୁ ଅପରାହ୍ନ ୪ଟା ଯାଏ ବୁଡ଼ ପକାଇବା ପାଇଁ ଯୋଗ ଥିବାରୁ ଶ୍ରଦ୍ଧାଳୁମାନେ କଣ୍ଟିଲୋ କମେଇ ନିକଟସ୍ଥ ମହାନଦୀ, କୁସୁମି ଓ କୁଆଁରିଆ ନଈର ମିଳନ ସ୍ଥଳ ଚିତ୍ରୋତ୍ପଳା ଘାଟରେ ପହଞ୍ଚି ବୁଡ଼ ପକାଇବା ସହ ପିଣ୍ଡ କରିଥିଲେ। ସେମାନଙ୍କ ପିତୃପୁରୁଷଙ୍କ ମୋକ୍ଷ ଓ ସ୍ୱର୍ଗ ପ୍ରାପ୍ତି ଉଦ୍ଦେଶ୍ୟରେ ମହାନଦୀରେ ବୁଡ଼ ପକାଇବା ସହିତ ପିଣ୍ଡ ଦାନ କରିଥିଲେ। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଜିଲ୍ଲା ପୁଲିସ ପ୍ରଶାସନ ତଥା ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏତଦ୍ ବ୍ୟତୀତ ଅଗ୍ନିଶମ ବାହିନୀ ପକ୍ଷରୁ ବିଭିନ୍ନ ନିରାପତ୍ତା ନିମନ୍ତେ ଜଳ ସିଞ୍ଚନ ଏବଂ ନଦୀ ଗର୍ଭରେ ଯନ୍ତ୍ର ଚାଳିତ ବୋଟ୍ ନିୟୋଜିତ ଥିବା ଦେଖିବାକୁ ମିଳିଥିଲା। ଜିଲ୍ଲାପାଳ ସ୍ୱାଧା ଦେବ ସିଂହ ଏବଂ ଏସ୍ପି ରାହୁଲ ଜୈନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଣ୍ଡପଡ଼ା ତହସିଲଦାର ଘୋଷେଇ ନାୟକ, ବିଡିଓ ଅଙ୍କୁର ଅଭିଳାଷ, ଏସ୍ଡିପିଓ ବିମଳ କୁମାର ବାରିକ, ପୂର୍ତ୍ତବିଭାଗ ଅଧିକାରୀ ରାଧେଶ୍ୟାମ କାଲୋ, ଖଣ୍ଡପଡ଼ା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ, କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା, ଦେବୋତ୍ତର ମ୍ୟାନେଜର ହରିହର ଦାଶ ପ୍ରମୁଖ ବାରୁଣୀ ବୁଡ଼ କାର୍ଯ୍ୟକ୍ରମକୁ ସୁପରିଚାଳନା



କରିଥିଲେ। ମୁଖ୍ୟତଃ ଜିଲ୍ଲା ପ୍ରଶାସନ ପାନୀୟ ଜଳର ସୁବ୍ୟବସ୍ଥା ନିମନ୍ତେ ଦେବୋତ୍ତର ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେମାନଙ୍କ ଖାମ ଖିଆଲି ଯୋଗୁଁ ସମୁଦ୍ରକୁ ଶଙ୍ଖେ ଭଳି ନ୍ୟାୟରେ କେବଳ ପାଳି ତୁଲେଇବା ସାର ହୋଇଥିଲା। ଏନେଇ ସ୍ଥାନୀୟ ଜନସାଧାରଣଙ୍କ ସମେତ ହଜାର ହଜାର ଶ୍ରଦ୍ଧାଳୁ ଅସନ୍ତୋଷ ପ୍ରକାଶ କରିଥିଲେ।

## ଭକ୍ତଙ୍କ ଗହଣରେ ବୁଡ଼ ପକାଇଲେ ଭଗବାନ

ଭାପୁର, ୬।୪(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମର ଚିତ୍ରୋତ୍ପଳା ଘାଟରେ ମହାବାରୁଣୀ ସ୍ନାନ ଯୋଗରେ ହଜାର ହଜାର ଭକ୍ତଙ୍କ ଗହଣରେ କୋଡ଼ିଏରୁ ଊର୍ଦ୍ଧ୍ୱ ଭୋଳାନାଥଙ୍କ ଚଳନ୍ତି ପ୍ରତିମା ବୁଡ଼ ପକାଇଛନ୍ତି। ଏପରି ଏକ ଅପୂର୍ବ ମାହେନ୍ଦ୍ର ମୁହୂର୍ତ୍ତରେ ସାମିଲ ହୋଇଥିଲେ ଦଶ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ। ପଦ୍ମାବତୀ ଯାତ୍ରା ପଡ଼ିଆରେ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା କୋଡ଼ିଏରୁ ଊର୍ଦ୍ଧ୍ୱ ଠାକୁରଙ୍କ ଦୋଳବିମାନ ମିଳିତ ହୋଇଥିଲେ। ମାହେନ୍ଦ୍ର ମୁହୂର୍ତ୍ତରେ ଯାତ୍ରା ପଡ଼ିଆରୁ ପଦ୍ମାବତୀ ଗ୍ରାମର ୬ ଆରାଧ୍ୟ ଦେବତା ବାଲୁଙ୍କେଶ୍ୱରଦେବ, ନୃସିଂହ, ଗୋପୀନାଥ, ଜଗନ୍ନାଥ, ରଘୁନାଥ, ରାସବିହାରୀଙ୍କ ସହ ଅନ୍ୟ ସମସ୍ତ ଗ୍ରାମରୁ ଆସିଥିବା ଠାକୁରଙ୍କ ଦୋଳବିମାନ ଧାଡ଼ିହୋଇ ଯାତ୍ରା ପଡ଼ିଆରୁ ମହାନଦୀର ପାଣିରେ ପ୍ରବେଶ କରିଥିଲେ। ଠାକୁରଙ୍କ ବିଜେ ପ୍ରତିମାଙ୍କ ସହ ଶହ ଶହ ଶ୍ରଦ୍ଧାଳୁ ମିଳିତ ହୋଇ ସ୍ନାନ କରିଥିଲେ। ଏହି ସମୟରେ ଅନେକ ବ୍ୟକ୍ତି ସେମାନଙ୍କ ପରିଜନଙ୍କ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ସହ ସେମାନଙ୍କ ଅସ୍ଥି ବିସର୍ଜନ କରିଥିଲେ। ଏହା ପରେ ଠାକୁରମାନେ ବିମାନରେ ବସି ପଦ୍ମାବତୀ ଗ୍ରାମ ପରିକ୍ରମା କରି ନିଜ ନିଜ ମନ୍ଦିରକୁ ବିଜେ କରିଥିଲେ। ଫଗୁ ଦଶମୀଠାରୁ ବିଭିନ୍ନ ସ୍ଥାନରେ ଠାକୁର ବୁଲି ବୁଲି ଭୋଗ ଖାଇବା ପରେ ଆଜିର ପବିତ୍ର ବାରୁଣୀ ସ୍ନାନ ପରେ ଶୁଦ୍ଧ ପୁତ ହୋଇ ମନ୍ଦିରରେ ପ୍ରବେଶ କରିବାର ବିଧି ରହିଥିବା କୁହାଯାଇଛି। ଏହି ଧାର୍ମିକ କାର୍ଯ୍ୟକୁ ଶାନ୍ତିଶୃଙ୍ଖଳାର ସହ ସମାପ୍ତ କରିବା ପାଇଁ ଫତେଗଡ଼ ପୁଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

## ୧୫ ଲକ୍ଷ ଟଙ୍କାର ଚନ୍ଦନ କାଠ ଜବତ;୨ ଗିରଫ

ଓଡ଼ଗାଁ, ୬।୪(ସମିସ): ନୟାଗଡ଼ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ବାଣ୍ଠପୁର ପଞ୍ଚାୟତ ନୂଆପଲ୍ଲୀ ଗ୍ରାମର ଖୋଲା ପଡ଼ିଆରେ ଚନ୍ଦନ କାଠ କଟାଯାଉଥିବା ନେଇ ସୂଚନା ମିଳିଥିଲା। ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖିଲେଶ ମଲିଙ୍କ ଠାରୁ ଘଟଣା ସମ୍ପର୍କରେ



କରତ ଓ ଟାଙ୍ଗିଆ ଜବତ

ଅବଗତ ହେବା ସହିତ ନିର୍ଦ୍ଦେଶ ପାଇ ବନପାଳ ସରିତା ବରାଳଙ୍କ ନେତୃତ୍ୱରେ ବନରକ୍ଷୀ ସୈମ୍ୟରଞ୍ଜନ ଦଳେଇ ଓ ପ୍ରୋଟେକସନ ସ୍କ୍ୱାଡ୍କୁ ଧରି ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେହି ସମୟରେ ନୂଆପଲ୍ଲୀ ଗାଁ ମୁଣ୍ଡରେ ଥିବା ଏକ ଖୋଲା ପଡ଼ିଆରେ ଓଡ଼ଗାଁ ଥାନା ଅନ୍ତର୍ଗତ ଦୋଣ୍ଡର ଗ୍ରାମର ସୁବାସ ବିଶୋଇ(୪୨) ଏବଂ ନବରତ୍ନପୁର ଗ୍ରାମର ମହେଶ୍ୱର ରାଉତ(୪୩) ଶନିବାର ଦିନ ପ୍ରାୟ ୨.୩୦ ସମୟରେ କଟାଯାଇଥିବା ଏକ ବାସ ଚନ୍ଦନ ଗଣ୍ଡିକୁ ଗଞ୍ଜ କରୁଥିବା ଦେଖି ସେମାନଙ୍କୁ ଧରିନେଇଥିଲେ। ଏଥିପାଇଁ ବ୍ୟବହୃତ ଗଞ୍ଜକରତ, କରତ, ଟାଙ୍ଗିଆ, କାତି ଇତ୍ୟାଦି ଜବତ କରି ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ବନାଞ୍ଚଳ ଅଧିକାରୀଙ୍କ ସୂଚନା ଅନୁସାରେ ଜବତ ଚନ୍ଦନ କାଠର ମୂଲ୍ୟ ପ୍ରାୟ ୧୩ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ଗିରଫ ୨ ଜଣଙ୍କୁ ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

## ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଲୁଟିଲେ ଦୁର୍ବୃତ୍ତ

● ସନ୍ଧାନୀ କୁକୁର ସାହାଯ୍ୟରେ ପୁଲିସର ଛାନ୍ଭିନ୍



ଓଡ଼ଗାଁ, ୬।୪(ସମିସ): ଓଡ଼ଗାଁ ଆଦର୍ଶ ଥାନା ଓଡ଼ଗାଁ ଏନ୍ଏସି ଅନ୍ତର୍ଗତ ଜାରିଙ୍ଗି କଲ୍ୟାଣ ସାହିରେ ଜଣଙ୍କ ଘର ବାହାର ପଟୁ ଶିକୁଳି ବନ୍ଦ କରି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଲୁଟି ନେଇଥିବା ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ସନ୍ଧାନୀ କୁକୁର ମାଧ୍ୟମରେ ଘଟଣାସ୍ଥଳରେ ପହଞ୍ଚି ଛାନ୍ଭିନ୍ କରିଛି।

ଗୋଲାପ ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ୫ ତାରିଖ ଶୁକ୍ରବାର ରାତି ପ୍ରାୟ ୩ଟାରେ ଘରେ ଶୋଇଥିବା ସମୟରେ ବାହାରପଟୁ ଶିକୁଳି ବନ୍ଦ କରି ୩ରୁ ୪ ଜଣ ଦୁର୍ବୃତ୍ତ ଘରେ ପଶିଥିଲେ। ପରେ ନବବିବାହିତ ପୁଅ ରିତିକାନ୍ତ ସ୍ୱାଇଁଙ୍କ ଘର ମଧ୍ୟରେ ଥିବା ଆଲମାରୀ ଭାଙ୍ଗିବା ସହ ସେଥିରେ ଥିବା ୨୪ ଗ୍ରାମର ୨ ଗୋଟି ସୁନାଚେନ୍, ୨୫ ଗ୍ରାମର ସୁନାର ରାଣୀହାର, ୧୫ ଗ୍ରାମର ସୁନାର ଲକେଟ, ସୁନାର କାନଫୁଲ, ସୁନା ମୁଦି ୫ଟି ଯାହାର ଓଜନ ୧୮ ଗ୍ରାମ ଓ ରୁପା ପାଉଁଜି ୩ହଳ ଏବଂ ଅନ୍ୟାନ୍ୟ ଜିନିଷପତ୍ର ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ଏ ନେଇ ଗୋଲାପ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି। ଆଜି ସନ୍ଧ୍ୟାରେ ପୁଲିସ ସନ୍ଧାନୀ କୁକୁର ସାହାଯ୍ୟରେ ଛାନ୍ଭିନ୍ କରିଥିଲା। ଖୁବ୍ଶୀଘ୍ର ଅଭିଯୁକ୍ତଙ୍କୁ କାବୁ କରାଯିବ ବୋଲି ପୁଲିସ କହିଛି।

## ପଦ୍ମାବତୀ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍ଯାପିତ

ଭାପୁର, ୬।୪(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମର ଯଜ୍ଞପଦା ଠାରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଆରମ୍ଭ ହୋଇ ଶନିବାର ଉଦ୍ଯାପିତ ହୋଇଯାଇଛି। ସୋମବାର ଅଙ୍କୁରାରୋପଣ, ମଙ୍ଗଳବାର ଜଳଯାତ୍ରା, ସୂର୍ଯ୍ୟପୂଜା ଓ ଅଗ୍ନିସ୍ଥାପନ ସହ ମହାଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶନିବାର ମହାବାରୁଣୀ ସ୍ନାନ ପରେ ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଥିଲା। ପ୍ରଚାରକ ଭାବେ ରବୀନ୍ଦ୍ର ଦାଶ, ଆଚାର୍ଯ୍ୟ ଭାବେ ବରଦା ପ୍ରସନ୍ନ ଦାଶ, ସୁବ୍ରତ କୁମାର ଦାଶ, ବେଦଜ୍ଞ ବ୍ରାହ୍ମଣ ଭାବେ ରମାକାନ୍ତ ଦାଶ, ଗତିକୃଷ୍ଣ ରଥ, ଚିନ୍ତାମଣି ଦାଶ, ସନ୍ତୋଷ କୁମାର ଦାଶ, କର୍ତ୍ତା ଭାବେ ଉଦୟନାଥ ଦାଶ ଓ ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଧାର୍ମିକ କାର୍ଯ୍ୟରେ ଶହ ଶହ ଭକ୍ତ ଯୋଗ ଦେଇଥିଲେ।

## ରଣପୁର ବିଜେପିରେ ଗୋଷ୍ଠୀକନ୍ଦଳ, ଫାଇଦା ନେବ ବିଜେଡି

ନୟାଗଡ଼, ୬।୪(ସମିସ): ନୟାଗଡ଼ ଜିଲ୍ଲା ରଣପୁର ନିର୍ବାଚନ ମଣ୍ଡଳୀରେ ବିଜେପି ଗୋଷ୍ଠୀ କନ୍ଦଳ ଏବେ ଜିଲ୍ଲା ରାଜନୀତିକୁ ସରଗରମ କରିଛି। କିଛି ନ୍ୟସ୍ତସ୍ୱାର୍ଥ ବିଜେପି କର୍ମୀ ସୁରମାଙ୍କୁ ଦୋଷ ଦେଉଥିବା ବେଳେ କିଛି ଟିକେଟ ପାଇଥିବା ଜିଲ୍ଲା ସଭାପତି ତାପସ ମାର୍ଥାଙ୍କୁ ଦୋଷ ଦେଉଛନ୍ତି। ତାପସଙ୍କୁ ବିଜେପି ରଣପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିବା ପରେ ରଣପୁର ବିଜେପି ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଛି। ସୁରମାଙ୍କ ସମର୍ଥକମାନେ ସ୍ଥାନୀୟ ବିଜେପି କାର୍ଯ୍ୟାଳୟରେ ବିକ୍ଷୋଭ, କେରେଣ୍ଡାଟାଙ୍ଗିଠାରେ ମହାମେଳି କରିବା ଘଟଣା ଆଲୋଡନ ସୃଷ୍ଟି କରିଛି। ସୁରମାଙ୍କ ସମର୍ଥକ କୌଣସି ପରିସ୍ଥିତିରେ ତାପସଙ୍କୁ ବାଟ ଛାଡିବା ଅବସ୍ଥାରେ ନାହାନ୍ତି। ସୁରମା ୨୦୦୪ ମସିହାରେ ବିଜେପି ପ୍ରାର୍ଥୀ ହୋଇ ରଣପୁର ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ। ଏହି ସମୟରେ ତାଙ୍କୁ ମନ୍ତ୍ରୀ ପଦ ମଧ୍ୟ ମିଳିଥିଲା। ୨୦୦୯ ମସିହାରୁ କ୍ରମାଗତ ଭାବେ ସେ ବିଜେଡି ବିରୁଦ୍ଧରେ ପ୍ରାର୍ଥୀ ହୋଇ ଆସୁଥିଲେ। ଗତ ୨୦୧୯ ନିର୍ବାଚନରେ ସୁରମା ପାଢ଼ୀ ୬୫ ହଜାର ୫୯୮ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ସତ୍ୟନାରାୟଣ ପ୍ରଧାନ ୬୯ ହଜାର ୮୪୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ଅଳ୍ପ ଭୋଟ ବ୍ୟବଧାନରେ ସୁରମା ପରାଜିତ ହୋଇଥିଲେ ସୁଦ୍ଧା ବିଜେପି ସଂଗଠନକୁ ବେଶ ମଜଭୁତ କରିଥିଲେ। ସୁରମାଙ୍କ ନେତୃତ୍ୱରେ ପଞ୍ଚାୟତ ନିର୍ବାଚନ ଏବଂ ଏନ୍ଏସି ନିର୍ବାଚନ ବିଜେପି ଲଢ଼ିଥିବା ବେଳେ ଏବେ ସୁରମାଙ୍କୁ ଅଣଦେଖା କରାଯିବାକୁ ତାଙ୍କ ସମର୍ଥକମାନେ ଗ୍ରହଣ କରିପାରୁନାହାନ୍ତି। ଯାହାକୁ ନେଇ ରଣପୁର ବିଜେପି ଗୋଷ୍ଠୀକନ୍ଦଳ ଚରମ ସ୍ଥିତିରେ ପହଞ୍ଚିଥିବା ବେଳେ ଏବେ ବିଜେପି ସମର୍ଥିତ ଭୋଟର ବିଜେଡି ମୁହାଁ ହୋଇ ସାରିଥିବା ଦେଖାଯାଇଛି। ସୁରମାଙ୍କ ବଦଳରେ ସାଧାରଣ ଭୋଟର ମଧ୍ୟ ପ୍ରାର୍ଥୀ ତାପସଙ୍କୁ ସହଜରେ ଗ୍ରହଣ କରି ପାରୁନଥିବା ଦେଖାଯାଇଛି। ନୟାଗଡ଼ ଜିଲ୍ଲା ରଣପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ଜୋନରେ ଏହାର ପ୍ରଭାବ ହୁ'ହୁ' ହୋଇ ବଢ଼ିଚାଲିଛି। ବିଜେପିର ନୀତି ଗତି ଠିକ ନଥିବା ଲୋକେ ଆଲୋଚନା କରୁଥିବା ବେଳେ ବିକାଶ ଓ ଉନ୍ନତୀକୁ ଗୁରୁତ୍ୱ ଦେଉଥିବା ବିଜେଡି ସପକ୍ଷବାଦୀଙ୍କ ସଂଖ୍ୟା ବୃଦ୍ଧି ପାଉଛି।

## ଦଶପଲ୍ଲାରେ ପ୍ରାର୍ଥୀ ବଦଳିବା ଆଶାରେ ବିଜେପି କର୍ମୀ

ନୟାଗଡ଼, ୬।୪(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ବିଜେପି କର୍ମୀ ଏବେ ପ୍ରାର୍ଥୀ ବଦଳିବା ଆଶାରେ ଦିନ ଗଣୁଛନ୍ତି। ବିଜେପି ଏହି ଆସନରୁ ରାଘବ ମଲ୍ଲିକଙ୍କୁ ପ୍ରାର୍ଥୀ କରିଥିବା ବେଳେ ନବାଗତ ଡ. ରବୀନ୍ଦ୍ର ସେଠୀ ଏବଂ ତାଙ୍କ ସମର୍ଥକ ଆଶାଆଶଙ୍କା ମଧ୍ୟରେ ରହିଛନ୍ତି। ରାଜ୍ୟ ନେତୃତ୍ୱଙ୍କଠାରୁ ପ୍ରାର୍ଥୀ ପରିବର୍ତ୍ତନ ନେଇ ଆଶ୍ୱାସନ ପାଇବା ପରେ ଆଶା ଓ ଆଶଙ୍କା ମଧ୍ୟରେ ଦିନ ଗଣୁଛନ୍ତି। ଦଶପଲ୍ଲାରେ ବିଜେଡିର ଏକ ବଡ ଗୋଷ୍ଠୀ ବିଦ୍ରୋହୀ ସାଜି ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ବିରୁଦ୍ଧରେ ସଂଗଠନ ଚଳାଇଥିଲେ। ଏହି ଗୋଷ୍ଠୀର ମୁଖ୍ୟ କାର୍ପଟଦାର ସାଜିଥିବା ଶ୍ରୀହରି ନାୟକ ଶୁକ୍ରବାର ବିଜେଡିରେ ସାମିଲ ହୋଇ ସାରିଛନ୍ତି। ଡ. ରବୀନ୍ଦ୍ର ସେଠୀ କିନ୍ତୁ ବିଜେଡିରୁ ନିରାଶ ହୋଇ ବିଜେପିରେ ମିଶିଥିବା ବେଳେ ଟିକଟ ନପାଇ ସନ୍ଦିହାନ ଅବସ୍ଥାରେ ରହିଛନ୍ତି। ତାଙ୍କ ସମର୍ଥକ ବିଜେପି ପ୍ରାର୍ଥୀ ବଦଳିବା ଆଶାରେ ରହିଥିବା ଚର୍ଚ୍ଚା ହେଉଛି।

## ଖଳିସାହି ଦଶଦୋଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଖଣ୍ଡପଡ଼ା, ୬।୪(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଯାତ୍ରା ପଡ଼ିଆରେ ଆୟୋଜିତ ପ୍ରସିଦ୍ଧ ଦଶଦୋଳ ମହୋତ୍ସବ ଆଜି ଦ୍ୱିତୀୟ ସନ୍ଧ୍ୟାରେ ମେଳଣ ପଡ଼ିଆର ସ୍ଥାନାଧିପତି ନୀଳକଣ୍ଠେଶ୍ୱରଙ୍କ ସହ ଖଳିସାହି ଗ୍ରାମ ତଥା ବୋଦସା, ମର୍ଦ୍ଦରାଜପୁର, ହରିଚନ୍ଦନପୁର, ପୁଆଣିଆ, ଗିରିଡ଼ିପାଟଣା, ଚାଉପଲ୍ଲୀ, କୋଟପୋଖରୀ, ଖୁଣ୍ଟୁବନ୍ଧ ଆଦି ଗ୍ରାମର ଆରାଧ୍ୟ ଠାକୁରଙ୍କ ମେଳଣ ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ମହୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମହୋତ୍ସବ କମିଟିର ସଭାପତି ବାପିନା ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଓ ସ୍ଥାନୀୟ ସରପଞ୍ଚ ଫକୀର ମୋହନ ଦାସ ଉପସ୍ଥିତ ଥିଲେ। ସନ୍ଧ୍ୟା ସମୟରେ ସ୍ଥାନୀୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଖଣ୍ଡପଡ଼ା ଅଞ୍ଚଳର କଳା, ସଂସ୍କୃତି, ପରମ୍ପରା ତଥା ଲୋକନୃତ୍ୟ ପରିବେଷଣ କରାଯିବା ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ସଞ୍ଚାଳକ ତଥା ଓଡ଼ିଶାର ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଅଶୋକ କୁମାର ଗଣ୍ଡିଆ, ସମ୍ପାଦକ ଧୀରେନ ଗଣ୍ଡିଆ, ଉପଦେଷ୍ଟା ସୁଦର୍ଶନ ସାହୁ, ଶରତ କୁମାର ସାହୁ, ଫକୀର ମୋହନ ସାହୁ, ସଭ୍ୟ ସମାଜସେବୀ ମହେନ୍ଦ୍ର କୁମାର ବାରିକ, ଦୀପକ କୁମାର ସାହୁ, ପ୍ରଦୀପ ସାହୁ, ଶୁଭମ ପୃଷ୍ଟି, ରବିନାରାୟଣ ମିଶ୍ର, ଦୁଷ୍ମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଳମ୍ବିତ ସନ୍ଧ୍ୟାରେ ଗୀତବାହାର ମେଲୋଡି ପକ୍ଷରୁ କଣ୍ଠଶିଳ୍ପୀ ବୈଦ୍ୟନାଥ, ଚିରାଗ ଏବଂ ଶୀତଳ କବିଙ୍କ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇଥିଲା। ସେହିପରି ମେଳଣ ପଡ଼ିଆର ସ୍ଥାନାଧିପତି ନୀଳକଣ୍ଠେଶ୍ୱରଙ୍କ ସମେତ ସମସ୍ତ ବିଗ୍ରହ ମେଳଣ ନୀତି ପାରମ୍ପରିକ ଅନୁଯାୟୀ ଅନୁଷ୍ଠିତ ହେବା ସହିତ ଠାକୁରମାନେ ନିଜ ନିଜ ଗ୍ରାମକୁ ବିଦାୟ ନେଇଥିଲେ।



● ଭିନ୍ନ ଭିନ୍ନ ତରିକାରେ ଗଞ୍ଜେଇ ଚାଲାଣ

## ନାବାଳକ, ମହିଳା ଓ ରାଜ୍ୟ ବାହାର ଯୁବକ ସାମିଲ

ନୟାଗଡ଼, ୬।୪(ସମିସ): ନୟାଗଡ଼ ଜିଲ୍ଲା ଦେଇ ଭିନ୍ନ ଭିନ୍ନ ତରିକାରେ ଗଞ୍ଜେଇ ଚାଲାଣ କରାଯାଉଛି। ବିଗତ ଦୁଇ ମାସ ମଧ୍ୟରେ ପୁଲିସ ପକ୍ଷରୁ କରାଯାଇଥିବା ମାମଲାଗୁଡ଼ିକୁ ଅନୁଧ୍ୟାନ କଲେ ଏହା ଅନୁମାନ ହେଉଛି। ଗଞ୍ଜେଇ ଚାଲାଣରେ ନାବାଳକ, ମହିଳା ସାମିଲ ରହୁଥିବା ଜଣାପଡ଼ିଥିବା ବେଳେ ଏବେ ରାଜ୍ୟ ବାହାରର ଯୁବକ ସାମିଲ ହେଉଥିବା ଜଣାଯାଇଛି। ଗତକାଲି ନୟାଗଡ଼ ଟାଉନଥାନା ପୁଲିସ ୨ ଜଣ ବିହାର ଯୁବକଙ୍କୁ ଗିରଫ କରି ସେମାନଙ୍କଠାରୁ ଗଞ୍ଜେଇ ଜବତ କରିଥିବା ଦେଖାଯାଇଛି। ସେହିଭଳି ଭାବେ ଗଣିଆ ପୁଲିସ ସାତକୋଶିଆ ଅଭୟାରଣ୍ୟ ଦେଇ ଗଞ୍ଜେଇ ଚାଲାଣ ବେଳେ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିଲା। ନୟାଗଡ଼ ଜିଲ୍ଲା ଦେଇ କନ୍ଧମାଳ, ବୌଦ୍ଧ ଓ କୋରାପୁଟ ଜିଲ୍ଲାରୁ ଗଞ୍ଜେଇ ଚାଲାଣ କରାଯାଉଛି। କିଛି ଗଞ୍ଜେଇ ମାଫିଆ ଭଞ୍ଜନଗର-ନୟାଗଡ଼ ଦେଇ ଯାତାୟାତ କରୁଥିବା ବେଳେ କିଛି ମାଫିଆ କନ୍ଧମାଳ ଓ ବୌଦ୍ଧରୁ ଦଶପଲ୍ଲା-ନୟାଗଡ଼ ଦେଇ ଯାତାୟାତ କରୁଛନ୍ତି। ବୌଦ୍ଧ ଜିଲ୍ଲାରୁ ସାତକୋଶିଆ ଅଭୟାରଣ୍ୟ ଦେଇ ନୟାଗଡ଼ ଜିଲ୍ଲା ଗଣିଆ, କଟକ ଜିଲ୍ଲା ବଡ଼ମ୍ବା ଦେଇ ବିଭିନ୍ନ ସ୍ଥାନକୁ ପଠାଯାଉଛି। ଆଉ କିଛି ମାଫିଆ ମହାନଦୀରେ ଡଙ୍ଗା ସାହାର୍ଯ୍ୟରେ ଗଞ୍ଜେଇ କାରବାର କରୁଥିବା ନେଇ ସନ୍ଦେହ କରାଯାଉଛି। ଏହାକୁ ଧ୍ୟାନ ଦେବାକୁ ଆର୍ଡିସି ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକରେ ପୁଲିସକୁ ପରାମର୍ଶ ଦେଇଛନ୍ତି। ନୟାଗଡ଼ ଜିଲ୍ଲା ଗଞ୍ଜେଇ ମାଫିଆଙ୍କ ଯାତାୟାତର ମୁଖ୍ୟ ମାର୍ଗ ପାଲଟିଥିବା ବେଳେ ଅବକାରୀ ବିଭାଗ ଏକ ପ୍ରକାର ନିଷ୍କ୍ରିୟତା ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ଗଞ୍ଜେଇ କାରବାର ରୋକିବା ପାଇଁ ପୁଲିସ ଓ ଅବକାରୀ ବିଭାଗ ମିଳିତ ସ୍କ୍ୱାଡ୍ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

- ସାତକୋଶିଆ ଅଭୟାରଣ୍ୟ ଦେଇ ହେଉଛି ଗଞ୍ଜେଇ ଚାଲାଣ
- ମହାନଦୀରେ ଚାଲାଣ ହେଉଥିବା ନେଇ ସନ୍ଦେହ

## ଦିନ ପରେ ଦିନ ଗଡୁଛି

# ଛେନାପୋଡ଼କୁ ମିଳିଲାନି ଜିଆଇ ମାନ୍ୟତା

ନୟାଗଡ଼, ୬।୪(ସମିସ): ଛେନାପୋଡ଼ କଥା ଉଠିଲେ ଆପେ ଆପେ ମନକୁ ଚାଲି ଆସେ ନୟାଗଡ଼ କଥା। ନୟାଗଡ଼ର ପ୍ରସିଦ୍ଧ ମିଠା ଛେନାପୋଡ଼କୁ ନେଇ ସବୁଠି ଚର୍ଚ୍ଚା। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଛେନାପୋଡ଼ ପଛରେ ନୟାଗଡ଼ର ଏକ ସ୍ୱତନ୍ତ୍ର ଭୂମିକା ରହିଛି। ନୟାଗଡ଼ ମାଟିର ସୁଯୋଗ୍ୟ ସନ୍ତାନ ସୁଦର୍ଶନ ସାହୁ ପ୍ରଥମେ ଛେନାପୋଡ଼ ପ୍ରସ୍ତୁତି କରିଥିଲେ। ଏପ୍ରିଲ ୧୧ ତାରିଖ ସୁଦର୍ଶନଙ୍କ ଜୟନ୍ତୀକୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ମଧ୍ୟ ଏହାକୁ ପାଳନ କରିବା ପାଇଁ ବହୁ ଅନୁଷ୍ଠାନ ସଜବାଜ ହେଉଛନ୍ତି। ମାତ୍ର ଗତବର୍ଷ ଛେନାପୋଡ଼ ଦିବସ ପାଳନ ଅବସରରେ ଓରମାସ ଅଧିକାରୀ ପ୍ରବୀଣ କୁମାର ଝା ସମସ୍ତ କାଗଜପତ୍ର ସହ ଛେନାପୋଡ଼କୁ ଜିଆଇ ମାନ୍ୟତା ପାଇଁ ଆବେଦନ କରିଥିବା ନେଇ ସୂଚନା ଦେଇଥିଲେ। ଏହା ମଧ୍ୟରେ ଗୋଟିଏ ବର୍ଷ ଅତିକ୍ରାନ୍ତ କରି ସାରିଥିଲେ ସୁଦ୍ଧା ଛେନାପୋଡ଼କୁ ଜିଆଇ ମାନ୍ୟତା ମିଳି ପାରିନଥିବା ନୟାଗଡ଼ବାସୀଙ୍କୁ ବେଶ ଦୁଃଖ ଦେଇଛି। ଗତବର୍ଷ ନୟାଗଡ଼ ଦୁର୍ଗାମଣ୍ଡପଠାରେ ଛେନାପୋଡ଼ ଦିବସ ପାଳନ ଅବସରରେ ଅତିଥିମାନେ 'ଆମ ପରିଚୟ, ଆମ ଛେନାପୋଡ଼' ମାଗାଜିନ୍ କଭର୍ ପେଜ ଉନ୍ମୋଚନ କରିଥିଲେ। ଏହି ମାଗାଜିନ ମଧ୍ୟ ଉକ୍ତ ଅନୁଷ୍ଠାନ ପ୍ରକାଶ କରି ପାରି ନାହିଁ। ନୟାଗଡ଼ ଛେନାପୋଡ଼ର ଆରମ୍ଭ ବେଶ ଆଲୋଚ୍ୟ ବିଷୟ। ନୟାଗଡ଼ ଜିଲ୍ଲା ଦଶପଲ୍ଲା ସାତପାଟଣା ଗ୍ରାମରେ ୧୯୩୧ ମସିହା ଏପ୍ରିଲ ୧୧ ତାରିଖରେ ଜନ୍ମଗ୍ରହଣ କରିଥିବା ସୁଦର୍ଶନ ନୟାଗଡ଼ କଚେରୀ ବଜାରରେ ଏକ ଜଳଖିଆ ଦୋକାନ କରିଥିଲେ। ଥରେ ବଳକା ଛେନାକୁ କଣ କରିବେ ଭାବି ଏକ ନିଆରା ମିଠା ପ୍ରସ୍ତୁତ କରିବାକୁ ବସି ପଡ଼ିଥିଲେ। ଉକ୍ତ ନିଆରା ମିଠା ଆଜି ଛେନାପୋଡ଼ ଭାବେ ପରିଚୟ ଲାଭ କରିଛି। ଓରମାସ୍ ପକ୍ଷରୁ ଛେନାପୋଡ଼କୁ ଜିଆଇ ଟ୍ୟାଗ ମାନ୍ୟତା ମିଳିବା ନେଇ ଆବେଦନ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏଥିପ୍ରତି ଆନ୍ତରିକତାର ସହିତ ଉଦ୍ୟମ ହୋଇନଥିବା ଜଣାଯାଇଛି।

ନୟାଗଡ଼ ଛେନାପୋଡ଼ ପ୍ରତ୍ୟେକ ଦିନ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠା ଯାଉଥିବା ବେଳେ ଏହା ଏକ କୁଟୀର ଶିଳ୍ପରେ ପରିଣତ ହୋଇସାରିଛି। ଛେନାପୋଡ଼ କେଜି ୧୦୦ରୁ ଆରମ୍ଭ କରି ୩ ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ନୟାଗଡ଼ ମୁଖ୍ୟ ଟ୍ରାଫିକ ଛକରେ ପ୍ରତ୍ୟେକ ଦିନ ଶହ ଶହ କ୍ୱିଣ୍ଟାଲ ଛେନାପୋଡ଼ ବିକ୍ରି ହେଉଥିବା ବେଳେ ଭାପୁର ବ୍ଲକ ଫତେଗଡ଼ଠାରେ ପ୍ରତ୍ୟେକ ଦିନ ଏକ ଟନ୍ରୁ ଊର୍ଦ୍ଧ୍ୱ ଛେନାପୋଡ଼ ବିକ୍ରି ହେଉଛି। ନୟାଗଡ଼ ଏବଂ ଏହାର ଆଖପାଖ ଗ୍ରାମ ତଥା ମାଛିପଡ଼ା, ସୋଲପଟା, ଇଟାମାଟି, ଖଣ୍ଡପଡ଼ା, ଭାପୁର ଆଦି ଅଞ୍ଚଳରେ ଛେନାପୋଡ଼ ପ୍ରସ୍ତୁତ କରାଯାଇ ଛୋଟ ଛୋଟ ଚଟକା ଡେକ୍ଚି ଏବଂ ପାତ୍ରରେ ପ୍ୟାକ କରାଯାଇ ରାଜ୍ୟର ବିଭିନ୍ନ ଅଞ୍ଚଳ ଏବଂ ରାଜ୍ୟ ବାହାରକୁ ପଠାଯାଇଥାଏ।

- ଏପ୍ରିଲ ୧୧ରେ ବିଶ୍ୱ ଛେନାପୋଡ଼ ଦିବସ
- ପ୍ରକାଶିତ ହେଲାନି ଛେନାପୋଡ଼ ମାଗାଜିନ୍



## ନୂଆଗାଁ କ୍ରିକେଟ ପ୍ରିମିୟର ଲିଗ୍ ପ୍ରସ୍ତୁତି

ନୂଆଗାଁ, ୬।୪(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସଦର ମହକୁମାରେ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ୪ର୍ଥ ନୂଆଗାଁ କ୍ରିକେଟ ପ୍ରିମିୟର ଲିଗ୍ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଂସ୍କରଣରେ ଚାରୋଟି ଫ୍ରାଞ୍ଚାଇଜି ମାଲିକମାନେ ୪ଟି ଟିମ୍ ପାଇଁ ନିଲାମି ପ୍ରକ୍ରିୟାରେ ଖେଳାଳି ଚୟନ କରିବେ। ଫ୍ରାଞ୍ଚାଇଜିଗୁଡିକ ହେଲେ ପ୍ରଧାନ ସାନିଟାରୀ ୱାରିୟର, ପଞ୍ଚସଖା କୃଷକ କ୍ଲବ, ଆରବି 'ଟ୍ୟୁଟୋରିଆଲ୍ ସୁପର, ପ୍ରତିଷ୍ଠା ୱାରିୟର। ପ୍ରତ୍ୟେକ ଫ୍ରାଞ୍ଚାଇଜି ମାଲିକ ୧୬ ଜଣ ଲେଖାଏଁ ଖେଳାଳି କିଣିବାର ନିୟମ ରହିଛି। ନୂଆଗାଁ ବ୍ଲକର ୨୨ଟି ପଞ୍ଚାୟତର ଖେଳାଳିଙ୍କୁ ନେଇ ନିଲାମ ହେବାର ନିୟମ ରହିଛି। ବ୍ଲକ ବାହାର ଖେଳାଳିଙ୍କ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ। ଗତକାଲି ସୁଦ୍ଧା ପ୍ରାୟ ୧୦୦ରୁ ଅଧିକ ଦରଖାସ୍ତ କାରି ଆବେଦନ କରିଥିବାର ସୂଚନା ମିଳିଛି। ୭ ତାରିଖରେ ଖେଳାଳି ଚୟନ କରିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୧୪ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଖେଳ ହେବ। ଏହି ସଂସ୍କରଣ କିପରି ଶୃଙ୍ଖଳା ଏବଂ ସୂଚାରୁ ରୂପେ ସମ୍ପାଦନ କରି ହେବ ସେଥିପ୍ରତି କର୍ମକର୍ତ୍ତାମାନେ ବିଶେଷ ଦୃଷ୍ଟି ଦେବା ନିମନ୍ତେ ଆଲୋଚନା ହୋଇଥିଲା। ଫ୍ରେଣ୍ଡସ କ୍ଲବ ସଭାପତି ବନଜିତ ସାହୁ, ସମ୍ପାଦକ ଅଶୋକ କୁମାର ନାୟକଙ୍କ ସମେତ କ୍ଲବର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଅବଶିଷ୍ଟାଂଶ...

### ଫିକା ପଡ଼ିଲା...

ନାରାବାଜି, ଜିନ୍ଦାବାଦ ଧ୍ୱନିରେ ରାଜ୍ୟ କାର୍ଯ୍ୟାଳୟ ପ୍ରକମ୍ପିତ ହୋଇଛି। ସେହିପରି ସମ୍ବଲପୁରଠାରୁ ଆରମ୍ଭ କରି ରାଜ୍ୟର ଅନ୍ୟତ୍ର ମଧ୍ୟ ପ୍ରତିଷ୍ଠା ଦିବସ ପାଳନ ବେଳେ ପରସ୍ପର ବିରୋଧୀ ନେତା ଓ କର୍ମୀଙ୍କ ଗଣ୍ଡଗୋଳ ଚିତ୍ର ସାମ୍ନାକୁ ଆସିଛି। ବିଜେପିରେ ଏପରି ଅସନ୍ତୋଷ ପୂର୍ବରୁ କେବେ ଦେଖିବାକୁ ମିଳିନଥିବା ବେଳେ ଏହାକୁ କିପରି ପ୍ରଶମିତ କରାଯିବ ସେନେଇ ଚିନ୍ତାରେ ପଡ଼ିଛନ୍ତି ରାଜ୍ୟ ନେତୃତ୍ୱ।

ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସମ୍ମୁଖରେ ରେମୁଣା ନିର୍ବାଚନ ମଣ୍ଡଳୀରୁ ଆସିଥିବା ହଜାର ହଜାର ବିଜେପି କର୍ମୀ ଦଳୀୟ ପ୍ରାର୍ଥୀ ଗୋବିନ୍ଦ ଦାସଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ। ବିଦ୍ରୋହୀଙ୍କ ପ୍ରତିଟି କଥାକୁ ନିଜେ ମନମୋହନ ଧୈର୍ଯ୍ୟର ସହ ଶୁଣିଥିଲେ। ଯଦି ଗୋବିନ୍ଦଙ୍କ ଟିକଟ ନବଦଳାଯାଏ, ତାହେଲେ ଆଗାମୀ ଦିନରେ ରେମୁଣା ବିଜେପି ଶୂନ୍ୟ ହେବାକୁ ଯାଉଛି ବୋଲି ଚେତାବନୀ ଦେଇଥିଲେ ଗୋବିନ୍ଦ ବିରୋଧୀ ଗୋଷ୍ଠୀ। ପ୍ରତିବାଦ ଏଇଠି ସରିନଥିଲା। ଖଣ୍ଡପଡ଼ାରେ ଦୁଷ୍ମନ୍ତ ସ୍ୱାଇଁଙ୍କୁ ଟିକଟ ମିଳିଥିବା ବେଳେ ସମାନ ଢଙ୍ଗରେ ଦୁଷ୍ମନ୍ତ ବିରୋଧୀ ଗୋଷ୍ଠୀଙ୍କ ହଙ୍ଗାମା ଆଜି ରାଜ୍ୟ କାର୍ଯ୍ୟାଳୟରେ ଦେଖିବାକୁ ମିଳିଥିଲା। ଦୁଷ୍ମନ୍ତ ହଟାଅ, ଖଣ୍ଡପଡ଼ା ବଞ୍ଚାଅ ନାରାରେ ରାଜ୍ୟ କାର୍ଯ୍ୟାଳୟ କମ୍ପିଥିବା ବେଳେ ତୁରନ୍ତ ଟିକଟ ବଦଳ କରିବାକୁ କର୍ମୀ ଦାବି ଜଣାଇଥିଲେ। ସେହିପରି ବଡ଼ମ୍ବାରେ ସମ୍ବିତ ତ୍ରିପାଠୀଙ୍କୁ ଟିକଟ ମିଳିଥିବା ବେଳେ ଅନ୍ୟତମ ଆଶାୟୀ ବିଜୟ ଦଳବେହେରାଙ୍କ ଗୋଷ୍ଠୀର ସମର୍ଥକ ରାଜ୍ୟ କାର୍ଯ୍ୟାଳୟରେ ପ୍ରବଳ ହଟ୍ଟଗୋଳ କରିଥିଲେ। ସମ୍ବିତଙ୍କ ପ୍ରାର୍ଥୀତ୍ୱକୁ ସେମାନେ ଖୋଲାଖୋଲି ଭାବେ ବିରୋଧ କରିବା ସହ ତୁରନ୍ତ ପ୍ରାର୍ଥୀ ବଦଳାଇବାକୁ ଦାବି କରିଥିଲେ। ଅପରପକ୍ଷେ ସମସ୍ତେ ନିଜ ନିଜ ନେତାଙ୍କୁ ଟିକଟ ଦେବା ପାଇଁ ରାଜ୍ୟ କାର୍ଯ୍ୟାଳୟରେ ପ୍ରଦର୍ଶନ କରୁଥିବା ବେଳେ ଆଜି ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଧର୍ମଶାଳାରୁ ଟିକଟ ପାଇଥିବା ସ୍ମୃତିରେଖା ପହିଙ୍କ ବହୁ ସଂଖ୍ୟାରେ ସମର୍ଥକ ରାଜ୍ୟ କାର୍ଯ୍ୟାଳୟରେ ଏକାଠି ହେବା ସହ ସ୍ମୃତିରେଖାଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ ଜଣାଇବା ସହ ଶକ୍ତି ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟ ଯେ ସ୍ମୃତିରେଖାଙ୍କ ପ୍ରାର୍ଥୀତ୍ୱ ବିରୋଧରେ ଅନ୍ୟତମ ଆଶାୟୀ ହିମାଂଶୁ ସାହୁ(ଲିକୁ)ଙ୍କ ସମର୍ଥକ ୨ ଦିନ ଧରି ରାଜ୍ୟ କାର୍ଯ୍ୟାଳୟରେ ପ୍ରତିବାଦ କରିବା ସହ ଧାରଣା ଦେଇଥିଲେ। ପରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଆଶ୍ୱାସନା ପରେ ସେମାନେ ଧାରଣାରୁ ଉଠିଥିଲେ। ଦଳ ମଧ୍ୟରେ ପ୍ରାର୍ଥୀତ୍ୱକୁ ନେଇ ଦିନକୁ ଦିନ ବଢୁଥିବା ଅସନ୍ତୋଷକୁ ରାଜ୍ୟ ନେତୃତ୍ୱ କିଭଳି ପ୍ରଶମିତ କରିବେ, ସେନେଇ ବିଜେପି ଶିବିରରେ ବିଚାର ବିମର୍ଶ ଜାରି ରହିଛି।

### ଧର୍ମେନ୍ଦ୍ରଙ୍କ ଉପସ୍ଥିତିରେ...

ସମୟରେ କର୍ମୀଙ୍କୁ ଉଦ୍‌ବୋଧନ ଦେଉଥିବା ବେଳେ ଆଜିର ସମ୍ବଲପୁରର କାର୍ଯ୍ୟକ୍ରମରେ କିନ୍ତୁ ତାହାର ଓଲଟା ଚିତ୍ର ଦେଖିବାକୁ ମିଳିଥିଲା।

ଖାଲି ସେତିକି ନୁହେଁ, କାର୍ଯ୍ୟକ୍ରମରେ ଜୟ ଓ ଗିରୀଶଙ୍କ ସମର୍ଥକଙ୍କ ମଧ୍ୟରେ ବ୍ୟାନର୍ ଯୁଦ୍ଧ ଦେଖିବାକୁ ମିଳିଥିଲା। ଗେଟ୍‌ରେ ଲାଗିଥିବା ବ୍ୟାନର୍‌ରେ ଜିଲ୍ଲା ସଭାପତି ଗିରୀଶ ପଟେଲଙ୍କ ଫଟୋ ନଥିବାରୁ ତାଙ୍କ ସମର୍ଥକ ଏହାର ପ୍ରତିବାଦ କରିଥିଲେ। ଏପରିକି, ସଭା ଆରମ୍ଭ ହେବା ପୂର୍ବରୁ ସେଠାରେ ଲାଗିଥିବା ଗିରୀଶଙ୍କ ଫଟୋ ଥିବା ଏକ ବ୍ୟାନର୍‌କୁ ଏକ ନୂଆ ବ୍ୟାନର୍‌ରେ ଢାଙ୍କି ଦିଆଯାଇଥିଲା। ସେ ନୂଆ ବ୍ୟାନର୍‌ରେ ଗିରୀଶଙ୍କ ଫଟୋ ନଥିଲା। ଜାଣିଶୁଣି ଜୟଙ୍କ ସମର୍ଥକ ଏପରି କାଣ୍ଡ କରିଛନ୍ତି। ତେଣୁ ଆଗାମୀ ଦିନରେ ଏହାର ଦୃଢ଼ ଜବାବ ଦେବା ପାଇଁ ଗିରୀଶଙ୍କ ସମର୍ଥକମାନେ ସୁଯୋଗ ଅପେକ୍ଷାରେ ରହିଥିବା କୁହାଯାଉଛି। ମୁଣ୍ଡ ଉପରେ ନିର୍ବାଚନ ଥିବା ବେଳେ ଦଳ ଭିତରେ ଏ ଅନ୍ତଃକନ୍ଦଳ ଏଠାକାର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ରଙ୍କ ପଥ କଣ୍ଟକିତ କରିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

### ସାମ୍ବିଧାନିକ ମୂଲ୍ୟବୋଧ...

ଓ ସମ୍ବିଧାନ ସହିତ କୌଣସି ପ୍ରକାରର ପକ୍ଷପାତିତା କରିବା ଉଚିତ୍ ନୁହେଁ। ସେମାନେ ସମ୍ବିଧାନ ପ୍ରତି ବିଶ୍ୱସ୍ତ ରୁହନ୍ତୁ ବୋଲି ସିଜେଆଇ କହିଛନ୍ତି। ନ୍ୟାୟପାଳିକା ଏହାର ସ୍ୱାଧୀନତା ଓ ନିରପେକ୍ଷ ନୀତି ବଜାୟ ରଖି ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାଠାରୁ ସ୍ୱତନ୍ତ୍ର ରହିପାରିଛି ବୋଲି ସେ କହିବା ସହିତ ଏହି ସ୍ୱତନ୍ତ୍ରତା ସହିତ ଓକିଲ ସଂଘର ସ୍ୱାଧୀନତା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି ବୋଲି ସେ କହିଛନ୍ତି। କୌଣସି ମାମଲାରେ ସୁପ୍ରିମକୋର୍ଟର ସାମ୍ବିଧାନିକ ବେଞ୍ଚ ଯେଉଁ ରାୟ ଦେଇଥାଆନ୍ତି ତାହା ବିସ୍ତୃତ ଆଇନଗତ ବିଶ୍ଳେଷଣ ଓ ସାମ୍ବିଧାନିକ ନୀତି ପ୍ରତି ରହିଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ। ଥରେ ରାୟ ପ୍ରକାଶ ପାଇଯିବା ପରେ ଏହା ସର୍ବସାଧାରଣ ପାଇଁ ଏକ ଅମୂଲ୍ୟ ସମ୍ପତ୍ତି ସଦୃଶ ହୋଇପଡ଼ିଥାଏ। ଏଥିପାଇଁ ଆମକୁ କେଉଁଠୁ ପ୍ରଶଂସା ମିଳିଥାଏ ତ' ଅନ୍ୟ କେଉଁଠୁ ସମାଲୋଚନା ମଧ୍ୟ ହେବାକୁ ପଡ଼ିଥାଏ। ତେବେ ଗୋଟିଏ ଅନୁଷ୍ଠାନ ଭାବେ ଆମର ପରିସୀମା ବ୍ୟାପକ ହୋଇଥିବାରୁ ଆମେ ଉଭୟ ପ୍ରଶଂସା ଓ ସମାଲୋଚନାକୁ ଗ୍ରହଣ କରୁଛୁ। ଏଥିପାଇଁ ଓକିଲ ସଂଘ ସଦସ୍ୟ ତଥା ଆଇନଜୀବୀମାନେ ଅଦାଲତଙ୍କ ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ପ୍ରକାଶ କରିବାବେଳେ ସାଧାରଣ ଲୋକଙ୍କ ଭଳି ମନ୍ତବ୍ୟ ଦେବା ଉଚିତ୍ ନୁହେଁ ବୋଲି ସିଜେଆଇ କହିଛନ୍ତି।

### ବଢୁଛି ଆଶାୟୀଙ୍କ...

କର୍ମୀ। ରାଜ୍ୟ କାର୍ଯ୍ୟାଳୟଠାରୁ ଆରମ୍ଭ କରି ତୃଣମୂଳସ୍ତର ଯାଏଁ ସେମାନେ ପ୍ରତିବାଦ ଜାରି ରଖିଛନ୍ତି। ଦଳୀୟ ଅସନ୍ତୋଷ ପ୍ରଶମିତ କରିବା ରାଜ୍ୟ ବିଜେପି ନେତୃତ୍ୱଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ବଳକା ଆସନରେ କାହାକୁ ପ୍ରାର୍ଥୀ କରିବ ସେନେଇ ରାଜ୍ୟ ବିଜେପି ନେତୃତ୍ୱ ଦ୍ୱନ୍ଦରେ ପଡ଼ିଛନ୍ତି।

ଟିକଟ ଘୋଷଣା ବେଳେ ଉଭୟ ଦଳ ସମ୍ପୂର୍ଣ୍ଣ ଭିନ୍ନ ରଣନୀତି ଆପଣେଇଥିବା ବେଳେ ବିଜେଡି ନିଜ ରଣନୀତିରେ ଆପାତତଃ ସଫଳ ହୋଇଛି। ବିଜେପି ପରି ବିଜେଡି ଏକାଥରେ ପ୍ରାର୍ଥୀ ଘୋଷଣା ନକରି ପର୍ଯ୍ୟାୟକ୍ରମେ ପ୍ରାର୍ଥୀ ଘୋଷଣା କରୁଛି। ପ୍ରଥମ ପର୍ଯ୍ୟାୟରେ ଦଳ ୭୨, ଦ୍ୱିତୀୟ ପର୍ଯ୍ୟାୟରେ ୨୭ ଏବଂ ତୃତୀୟ ପର୍ଯ୍ୟାୟରେ ମାତ୍ର ୯ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବହୁ ପରୀକ୍ଷା ନିରୀକ୍ଷା କରି ଦଳ ପକ୍ଷରୁ ଟିକଟ ବଣ୍ଟନ କରାଯାଉଛି। ବଳକା ୩୯ ଆସନ ପାଇଁ ମଧ୍ୟ ମାପିଚୁପି ଅତି ସନ୍ତର୍ପଣତାର ସହ ଆଗକୁ ବଢୁଛି ବିଜେଡି ଶିବିର। ଅପରପକ୍ଷେ ବିଜେଡି ପରେ 'ବିଜେପି ଟିକଟ' ନେତାଙ୍କର ଦ୍ୱିତୀୟ ପସନ୍ଦ ଥିବାବେଳେ ଦଳର ସାହାଣମେଲା ନୀତି ଅନ୍ୟ ଦଳର ନେତାଙ୍କୁ ବେଶ୍ ସୁହାଉଛି। ସେଥିପାଇଁ ବିଜେଡି କିମ୍ବା କଂଗ୍ରେସରୁ ଟିକଟ ନମିଳିଲେ ସେମାନେ ବିଜେପିକୁ ଯିବାକୁ ପସନ୍ଦ କରୁଛନ୍ତି। ଦଳ ପ୍ରଥମ ପର୍ଯ୍ୟାରେ ଏକାଥରକେ ୧୧୨ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ପ୍ରାୟ ୭୦ ଆସନରେ ପ୍ରାର୍ଥୀତ୍ୱକୁ ନେଇ ଅସନ୍ତୋଷ ଦେଖାଦେଇଛି। କର୍ମୀମାନେ ଖୋଲାଖୋଲି ଭାବେ ବିଦ୍ରୋହ କରୁଥିବା ବେଳେ ଅନେକ ଇତିମଧ୍ୟରେ ଏହାକୁ ବିରୋଧ କରି ଦଳ ଛାଡ଼ିଲେଣି। ଦଳଡିଆଁ ଓ ଆମଦାନୀ ନେତାଙ୍କୁ ଗୁରୁତ୍ୱ ବିଜେପି କର୍ମୀ ମହଲରେ ଅସନ୍ତୋଷ ଓ ଆକ୍ରୋଶର ମୂଳ କାରଣ ପାଲଟିଛି। ବର୍ଷ ବର୍ଷ ଧରି ସଂଗଠନ କରିଥିଲେ ହେଁ ରାତାରାତି ଦଳକୁ ଆସି ବାହାରି ନେତା ଟିକଟ ହାତେଇନେବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି କର୍ମୀ। ଅସନ୍ତୋଷର ସର୍ବାଧିକ ପ୍ରତିଫଳନ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଦେଖିବାକୁ ମିଳିଥିବା ବେଳେ ଏହା ରାଜ୍ୟ ନେତୃତ୍ୱ ପ୍ରତି ଖୋଲା ଆହ୍ୱାନ ସୃଷ୍ଟି କରିଛି। ଅନ୍ୟ ଦଳରୁ ଆସିଥିବା ଟାଣୁଆ ନେତା ଅମରେନ୍ଦ୍ର ଦାସ, ଅନୁଭବ ମହାନ୍ତି, ପ୍ରଶାନ୍ତ ଜଗଦେବ, ଅରିନ୍ଦମ ରାୟଙ୍କ ପରି ନେତାଙ୍କୁ ଦଳ ଏଯାଏଁ ପ୍ରାର୍ଥୀ କରିନାହିଁ। ଏମାନଙ୍କୁ ଦଳ କେଉଁଠାରେ ଥଇଥାନ କରିବ ସେନେଇ ବେଶ ଚିନ୍ତାରେ ରହିଛି। ସବୁ ଆସନରେ ଏକାଧିକ ପ୍ରାର୍ଥୀ ଥିବାବେଳେ ଦଳ କାହାକୁ ପ୍ରାର୍ଥୀ କରିବ, କାହାକୁ ବାଦ୍ ଦେବ ସେନେଇ ଅଙ୍କ କଷୁଥିବା ଜଣାପଡ଼ିଛି। ଅପରପକ୍ଷେ ବିଜେପିର ପ୍ରାର୍ଥୀତ୍ୱ ଉପରେ ବିଜେଡି କଡ଼ା ନଜର ରଖିଛି। ଉଭୟ ଦଳ ପକ୍ଷରୁ ୧୮ ବିଧାନସଭା ଆସନରେ କୌଣସି ପ୍ରାର୍ଥୀ ଘୋଷଣା ହୋଇନାହିଁ। ଉଭୟ ଦଳ ଛକାପଞ୍ଝା ସ୍ଥିତିରେ ଥିବାବେଳେ ଆଶାୟୀଙ୍କ ହୃତ୍‌ସ୍ପନ୍ଦନ ବଢ଼ିବାରେ ଲାଗିଛି। ଉଭୟ ଦଳର ଟିକଟକୁ ନେଇ ରାଜ୍ୟ ରାଜନୀତିରେ ବେଶ୍ ଉଷ୍ମତା ପରିଲକ୍ଷିତ ହେଉଥିବା ବେଳେ ଆଗକୁ ଆହୁରି ରୋଚକ ଦୃଶ୍ୟ ଦେଖିବାକୁ ମିଳିବ ବୋଲି ରାଜନୀତିକ ମହଲ ଅନୁମାନ କରୁଛନ୍ତି।

### ପ୍ରଚଣ୍ଡ ଖରାରେ...

ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ଓ ଟିଟିଲାଗଡ଼ରେ ୪୩ ଡିଗ୍ରୀ ରହିଥିଲା। ଅନ୍ୟପକ୍ଷରେ ରାଜଧାନୀ ଭୁବନେଶ୍ୱରରେ ଗତକାଲି ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ଛୁଇଁଥିବା ବେଳେ ଆଜି ଏହା ୩୯.୬ ଡିଗ୍ରୀକୁ ଖସି ଆସିଛି। କଟକରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦.୧ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଭବାନୀପାଟଣାରେ ୪୨.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧.୮ ଡିଗ୍ରୀ ରେକର୍ଡ କରାଯାଇଛି। ସମ୍ବଲପୁରରେ ୪୧.୭, ସୁନ୍ଦରଗଡରେ ୪୦.୮, ହୀରାକୁଦରେ ୪୧.୧, ତାଳଚେରରେ ୪୨, ବଲାଙ୍ଗିରରେ ୪୨.୩, ଫୁଲବାଣୀରେ ୪୧.୧, ସୋନପୁରରେ ୪୧.୨, ନୟାଗଡ଼ରେ ୪୨.୩, ପାରଳାଖେମୁଣ୍ଡିରେ ୪୨, ଢେଙ୍କାନାଳରେ ୪୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। କେନ୍ଦୁଝରଗଡରେ ପାରଦ ୪୦.୪ ଡିଗ୍ରୀ ଛୁଇଁଥିବା ବେଳେ ବରଗଡରେ ୪୦.୨, ନୂଆପଡ଼ାରେ ୪୦, ଖୋର୍ଦ୍ଧାରେ ୪୦.୫, କେନ୍ଦ୍ରାପଡ଼ାରେ ୪୦ ଓ ରାଉରକେଲାରେ ୪୦.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

### ଆଶ୍ୱସ୍ତି ଦେବ...

ଏହାଦ୍ୱାରା ତାତିରୁ ଲୋକେ ସାମୟିକ ନିସ୍ତାର ପାଇବାକୁ ଯାଉଥିବା ନେଇ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ଆକଳନ ଅନୁଯାୟୀ, ଆସନ୍ତାକାଲି ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର ଓ କଟକ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ କୁଆ ପଥର ବର୍ଷା ହୋଇପାରେ। ସେଥିପାଇଁ ଏହି ସବୁ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ଅନୁଗୋଳ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, କଟକ, ଖୋର୍ଦ୍ଧା, ବୌଦ୍ଧ, ମୟୂରଭଞ୍ଜ, ଦେବଗଡ଼ ଓ ନୟାଗଡ଼ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ହେବାର ସମ୍ଭାବନା ରହିଛି। ଉପରୋକ୍ତ ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସୋମବାର ସକାଳ ସାଢ଼େ ୮ଟାରୁ ମଙ୍ଗଳବାର ସକାଳ ସାଢ଼େ ୮ଟା ମଧ୍ୟରେ କନ୍ଧମାଳ, ଗଞ୍ଜାମ ଓ କଳାହାଣ୍ଡି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ହୋଇପାରେ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର।

### ଦଳ ଛାଡ଼ିଲେ...

ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ କରିବା ପରେ ଶ୍ରୀ ମହାନ୍ତିଙ୍କୁ ମନ୍ତ୍ରୀ ପଦ ଛାଡ଼ିବାକୁ ପଡ଼ିଥିଲା। ପରବର୍ତ୍ତୀ ସମୟରେ ୨୦୧୯ ମସିହାରେ ରଘୁନାଥ ବିଜେପିରେ ଯୋଗଦେବା ପରେ ବସ୍ତା ନିର୍ବାଚନ ମଣ୍ଡଳୀରୁ ବିଜେପିର ବିଧାୟକ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ। ଦୀର୍ଘ ଦିନ ଧରି ରଘୁନାଥ ବିଜେପିରେ ଥାଇ ଏକ ପ୍ରକାର କୋଣଠେସା ହୋଇ ରହିଥିଲେ। ଚଳିତ ନିର୍ବାଚନ ପାଇଁ ବସ୍ତା ନିର୍ବାଚନ ମଣ୍ଡଳୀରୁ ବିଜେପିରେ ବିଧାୟକ ପ୍ରାର୍ଥୀ ଚୟନରେ ଛକାପଞ୍ଝା ଚାଲିଥିବା ବେଳେ ରଘୁନାଥ ଦଳ ଛାଡ଼ିବା ବାଲେଶ୍ୱର ଜିଲ୍ଲା ବିଜେପିକୁ ଶକ୍ତ ଧକ୍କା ଦେଇଛି।

କିଛି ଦିନ ପୂର୍ବରୁ ନୀଳଗିରିର ବିଜେପି ବିଧାୟକ ସୁକାନ୍ତ ନାୟକ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ଏହା ବାଲେଶ୍ୱର ଜିଲ୍ଲା ବିଜେପିର ଗୋଷ୍ଠୀ କନ୍ଦଳକୁ ପଦାରେ ପକାଇଥିଲା। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ବିଜେପି ପୁଣି ସାଂସଦ ପ୍ରାର୍ଥୀ କରିବା ପରେ ଦଳ ଭିତରେ କିଛି ଠିକଠାକ ଚାଲୁ ନ ଥିବା ଦେଖିବାକୁ ମିଳୁଛି। ସାଂସଦଙ୍କ ନିଜସ୍ୱ ଅଞ୍ଚଳ ନୀଳଗିରିରୁ ବିଜେପି ଶକ୍ତ ଧକ୍କା ପାଇବା ପରେ ବସ୍ତା ନିର୍ବାଚନ ମଣ୍ଡଳୀରୁ ବରିଷ୍ଠ ନେତା ରଘୁନାଥ ଆଜି ଝଟ୍‌କା ଦେଇଛନ୍ତି।

ସେହିପରି ରେମୁଣା ନିର୍ବାଚନ ମଣ୍ଡଳୀରୁ ବିଜେପି ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ 'ପଦ୍ମ'ରୁ ଆଶାୟୀ ଥିବା ବିଜୟ ସେଠୀଙ୍କ ସମେତ ବହୁ କର୍ମୀ ବିରୋଧ କରି ଆସୁଛନ୍ତି। ସେହିପରି ସୋର ନିର୍ବାଚନମଣ୍ଡଳୀରୁ ବିଜେପି ପ୍ରାର୍ଥୀ ଭାବେ ଧାମନଗରର ରାଜେନ୍ଦ୍ର ଦାସଙ୍କ ନାମ ଘୋଷଣା ହେବା ପରେ ସୋର ବିଜେପି କର୍ମୀ ମହଲରେ ଉତ୍ତେଜନା ପ୍ରକାଶ ପାଇବା ସହିତ ତାଙ୍କର ପ୍ରାର୍ଥିତ୍ୱକୁ ତୀବ୍ର ବିରୋଧ କରାଯାଇଛି। ବିଜେପିରୁ ଆଶାୟୀ ରାକେଶ ମଲ୍ଲିକଙ୍କ ନେତୃତ୍ୱରେ ବହୁ କର୍ମୀ ବିରୋଧ କରିବା ସହ ବିଜେପି କାର୍ଯ୍ୟାଳୟରେ ତାଲା ପକାଇ ଅସନ୍ତୋଷ ପ୍ରକଟ କରିଛନ୍ତି। ସେହିପରି ଜଳେଶ୍ୱର ବିଜେପିରୁ ବ୍ରଜମୋହନ ପ୍ରଧାନଙ୍କୁ ଟିକଟ ମିଳିବା ପରେ ଦଳ ଭିତରେ ଥିବା ଅନ୍ୟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ଏପରିକି ବ୍ରଜଙ୍କ ପ୍ରାର୍ଥୀତ୍ୱକୁ ଦଳ ଭିତରେ ଏତେଟା ସମର୍ଥନ ମିଳୁ ନଥିବା ବେଳେ ଅନ୍ୟ ଆଶାୟୀଙ୍କ ଗତି କୁଆଡ଼େ ରହିବ, ସେ ନେଇ ରାଜନୈତିକ ହଟଚମଟ ଜାରି ରହିଛି। ବିଜେପି ଅଧିକାଂଶ ଆସନରେ ଅସାମଞ୍ଜସ୍ୟ ପରିସ୍ଥିତିରେ ରହିଥିବା ବେଳେ ଆଗାମୀ ଦିନରେ ସାଂସଦ ପ୍ରାର୍ଥୀ ପ୍ରତାପଙ୍କ ପାଇଁ ଏସିଡ୍ ଟେଷ୍ଟ ପାଲଟିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

### ଦୁଇ ଦଣ୍ଡୁଆ...

ଯୋଗେ ଗାଙ୍ଗପୁର ଥାନା କ୍ଷତ୍ରୀୟ ବ୍ରହ୍ମପୁର ଗ୍ରାମକୁ ଦଣ୍ଡନାଚ ପାଇଁ ଯାଉଥିଲେ। ୨୫ ଜଣ ଦଣ୍ଡଭୁକ୍ତାଙ୍କୁ ନେଇ ଯାଇଥିବା ଏହି ଭ୍ୟାନ୍ ଭୋର ୪ଟା ସମୟରେ ୫୯ନଂ ଜାତୀୟ ରାଜପଥର ହିଞ୍ଜିଳିକାଟୁ ସୋମପୁର ଛକଠାରେ ଭାରସାମ୍ୟ ହରାଇ ଡିଭାଇଡର୍‌କୁ ଧକ୍କା ଦେଇ ମଝି ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ଗାଡ଼ିରେ ବସିଥିବା ୨୫ଜଣ ଦଣ୍ଡୁଆଙ୍କ ମଧ୍ୟରୁ ୨ଜଣ ଦଣ୍ଡୁଆଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଆହତମାନଙ୍କୁ ଚିକିତ୍ସା ନିମନ୍ତେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଚାଳକଙ୍କ ଆଖି ଲାଗିଯିବାରୁ ଭାରସାମ୍ୟ ହରାଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ହିଞ୍ଜିଳି ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତଦେହକୁ ପୁଲିସ ଜବତ କରି ଶବ ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି।

**Format C-7**

**(for political parties to publish in the newspaper, social media platforms & website of the party)**

**Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates**

**(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)**

Name of the Political Party: **BIJU JANATA DAL**

Name of the Election: **GENERAL ELECTIONS TO THE STATE LEGISLATIVE ASSEMBLY OF ODISHA -2024**

Name of the State: **ODISHA**

(1) Name of the Constituency - **12-ROURKELA AC**

Name of the Candidate – **SHRI SARADA PRASAD NAYAK**

| Sl. No. | | | |
|---|---|---|---|
| 1. | Criminal Antecedents | | |
| | a. | Nature of the Offence | i. Bailable |
| | b. | Case No. | i. GR No. 89/2017 |
| | c. | Name of the Court | i. SDJM, Bonai |
| | d. | Whether charges have been framed or not (Yes/No) | i. Yes |
| | e. | Date of Conviction, if any | N.A. |
| | f. | Details of punishment undergone, if any | N.A. |
| | g. | Any other information required to be given | The case is posted for appearance. |
| 2. | The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words) | | The candidate is a young and highly educated having high popularity amongst the people of western Odisha. He has earlier represented for Rourkela Assembly Constituency and his performance was remarkable in the house. He is deeply involved in social activities. |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | In consideration of his above merits, his selection as a candidate to the **12-ROURKELA Assembly Constituency** is more justified than other individuals without criminal antecedents. |

(2) Name of the Constituency - **12-ROURKELA AC**

Name of the Candidate – **SHRI SARADA PRASAD NAYAK**

.................................................................................................... and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

SD/-
**Dr. SASMIT PATRA**
**GENERAL SECRETARY.**

DATE: 06.04.2024

**Format C-7**

**(for political parties to publish in the newspaper, social media platforms & website of the party)**

**Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates**

**(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)**

Name of the Political Party: **BIJU JANATA DAL**

Name of the Election: **GENERAL ELECTIONS TO THE STATE LEGISLATIVE ASSEMBLY OF ODISHA -2024**

Name of the State: **ODISHA**

(1) Name of the Constituency - **90-BARABATI-CUTTACK AC**

Name of the Candidate – **SHRI PRAKASH CHANDRA BEHERA**

| Sl. No. | | | |
|---|---|---|---|
| 1. | Criminal Antecedents | | |
| | a. | Nature of the Offence | i. Non-bailable<br>ii. Non-bailable<br>iii. Non-bailable<br>iv. Non-bailable |
| | b. | Case No. | i. GR No. 285/2006<br>ii. GR No. 1762/2015<br>iii. GR No. 922/2012<br>iv. Jagatpur PS Case No. 377/2018 |
| | c. | Name of the Court | Sl. No. i to iii - Special Designated Court, Bhubaneswar for trial MLA & MP Cases<br>iv. Under Investigation |
| | d. | Whether charges have been framed or not (Yes/No) | Sl. No. i to iii - Yes<br>iv. No |
| | e. | Date of Conviction, if any | N.A. |
| | f. | Details of punishment undergone, if any | N.A. |
| | g. | Any other information required to be given | All the cases are subjudice before the Hon'ble Court except Sl. No. iv. |
| 2. | The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words) | | The candidate is a young and highly educated, having high popularity amongst the people of Cuttack District. He has earlier represented for Salipur Assembly Constituency and his performance was remarkable in the house. He is deeply involved in social activities. |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | In consideration of his above merits, his selection as a candidate to the **90-BARABATI-CUTTACK Assembly Constituency** is more justified than other individuals without criminal antecedents. |

(2) Name of the Constituency - **90-BARABATI-CUTTACK AC**

Name of the Candidate – **SHRI PRAKASH CHANDRA BEHERA**

.................................................................................................... and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

SD/-
**Dr. SASMIT PATRA**
**GENERAL SECRETARY.**

DATE: 06.04.2024

# ବିଜେପିରେ ବ୍ୟାପୁଛି 'ଅପରାଜିତା' ନିଆଁ



**ଖୋର୍ଦ୍ଧା/ବେଗୁନିଆ, ୬।୪(ସମିସ):** ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ନେଇ କର୍ମୀମହଲରେ ଲାଗିଥିବା ଅସନ୍ତୋଷର ନିଆଁ ଦିନକୁ ଦିନ ବ୍ୟାପିବାରେ ଲାଗିଛି। ପ୍ରଶାନ୍ତ ଜଗଦେବଙ୍କୁ ଖୋର୍ଦ୍ଧା ସିଟ୍ ଦେବା ପାଇଁ ଚକ୍ରାନ୍ତ କରିବା, ସମାନ୍ତରାଳ ସଂଗଠନ କରି ଦଳକୁ ଦୁର୍ବଳ କରିବା ଭଳି ଅପରାଜିତାଙ୍କ ସଂଗଠନ ଏବଂ କର୍ମୀ ବିରୋଧ ଅହଙ୍କାରୀ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଭୋଟ ନ ଦେଇ ନୋଟାରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯିବ। ଏଥିପାଇଁ ବେଗୁନିଆ-ବୋଲଗଡ଼ ନିର୍ବାଚନମଣ୍ଡଳୀରେ 'ଅପରାଜିତା ହଟାଅ ବିଜେପି ବଞ୍ଚାଅ' ଅଭିଯାନ ଆରମ୍ଭ ହୋଇଛି। ସାଂସଦ ଅପରାଜିତା ଷଡ଼ଙ୍ଗୀ ଦୀର୍ଘ ୫ବର୍ଷ

## ବେଗୁନିଆରେ ପୁଣି ବିରୋଧ

ବିରୋଧରେ ପୁଳାପୁଳା ଅଭିଯୋଗ ଆଣି କର୍ମୀମହଲ ଏବେ ତାଙ୍କ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦେଇଛନ୍ତି। ଗତକାଲି ବେଗୁନିଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୪ ନମ୍ବର ଜୋନର ହଜ ପଞ୍ଚାୟତ ଅନ୍ତର୍ଗତ ନିଧିପୁରସ୍ଥିତ ମା' ଜାଗେଶ୍ୱରୀଙ୍କ ପୀଠରେ ଅପରାଜିତାଙ୍କୁ ବିରୋଧ ପ୍ରଦର୍ଶନ କରାଯାଇଥିଲା। ପୂର୍ବତନ ଦକ୍ଷିଣ ମଣ୍ଡଳ ସଭାପତି ସଞ୍ଜୟ ପ୍ରସାଦ ଛୁଆଳସିଂହ ବୈଠକରେ ଅଧ୍ୟକ୍ଷତା କରି ଅପରାଜିତାଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ବିଜେପି ଧରି ପୁରୁଣା କର୍ମୀମାନଙ୍କୁ ଉପେକ୍ଷା କରି ନିଜର ଏକ ସମାନ୍ତରାଳ ସଂଗଠନ କରି ଆସୁଥିବାରୁ ବହୁ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଗତ ନିର୍ବାଚନରେ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବିଜେପି ସଙ୍ଗଠନ କରି ବହୁ ଭଲ ପ୍ରଦର୍ଶନ କରିଥିଲା। କିନ୍ତୁ ସାଂସଦ ଅପରାଜିତାଙ୍କ ପାଇଁ ଏଠାରେ ଦଳର ସଂଗଠନ ଦୁର୍ବଳ ହେଉଛି। ତେଣୁ ଆସନ୍ତା ନିର୍ବାଚନରେ ତାଙ୍କୁ ଲଢ଼ିବା ପାଇଁ ସୁଯୋଗ ଦିଆନଯାଉ ବୋଲି ସେ କହିଛନ୍ତି।

ସେହିପରି ଆଜି ମଧ୍ୟ ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଗଡ଼ମାଣିତୀରସ୍ଥିତ ମା' ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ବିଜେପିର ପ୍ରତିଷ୍ଠା ଦିବସ ପାଳନ ଅବସରରେ ସାଂସଦ ଅପରାଜିତାଙ୍କ ପ୍ରାର୍ଥିତ୍ୱକୁ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଦକ୍ଷିଣ ବେଗୁନିଆ ମଣ୍ଡଳ ସଭାପତି ଯଜ୍ଞେଶ୍ୱର ସୁନ୍ଦରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେପିର ସାଙ୍ଗଠନିକ ଦକ୍ଷତା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ମଣ୍ଡଳ ଉପସଭାପତି, ସାଧାରଣ ସମ୍ପାଦକ, ସମସ୍ତ ପଞ୍ଚାୟତ ସଭାପତିଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ସାଂସଦଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ କାର୍ଯ୍ୟକର୍ତ୍ତା ଉପେକ୍ଷିତ ହୋଇଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏହି ସଭାରେ ରବିନାରାୟଣ ଚମ୍ପତି, ଗଡ଼ମାଣତୀର ପଞ୍ଚାୟତ ସଭାପତି ଇନ୍ଦ୍ରମଣି ରଣସିଂହ, ଶଗଡ଼ଭଙ୍ଗା ସଭାପତି ନୃସିଂହ ପାଇକରାୟ, ମଣ୍ଡଳ ଉପସଭାପତି ବସନ୍ତ ଭାରୀମଲ୍ଲ, ଦେଉଳି ସଭାପତି ନୃସିଂହ ସୁନ୍ଦରାୟ, ଗୋବିନ୍ଦପୁର ସଭାପତି ଶରତ ସାମନ୍ତରାୟ, ବୋତଲମା ସଭାପତି ସୁବାକନ୍ତ ପାଟଶାଣୀ, ହଜ ସଭାପତି ମାଧବ ସାହୁ, ହୀରାପୁର ସଭାପତି ନିରଞ୍ଜନ ସ୍ୱାଇଁ, ସିକୋ ପଞ୍ଚାୟତ ସଭାପତି ରତିକାନ୍ତ ପ୍ରଧାନ, ସାଧାରଣ ସମ୍ପାଦକ ବିଜୟ ସୁବୁଦ୍ଧି, ମଣ୍ଡଳ କୋଷାଧ୍ୟକ୍ଷ ପ୍ରମୋଦ ରାଉତରାୟ, ସୁଦର୍ଶନ ଛୁଆଳସିଂହ, ରବୀନ୍ଦ୍ର ଗୁମାନସିଂହଙ୍କ ସମେତ ମଣ୍ଡଳର ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ଓ ମୋର୍ଚ୍ଚା ସଭାପତି ଯୋଗଦେଇ ଆଗାମୀ ନିର୍ବାଚନରେ ସାଂସଦଙ୍କ ଭୋଟ ବର୍ଜନ କରିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ମଣ୍ଡଳ ସାଧାରଣ ସମ୍ପାଦକ ଦୀନବନ୍ଧୁ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

■ ହୁ ହୁ ଖରାରେ କାମ କରୁଛନ୍ତି ଶ୍ରମିକ; ନିଘୋଡ଼ ନିଦରେ ପ୍ରଶାସନ

# ନିର୍ଦ୍ଦେଶନାମା କାଗଜକଲମରେ ସୀମିତ

**ଖୋର୍ଦ୍ଧା, ୬।୪(ସମିସ)**



ଦିନ ୯ଟା ଡ଼େଇଁଲେ ମୁଣ୍ଡଫଟା ଖରା। ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଗମ୍ ଗମ୍ ଝାଳରେ ଲୋକ ଅସ୍ତବ୍ୟସ୍ତ। ବିନା ପାଣିବୋତଲ, ଛତା, ଯୋତା, ଟୋପିରେ ପଦାକୁ ବାହାରିକୁ ଭୟ ଲାଗୁଛି। ରାଜ୍ୟ ବ୍ୟାପୀ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ୧୧ପରେ ରାସ୍ତାଘାଟ ଏକ ପ୍ରକାର ଶୂନଶାନ। ରାଜଧାନୀ ଭୁବନେଶ୍ୱର ସମେତ ଖୋର୍ଦ୍ଧା ସହର ତାପମାତ୍ରା ବଢ଼ି ଚାଲିଛି। ଦୈନିକ ତାପମାତ୍ରା ୩୮ରୁ ୪୦ଡିଗ୍ରୀ ପର୍ଯ୍ୟନ୍ତ ରହୁଛି। ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ଚଳିତ ଗ୍ରୀଷ୍ମଋତୁରେ ସମ୍ଭାବ୍ୟ ଅଂଶୁଘାତକୁ ରୋକିବାକୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଖରାରେ କାର୍ଯ୍ୟରତ ଶ୍ରମିକ ଏପ୍ରିଲରୁ ଜୁନ୍ ୧୫ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ୩୦ ପର୍ଯ୍ୟନ୍ତ କାମ କରିବେନି ବୋଲି ନିର୍ଦ୍ଦେଶ ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିର୍ଦ୍ଦେଶନାମାକୁ ଲାଗୁ ମଧ୍ୟ କରାଯାଇଛି। ତେବେ ଖୋଦ୍ ହୁ ହୁ ଖରାରେ ଖୋଦ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରେ ଶ୍ରମିକ ମାନେ କାମ କରୁଥିବା ଦେଖିବାକୁ ମିଳିଛି। କାର୍ଯ୍ୟାଳୟ ପଛପଟେ ମଧ୍ୟାହ୍ନର ପ୍ରବଳ ଖରାରେ ଏକାଧିକ ଶ୍ରମିକ କାମ କରୁଥିବା ଦୃଶ୍ୟ ଅନେକଙ୍କୁ ଚକିତ କରିଛି। ପଥର ବୁହା ଓ ହଣାହଣି କାମସବୁ ପ୍ରଚଣ୍ଡ ଖରାରେ ଶ୍ରମିକ ମାନେ ଝାଳନାଳହୋଇ କରୁଥିବା ଦେଖିବାକୁ ମିଳିଛି। ଖୋଦ୍ ଜିଲ୍ଲାପାଳ, ଅନ୍ୟ ଉପସ୍ଥିତ ଅଧିକାରୀମାନଙ୍କ ଆଖିଆଗରେ ଏପରି କାମ ଚାଲିଛି। ଏନେଇ ପ୍ରଶାସନ ଅଥବା ଶ୍ରମ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜଣାପଡ଼ିଛି। କେବଳ ସରକାରୀ କାଗଜକଲମରେ ନିର୍ଦ୍ଦେଶନାମା ଜାରି କରି ପ୍ରଶାସନିକ ଅଧିକାରୀମାନେ ଚୁପ୍ ବସିଛନ୍ତି।

ସେହିପରି ସହରରେ ସବୁଠି କୋଠାବାଡି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଶ୍ରମିକମାନେ ବିପଦଜନକ ଭାବେ କାମ କରୁଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଗାଇଡଲାଇନକୁ ପାଳନ କରାଯାଉନାହିଁ। କୌଣସି ଠିକା ସଂସ୍ଥା ପକ୍ଷରୁ ସାଧାରଣ ପାନୀୟଜଳ ବ୍ୟବସ୍ଥା ମଧ୍ୟ କରାଯାଉନଥିବା ଏକାଧିକ ଶ୍ରମିକ ମାନେ ଗଣମାଧ୍ୟମ ଆଗରେ କହିଛନ୍ତି। ତେଣୁ ଆଗାମୀ ଦିନରେ ପ୍ରବଳ ଖରାରେ ନିର୍ମାଣ କାର୍ଯ୍ୟରେ ଲଗାଉଥିବା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବହୁ ଶ୍ରମିକ ଅଂଶୁଘାତ ସାମ୍ନା କରିବା ଏକ ପ୍ରକାର ନିଶ୍ଚିତ ହୋଇଛି।

# ବଡବେରଣା- କୁଶପଲ୍ଲା ରାସ୍ତା ମରଣଯନ୍ତା

**ବେଗୁନିଆ, ୬।୪(ସମିସ):** ବଡବେରଣା-କୁଶପଲ୍ଲା ଆରଡି ରାସ୍ତାରେ ପ୍ରତ୍ୟହ ମୋଟରଯାନ, ଭାରୀ ଓ ଲଘୁଯାନରେ ପଥଚାରୀ ମାନେ ବେଗୁନିଆ ବ୍ଲକ, ଥାନା, ଚିକିତ୍ସାଳୟ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଓ ବ୍ୟବସାୟ ପ୍ରତିଷ୍ଠାନକୁ ନିତ୍ୟ ବ୍ୟବହାର୍ଯ୍ୟ ଆସବାବପତ୍ର କ୍ରୟ ବିକ୍ରୟ ନିମନ୍ତେ ଯାତାୟାତ କରିଥାନ୍ତି। ଏହି ରାସ୍ତାର ଉନ୍ନତିକରଣ ଲାଗି ପ୍ରତି ବର୍ଷ ମରାମତି କରିବା ପାଇଁ ପ୍ରଶାସନ ପକ୍ଷରୁ ଅର୍ଥ ବ୍ୟୟ ବରାଦ କରାଯାଉଥିବା ବେଳେ ନାମକୁ ମାତ୍ର



କାର୍ଯ୍ୟ କରି ଲକ୍ଷାଧିକ ଟଙ୍କା ଆତ୍ମସାତ ହେଉଛି। ତେବେ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠି ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ରାତ୍ର ଓ ଦିନରେ ଛୋଟବଡ ଦୁର୍ଘଟଣାମାନ ଘଟି ଧନ ଜୀବନ ନଷ୍ଟ ହେଉଛି। ବର୍ଷା ହେଲେ ଗର୍ତ୍ତରେ ପାଣି ଭର୍ତ୍ତି ହୋଇ ରହିଥିବାରୁ ମଧ୍ୟ ଯାତାୟାତ କରିବା ପାଇଁ ଲୋକମାନଙ୍କ ମନରେ ଭୟ ସୃଷ୍ଟି ହେଉଛି। ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବାକୁ ଗଣ ମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

● ନଈରୀ ଦଶଦୋଳ ଯାତ୍ରା

# ୪୩ ଦେବା ଦେବୀଙ୍କ ମେଳନ ଉତ୍ସବ

**ବାଲୁଗାଁ, ୬।୪ (ସମିସ) :** ବାଇଶିମୌଜାର ପ୍ରସିଦ୍ଧ ଦଶଦୋଳ ତଥା ଫୁଲଦୋଳ ମେଳଣ ଉତ୍ସବ ଚିଲିକା ବ୍ଲକ ନଈରୀ ମେଳନ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନାଧିପତି ଶ୍ରୀ ହରିହରେଶ୍ୱର ଦେବଙ୍କ ନିମନ୍ତ୍ରଣ କ୍ରମେ ଉଭୟ ଚିଲିକା ବାଣପୁର ଅଞ୍ଚଳର ମୋଟ ୪୩ ଦେବଦେବୀ ଯାତ୍ରାରେ ସାମିଲ ହୋଇଥିବା ବେଳେ ମଧ୍ୟ ରାତ୍ରରେ ପୀଠ ଧୀସ ଶ୍ରୀହରିହରେଶ୍ୱର ଦେବ ସାମିଲ ଠାକୁର ଶ୍ରୀନୃସିଂହ ନାଥ ଦେବ, ଶ୍ରୀଗାଦିଶ୍ୱର ଦେବ ସୁସଜ୍ଜିତ ବିମାନରେ ବିଜେ କରି ମା'ଭଗବତୀ କାଠୀ ଠାକୁରାଣୀଙ୍କୁ ସାଙ୍ଗରେ ନେଇ ବିରାଟ ପଟୁଆରରେ ପଡ଼ିଆକୁ ପ୍ରଥମେ ବିଜେ କରିଥିଲେ।



ପରେ ନିମନ୍ତ୍ରିତ ସାନ ନଈରୀ, ବଡ଼ ନଈରୀ, ଛୋଟରାୟପୁର, ହରିପୁର, ଗଙ୍ଗାଧରପୁର, ଜୀବନ ଦେଇ ପୁର, କୁମାଣ୍ଡୋଳ, ଗମେଇ, ସୁନାଖଳା, ଇଚ୍ଛାପୁର, ବାଲିଆ, ଗୋରଡ଼ାଝରୀ ଓ ସିଂହପୁର ଆଦି ଗ୍ରାମର ବିଭିନ୍ନ ପୀଠରୁ ଶ୍ରୀ ପ୍ରତାପେଶ୍ୱର ଦେବ, ମା'ଦୁର୍ଗା ଠାକୁରାଣୀ, ଶ୍ରୀବାଲୁଙ୍କେଶ୍ୱର ଦେବ, ଶ୍ରୀଗୋପୀନାଥ ଦେବ, ଶ୍ରୀବୃନ୍ଦାବନ ଚନ୍ଦ୍ର ଦେବ, ଶ୍ରୀରଘୁନାଥ ଦେବ, ଶ୍ରୀରାଧାମୋହନ ଦେବ, ଶ୍ରୀ ରାଧାକୃଷ୍ଣ ଦେବ, ଶ୍ରୀଲୋକନାଥ ଦେବ, ମା'ରୁକ୍ମଣୀ ଠାକୁରାଣୀ, ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଶ୍ରୀ ମଦନ ମୋହନ ଦେବ, ଶ୍ରୀବାଙ୍କାନିଧି ଦେବ, ଶ୍ରୀ ରାଧାକାନ୍ତ ଦେବ, ଯଜ୍ଞ ନାରାୟଣ ଦେବ, ମା'ହୋମ ଦେବୀ ପ୍ରମୁଖ ସମୁଦାୟ ୪୩ ଦେବା ଦେବୀ ରାତ୍ରରେ ବାଜା, ବାଣ, ରୋଷଣୀ ଆଦି ପାଟ ପଟୁଆର ସହ ପଡ଼ିଆକୁ ବିଜେ କରିଥିଲେ। ମେଳଣ କମିଟି ପକ୍ଷରୁ ସମସ୍ତ ଦେବାଦେବୀଙ୍କୁ ଆନୁଷ୍ଠାନିକ ଭେଟିପୂଜା ତଥା ପଣା ଭୋଗ, ସରା ଭୋଗ, ଡାଲା ଭୋଗ ଆଦି ନୈବେଦ୍ୟ ତିନି ଧୂପ ବଢ଼ି ଥିଲା। ସମସ୍ତ ନିତି କାନ୍ତି ଶେଷ ହେବାରେ ଅପରାହ୍ନରେ ସମସ୍ତ ଦେବା ଦେବୀ ବିମାନରେ ବିଜେ ହୋଇ ମହା ମିଳନ ନିମନ୍ତେ ଦୋଳ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ଦେବଦେବୀଙ୍କ ମେଳଣ ପର୍ବ ଶେଷ ହେବାପରେ ନିଜର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଯାତ୍ରାରେ ବାଇଶି ମୌଜା ଫୁଲଦୋଳ କମିଟି ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ପୋଲିସ ପ୍ରଶାସନ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଉପସ୍ଥିତ ରହି ଯାତ୍ରାର ସୁପରିଚାଳନା କରିଥିଲେ।

## ଜଳଛତ୍ର ଉଦ୍‌ଘାଟିତ



**ଖୋର୍ଦ୍ଧା, ୬।୪(ସମିସ):** ଚଳିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଉପକଣ୍ଠ ଅର୍ଜୁନପୁରସ୍ଥିତ ୬ଷ୍ଠ ଭାରତ ରିର୍ଜଭ ବାଟାଲିଅନ ତରଫରୁ ଶୁକ୍ରବାର ସର୍ବସାଧାରଣଙ୍କ ନିମନ୍ତେ ବାଟାଲିଅନ ମୁଖ୍ୟ ଫାଟକ ନିକଟରେ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଜଳଛତ୍ରକୁ ବାଟାଲିଅନ ଦୁର୍ଗପତି ବସନ୍ତ କୁମାର ନାୟକ ଉଦଘାଟନ କରିଥିଲେ। ଏଥିରେ ବାଟାଲିଅନ ଉପ-ଦୁର୍ଗପତି ଯାକୁବ ଖାଁ, ସହକାରୀ ଦୁର୍ଗପତି ରାମଜିତ ହେମ୍ବ୍ରମ, ପ୍ରଦ୍ୟୁମ୍ନ ପଟେଲ, ଅଶ୍ୱିନୀ ମହାପାତ୍ର, ଧର୍ମେନ୍ଦ୍ର ପ୍ରଧାନ, ଉମେଶ ଚନ୍ଦ୍ର ଜେନା, କିଶୋର ବଳବନ୍ତରାୟ, ଇନସପେକ୍ଟର ରାଜେନ୍ଦ୍ର ଶିଆଳ, ବିଭୁପ୍ରସାଦ ପ୍ରଧାନ, ଗୌରାଙ୍ଗ ପାତ୍ର, ଦାଶରଥୀ ସେଠୀ, ମହମଦ କୁଦୁସ ପ୍ରମୁଖ ଯୋଗଦେଇଥିଲେ।

# ଶଙ୍ଖ ତଳକୁ ଖସିଲା 'ମୋ ବସ୍'; ୧୬ ଆହତ

**ଖୋର୍ଦ୍ଧା, ୬।୪(ସମିସ):** ଶନିବାର ମଧ୍ୟାହ୍ନରେ ୧୬ନଂ ଜାତୀୟ ରାଜପଥର ସବରୋଡରେ ଆସୁଥିବା ଯାତ୍ରୀବାହୀ 'ମୋ ବସ' ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍ ପିତାପଲୀ ଠାରେ ଏକ ଯାତ୍ରୀବାହୀ ଅଟୋକୁ ବଞ୍ଚାଇବାକୁ ଯାଇ ଭାରସ୍ୟାମ ହରାଇ ଶଙ୍ଖ ତଳକୁ ଖସିପଡ଼ିଥିଲା। ଏଥିରେ ୧୬ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଆବୁ ବକାର ଖାନ(୭୪), ବିଦ୍ୟାଧର ବିଶ୍ୱାଳ (୭୨), ମଞ୍ଜୁଲତା ସାହୁ (୩୮), ଜଗନ୍ନାଥ ସାମଲ (୩୮), ରିତାଞ୍ଜଳୀ ପଣ୍ଡା (୪୨), ମନୋରଞ୍ଜନ ସାହୁ (୧୩), ଅଶୋକ ମହାରଣା, କାଶିନାଥ ପଣ୍ଡା (୭୮), ଶୈଳବାଳା ସାହୁ(୬୦), ଦାଶେରୀ ସେଠୀ (୭୫), କେ. ରାମକୃଷ୍ଣ (୬୨), ସଂଯୁକ୍ତା ନାୟକ (୫୬) ପ୍ରମୁଖ।



ସୂଚନା ଅନୁସାରେ, ଭୁବନେଶ୍ୱରରୁ ଖୋର୍ଦ୍ଧା ଆସୁଥିବା 'ମୋ ବସ୍' ନଂ-ଓଡ଼ି ୩୩ ୟୁ-୭୧୨୪ ଖୋର୍ଦ୍ଧା ସହରକୁ ପଶିବାକୁ ପିତାପଲୀ ଠାରୁ ସବ୍‌ରୋଡ ରେ ଆସୁଥିଲା। ବସ୍‌ରେ ପ୍ରାୟ ୩୦ଜଣ ଯାତ୍ରୀ ଥିଲେ। ସମ୍ମୁଖ ଭାଗରୁ ରଙ୍ଗ ସାଇଡରେ ଏକ ଅଟୋ ଆସୁଥିବାରୁ ତାକୁ ବଞ୍ଚାଇବାକୁ ଯାଇ ରାସ୍ତାକାଟିବା ବେଳେ ଭାରସ୍ୟାମ ହରାଇ ବସ୍ ଶଙ୍ଖ ତଳକୁ ଖସିଥିଲା। ଏଥିରେ ୧୬ଜଣ ଆହତ ହୋଇଥିଲେ। ଆହତମାନଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ୬ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ବେଳେ ୧୦ଜଣ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ପୁଲିସ ସୂତ୍ରରୁ ଜଣାଯାଇଛି। ଖବର ପାଇ ଦୁର୍ଘଟଣାସ୍ଥଳକୁ ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠି, ଶିଳ୍ପାଞ୍ଚଳ ପୁଲିସ ପ୍ରମୁଖ ପହଞ୍ଚି ଘଟଣାର ତଦନ୍ତ କରିଥିବାବେଳେ ମେଡିକାଲକୁ ଉପଜିଲ୍ଲାପାଳ ଶ୍ରୀ ସେଠି, ସିଡିଏମଓ ଡା.ରାଜ୍ୟଶ୍ରୀ ପଟ୍ଟନାୟକ, ଡ଼ିଏମଓ ଡା. ବିଶ୍ୱନାଥ ପାଢ଼ୀ ପ୍ରମୁଖ ପହଞ୍ଚି ଆହତ ଚକିତ୍ସାର ତଦାରଖ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟଅବସ୍ଥା ପଚାରି ବୁଝିଥିଲେ।



## ଆହତଙ୍କୁ ଭେଟିଲେ ମନ୍ମଥ

**ଖୋର୍ଦ୍ଧା :** ଶନିବାର ମଧ୍ୟାହ୍ନରେ ପିତାପଲିଠାରେ ଶଙ୍ଖ ତଳକୁ 'ମୋ ବସ୍' ଖସି ଆହତ ହୋଇ ମେଡିକାଲରେ ଚିକିତ୍ସାଧିନଥିବା ସମସ୍ତ ଆହତଙ୍କୁ ବିଜେଡି ସଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେ ଜଣ ଜଣ କରି ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହିତ କିପରି ସେମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦିଆଯିବ ସେ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି।

● କଥା ରଖିଲା ରେଳ ବିଭାଗ

## ଷ୍ଟେସନ ରୋଡରେ ଲାଗିଲା ଷ୍ଟ୍ରିଟ୍ ଲାଇଟ

**ନିରାକାରପୁର, ୬।୪(ସମିସ):** ଖୋର୍ଦ୍ଧା ରୋଡ଼ ଡିଭିଜନ ଅନ୍ତର୍ଗତ ପ୍ରମୁଖ ନିରାକାରପୁର ରେଳ ଷ୍ଟେସନରେ ବିଭିନ୍ନ ଦାବି ନେଇ କ୍ରିୟାନୁଷ୍ଠାନ କମିଟି ତରଫରୁ ୨ ମାସ ତଳେ ଗଣଧାରଣା ଦିଆଯାଇଥିଲା। ଏହି ଦାବି ଗୁଡ଼ିକ ମଧ୍ୟରେ ଷ୍ଟେସନ ଉଭୟ ପାର୍ଶ୍ୱରେ ଆଲୋକୀକରଣ ବ୍ୟବସ୍ଥା କରିବା, ଟିକେଟ ଯାଞ୍ଚ କରିବା, ଷ୍ଟେସନରେ ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟର ତଦାରଖ କରିବା ଓ ୪ ନଂ ପ୍ଲାଟଫର୍ମରେ ଟିକଟ କାଉଣ୍ଟର ପାଇଁ ପ୍ରଥମେ ଟିକଟ ବିକ୍ରି ଉପରେ ଗୁରୁତ୍ୱ ଦେବା ପରେ ତା ଉପରେ ପଦକ୍ଷେପ ନିଆଯିବ ଓ ଅନ୍ୟ ଏକ୍ସପ୍ରେସ ଟ୍ରେନ ରହଣୀ ଉପରେ ଷ୍ଟେସନ ରେଳ ରାଜସ୍ୱ ଉପରେ ନିର୍ଭର କରୁଛି। ଏହାକୁ ଦେଖି ପରେ ତାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏନେଇ ଷ୍ଟେସନ ମାଷ୍ଟର ଏକ ଲିଖିତ ପ୍ରତିଶ୍ରୁତି ଧାରଣାରତ କ୍ରିୟାନୁଷ୍ଠାନ କମିଟିକୁ ପ୍ରଦାନ କରିଥିଲେ। ଏହା ପରେ ଷ୍ଟେସନ ରୋଡରେ ଆଲୋକୀକରଣ ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଜି ଷ୍ଟେସନ ରୋଡର କିଛି ଅଂଶ ଷ୍ଟ୍ରିଟ ଲାଗିବାରୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରେଳ ବିଭାଗକୁ ଧନ୍ୟବାଦ୍ ଜଣାଯାଇଛି।

# ଯୁବତୀକୁ ଅନ୍ତଃସତ୍ତ୍ୱା କରି ଧମକ ଚମକ ; ଯୁବକ ଗିରଫ

**ଜଟଣୀ, ୬।୪(ସମିସ):** ଜଟଣୀ ଥାନା ଲୋକୋ କଲୋନୀ ଅଞ୍ଚଳରେ ଜଣେ ମହିଳାଙ୍କୁ ଅନ୍ତଃସତ୍ତ୍ୱା କରି ଧମକ ଚମକ ଦେଇ ମହମ୍ମଦ ସହୀଦ ଖାନ ନାମକ ଜଣେ ଯୁବକ ଗିରଫ ହୋଇଛନ୍ତି। ଜଟଣୀ ପୁଲିସ ଦେଇଥିବା ସୂଚନା ମୁତାବକ, ଗତବର୍ଷ ଅଗଷ୍ଟ ମାସରେ ଅଭିଯୁକ୍ତ ସହୀଦ ଖାନ୍ ସହ ଜଟଣୀର ଜଣେ ଯୁବତୀଙ୍କ ସହ ବିବାହ ପ୍ରସ୍ତାବ ଲାଗିଥିଲା। ଅଭିଯୁକ୍ତ ପରିବାର ଲୋକେ ଯୌତୁକ ବାବଦରେ ୫ଲକ୍ଷ ଟଙ୍କା ଏବଂ ସୁନାଗହଣା ମାଗିବାରୁ ବିବାହ ଭାଙ୍ଗିଯାଇଥିଲା। କିଛିଦିନ ପରେ ଅଭିଯୁକ୍ତ ଜଣକ ପୁନର୍ବାର ଯୁବତୀଙ୍କ ଘରକୁ ଯାଇ ବିନା ଯୌତୁକରେ ବିବାହ କରିବାକୁ ପ୍ରସ୍ତାବ ଦେବାରୁ ଯୁବତୀ ଜଣଙ୍କ ଭଲପାଇ ବସିଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ବଢ଼ିବାରୁ ଘର ଛାଡି ପଳାଇବା ସହ ଲୋକୋ କଲୋନୀରେ ଏକ ଭଡା ଘରେ ରହିଥିଲେ। ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ହେବା ସହ ଯୁବତୀ ଜଣକ ୨ ମାସର ଅନ୍ତଃସତ୍ତ୍ୱା ହେବା ଜାଣିବା ପରେ ଅଭିଯୁକ୍ତ ସାହାଦ ଗର୍ଭ ନିରୋଧକ ବଟିକା ଖାଇବାକୁ ଦେଇଥିଲେ। ବଟିକା ଖାଇବା ଯୁବତୀ ଜଣକ ଅସୁସ୍ଥ ହୋଇ ଅଧିକ ଚିକିତ୍ସା ପାଇଁ ମେଡିକାଲ ଯିବାକୁ ଅଭିଯୁକ୍ତଙ୍କୁ କହିଥିଲେ। କିଛି ନ ଶୁଣିବାରୁ ଯୁବତୀ ଜଣକ ଅଭିଯୁକ୍ତର ପରିବାର ଲୋକଙ୍କୁ ଘଟଣା ବାବଦରେ ଜଣାଇଥିଲେ। ଅଭିଯୁକ୍ତ, ଅଭିଯୁକ୍ତର ବାପା, ଭାଇ ସମସ୍ତେ ଯୁବତୀ ଜଣଙ୍କୁ ଗାଳିଗୁଲଜ କରିବା ସହ ଧମକ ଚମକ ଦେଇଥିଲେ ବୋଲି ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୋଗ ପାଇବା ପରେ ଅଭିଯୁକ୍ତ ସାହିଦକୁ ଗିରଫ କରି ପଚରା ଉଚୁରା କରିବାରେ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଛି ବୋଲି ଜଟଣୀ ଥାନାଧିକାରୀ ସୂଚନା ଦେଇଛନ୍ତି। କେଶ ନମ୍ବର ୧୨୯/୨୪ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

● ପାଣି ପାଇପ୍ ଚୋରି କରି ୧୧ ଗିରଫ

# ପାଇପ୍ ବୋଝେଇ ଆଇଚର, କାର୍ ଜବତ

**ଖୋର୍ଦ୍ଧା, ୬।୪(ସମିସ):** ପୁରୁସାହି ନିକଟରୁ ଗ୍ରାମ୍ୟଜଳ ଯୋଗାଣ ପ୍ରକଳ୍ପ ପାଇପ ଚୋରି କରିବା ଅଭିଯୋଗରେ ପୁଲିସ ୧୧ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ମହାରାଷ୍ଟ୍ର ସୋଲାପୁର ଜିଲ୍ଲା ଜାମଗାଭର ସନ୍ତୋଷ ମାଡକେ (୨୩), ରେୱାନ ଗାୱାଡେ (୩୩), ନୟାଗଡ଼ ପନ୍ତିଖାରି ଶାସନ ର ଦିତିକ୍ରୀଷ୍ଣ ସାହୁ ଓରଫ ବାବୁଲା (୪୨), ବ୍ରହ୍ମପୁର ବଡବଜାର ଥାନା ନୀଳାଚଳ ସାହିର ବଳିଆ ମହାରଣା (୩୬), ଗଞ୍ଜାମ ସାନକଲି ର ରଞ୍ଜନ ବିଶୋଇ(୫୮), ଭେଙ୍କଟରାଓପାଲି ର ଅଜୟ ବେହେରା (୩୦), କାକରାବାଲି(ମତାବାଡି)ର ଗଣେଶ ପ୍ରଧାନ(୩୦) ଓ ପୂର୍ଣ୍ଣଚନ୍ଦ୍ରନ ନାୟକ (୩୨), ଢେଙ୍କାନାଳ ବେଢ଼ପଦାର ଆବୋଲା ସାମଲ (୩୨), ଚନ୍ଦକାର ସୁଧିର ବେହେରା (୩୩) ଏବଂ ଛତାବରର ସନ୍ତୋଷ ବେହେରା (୪୫)। ଏମାନଙ୍କଠାରୁ ପୁଲିସ ଚୋରି ପାଇପ ସମେତ ଆଇଚର ଗାଡ଼ି ନଂ-ଏମଏଚ-୧୩-ଡିକ୍ୟୁ-୧୯୯୮ ଏବଂ ଏକ କାର୍ ନଂ-ଓଡି.୦୨ଏଏନ-୮୦୮୧ କୁ ଜବତ କରିଛି।



ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତମାନେ ପୁରୁସାହିରୁ ବରସାହି ରୋଡରେ ମାଟିତଳେ ବିଛାଯିବା ଲାଗି ପଡ଼ିଥିବା ପାଣି ପାଇପ କୁ ରାତିରେ ଏକ ଆଇଚର ଗାଡିରେ ଚୋରି କରୁଥିଲେ। ପୁଲିସ ପାଟ୍ରୋଲିଂ ଗାଡି ଦେଖି ହଡବଡାଇବାରେ ପୁଲିସର ସନ୍ଦେହ ହୋଇଥିଲା। ପୁଲିସ ସେମାନଙ୍କୁ ଏ ସମ୍ପର୍କରେ ପଚରାଉଚରା କରିବା ସହ କାଗଜପତ୍ର ମାଗିଥିଲା। ମାତ୍ର ଅଭିଯୁକ୍ତମାନେ କାଗଜପତ୍ର ଦେଖାଇବାରେ ସକ୍ଷମ ହୋଇନଥିବାରୁ ପୁଲିସ ସେମାନଙ୍କୁ ଥାନାରେ ଆଣି ପଚରାଉଚରା କରିବାରେ ସେମାନେ ପାଇପ୍ ଚୋରି କରୁଥିବା ସ୍ୱୀକାର କରିଥିଲେ। ଏଏସଆଇ ଗଙ୍ଗାଧର ହମ୍ବ୍ରେମଙ୍କ ଅଭିଯୋଗ କ୍ରମେ ପୁଲିସ ୧୨୭/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

**ନିରାକାରପୁର, ୬।୪(ସମିସ):** ଆଗାମୀ ଭବିଷ୍ୟତ ଗଠନ ଦିଗରେ ଆଜିର ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କ ଉଜ୍ଜଳମୟ ଭବିଷ୍ୟତ ଗଠନ ପାଇଁ ଗୁରୁଜୀ ଗୁରୁମାଙ୍କ ଦାୟୀତ୍ୱ ରହିଛି। ବୋଲି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଆର୍ଯ୍ୟ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟ ସଭାପତି ଉର୍ମିଳା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଧାନ ଆଚାର୍ଯ୍ୟ। ନଳିନୀ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ପ୍ରଫେସର ଡ ଦାଶ ବେନହୁର, ମୁଖ୍ୟବକ୍ତା ଭାବେ ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରାକ୍ତନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଡ ସଙ୍ଗୀତା ଗୋସାଇଁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ।



ଅଧ୍ୟାପକ ଡ ମୃତ୍ୟୁଞ୍ଜୟ ରଥ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ମୁଖପତ୍ର ' ଉପାୟନ'ର ଉନ୍ମୋଚନ ଅତିଥିଙ୍କ ଦ୍ୱାରା କରାଯାଇଥିଲା। ଶେଷରେ ଆଚାର୍ଯ୍ୟ ନିହାର ରଞ୍ଜନ ସାମନ୍ତସିଂହାର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବିଜୟ କୁମାର ଜୟସିଂହ, ସହ ସମ୍ପାଦକ ପ୍ରାଣେଶ୍ୱର ଜୟସିଂହ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା, ସଭ୍ୟ ଅମୂଲ୍ୟ ରତ୍ନ ମିଶ୍ର ଓ ଶ୍ୟାମ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ଆଚାର୍ଯ୍ୟା ସନ୍ଧ୍ୟାରାଣୀ ବାହିନୀପତିଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ଦିଲ୍ଲୀରେ ଚାଲିଛି ଇଣ୍ଡିଆନ ପଲିଟିକାଲ ଲିଗ୍ (ଆଇପିଏଲ)

କ୍ରିକେଟ ଋତୁରେ ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ) ଆୟୋଜିତ ହୋଇଥାଏ (ଯାହା ଏବେ ଚାଲିଛି) । ନିର୍ବାଚନ ଋତୁ(ତାରିଖ ଘୋଷଣା ଓ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ଦିନଠାରୁ ଭୋଟ ଦାନର ଶେଷ ପର୍ଯ୍ୟାୟ ଯାଏ) ଆସିଲେ ଆମ ଦେଶରେ ରାଜନୈତିକ ଦଳଗୁଡ଼ିକର ସୁପ୍ରିମୋ, ହାଇକମାଣ୍ଡ, ତୁଙ୍ଗନେତା, ଆଗ ଧାଡ଼ିର ନେତା, ବରିଷ୍ଠ ନେତା, ଉଦୀୟମାନ ନେତା, ନିର୍ବାଚିତ ଲୋକ ପ୍ରତିନିଧିଗଣ, ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଅନ୍ୟ ଏକ ଆଇପିଏଲ (ଯାହାକୁ ଇଣ୍ଡିଆନ୍ ପଲିଟିକାଲ ଲିଗ୍ କୁହାଯାଇପାରେ) ତାହାର ଆୟୋଜନ କରନ୍ତି । ସେହି କ୍ରମରେ ଏବେ ଦିଲ୍ଲୀରେ ରାଉଜ ଏଭେନ୍ୟୁ-ହାଇକୋର୍ଟ-ସୁପ୍ରିମକୋର୍ଟ ମଇଦାନରେ ମଫଲର ଉଲଭ୍ସ ଟିମ୍ ଭେଟିଛି ସ୍ୟାଫ୍ରନ୍ କାଓ ୱାରିୟର୍ସ ଟିମକୁ । ସ୍ୟାଫ୍ରନ୍ କାଓ ଟିମ୍ କ୍ୟାପଟେନ୍ ଅଛନ୍ତି ଏଫ୍ ଫକୀର । ମଫଲର ଟିମ୍ କ୍ୟାପଟେନ ଅଛନ୍ତି ଏଲ ସି ମାଷ୍ଟମାଇଣ୍ଡ । ସ୍ୟାଫ୍ରନ୍ କାଓ କ୍ୟାପଟେନ୍ ଫକୀର ଟସ୍ ଜିଣି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମଫଲର ଟିମ୍ ଓପନର ଏଲ ସି ମାଷ୍ଟରମାଇଣ୍ଡଙ୍କୁ ସ୍ୟାଫ୍ରନ୍ ଟିମର ଫାଷ୍ଟ ବୋଲର ଆଇ ଏମ କେଜଡପ୍ୟାରଟ । କେଜଡପ୍ୟାରଟଙ୍କ ବଲକୁ ମାଷ୍ଟରମାଇଣ୍ଡ ତାଙ୍କ ସିଗନେଚର ଝାଡୁ ସୁଇପ୍ ସଟ ଖେଳି ପିଏମଓ ପ୍ୟାଭିଲିଆନକୁ ପଠାଇଦେଇଥିଲେ ଓ ଆମ୍ପାୟାରଙ୍କ ନିଷ୍ପତ୍ତିକୁ ଅପେକ୍ଷା ନକରି ତାହା ନୋ ବଲ ଥିବା ଘୋଷଣା କରିଥିଲେ । ବଲ୍ ବୋଲରଙ୍କ ହାତକୁ ଫେରିବା ପୂର୍ବରୁ ଟୋପି ତଳୁ ସ୍ମାର୍ଟଫୋନ୍ ବାହାର କରି ମାଷ୍ଟରମାଇଣ୍ଡ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପୋଷ୍ଟ କରିଥିଲେ, କେଜଡପ୍ୟାରଟ ଇନଭେଷ୍ଟିଗେସନ୍ ବଲ୍ ପକାଇ ରିଟାଏର୍ଡ ହର୍ଟ କରିବାକୁ ଚାହିଁଥିଲେ । ଏହା ସ୍ୟାଫ୍ରନ୍ କାଓ କ୍ୟାପଟେନ ଏଫ୍ ଫକୀରଙ୍କ କନସ୍ପିରେସୀ ଥିଲା ବୋଲି ବିସ୍ଫୋରକ ମନ୍ତବ୍ୟ ଦେବା ସହ ଫକୀରଙ୍କ ବିରୋଧରେ ମାଷ୍ଟରମାଇଣ୍ଡ ଆଣିଥିଲେ ମ୍ୟାଚ୍ ଫିକ୍ସିଂ, ବଲ ଟ୍ୟାମ୍ପରିଂ, ଲେଭେଲ ପ୍ଲେଇଂ ପିଚ୍ ନଥିବାଦି ଅନେକ ଅଭିଯୋଗର ସମାହାର । ମାଷ୍ଟରମାଇଣ୍ଡ ସାମ୍ବାଦିକ ସମ୍ମିଳନୀ ଡାକିବାକୁ ଓ ଆଇ ଏମ କ୍ୟାଜଡପ୍ୟାରଟ ବ୍ଲଗ ଲେଖିବାକୁ ଟାଇମ ଆଉଟ୍ ମାଗିବାରୁ ଖେଳ ବନ୍ଦ ରହିଥିଲା ଓ ବିଶେଷଜ୍ଞମଣ୍ଡଳୀ(ଏକ୍ସପର୍ଟ ପ୍ୟାନେଲ) ଏହି ଲମ୍ବା ବ୍ରେକରେ ମିସମ୍ୟାଚ ନେଇ ଚର୍ଚ୍ଚା ଆରମ୍ଭ କରିଥିଲେ । ଏକ୍ସପର୍ଟ ଆରଜେଙ୍କୁ ଆଙ୍କରଙ୍କ ପ୍ରଶ୍ନ ଥିଲା, ମାଷ୍ଟରମାଇଣ୍ଡ ପ୍ରତ୍ୟେକ ମ୍ୟାଚରେ କିଛି ନା କିଛି ଗଡ଼ବଡ଼ କରିବାର ରହସ୍ୟ କ'ଣ? ମାଷ୍ଟରମାଇଣ୍ଡଙ୍କ ନାମ ସହ ଗଡ଼ବଡ଼ ଶବ୍ଦ ଯୋଡ଼ାଯିବା ଉପରେ ଆପତ୍ତି ଉଠାଇ ଆରଜେ କହିଥିଲେ ଯେ ଯାବତୀୟ ଗଡ଼ବଡ଼ର ସ୍ୱତ୍ୱାଧୀକାର(ପ୍ୟାଟେଣ୍ଟ) ଏଫ ଫକୀରଙ୍କ ପାଖରେ ରହିଛି । ମାଷ୍ଟରମାଇଣ୍ଡଙ୍କ କ୍ୟାରିୟର ନଷ୍ଟକରି ରାଜନୈତିକ କ୍ରିକେଟକୁ ତଥା ଭାରତକୁ ମଫଲରମୁକ୍ତ, ମାଷ୍ଟରମାଇଣ୍ଡମୁକ୍ତ କରିବାକୁ ଫକୀର ନେପଥ୍ୟରେ ଯୋଜନାବଦ୍ଧ ଭାବେ ପ୍ରସ୍ତୁତି ଚଳାଇଛନ୍ତି । ଫକୀର କ୍ରିକେଟ ବଣ୍ଡରୁ ନିଜ ଟିମ୍ ପାଇଁ ବିପୁଳ ଧନରାଶି ସଂଗ୍ରହ କରିନେବା ପରେ ବିପକ୍ଷ ଟିମର ଆକାଉଣ୍ଟ ଫ୍ରିଜ୍ କରିଦେଇଛନ୍ତି । ଏହା ଇଲିଗାଲ ନେଟ୍ ପ୍ରାକ୍ଟିସର ନମୂନା । ମାଷ୍ଟରମାଇଣ୍ଡଙ୍କୁ ଇନଜ୍ୟୁର୍ଡ କରି ଆଇପିଏଲରୁ ହଟାଇବା ପାଇଁ ଇନଭେଷ୍ଟିଗେସନ୍ ବଲ ପକାଯାଇଥଲା । ଫକୀରଙ୍କ ବିନା ନିର୍ଦ୍ଦେଶରେ ସ୍ୟାଫ୍ରନ୍ କାଓ ଟିମର କେହି ଇନଭେଷ୍ଟିଗେସନ୍ ବଲ୍ ପକାଇପାରିବେ ନାହିଁ । ଫକୀରଙ୍କ ବିଗ ଫ୍ରଡ ନେଇ ଆରଜେଙ୍କ ଅଭିଯୋଗ ସାମନାକୁ ଆସିଥିବାରୁ ଆଙ୍କର ସ୍ୟାଫ୍ରନ କାଓ ଟିମ୍ ମ୍ୟାନେଜର ଜିବିଏ ଶାହଙ୍କୁ ପ୍ରତିକ୍ରିୟା ରଖିବାକୁ କହିଥିଲେ । ଜିବିଏ କହିଥିଲେ, ପଲିଟିକାଲ କ୍ରିକେଟରେ ମ୍ୟାଚ୍ ଫିକ୍ସିଂ, ଟ୍ୟାମ୍ପରିଂ, ଟ୍ୟାମ୍ପର ଲୁଜିଂ ଆଦି ମାମୁଲି କଥା । ଯୁଦ୍ଧ, ପ୍ରେମ ଓ ରାଜନୀତିରେ ସବୁକିଛି କରଣୀୟ ଓ ବରଣୀୟ । ବ୍ଲାକମନି ବଲ୍, ବ୍ଲାକମେଲ ବଲ୍, ବ୍ୟାକଷ୍ଟାବିଂ ଓ ବିଟ୍ରେୟାଲ ବଲ୍‌କୁ ସାମନା କରିବାରେ କିଛିଟା ରଣକୌଶଳଗତ ସମସ୍ୟା ଥାଇପାରେ, କିନ୍ତୁ ଇନଭେଷ୍ଟିଗେସନ୍ ବଲକୁ ସହଜରେ ଖେଳାଯାଇପାରେ ଏହା ସେ ନିଜ ଅଭିଜ୍ଞତାରୁ ଜାଣିଛନ୍ତି । ଗୁଜରାଟର ଡେଭଲପମେଣ୍ଟ ଫିଲ୍ଡରେ ଫକୀର କମ୍ୟୁନାଲ ବଲ୍, ରୟଟ ବଲ୍, ଫାୟାର ବଲ୍, ଏସଆଇଟି ବଲ, ଇନଭେଷ୍ଟିଗେସନ୍ ବଲ୍ ଆଦିକୁ ଚମତ୍କାର ଭାବେ ଖେଳି ସୁପରମ୍ୟାନ୍ ଅଫ୍ ଦି ମ୍ୟାଚ୍ ଗୌରବ ହାସଲ କରିଛନ୍ତି । ଏବେ ସେ ଇଡି ବଲ ପକାଇବା ପାଇଁ ନିଜ ବୋଲରଙ୍କୁ କହିଛନ୍ତି ଓ ନିଜେ ମଧ୍ୟ ଇଡି ବଲ୍ ଖେଳିବା ଅଭ୍ୟାସ କରୁଛନ୍ତି । ଇଡି ବଲରେ ବ୍ୟାଟର ନିଶ୍ଚୟ ଆଉଟ ହେବ, ନଚେତ ଇମେଜ-ଇନଜ୍ୟୁର୍ଡ ହୋଇ ତିହାର ଆକାଡେମୀକୁ ତାଲିମ ପାଇଁ ଯିବ । ଫକୀରଙ୍କ ବିରୋଧରେ ମାଷ୍ଟରମାଇଣ୍ଡଙ୍କ ଅଭିଯୋଗ ନିରାଧାର ଓ ହାସ୍ୟାସ୍ପଦ । ରାଜନୈତିକ କ୍ରୀଡ଼ାଙ୍ଗନରେ ମାଷ୍ଟରମାଇଣ୍ଡଙ୍କ ଅରାଜକ ମାନସିକତା ନେଇ ସମସ୍ତେ ଚିନ୍ତିତ ।




## ୨୦୨୪ ଲୋକସଭା ନିର୍ବାଚନ: ସ୍ଥିତି ଓ ସମ୍ଭାବନା

# ଜାମ୍ମୁ-କାଶ୍ମୀରରେ ତ୍ରିମୁଖୀ ଲଢ଼େଇ




୨୦୨୪ ଲୋକସଭା ନିର୍ବାଚନ ଜମ୍ମୁ କାଶ୍ମୀର ପାଇଁ ଏକ ନୂଆ ଅନୁଭୂତି ଆଣିବାକୁ ଯାଉଛି । ୨୦୧୯ରେ ଏହି ରାଜ୍ୟରୁ ଧାରା ୩୭୦ ଉଚ୍ଛେଦ କରାଯିବା ସହ ଜମ୍ମୁ କାଶ୍ମୀରର ରାଜ୍ୟ ପାହ୍ୟା ପ୍ରତ୍ୟାହାର ଏବଂ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ଭାଗ କରାଯିବା ଘଟଣା ସାମାଜିକ ଏବଂ ରାଜନୈତିକ ସ୍ତରରେ ବଡ଼ ପରିବର୍ତ୍ତନ ଆଣିଛି । ପୂର୍ବରୁ ଏଠାରେ ୬ଟି ଲୋକସଭା ଆସନ ରହିଥିଲା ବେଳେ ଏବେ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳରେ ଗୋଟିଏ ଏବଂ ଜମ୍ମୁ କାଶ୍ମୀରରେ ୫ଟି ଲୋକସଭା ଆସନ ରହିଛି । ତେବେ ଧାରା ୩୭୦ ପ୍ରତ୍ୟାହାର ପରେ ଜମ୍ମୁ କାଶ୍ମୀରର ୫ ଲୋକସଭା ଆସନକୁ ନେଇ ୨୦୨୪ ନିର୍ବାଚନ ଫଳାଫଳ କ'ଣ ହେବ ତାହା ଏବେ ସବୁ ମହଲରେ ଉତ୍କଣ୍ଠା ଆଣିଛି । ଧାରା ୩୭୦ ପ୍ରତ୍ୟାହାର କରାଯିବା ପରେ ବିଭିନ୍ନ ସ୍ତରରେ ଭିନ୍ନ ମତ ପୋଷଣ କରାଯାଇ ଆସୁଛି । ବିଶେଷକରି ଏଠାକାର ଆଞ୍ଚଳିକ ରାଜନୈତିକ ଦଳ ଗୁଡିକ ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯାଇ ଆସୁଥିଲା ବେଳେ ଜାତୀୟ କଂଗ୍ରେସ ମଧ୍ୟ ଏହାକୁ ସମର୍ଥନ କରୁଛି । କେବଳ ସମର୍ଥନ ନୁହେଁ, କଂଗ୍ରେସ ଯଦି ପୁଣି କ୍ଷମତାସୀନ ହୁଏ , ତେବେ ଜମ୍ମୁ କାଶ୍ମୀରକୁ ପୁଣି ରାଜ୍ୟମାନ୍ୟତା ଦେବା ସହିତ ଧାରା ୩୭୦ ଫେରାଇ ଆଣିବାକୁ ଉଦ୍ୟମ କରିବ ବୋଲି ପ୍ରତିଶ୍ରୁତି ଦେଇଛି । ଅନ୍ୟପକ୍ଷରେ ବିଜେପି ନିଜ ରଣନୀତିରେ ଏଠାରେ ଆଗକୁ ବଢିବାକୁ ଉଦ୍ୟମ ଜାରି ରଖିଛି । ତେବେ ଏଭଳି ଏକ ବିବାଦୀୟ ସ୍ଥିତିରେ ଜମ୍ମୁ କାଶ୍ମୀରବାସୀଙ୍କ ମନରେ ଧାରା ୩୭୦ ପ୍ରତ୍ୟାହାରକୁ ନେଇ କ'ଣ ରହିଛି ଏବଂ ଆଗାମୀ ନିର୍ବାଚନରେ ଏହାର କିଭଳି ପ୍ରତିଫଳନ ହେବାକୁ ଯାଉଛି ତାହା ସବୁଠାରୁ ବଡ଼ ବିଷୟ । ୨୦୧୯ ପରେ ବିଗତ ପାଞ୍ଚ ବର୍ଷ ମଧ୍ୟରେ କାଶ୍ମୀର ଉପତ୍ୟକା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଅଞ୍ଚଳରେ ଯେଉଁଳି ବିକାଶର ଧାରା ଆବ୍ୟାହତ ରହିଛି ତାହାକୁ ନେଇ ସ୍ଥାନୀୟ ବାସିନ୍ଦା ଖୁସି ରହିଥିବା ଦେଖାଯାଇଛି । କାରଣ ପୂର୍ବ ସ୍ଥିତି ବଦଳି ଯାଇ ଏଠାରେ ଏକ ସକାରାତ୍ମକ ପରିବେଶ ଆସିଛି । ପୂର୍ବ ଭଳି ଦୈନନ୍ଦିନ ପଥରମାଡ଼ ତୁଳନାରେ ସାଧାରଣରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ପରିବେଶ ସହିତ ପର୍ଯ୍ୟଟନ କ୍ଷେତ୍ରର ଯଥେଷ୍ଟ ବିକାଶ ସାଧନ ହୋଇପାରିଛି । ସ୍ଥାନୀୟ ଲୋକଙ୍କ ବ୍ୟବସାୟ,ଆୟ ବଢ଼ିବା ସହିତ ଶିକ୍ଷା, ସାଧାରଣ ଜୀବନଯାପନ ଶୈଳୀ ଉନ୍ନତ ହୋଇଥିବାରୁ ବିଜେପି ଶାସିତ କେନ୍ଦ୍ର ସରକାରଙ୍କ ପ୍ରତି ସ୍ଥାନୀୟ ଲୋକଙ୍କ ଆନୁଗତ୍ୟ ଏବଂ ସମର୍ଥନ ବଢ଼ିଥିବା ଦେଖାଯାଇଛି । ଏହାକୁ ଦୃଷ୍ଟିରେ ରଖି ବିଜେପି ୫ଟି ଲୋକସଭା ଆସନ ମଧ୍ୟରୁ ୩ଟିରେ ବିଜୟୀ ହୋଇପାରେ ବୋଲି ଆକଳନ କରାଯାଉଛି । ଏଠାକାର ୫ ଲୋକସଭା ଆସନ ଶ୍ରୀନଗର, ବାରମୁଲ୍ଲା, ଅନନ୍ତନାଗ,ଉଦ୍ଧମପୁର ଏବଂ ଜମ୍ମୁ ମଧ୍ୟରୁ ଜମ୍ମୁ ଆସନରେ ବିଜେପି ବିଜୟୀ ହେବା ନିଶ୍ଚିତ । ଏହି ଆସନରେ ବିଜେପି ଯୁଗଳ କିଶୋର ଶର୍ମାଙ୍କୁ ପ୍ରାର୍ଥୀ କରିଛି । ସେହିପରି ଉଦ୍ଧମପୁରରେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ପ୍ରସାଦ ସିଂଙ୍କୁ ପ୍ରାର୍ଥୀ କରାଯାଇଥିଲା ବେଳେ ତାଙ୍କର ବିଜୟ ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି । ଏହାବ୍ୟତୀତ ଶ୍ରୀନଗର ଆସନରେ ମଧ୍ୟ ବିଜେପିର ବିଜୟ ଆକଳନ କରାଯାଇଛି । ଏହାବାଦ୍ ଦଳ ଆଉ ଦୁଇଟି ଆସନରେ ବିଜୟୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ରାଜନୀତିକ ବିଶାରଦମାନେ ଆକଳନ କରିଛନ୍ତି । କାରଣ ଏଠାରେ ଇଣ୍ଡିଆ ମେଣ୍ଟରେ ଦେଖାଯାଇଥିବା ଫାଟ ବିଜେପି ପାଇଁ ଫାଇଦା ହେବ ବୋଲି କୁହାଯାଇଛି । ଫାରୁକ୍ ଅବଦୁଲ୍ଲାଙ୍କ ନ୍ୟାସନାଲ କନଫରେନ୍ସ ଏବଂ ମେହବୁବା ମୁଫତିଙ୍କ ପିଡିପି ଦଳ ମଧ୍ୟରେ ସମନ୍ୱୟର ଅଭାବ ଏବଂ ଉଭୟ ଦଳ ପୃଥକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବା ନିଷ୍ପତ୍ତି ରାଜନୈତିକ କ୍ଷେତ୍ରରେ ଭିନ୍ନ ଦିଗ ସୃଷ୍ଟି କରିବ । ଯଦିଓ ନ୍ୟାସନାଲ କନଫରେନ୍ସ ଏବଂ କଂଗ୍ରେସ ମିଳିତ ଭାବେ ୪ଟି ଆସନରେ ଲଢିବାକୁ ନିଷ୍ପତ୍ତି ନେଇଛନ୍ତି ଫଳାଫଳ ଏହି ଦୁଇ ସପକ୍ଷରେ କେତେ ରହିବ ତାହା ଅନିଶ୍ଚିତ ବୋଲି କୁହାଯାଉଛି । ତେବେ ପିଡିପି ଗୋଟିଏ ଏବଂ ନ୍ୟାସନାଲ କନଫରେନ୍ସ ଦୁଇଟି ଆସନରେ ବିଜୟୀ ହୋଇପାରେ ବୋଲି କୁହାଯାଉଛି । ଏଭଳି ସ୍ଥିତିରେ ୨୦୨୪ରେ ଜମ୍ମୁ-କାଶ୍ମୀରରେ ତ୍ରିମୁଖୀ ଲଢ଼େଇ ହେବାକୁ ଯାଉଛି । ଅନ୍ୟପକ୍ଷରେ ପ୍ରଥମକରି ଅନନ୍ତନାଗ ଆସନରେ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ୍ ପାର୍ଟି(ଡିପିଏପି)ରୁ ପୂର୍ବତନ କଂଗ୍ରେସ ନେତା ଗୁଲାମନବୀ ଆଜାଦ୍ ଲଢେଇ କରୁଥିବାରୁ ଏହାର ପ୍ରଭାବ ମଧ୍ୟ ଭିନ୍ନ ଫଳ ଦେବ ବୋଲି କୁହାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ୨୦୧୯ ନିର୍ବାଚନରେ ଲଦାଖ ଆସନକୁ ମିଶାଇ ବିଜେପି ୩ଟି ଆସନରେ ବିଜୟୀ ହୋଇଥିଲା ବେଳେ ଫାରୁକ୍ ଅବଦୁଲ୍ଲାଙ୍କ ନ୍ୟାସନାଲ କନଫରେନ୍ସ ମଧ୍ୟ ଶ୍ରୀନଗର ସମେତ ୩ଟି ଆସନରେ ବିଜୟୀ ହୋଇଥିଲା । କିନ୍ତୁ ଏଥର ୫ଟି ଆସନ ମଧ୍ୟରୁ ବିଜେପି ଉଦ୍ଧମପୁର ଏବଂ ଜମ୍ମୁ ବ୍ୟତୀତ ଆଉ ଗୋଟିଏ ଆସନରେ ବିଜୟୀ ହୋଇପାରେ ବୋଲି ଆକଳନ କରାଯାଉଛି ।

## ଗଣତାନ୍ତ୍ରିକ ଆଭିମୁଖ୍ୟ ବିନା ଗଣତନ୍ତ୍ର ବଞ୍ଚିବା ଅସମ୍ଭବ

ଏବେ ଦେଶର ଶାସନ ବ୍ୟବସ୍ଥା ଯେଭଳି ରହିଛି, ତଦ୍ୱାରା ଗଣତାନ୍ତ୍ରିକ ବ୍ୟବସ୍ଥା ବିପନ୍ନ ହୋଇପଡ଼ିଛି ବୋଲି ବିରୋଧୀ 'ଇଣ୍ଡି' ମେଣ୍ଟ ବାରମ୍ବାର ଦାବି କରିଆସୁଛି । ସିବିଆଇ, ଇଡି ଓ ଆଇଟିକୁ ଅସ୍ତ୍ର ଭାବେ ବ୍ୟବହାର କରି ମୋଦୀ ସରକାର ମନମାନୀ ଶାସନ ଚଳାଇଛନ୍ତି, ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ପ୍ରାୟତଃ ଅଥର୍ବ, ନିଷ୍କ୍ରିୟ କରିଦେଇ ନିଜ ଅକ୍ତିଆରରେ ରଖିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶକୁ ବିରୋଧୀମୁକ୍ତ କରିବାକୁ ଚାହିଁ ଯୁଦ୍ଧ ସ୍ତରରେ କାର୍ଯ୍ୟକରୁଛନ୍ତି । ମୋଦୀ ମତବାଦ ହେଲା- ଦୋଷଯୁକ୍ତ, ଦାଗଯୁକ୍ତ ଅଭିଯୁକ୍ତ ବିରୋଧୀ ନେତା ଆତ୍ମସମର୍ପଣ କରି ବିଜେପିରେ ଯୋଗ ଦେଇ ଭାଗ୍ୟବାନ ହେଉ, ଦୋଷମୁକ୍ତ,ଦାଗରହିତ ହୋଇ ମନ୍ତ୍ରୀ ପଦ ପାଉ ନଚେତ ଜେଲରେ ଆବଦ୍ଧ ରହି ଗୀତାପାଠ କରି, ଯୋଗ ପ୍ରଣାୟମାଦି ଅଭ୍ୟାସ କରି ଆଧ୍ୟାତ୍ମିକ ସୁଖ ପାଇବା ସହ ନିଜ କୃତକର୍ମର ପ୍ରାୟଶ୍ଚିତ କରିବାକୁ ଯଥେଷ୍ଟ ଲମ୍ବା ସମୟ ପାଉ । ଏହା ବୋଧହୁଏ ସଂକ୍ଷେପରେ, ସବକା ସାଥ୍ ସବକା ବିକାଶ, ସବକା ପ୍ରୟାସ । ବିଶ୍ୱରେ ଭାରତ ହେଉଛି ବୃହତ୍ତମ ଗଣତନ୍ତ୍ର । ଅଥଚ ଦେଶର ସମସ୍ତ ରାଜନୈତିକ ଦଳ ଜଣେ, ଦୁଇଜଣ ବ୍ୟକ୍ତି ଅଥବା କ୍ଷୁଦ୍ର କିନ୍ତୁ ଅତ୍ୟନ୍ତ ପ୍ରଭାବଶାଳୀ ଏକ ଗୋଷ୍ଠୀର ମର୍ଜିରେ ଚାଲିଛି । ବଂଶବାଦୀ ରାଜନୀତି ତ ଆଗରୁ ରହିଛି । କିନ୍ତୁ ସବୁଠାରୁ କମ୍ ବୟସର ଦଳ ଆମ୍ ଆଦମୀ ପାର୍ଟି ମଧ୍ୟ ଜଣେ ବ୍ୟକ୍ତିଙ୍କ ପ୍ରଦର୍ଶନ(ୱାନ୍ ମ୍ୟାନ ସୋ')ର ସ୍ୱୈରାଚାର ସଂସ୍କୃତି ଆପଣାଇଛି । ସ୍ୱୈରାଚାରୀମାନେ କିପରି ଗଣତନ୍ତ୍ରର ପୃଷ୍ଠପୋଷକ ଓ ରକ୍ଷକ ହୋଇପାରିବେ? ସ୍ୱୈରାଚାର ମାନସିକତା ନେଇ ଗଣତନ୍ତ୍ର ଉପରେ ପ୍ରବଚନ ଦେଲେ ଚଳିବ ନାହିଁ । ରାଜନୈତିକ ଦଳଗୁଡ଼ିକ ଏବେ ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ରକୁ ଅନୁସରଣ କରିବା ବେଳ ଆସିଛି । ରାଜନୈତିକ ଦଳଗୁଡ଼ିକୁ କିପରି ନିୟନ୍ତ୍ରଣ କରାଯିବ ସେ ସମ୍ପର୍କରେ ସମ୍ବିଧାନରେ କିଛି ବ୍ୟବସ୍ଥା ନଥିଲା । ସାଂସଦ ଓ ବିଧାୟକମାନେ ଦଳବଦଳ କରି କେନ୍ଦ୍ରରେ ଓ ରାଜ୍ୟଗୁଡ଼ିକରେ ବାରମ୍ବାର ରାଜନୈତିକ ଅସ୍ଥିରତା ସୃଷ୍ଟି କରିବାରୁ ସମ୍ବିଧାନରେ ଦଳଭିତ୍ତିକ ନିୟମାବଳୀ(ପାର୍ଟି-ବେସଡ ରେଗୁଲେସନ୍ସ) ଯୋଡ଼ାଯାଇଛି । ରାଜନୈତିକ ଦଳଙ୍କ ପାଇଁ ସମ୍ବିଧାନରେ କୌଣସି ନିୟମ ଲେଖାନାହିଁ । ନିର୍ବାଚନ କମିଶନ ହେଉଛନ୍ତି ଏକ ସାମ୍ବିଧାନିକ କର୍ତ୍ତୃପକ୍ଷ ଯାହାଙ୍କର କାର୍ଯ୍ୟ ହେଲା ନିର୍ବାଚନ ପରିଚାଳନା କରିବା । ତେଣୁ ନିର୍ବାଚନ କମିଶନ ରାଜନୈତିକ ଦଳଙ୍କୁ ନିୟନ୍ତ୍ରଣ କରନ୍ତି ନାହିଁ । ରାଜନୈତିକ ଦଳଙ୍କର ନିଜସ୍ୱ ସମ୍ବିଧାନ ଥାଏ ଯାହାକୁ ପ୍ରାୟତଃ କେହି ମାନନ୍ତି ନାହିଁ । ଦଳର ସର୍ବୋଚ୍ଚ ନେତା ନିଜକୁ ନିଜେ ଦଳର ସଭାପତି/ଅଧ୍ୟକ୍ଷ /ମହାସଚିବ ଭାବେ ନିଯୁକ୍ତି ଦିଅନ୍ତି । ସାଂଗଠନିକ ନିର୍ବାଚନ ଯେପରି ହେବା କଥା ସେପରି କୌଣସି ରାଜନୈତିକ ଦଳ କରନ୍ତି ନାହିଁ । ଦଳର ପଦବୀ ପାଇଁ ପ୍ରାର୍ଥୀଙ୍କୁ ଅଗଣତାନ୍ତ୍ରିକ ଭାବେ ଚୟନ କରାଯାଏ । ଦଳବଦଳ –ନିରୋଧୀ ଆଇନ ଲାଗୁ ହେବା ପରେ ଦଳର ସର୍ବୋଚ୍ଚ ନେତା ଦଳର ସାଂସଦ ଓ ବିଧାୟକମାନଙ୍କୁ ଲୋକପ୍ରତିନିଧି ଭାବେ ନଦେଖି ନିଜ ବଶମ୍ବଦ ଭାବେ ଦେଖୁଛନ୍ତି । ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ସାଂଗଠନିକ ନିର୍ବାଚନ ସମ୍ପର୍କିତ ଯେଉଁ ଦଲିଲ ରାଜନୈତିକ ଦଳଗୁଡ଼ିକ ନିର୍ବାଚନ କମିଶନଙ୍କୁ ଦେଇଥାନ୍ତି ସେଥିରେ ପ୍ରାୟତଃ ଲେଖାଥାଏ ଯେ କାର୍ଯ୍ୟକର୍ତ୍ତାମାନେ ସର୍ବସମ୍ମତିକ୍ରମେ, ନିର୍ବିରୋଧରେ ନିର୍ବାଚିତ ଘୋଷିତ ହୋଇଛନ୍ତି କିମ୍ବା ନିର୍ବାଚିତ ଦଳ ପ୍ରମୁଖଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି । ଏହି ପୃଷ୍ଠଭୂମୀରେ ରାଜନୈତିକ ଦଳଗୁଡ଼ିକ ଯେପରି ପାରଦର୍ଶୀ ଆଭ୍ୟନ୍ତରୀଣ ନିର୍ବାଚନ କରାଇବାକୁ ବାଧ୍ୟହେବେ ସେପରି ଆଇନ ପ୍ରଣୟନ କରାଯିବା ଆବଶ୍ୟକ ହେଉଛି । ଦଳର ସଦସ୍ୟମାନେ ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କୁ ପ୍ରାଥମିକ(ପ୍ରାଇମେରୀ) ନିର୍ବାଚନରେ ବାଛିବା କଥା । କିନ୍ତୁ ତାହା ନହୋଇ ପ୍ରାର୍ଥୀମାନଙ୍କୁ ଦଳର ମୁଖ୍ୟ ବାଛୁଛନ୍ତି । ସେଭଳି ପ୍ରାର୍ଥୀ ଜିତିଲେ ସେ ଦଳର ମୁଖ୍ୟଙ୍କ ପାଇଁ ଦଲାଲ(ଡିଲ-ମେକର)ର କାର୍ଯ୍ୟ କରୁଛନ୍ତି । ଭୋଟରମାନେ ଜଣେ ଦୂରଦ୍ରଷ୍ଟାଙ୍କୁ ସେମାନଙ୍କ ପ୍ରତିନିଧି ଭାବେ ପାଇବା ବଦଳରେ ପାଉଛନ୍ତି ଜଣେ ନେତାଙ୍କୁ ଯିଏ ଆଜୀବନ ଡିଲମେକରର ଦାୟିତ୍ୱ ମୁଣ୍ଡାଇବାରେ ଆଗ୍ରହୀ । ରାଜନୈତିକ ଦଳଗୁଡ଼ିକରେ ବ୍ୟବସ୍ଥାଗତ ସଂସ୍କାର ଅଣାଯାଇ ଦଳ ଭିତରେ ଗଣତନ୍ତ୍ରର ଉନ୍ମେଷ ସମ୍ଭବ ନହେବା ଯାଏ ଭାରତୀୟ ଗଣତନ୍ତ୍ର ପରିପକ୍ୱତା ହାସଲ କରିପାରିବ ନାହିଁ । ଭାରତରେ ଭୋଟର ଜାତୀୟ ସ୍ତରରେ କାହାରିକୁ ନିର୍ବାଚିତ କରୁନାହାନ୍ତି । ତେଣୁ ଦଳଗୁଡ଼ିକ ଉପରେ ଠିକ୍ ଭାବେ ନଜର ଓ ନିୟନ୍ତ୍ରଣ ରଖାଯାଇପାରିବ ଯଦି ନିର୍ବାଚନ କମିଶନ ଏକ ସଂଘୀୟ ସଂସ୍ଥା ନହୋଇ ରାଜ୍ୟ ସଂସ୍ଥା ହେବ । ତାହା ହେଲେ ରାଜନୈତିକ ଦଳଗୁଡ଼ିକରେ ସୁପ୍ରମୋ ଓ ହାଇକମାଣ୍ଡ ସଂସ୍କୃତି ମଉଳି ଆଭ୍ୟନ୍ତରୀଣ ଗଣତନ୍ତ୍ର ଆସିବ । ରାଜନୈତିକ ଦଳଗୁଡ଼ିକରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ଆସିଲେ ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ କାହାରିକୁ ଚିତ୍କାର କିମ୍ବା ବିଳାପ କରିବା ଆଉ ଦରକାର ପଡ଼ିବନାହିଁ ।



## ଦେଶର ପ୍ରଥମ ଲୋକସଭା ନିର୍ବାଚନ

ଦେଶର ପ୍ରଥମ ଲୋକସଭା ନିର୍ବାଚନ ୨୫ ଅକ୍ଟୋବର ୧୯୫୧ରୁ ୨୧ ଫେବୃଆରୀ ୧୯୫୨ ଯାଏ ଚାଲିଥିଲା । ନିର୍ବାଚନରେ ସମଗ୍ର ଦେଶରେ ୫୩ଟି ରାଜନୈତିକ ଦଳର ୧୮୭୪ ଜଣ ପ୍ରାର୍ଥୀ ଥିଲେ । ସେତେବେଳେ ଦେଶର ଜନସଂଖ୍ୟା ଥିଲା ପ୍ରାୟ ୩୬ କୋଟି ଓ ଯୋଗ୍ୟ ଭୋଟରଙ୍କ ସଂଖ୍ୟାଥିଲା ୧୭କୋଟି ୩୨ଲକ୍ଷ । ସଂସଦର ୪୮୯ ଆସନ ପାଇଁ ନିର୍ବାଚନ ହୋଇଥିଲା । ନିର୍ବାଚନ ପାଇଁ ୧୯୬୦୮୪ଟି ଭୋଟ କେନ୍ଦ୍ର ଖୋଲାଯାଇଥିଲା । ସେଥିରୁ ୨୭୫୨୭ଟି ଭୋଟ କେନ୍ଦ୍ର କେବଳ ମହିଳା ଭୋଟରଙ୍କ ପାଇଁ ସଂରକ୍ଷିତ ଥିଲା । ସର୍ବ ପ୍ରଥମ ଭୋଟଟି ହିମାଚଳପ୍ରଦେଶର ଚିନ୍ନି ତହସିଲ(ସେତେବେଳେ ଯାହାକୁ ତହସିଲ କୁହାଯାଉଥିଲା ଏବେ ତାହାକୁ ଜିଲ୍ଲା କୁହାଯାଉଛି)ରେ ଦିଆଯାଇଥିଲା । ଦେଶର ସେହି ପ୍ରଥମ ସାଧାରଣ ନିର୍ବାଚନରେ ମତଦାନ ହାର ଥିଲା ୪୫.୭ ପ୍ରତିଶତ । ୧୦ ଫେବୃଆରୀ ୧୯୫୨ରେ ଭୋଟ ଫଳାଫଳ ପ୍ରକାଶିତ ହୋଇଥିଲା । ସଂସଦର ମୋଟ ୪୮୯ ଆସନରୁ ୩୬୪ଟିରେ ଭାରତୀୟ ଜାତୀୟ କଂଗ୍ରେସ(ଆଇଏନସି) ଜିତିଥିଲା ଓ ଜବାହରଲାଲ ନେହେରୁ ପ୍ରଧାନମନ୍ତ୍ରୀ ହୋଇଥିଲେ । ସେହି ନିର୍ବାଚନରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ(ସିପିଆଇ) ୧୬ଟି ଆସନ ଜିତି ସଂସଦରେ ଦ୍ୱିତୀୟ ବୃହତ୍ତମ ଦଳ ହୋଇଥିଲା । ସିପିଆଇ ସେତେବେଳେ ମୋଟ ଭୋଟର ୩.୨୯ ପ୍ରତିଶତ ଭୋଟ ପାଇଥିଲା । ଜୟପ୍ରକାଶ ନାରାୟଣ ଓ ରାମମନୋହର ଲୋହିଆଙ୍କ ସମାବାଦୀ ପାର୍ଟି ୧୨ଟି ଆସନ ପାଇଥିଲା । ସମାଜବାଦୀ ପାର୍ଟି ମୋଟ ଭୋଟର ୧୦.୫୯ ପ୍ରତିଶତ ଭୋଟ ପାଇଥିଲା ।

### ୨୦୧୯ ଲୋକସଭା ନିର୍ବାଚନ

୨୦୧୯ ଲୋକସଭା ନିର୍ବାଚନ କେବଳ ଭାରତର ନୁହେଁ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ନିର୍ବାଚନ ଭାବେ ଏଯାଏ ସ୍ୱୀକୃତି ପାଇଛି । ୨୦୨୪ ନିର୍ବାଚନ ପରେ ବିଶାଳତା ଓ ଭୋଟରସଂଖ୍ୟାଦି ଦୃଷ୍ଟିରୁ ୨୦୧୯ ନିର୍ବାଚନ ଅବଶ୍ୟ ଦ୍ୱିତୀୟ ସ୍ଥାନକୁ ଖସିବ । ୨୦୧୯ ଲୋକସଭା ନିର୍ବାଚନରେ ଯୋଗ୍ୟ ଭୋଟରଙ୍କ ସଂଖ୍ୟା ୯୦ କୋଟିରୁ ଅଧିକ ଥିଲା । ନିର୍ବାଚନ ବେଳକୁ ଦେଶରେ ୭ ଜାତୀୟ ରାଜନୈତିକ ଦଳ, ୨୭ ଆଞ୍ଚଳିକ ରାଜନୈତିକ ଦଳ ଓ ୨୩୦୧ଟି ପଞ୍ଜିକୃତ ଅମାନ୍ୟତାପ୍ରାପ୍ତ(ଅନରେକୋଗ୍ନାଇଜଡ) ଦଳ ଥିଲେ । ନିର୍ବାଚନରେ ବିଜେପି ସର୍ବାଧିକ ୩୦୩ ଆସନ ଜିତିଥିଲା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦ୍ୱିତୀୟ ବାର ସରକାର ଗଢ଼ିଛନ୍ତି ।



### ଲୋକସଭା ନିର୍ବାଚନ ସମ୍ପର୍କିତ ଅନ୍ୟ ଜ୍ଞାତବ୍ୟ ସୂଚନା

ଭୋଟର ସଂଖ୍ୟା ଦୃଷ୍ଟିରୁ ତେଲେଙ୍ଗାନାର ମାଲକାଜଗିରି ହେଉଛି ସବୁଠାରୁ ବଡ଼ ଲୋକସଭା ନିର୍ବାଚନମଣ୍ଡଳୀ । ଏହି ନିର୍ବାଚନମଣ୍ଡଳୀର ଭୋଟର ସଂଖ୍ୟା ହେଉଛି ୩୧ଲକ୍ଷ ୮୩ହଜାର୩୨୫ । ଆୟତନ ଦୃଷ୍ଟିରୁ ଲାଦାଖ ହେଉଛି ସର୍ବବୃହତ ଲୋକସଭା ନିର୍ବାଚନମଣ୍ଡଳୀ । ଏହି ନିର୍ବାଚନମଣ୍ଡଳୀର ଆୟତନ ହେଉଛି ୧୭୩୨୬୬.୩୭ ବର୍ଗ କିଲୋମିଟର । ଭୋଟର ସଂଖ୍ୟା ଦୃଷ୍ଟିରୁ ଲାକ୍ଷାଦ୍ୱୀପ ହେଉଛି ସବୁଠାରୁ କ୍ଷୁଦ୍ର ଲୋକସଭା ନିର୍ବାଚନମଣ୍ଡଳୀ । ଆୟତନ ଦୃଷ୍ଟିରୁ ଚାନ୍ଦିନୀଚୌକ ହେଉଛି କ୍ଷୁଦ୍ରତମ ଲୋକସଭା ନିର୍ବାଚନମଣ୍ଡଳୀ । ଏହି ନିର୍ବାଚନମଣ୍ଡଳୀର ଆୟତନ ହେଉଛି ମାତ୍ର ୧୦ ବର୍ଗ କିଲୋମିଟର । ରାଜ୍ୟମାନଙ୍କ ଭିତରେ ଉତ୍ତରପ୍ରଦେଶ ସଂସଦକୁ ସବୁଠାରୁ ଅଧିକ ୮୦ ସାଂସଦଙ୍କୁ ଲୋକସଭା ପଠାଏ । ଉତ୍ତରପ୍ରଦେଶ ଏଯାଏ ୮ଜଣ ପ୍ରଧାନମନ୍ତ୍ରୀ ଦେଲାଣି ଯାହା ଅନ୍ୟ ରାଜ୍ୟଙ୍କ ତୁଳନାରେ ଅଧିକ । ନିର୍ବାଚନରେ ୧୯୮୨ରେ ଦେଶରେ ପ୍ରଥମ ଥର ଇଭିଏମ ବ୍ୟବହାର କରାଯାଇଥିଲା । ୨୦୦୪ ସାଧାରଣ ନିର୍ବାଚନରେ କେବଳ ଇଭିଏମ ଦ୍ୱାରା ଭୋଟ ଗ୍ରହଣ କରାଯାଇଥିଲା । ଜେଡି-ୟୁ ସାଂସଦ ରାମ ସୁନ୍ଦର ଦାସ ହେଉଛନ୍ତି ବର୍ତ୍ତମାନର ଲୋକସଭାରେ ସବୁଠାରୁ ବୟସ୍କ ସାଂସଦ । ରାଜ୍ୟସଭାର ସବୁଠାରୁ ବୟସ୍କ ସାଂସଦ ହେଲେ ମଣିପୁରର ରିସରଙ୍ଗ କେଇସିଙ୍ଗ, ୮୮ ବର୍ଷ ବୟସରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ସବୁଠାରୁ ଅଧିକ ବୟସରେ ପ୍ରଧାନମନ୍ତ୍ରୀ ହୋଇଥିଲେ ମୋରାରଜୀ ଦେଶାଇ । ପ୍ରଧାନମନ୍ତ୍ରୀ ହେବା ବେଳକୁ ତାଙ୍କ ବୟସ ଥିଲା ୮୧ବର୍ଷ ୨୩ଦିନ । ବୟସ ୪୦ବର୍ଷ ୭୨ ଦିନରେ ରାଜୀବ ଗାନ୍ଧୀ ହୋଇଥିଲେ ଦେଶର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ । ଜବାହରଲାଲ ନେହେରୁ ୬୧୩୦ ଦିନ ପ୍ରଧାନମନ୍ତ୍ରୀ ରହିଥିଲେ ଯାହା ହେଉଛି ଏଯାବତ ସର୍ବାଧିକ । ଦେଶର ଅନ୍ୟ କୌଣସି ପ୍ରଧାନମନ୍ତ୍ରୀ ଏତେ ଦୀର୍ଘକାଳ ସରକାର ଚଳାଇନାହାନ୍ତି । ଗୁଲଜାରିଲାଲ ନନ୍ଦା ଦୁଇଥର ପ୍ରଧାନମନ୍ତ୍ରୀ ହୋଇଥିଲେ ଓ ଉଭୟ ଥର ସେ ମାତ୍ର ୧୩ ଦିନ ପାଇଁ ପ୍ରଧାନମନ୍ତ୍ରୀ ରହିଥିଲେ । ଆଉ କେହି ପ୍ରଧାନମନ୍ତ୍ରୀ ଏତେ କ୍ଷୁଦ୍ର କାଳ ସରକାର ଚଳାଇନାହାନ୍ତି । ସିପିଆଇ ସାଂସଦ ଇନ୍ଦ୍ରଜିତ ଗୁପ୍ତା ସର୍ବାଧିକ ୧୧ ଥର ଲୋକସଭାକୁ ନିର୍ବାଚିତ ହୋଇଛନ୍ତି । ସ୍ୱରନ ସିଂହ ସର୍ବାଧିକ ୨୩ବର୍ଷ ଧରି କ୍ୟାବିନେଟ ମନ୍ତ୍ରୀ ରହିଥିଲେ । କଂଗ୍ରେସ ସାଂସଦ ରାମ ସୁଭାଗ ସିଂହ ହେଉଛନ୍ତି ଲୋକସଭାର ପ୍ରଥମ ଅଫିସିଆଲ ବିରୋଧୀ ଦଳ ନେତା । ଦ୍ୱିତୀୟ ଲୋକସଭା ନିର୍ବାଚନ(୧୯୫୭-୬୨)ରେ କଂଗ୍ରେସ ମୋଟ ୪୯୪ ଆସନରୁ ୩୭୪ଟିରେ ଜିତି ସଦନର ସବୁଠାରୁ ବୃହତ୍ତମ ଦଳ ହୋଇଥିଲା ଯାହା ଏବେବି ଅତୁଟ ରହିଥିବା ଏକ ରେକର୍ଡ । ଗୁଜରାଟର ଗୀର ଜଙ୍ଗଲରେ ୨୦ କିଲୋମିଟର ଅଭ୍ୟନ୍ତରରେ ଥିବା ବାନେଜରେ ରହନ୍ତି ଭରତଦାସ ଦର୍ଶନଦାସ ନାମକ ଏକମାତ୍ର ଭୋଟର । ତାଙ୍କର ଗୋଟିଏ ଭୋଟ ପାଇଁ ନିର୍ବାଚନ କମିଶନ ବାନେଜରେ ଭୋଟ ଗ୍ରହଣ କେନ୍ଦ୍ର ଖୋଲୁଛନ୍ତି । ୧୬ଶ ଲୋକସଭା(୨୦୧୪-୨୦୧୯)କୁ ସାଂସଦ ଭାବେ ସର୍ବାଧିକ ୬୬ ଜଣ ମହିଳା ନିର୍ବାଚତ ହୋଇଥିଲେ ।

# ଏପ୍ରିଲ୍ ୧୫ରୁ ବନ୍ଦହେବ ୟୁଏସ୍‌ଏସ୍‌ଡି କଲ୍ ଫରୱାର୍ଡିଂ ସେବା

## ଠକେଇ ବନ୍ଦ କରିବାକୁ ସରକାରଙ୍କ ନିଷ୍ପତ୍ତି

ଟେଲିକମ୍ ବିଭାଗ (ଡିଓଟି) ଦେଶର ସମସ୍ତ ଟେଲିକମ୍ କମ୍ପାନୀଗୁଡିକୁ ୟୁଏସ୍‌ଏସ୍‌ଡି କୋଡ୍ ମାଧ୍ୟମରେ କଲ୍ ପଠାଇବା ସୁବିଧା ବନ୍ଦ କରିବାକୁ



କହିଛି। ଅନଲାଇନ୍ ତଥା ଜାଲ୍ କଲ୍ ମାଧ୍ୟମରେ ଜାଲିଆତି ବନ୍ଦ କରିବାକୁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହି ନିର୍ଦ୍ଦେଶନାମା ଜାରି ହେବା ପରେ ମୋବାଇଲ୍ ଫୋନରେ *୪୦୧# ଡାଏଲ୍ କରି କଲ୍ ଫରୱାର୍ଡ କରିବାର ସୁବିଧା ଏପ୍ରିଲ୍ ୧୫ରୁ ଶେଷ ହୋଇଯିବ। ୟୁଏସ୍‌ଏସ୍‌ଡି ଯଥା ଅଣସଂଗଠିତ ସପ୍ଲିମେଣ୍ଟାରୀ ସର୍ଭିସ୍ ଡାଟା - ଏକ ସଂକ୍ଷିପ୍ତ କୋଡ୍। ଏହି ବୈଶିଷ୍ଟ୍ୟ ସାହାଯ୍ୟରେ ଏକ ନମ୍ବରରେ ସେବାଗୁଡିକ ଏକ କୋଡ୍ ଡାଏଲ୍ କରି ସକ୍ରିୟ ଏବଂ ନିଷ୍କ୍ରିୟ ହୋଇଯାଇଥାଏ। ସାଧାରଣତଃ ମୋବାଇଲ୍ ବ୍ୟବହାରକାରୀମାନେ ଫୋନ୍ ସନ୍ତୁଳନ ଯାଞ୍ଚ କରିବା, କଲର୍ ଟ୍ୟୁନ୍ ସେଟ୍ କରିବା, ୟୁପିଆଇ ଚଳାଇବା ଏବଂ ଆଇଏମ୍‌ଇଆଇ ନମ୍ବର ଜାଣିବା ପାଇଁ ଏହାକୁ ଡାଏଲ୍ କରିଥାନ୍ତି।

## ୟୁଏସ୍‌ଏସ୍‌ଡି କଲ୍ ଫର୍‌ୱାର୍ଡିଂ ସେବା କିପରି କାମ କରେ

ଯଦି ଜଣେ ମୋବାଇଲ୍ ୟୁଜର୍ ଏ *୪୦୧# ଡାଏଲ୍ କରି ଏକ ଅଜ୍ଞାତ ନମ୍ବର 'ବି' କୁ କଲ୍ କରେ, ତେବେ ୟୁଜର୍ ମୋବାଇଲରେ ପ୍ରାପ୍ତ ସମସ୍ତ କଲ୍ କିମ୍ବା ମେସେଜ୍ ବ୍ୟବହାରକାରୀ 'ବି' ଫୋନକୁ ପଠାଯିବ। ଏହାର ଅର୍ଥ ହେଉଛି, ବର୍ତ୍ତମାନ ୟୁଜର୍ ‹ଏ› ର କଲ୍ ଏବଂ ମେସେଜ୍ ବ୍ୟବହାରକାରୀଙ୍କ 'ବି' ହାତରେ ଅଛି। ସ୍କାମରମାନେ ଏହି ପଦ୍ଧତିକୁ ବ୍ୟବହାର କରିଥାନ୍ତି, ଏଥିରେ ସ୍କାମରମାନେ ଆପଣଙ୍କର ନମ୍ବରକୁ ଟେଲିକମ୍ ସେବା ପ୍ରଦାନକାରୀ ଭାବରେ କଲ୍ କରନ୍ତି ଏବଂ ନେଟୱାର୍କ ଏବଂ ଅନ୍ୟାନ୍ୟ ସମସ୍ୟାକୁ ଦର୍ଶାଇ ଆପଣଙ୍କୁ *୪୦୧# ଡାଏଲ୍ କରିବାକୁ କୁହନ୍ତି। ଆପଣ ଏହି ନମ୍ବରକୁ ଡାଏଲ୍ କରିବା ମାତ୍ରେ ଆପଣଙ୍କୁ ଏକ ମେସେଜ୍ ମିଳିବ। ଯେତେବେଳେ ଆପଣ ଏହି ନମ୍ବରକୁ ଡାଏଲ୍ କରିବେ ସେତେବେଳେ ପ୍ରତ୍ୟେକ ଫୋନ୍ ମେସେଜ୍ କିମ୍ବା ଓଟିପି ଆପଣଙ୍କ ନମ୍ବରକୁ ଆସୁଥିବା ଅଜ୍ଞାତ ନମ୍ବରକୁ ପଠାଯିବ ଯାହାକୁ ଆପଣ *୪୦୧# ପରେ ଡାଏଲ୍ କରିଛନ୍ତି।।

# ଆପଲ୍ ତିଆରି କରୁଛି ମୋବାଇଲ ରୋବୋ

ଆ ଆପଲ୍ ଏହାର ଆପଲ୍ ଡିଭାଇସ୍‌ଗୁଡ଼ିକୁ ନେଇ ନବନ୍ୱେଷ ଚଳାଇଛି। ଟେକ୍ ଦୁନିଆର ସବୁଠାରୁ ଅଧିକ ପସନ୍ଦଯୋଗ୍ୟ ଏହି ଆମେରିକୀୟ ବ୍ରାଣ୍ଡ ଆପଲର ଉତ୍ପାଦ ମଧ୍ୟରେ କେବଳ ଭାରତରେ ନୁହେଁ, ସାରା ଦୁନିଆରେ ଲୋକଙ୍କ ପ୍ରଥମ ପସନ୍ଦ। ଆପଲ ଖୁବ ଶିଘ୍ର ନିଜ ଫ୍ୟାନ୍ସଙ୍କ ପାଇଁ ଆଉ ଏକ ନୂଆ ଉତ୍ପାଦ ଆଣିବାକୁ ଯାଉଛି। କମ୍ପାନୀ ଖୁବ ଶୀଘ୍ର ପର୍ସନାଲ ରୋବୋକୁ ଛାଡିବାକୁ ଯାଉଛି। ଯଦି ଏହି ରିପୋର୍ଟକୁ ଯଦି ବିଶ୍ୱାସ କରାଯାଏ ତେବେ ଆପଲର ଉକ୍ତ ମୋବାଇଲ ରୋବୋ ଉପରେ କାମ କରିବା ଆରମ୍ଭ କରିଦେଇଥିବା ଜଣାପଡିଛି।

ରିପୋର୍ଟ ମୁତାବକ, ଆପଲର ମୋବାଇଲ ରୋବୋ ଘରର ଅନେକଗୁଡ଼ିଏ କାମ କରିପାରିବ। ନିଜ ଫ୍ୟାନ୍ସଙ୍କୁ ସର୍ବୋତ୍ତମ ଅନୁଭୂତି ଦେବା ଲାଗି ଆପଲ ଏହି ରୋବୋର ବିକାଶ ଘଟାଉଛି। ପ୍ରଥମେ କମ୍ପାନୀ ଇଲେକ୍ଟ୍ରିକ କାର ତିଆରି କରିବାର ନିଷ୍ପତ୍ତି ନେଇଥିଲା, ହେଲେ ବର୍ତ୍ତମାନ ଏହି ଯୋଜନା ନେଇ କମ୍ପାନୀ ବର୍ଷ ବର୍ଷ ଧରି ପ୍ରୟାସ ଚଳାଇ ଆସୁଛି। ଏହି ରୋବୋର ହାଇବେୟର ବର୍ତ୍ତମାନ କାମ କରୁଛି। ଆପଲର ଏହି ମୋବାଇଲ ରୋବୋ ୟୁଜର୍ସଙ୍କ ମିମିକ୍ରି ଏବଂ ନକଲ ମଧ୍ୟ କରିପାରେ। ଆହୁରିମଧ୍ୟ ଆପଲର ଏହି ମୋବାଇଲ ରୋବୋଆପଣଙ୍କ ଘରର ଛୋଟ-ବଡ଼ କାମକୁ ମଧ୍ୟ ସହଜ କରିବାକୁ ଯାଉଛି।

ଆପଲ ବ୍ୟତୀତ ଏଲନ୍ ମସ୍କ ମଧ୍ୟ ନିଜ ଅପ୍‌ଟିମସ୍ ରୋବୋ ଉପରେ କାମ କରୁଛନ୍ତି, ଯାହା ଖୁବ୍ ଶୀଘ୍ର ବଜାରକୁ ଆସିବାକୁ ଯାଉଛି।



ଇସାରାରେ କରିବ ସବୁ ଘର କାମ

# ସାଇବର ହ୍ୟାକରଙ୍କ ଟାର୍ଗେଟ୍‌ରେ ଡିଜିଟାଲ୍ ଇଣ୍ଡିଆ

ଭାରତରେ ଟେକ୍ନୋଲୋଜିର ଅଗ୍ରଗତି ସହ ଏ ନେଇ ରହିଥିବା ବିପଦ ମଧ୍ୟ ବୃଦ୍ଧି ପାଉଛି। ସାଇବର ଅପରାଧୀଙ୍କ ପାଇଁ ଡିଜିଟାଲ୍ ଇଣ୍ଡିଆ ଏକ ପସନ୍ଦର ଟାର୍ଗେଟ୍ ପାଲଟିଛି, ଯେଉଁଠାରେ ଲକ୍ଷ ଲକ୍ଷ ସାଇବର ଆକ୍ରମଣ ହୋଇଥାଏ। ଦେଶର ନିରୀହ ଲୋକଙ୍କୁ ଏଥିପାଇଁ ସହିବାକୁ ପଡିଛି କ୍ଷତି, ଯେଉଁମାନେ ଏହି ଆକ୍ରମଣରେ କୋଟି କୋଟି ଟଙ୍କା ହରାଇଛନ୍ତି। ଭାରତୀୟ ଟେକ୍ନୋଲୋଜି କ୍ଷେତ୍ର ପାଇଁ ଏହା ଏବେ ଏକ ଘଣ୍ଟି। ଗୋଟିଏ ପଟେ ଭାରତ ଡିଜିଟାଲ୍ ଇଣ୍ଡିଆ ସହିତ ଦ୍ରୁତ ଗତିରେ ଆଗକୁ ବଢୁଛି ଏବଂ ଅନ୍ୟ ପଟେ ଦେଶରେ ସାଇବର ଆକ୍ରମଣର ଆଶଙ୍କା ମଧ୍ୟ ବୃଦ୍ଧି ପାଇଛି। ପୂର୍ବ ବର୍ଷ ପରି ଏହି ବର୍ଷ ମଧ୍ୟ ଭାରତକୁ ସାଇବର ଆକ୍ରମଣର ସାମ୍ନା କରିବାକୁ ପଡିବ।

ଗ୍ଲୋବାଲ ସାଇବର ସୁରକ୍ଷା କମ୍ପାନୀ କାସ୍‌ପରସ୍କାଏର ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ମଧ୍ୟ ଭାରତରେ ସାଇବର ଆକ୍ରମଣ ଜାରି ରହିବ। ରେନ୍ସୱେର ମାଧ୍ୟମରେ ସାଇବର ଆକ୍ରମଣ ସମ୍ଭବତଃ ହୋଇପାରେ। ଭାରତରେ ବହୁ ସଂଖ୍ୟକ ଇଣ୍ଟରନେଟ୍ ବ୍ୟବହାରକାରୀ ଅଛନ୍ତି, ତେଣୁ ଏହା ସାଇବର ଅପରାଧୀଙ୍କ ପାଇଁ ଏକ ପସନ୍ଦଯୋଗ୍ୟ ଲକ୍ଷ୍ୟ ପାଲଟିଛି।

୨୦୨୩ରେ ୨ ଲକ୍ଷରୁ ଅଧିକ ରେନ୍ସୱେୟାର ମାମଲା ରିପୋର୍ଟ କରାଯାଇଥିଲା। ଫୋନିକ୍ସ ଏବଂ ଲକ୍‌ବିଟ୍ ଭଳି ପ୍ରମୁଖ ରେନ୍ସୱେୟାର ଗ୍ରୁପ ସମଗ୍ର ବିଶ୍ୱରେ ଭାରତର ଉତ୍ପାଦନ, ଖୁଚୁରା, କୃଷି, ଗଣମାଧ୍ୟମ ଏବଂ ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରକୁ ଟାର୍ଗେଟ କରୁଛନ୍ତି। ଫୋନିକ୍ସ ଏବେ ବି ରାସ୍ ମାଲୱେର୍ ମାଧ୍ୟମରେ ଆକ୍ରମଣ ଚଳାଇଛି। ସାଇବର ଆକ୍ରମଣ ପାଇଁ ଟାର୍ଗେଟ୍ କରାଯାଉଥିବା ବିଶ୍ୱର ୧୨ର ଶ୍ରେଷ୍ଠ ଦେଶ ମଧ୍ୟରେ ଭାରତ ରହିଛି। ଦେଶରେ, ଲକ୍‌ବିଟ୍ ବଡ ସଂସ୍ଥାଗୁଡ଼ିକର



ୱିଣ୍ଡୋଜ୍ ସିଷ୍ଟମକୁ ଭାଙ୍ଗି ରେନ୍ସୱେୟାର ଆକ୍ରମଣ କରିଥାଏ। ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଏହା ହେଉଛି ପ୍ରଥମ ରେନ୍ସୱେୟାର ଯାହା ଆପଲର ସୁରକ୍ଷା ବ୍ୟବସ୍ଥାକୁ ଭାଙ୍ଗିବାରେ ସଫଳ ହୋଇଛି। ଭାରତର ଆଇଟି ସିଷ୍ଟମକୁ ରେନ୍ସୱେୟାର ବିପଦରୁ ରକ୍ଷା କରିବା ପାଇଁ କଡା ସାଇବର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାର ତୁରନ୍ତ ଆବଶ୍ୟକତା ରହିଛି। ଥ୍ରେଟ୍ ଇଣ୍ଟେଲିଜେନ୍ସ କାପାବିଲିଟି ମାଧ୍ୟମରେ ଏହି ଆକ୍ରମଣଗୁଡିକ ଉପରେ ଲଗାମ ଲଗାଇବାରେ ସହାୟତା ମିଳିପାରେ। ଏଥିପାଇଁ ପ୍ରମାଣୀକୃତ ସାଇବର ସୁରକ୍ଷା ଉତ୍ପାଦ ଏବଂ ସେବାର ସହାୟତା ଦିଆଯାଇପାରେ।

# ସବ୍‌ସିଡି ଦମ୍‌ରେ ବଢ଼ିବ ଇଭି ବିକ୍ରି

ଭାରତରେ ବୈଦ୍ୟୁତିକ ଯାନ (ଇଭି) ବିକ୍ରି ଚଳିତବର୍ଷ ୬୬ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହି ପରିପ୍ରେକ୍ଷୀରେ କାଉଣ୍ଟରପଏଣ୍ଟ ରିସର୍ଚ୍ଚର ଏକ ରିପୋର୍ଟ ଦାବି କରିଛି ଯେ ରାଜ୍ୟଗୁଡିକ ଦେଉଥିବା ସବ୍‌ସିଡି ଏବଂ ଭିତ୍ତିଭୂମି ବିକାଶର ବିକାଶ ହେତୁ ଇଭି ବିକ୍ରିରେ ବୃଦ୍ଧି ଘଟିବ। ଏହା ସହିତ ୨୦୨୪ ଶେଷ ସୁଦ୍ଧା ଇଭି ବିକ୍ରି ଯାତ୍ରୀବାହୀ ଯାନ(ପିଭି) ବିକ୍ରିର ପ୍ରାୟ ୪ ପ୍ରତିଶତ ହେବ। ରିପୋର୍ଟରେ ଆକଳନ କରାଯାଇଛି ଯେ ୨୦୩୦ ସୁଦ୍ଧା ଇଭିଏସ୍ ଭାରତର ବ୍ୟକ୍ତିଗତ ଯାନ ବଜାରରେ ପ୍ରାୟ ଏକ ତୃତୀୟାଂଶ ଅଂଶ ଗ୍ରହଣ କରିବ। ଯଦି ଆମେ ଆର୍ଥିକ ତଥ୍ୟକୁ ଦେଖିବା, ତେବେ ଭାରତୀୟ ଇଭି କ୍ଷେତ୍ରରେ ଅଭିବୃଦ୍ଧି ଘଟିଛି। ୨୦୨୪ ଆର୍ଥିକବର୍ଷରେ ଦେଶରେ ବିଭିନ୍ନ ପ୍ରକାରର ଇଭିରେ ରେକର୍ଡ ବିକ୍ରୟ ହୋଇଥିଲା। ବିକ୍ରୟ ୪୧% ବୃଦ୍ଧି ପାଇଲା ଏବଂ ବିକ୍ରି ରେକର୍ଡ କରାଯାଇଥିଲା। ୧,୯୭,୦୦୦ ୟୁନିଟ୍ ବିକ୍ରି ସହିତ ଏକ ନୂତନ ରେକର୍ଡ ବର୍ଷ ତୁଳନାରେ ୧.୬୬ ନିୟୁତ ଇଭି ମାର୍ଚ୍ଚ ମାସ ୨୦୨୪ ଆରମ୍ଭ କରିଛନ୍ତି, ଯାହା ଇଲେକ୍ଟ୍ରିକ୍ ଦୁଇ ଏବଂ ତିନି ଚକିଆ ଯାନ ଗ୍ରହଣକୁ ଉତ୍ସାହିତ କରିବା ପାଇଁ ୫୦୦ କୋଟି ଟଙ୍କା ଆବଣ୍ଟନ କରିଛି। ଏହି ଯୋଜନା ସୃଷ୍ଟି କରିଛି, ଯାହା ଆଂଶିକ ପର୍ଯ୍ୟାୟକ୍ରମେ ହେବାକୁ ଥିବା ଫେମ୍-୨ ସବ୍‌ସିଡି ଯୋଜନାରେ ଲାଭ ପାଇବାକୁ ତତ୍ପରତା ହେତୁ ବିଶ୍ୱାସ କରାଯାଏ। ଫେମ୍-୨କୁ ବଦଳାଇବା ପାଇଁ ସରକାର ଇଲେକ୍ଟ୍ରିକ୍ ମୋବିଲିଟି ପ୍ରମୋସନ୍ ସ୍କିମ୍ ଏପ୍ରିଲରୁ ଚଳିତ ବର୍ଷ ଜୁଲାଇ ଶେଷ ପର୍ଯ୍ୟନ୍ତ ବୈଧ। ବାହାନ ୱେବ୍‌ସାଇଟରୁ ମିଳିଥିବା ତଥ୍ୟରେ କୁହାଯାଇଛି ଯେ ୨୦୨୩ ଏପ୍ରିଲରୁ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଭାରତ ୧,୬୬୫,୨୭୦ ଇଭି କ୍ରୟ କରିଥିଲା, ଦୈନିକ ହାରାହାରି ୪୫୬୨ ଇଭି ବିକ୍ରି ହୋଇଥିଲା ଯାହା ଗତ ବର୍ଷ ତୁଳନାରେ ଅଧିକ ଥିଲା। ପୂର୍ବବର୍ଷର ଦୈନିକ ଇଭି ବିକ୍ରି ୩୨୪୨ ୟୁନିଟ୍‌ଠାରୁ ଏହା ଏକ ମହତ୍ୱପୂର୍ଣ୍ଣ ଲମ୍ଫ। ଏହି ଅଭିବୃଦ୍ଧି ପେଟ୍ରୋଲ, ଡିଜେଲ ଏବଂ ସିଏନ୍‌ଜିର ଉଚ୍ଚ ମୂଲ୍ୟ ଯୋଗୁ ଇଭି ପ୍ରତି ବଢୁଥିବା ଗ୍ରାହକଙ୍କୁ ଆଗ୍ରହକୁ ପ୍ରତିଫଳିତ କରୁଛି।

ଟାଟା ମୋଟର୍ସ ପଛକୁ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏବଂ ବିୱାଇଡି ଇଭି ବିକ୍ର କ୍ଷେତ୍ରରେ ଘରୋଇ ବଜାରରେ ଆଗରେ ରହିଛନ୍ତି। ୨୦୨୩ରେ ଦେଶର ଇଭି ବଜାରରେ ଟାଟା ମୋର୍ଟସର ବଜାର ଅଂଶ ୭୩ ପ୍ରତିଶତ ରହିଥିଲା। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଗତ ବର୍ଷ ଇଭି ବିକ୍ରି କ୍ଷେତ୍ରରେ ଅଭିବୃଦ୍ଧି ପ୍ରାୟ ୨୫୦୦ ପ୍ରତିଶତ ରେକର୍ଡ ହୋଇଛି।



୨୦୨୪ରେ ବିକ୍ରି ୬୬% ବୃଦ୍ଧି ପାଇବ

## ଗ୍ୟାଜେଟ୍ ରିଭ୍ୟୁ

# ମୋଟୋରୋଲା ଏଜ୍ ୫୦ ପ୍ରୋ

ଓ ଜି ସ୍ମାର୍ଟଫୋନ୍ ବ୍ରାଣ୍ଡ ମୋଟୋରୋଲା ଏହାର ନୂଆ ପ୍ରିମିୟମ୍ ସ୍ମାର୍ଟଫୋନ୍ – ମୋଟୋରୋଲା ଏଜ୍ ୫୦ ପ୍ରୋ ପାଇଁ ଭାରତରେ ବିକ୍ରି ଶୁଭାରମ୍ଭ କରିଛି। ଏହି ସ୍ମାର୍ଟଫୋନ୍ ଇଣ୍ଟେଲିଜେନ୍ସ ମିଟିଂ ଆର୍ଟର ଏକ ଉତ୍କୃଷ୍ଟ ଅଂଶ ଏବଂ ପ୍ରିମିୟମ୍ ସ୍ମାର୍ଟଫୋନ୍ ସେଗମେଣ୍ଟରେ ଏକ ପରିବର୍ତ୍ତନ ସୃଷ୍ଟି କରିବାକୁ ଯାଉଛି। ଏହି ସ୍ମାର୍ଟଫୋନରେ ବିଶ୍ୱର ପ୍ରଥମ ଏବଂ ଏକମାତ୍ର ଏଆଇ ଚାଳିତ ପ୍ରୋ-ଗ୍ରେଡ୍ କ୍ୟାମେରା ରହିଛି, ଯେଉଁଥିରେ ପ୍ରକୃତ ରଙ୍ଗ ଏବଂ ବିଶାଳ ହ୍ୟୁମାନ୍ ସ୍କିନ ଟୋନ୍ ରହିଛି ଏବଂ ଏକ ସ୍ମାର୍ଟଫୋନରେ ବିଶ୍ୱର ପ୍ରଥମ ଏବଂ ଏକମାତ୍ର ଟ୍ରୁ କଲର ଡିସପ୍ଲେ ମଧ୍ୟ ରହିଛି, ଯାହାକୁ ପାଣ୍ଟୋନ ମାନ୍ୟତା ଦେଇଛନ୍ତି। ମୋଟୋରୋଲା ଏଜ୍ ୫୦ ପ୍ରୋ କୁ ପୁନଶ୍ଚ ଏକ ସୁନ୍ଦର ଭାବରେ ନିର୍ମିତ ସମନ୍ୱିତ ଡିଜାଇନ୍ ଏବଂ ଇଟାଲୀରେ ହାତ ତିଆରି ହୋଇଥିବା ମୁନ୍ ଲାଇଟ୍ ପର୍ଲ ଫିନିସ୍ ରେ ବିଶ୍ୱର ପ୍ରଥମ ହ୍ୟାଣ୍ଡମେଡ୍ ଡିଜାଇନରେ ଆସିଛି। ଏହାବ୍ୟତୀତ ଏଥିରେ ଶକ୍ତିଶାଳୀ ସ୍ନାପଡ୍ରାଗନ ୭ ଜେନ୍ ୩ ପ୍ରୋସେସର ରହିଛି, ଯେଉଁଥିରେ ଜେନେରେଟିଭ୍ ଏଆଇ ଫିଚର୍ସ ଏବଂ ଅନ୍ୟାନ୍ୟ ଫିଚର୍ସ ଉପଲବ୍ଧ। ମୋଟୋରୋଲା ଏଜ୍ ୫୦ ପ୍ରୋ ର ମୂଲ୍ୟ ମାତ୍ର ୨୭,୯୯୯ ଟଙ୍କାରୁ ଆରମ୍ଭ। ମୋଟୋରୋଲା ଏଜ୍ ୫୦ ପ୍ରୋ ରେ ମଧ୍ୟ ବିଶ୍ୱର ପ୍ରଥମ ୧.୫କେ ଟ୍ରୁ କଲର୍ ପ୍ୟାଂଟୋନ୍ ୧୪୪ ହର୍ଜ ରିଫ୍ରେସ୍ ରେଟ୍, ୧୦ ବିଟ୍ ଏଚଡିଆର ୧୦+, ଏବଂ ୨୦୦୦ ନିଟ୍ ବିଶିଷ୍ଟ ୩ଡି କର୍ଭଡ ଡିସପ୍ଲେ ଫୋନ୍ ରହିଛି।



# ପ୍ରଶ୍ନବାଚକ



କେ. ଶ୍ୟାମବାବୁ ଦୋରା

ଶୋଯରେ ଶୋଇବା ପରି ପଡ଼ି ରହିଥିଲି। ନିଦ ନଥିଲା ଆଖିରେ। କୁଆଡ଼େ ଚାହିଁଥିଲି ଓ କ'ଣ ଭାବୁଥିଲି ନିଜେ ହିଁ ଜାଣି ନଥିଲି।

ସେ ଆସି ପାଖରେ ଠିଆ ହେଲା। ସେ କିଛି ପଚାରିବାକୁ ଅବା କହିବାକୁ ଚାହୁଁଥିବା ଅନୁମାନ କରି ହାତ ଠାରି କହିବା ପାଇଁ କହିଲି ତ ସେ ମୋ ଆଡ଼କୁ ଏକ ତିର୍ଯ୍ୟକ ଚାହାଣି ଫିଙ୍ଗି କହିଲା - ତମର ଏ ଉଦାସୀନତା ଅସହ୍ୟ। ଗୋଟେ ସ୍ତ୍ରୀର ବି କିଛି କ୍ଷୁଧା ଥାଇପାରେ। ମନର, ହୃଦୟର ଏପରିକି ଶରୀରର ବି ହୋଇପାରେ ସେ କ୍ଷୁଧା।

ତା' କଥାରେ ସମ୍ବିତ୍ ଫେରି ପାଇଲି। ତା' ଉଚ୍ଚାରିତ 'ଏପରିକି ଶରୀରର ବି' ଏ ତିନିଟି ଶବ୍ଦ ବାରମ୍ବାର ମୋ କାନରେ ଗୁଞ୍ଜରିତ ହେଉଥିଲା। ତା' ଆଡ଼କୁ ଚାହିଁଲି ତ ସେଠି ଦୀପ ନୁହେଁ, ବରଂ ଲେଲୀହାନ ଅଗ୍ନି ଶିଖାଟିଏ ଜଳୁ ଥିବାର ଦେଖିଲି।

ମୋ ନିଜର ବୋଲି କ'ଣ କିଛି କାମନା ବାସନା ନଥିଲା? କିନ୍ତୁ ଅନୁଭବ କଲି ସତେକି ତା' କ୍ଷୁଧାର ନିଆଁ ସର୍ବଗ୍ରାସୀ, ଚାହୁଁଚାହୁଁ ଯେମିତି ଭସ୍ମୀଭୂତ କରିଦେବ, ଖାଲି ମୋ ଅହମିକା କି ଅସ୍ତିତ୍ୱକୁ ନୁହେଁ, ବରଂ ଏ ଘରଦ୍ୱାର, ଗଛବୃଛ, ସଂସାର ଓ ତା'ର ସମସ୍ତ ସମ୍ଭାବନାକୁ।

ମୋତେ ଲାଗିଲା, ଏ ଅଭିଯୋଗ କି ଦାବି କେବଳ ମୋ ପ୍ରତି ନୁହେଁ, ବରଂ ଯୋଉଠି ଯୋଉଠି ମାନବିକ ଚେତନାର ଉତ୍ତରଣ ଘଟୁଥିବ, ସେଇଠି ପ୍ରକୃତି ଏମିତି ତାକୁ ନିମ୍ନଗାମୀ କରି ତା' ହିସାବର ଭାରସାମ୍ୟ ରଖିବା ପାଇଁ ପ୍ରୟାସ ଜାରି ରଖିଥିବ ନିଜ ଅପରିମେୟ ଶକ୍ତି ଓ ଆକର୍ଷଣ ଦ୍ୱାରା।

ଅତିମାନବର କଳ୍ପନା କରିଥିବା ଅଥବା ସଂଭାବନା ଦେଖିଥିବା ସେଇ ମହାଯୋଗୀଙ୍କ କଥା ମୋର ଏତେବେଳକୁ ମନେ ପଡ଼ିଲା, ଯିଏ ପ୍ରକୃତିର ଅଧୀନସ୍ଥ ନୁହେଁ, ବରଂ ପ୍ରକୃତିକୁ ଜୟ କରିବା କଥା କହିଥିଲେ।

ମୁଁ ତା' କଥାରେ କିଂଚିତ୍ ବିଚଳିତ ହେଲି ଓ କ୍ଷଣିକ ଲାଗି ଆଖି ବନ୍ଦକରି ଖୋଲିଲା ବେଳକୁ ମୁହଁ ନୁହଁ, ବରଂ ତା' ପାଦଦେଶରେ ଥିଲା ମୋର ଦୃଷ୍ଟି।

ଦେଖି ବିସ୍ମୟାଭୂତ ହେଲି - ସେ ପାଦ ହଳକ ଥିଲା ପୁରୁଷର!

ମୋ ଦୃଷ୍ଟି କ୍ରମଶଃ ଉର୍ଦ୍ଧ୍ୱାୟନ ହେଲା। ସନ୍ଦର୍ଶନ ପୂର୍ବକ ଅଭିଭୂତ ହେଲି ଯେ, ମୋ ଆଗରେ ଦଣ୍ଡାୟମାନ ଥିଲେ ଜଣେ ସୌମ୍ୟକାନ୍ତ ବ୍ରାହ୍ମଣ ବେଶରେ ସ୍ୱୟଂ ବୁଦ୍ଧ ! କାନ୍ଧରେ ପଇତା, ଦେହରେ ଗୈରିକ ପରିଧାନ ଥିଲା। ପରିପାଟୀରେ ବ୍ରାହ୍ମଣ ଅଥଚ ସେ ବୁଦ୍ଧଙ୍କ ଭଳି ମୋତେ ବୋଧ ହେଉଥିଲେ। ପ୍ରଶାନ୍ତ ମୁଖମଣ୍ଡଳ, ସେଇ ସଂତୃପ୍ତ ଚାହାଣି !

ମୁଁ ମୋ କୋହ ସମ୍ବରଣ କରି ପାରିଲି ନାହିଁ। ଆଖିରୁ ମୋର ଲୁହ ବହିଗଲା ଅବାରିତ । କିନ୍ତୁ ମୁଁ କିଛି କହିଲି ନାହିଁ, ଅର୍ଥାତ୍ କହି ପାରିଲି ନାହିଁ।

ସେ ବି ମୋ ଭଳି ନିରବ ଥିଲେ । ମୁଁ ମୋ ଆଖିରୁ ଲୁହ ପୋଛି ତାଙ୍କୁ ଆଲିଙ୍ଗନ କଲି। ସେତେବେଳେ ମୁଁ ଜାଣି ପାରିଲି ନାହିଁ ଆମ ଭିତରୁ ଭକ୍ତ କିଏ, ଭଗବାନ କିଏ ! ମୋତେ ସବୁକିଛି ଏକାକାର ଲାଗୁଥିଲା । ଯେମିତି ମୁଁ ଏକ ମୁହାଣ । ମୁଁ ନଦୀ, ମୁଁ ହିଁ ସମୁଦ୍ର । ବିସ୍ତୃତ ହେଇ ମୁଁ ଗ୍ରହଣ କରି ନେଉଛି କ୍ଷୁଦ୍ରତାକୁ। କ୍ଷୁଦ୍ର ହୋଇ ମୁଁ ଯେମିତି ବିଲୀନ ହେଇ ଯାଉଛି ବ୍ୟାପକତାରେ। ଯୁଗଯୁଗର ମାୟା, ମୋହ ଓ ବନ୍ଧନରୁ ମୁଁ ଯେମିତି ମୁକ୍ତ ହୋଇ ଯାଉଛି ଆସ୍ତେ ଆସ୍ତେ.. ।

ମୁକ୍ତି କଥା ମନକୁ ଆସିବା କ୍ଷଣି ମୋତେ ପକ୍ଷୀ ପକ୍ଷୀ ଲାଗିଲା । ଲାଗିଲା, ଯେମିତି ମୁଁ ନିଜେ ହିଁ ନିଜର ଆକାଶ !

ଠିକ୍ ଏତିକିବେଳେ ସେ ହଠାତ୍ ଏକରକମ ଚିତ୍କାର କରି ଉଠିଲା - ଆରେ, ଏ କ'ଣ କରୁଛ ତମେ ! ସ୍ଥାନ ଓ କାଳର ତମର କ'ଣ ସାମାନ୍ୟତମ ଜ୍ଞାନ ନାହିଁ?

ପରିବର୍ତ୍ତିତ ଦୃଶ୍ୟରେ ବୁଦ୍ଧଙ୍କ ବଦଳରେ ସେଠି ସେ ହିଁ ପରିଦୃଷ୍ଟ ଥିଲା ପୂର୍ବବତ୍। ମୁଁ ଆକାଶରୁ ଖସି ପୁଣି ଥରେ ମାଟିରେ ପଡ଼ିଲି। ମୁଁ ତାକୁ ମୋ ଗଭୀର ଆଶ୍ଳେଷ ତଥା ବାହୁବନ୍ଧନରୁ ମୁକ୍ତ କଲି ।

ମୋତେ ଧିକ୍କାର କରି କହିଲା - ପୃଥିବୀର ସବୁ ପୁରୁଷମାନେ ଏକା ଭଳି, କାମୁକ ନଚେତ୍ କାପୁରୁଷ ।

କାମୁକ ନା' କାପୁରୁଷ, ନିର୍ଦ୍ଦିଷ୍ଟଭାବେ ସେ ମୋତେ କ'ଣ କହିବାକୁ ଚାହୁଁଥିଲା ତାହା ଅବଶ୍ୟ ମୁଁ ଜାଣି ପାରିଲି ନାହିଁ । ମୋ ଭିତରେ କିଏ ଜଣେ ଶ୍ମଶ୍ରୁଧାରୀ ଯୁଗ ପ୍ରବର୍ତ୍ତକ ମୋତେ ବୁଝାଇବାକୁ ଚେଷ୍ଟା କରୁଥିଲେ – "ନା' ବୁଝିବାକୁ ପ୍ରୟାସ କରନା ନାରୀକୁ। ନାରୀ ସେଇ ରହସ୍ୟ, ଯାହାକୁ ଭେଦ କରିବା ଏକରକମ ଅସମ୍ଭବ।"

ନାରୀ ସର୍ଜନକାରିଣୀ। ନାରୀଠୁଁ ଜନ୍ମ ହୁଏ ପୁରୁଷ। କିନ୍ତୁ ପୁରୁଷ ବୁଝି ପାରେନା ନାରୀକୁ। ନାରୀ ଆକ୍ରମଣ କରେନା, ବରଂ ଆକ୍ରମଣର ସୁଯୋଗ ଦିଏ ପୁରୁଷକୁ। ଏଣୁ ନାରୀ ଥକେ ନାହିଁ, ପୁରୁଷ ଥକିଯାଏ। ନାରୀ ତୁଳନାରେ ପୁରୁଷ ଶାରୀରିକ ଭାବେ ନିଶ୍ଚିତ ଶକ୍ତିଶାଳୀ। କିନ୍ତୁ ପୁରୁଷ ନାରୀକୁ ଏତେ ଭୟକରେ ଯେ' ନାରୀକୁ ନାରୀ ହେବାର ସୁଯୋଗ ଦିଏ ନାହିଁ। ପୁରୁଷ ଦ୍ୱାରା ଯାବତୀୟ ଷଡ଼ଯନ୍ତ୍ରର ଶିକାର ହୋଇ ନାରୀ ପାଲଟିଯାଏ ପୁରୁଷ କର୍ତ୍ତୃତ୍ୱ ଗୋଟେ କଣ୍ଢେଇ। ଅବଶ୍ୟ ନାରୀଟିଏ ଏତେ କଥା ହୁଏତ ଜାଣେ ନାହିଁ।

ନାରୀଟିଏ ଏଯାବତ୍ କାହିଁକି ପୁରାଣଟିଏ ରଚନା କରିପାରି ନାହିଁ ? ଶାସ୍ତ୍ର ଓ ସମ୍ବିଧାନ ଲେଖିପାରି ନାହିଁ? ତାଜମହଲ, କୋଣାର୍କ କି ଖଜୁରାହୋର କଳ୍ପନା କରିପାରି ନାହିଁ ? ନାରୀଟିଏ ଏସବୁ ପ୍ରଶ୍ନ କ'ଣ କେବେ କରିଥାଇପାରେ ନିଜକୁ? କାହିଁକି ପଚାରେ ନାହିଁ ?

ମୁଁ ସେ ନାରୀ ରୂପକ ନିରୀହ କଣ୍ଢେଇଟିକୁ ଚାହିଁଲି, ଯାହାକୁ ମୁଁ ତିଆରି କରିଛି...ମୁଁ। ଏବଂ ଏହା ଏଭଳି ଏକ କୀର୍ତ୍ତି, ଯାହାକୁ ମୁଁ ଗର୍ବର ସହ ବଖାଣି ପାରିବି ନାହିଁ। ଅପରାଧ ମୋର ହିଁ ଥିଲା। ସମଗ୍ର ପୁରୁଷ ଜାତିର ପ୍ରତିନିଧିଭାବେ ମୁଁ ମୋ ଅପରାଧକୁ ସ୍ୱୀକାର କଲି। ନାରୀର ନାରୀ ହେବା ମୁଁ କେବେ ବି ଚାହିଁ ନଥିଲି। ନାରୀକୁ ନର୍କର ଦ୍ୱାର କି' ନିଜକୁ ବୁଦ୍ଧପୁରୁଷ ଅଥବା ପୁରୁଷୋତ୍ତମ ଦେଖିବା ପୂର୍ବରୁ ନାରୀକୁ ନାରୀ ହେବା ପାଇଁ ମୋତେ ପ୍ରଥମେ ସୁଯୋଗ ଦେବାକୁ ହେବ। ସମ୍ଭବ?

ନାରୀ ଜନ୍ମ ହେଇଛି ଏବଂ ଜନ୍ମ ପରେ ପୁନଃନିର୍ମିତ ହେଇଛି। ଯାହା ନିର୍ମାଣ ହେଇଛି ବସ୍ତୁତଃ ଯିଏ ପୁରୁଷ ଠୁଁ ନିଜକୁ ଭିନ୍ନ ମନେ କରୁଛି, ପୁରୁଷକୁ ଭାବୁଛି ନିଜର ପ୍ରତିଦ୍ୱନ୍ଦ୍ୱୀ ସେ ସତ୍ତାଟି ନାରୀ ନୁହେଁ।

ଯିଏ ନିଜେ ନାରୀ ନୁହେଁ, ତେବେ ସେ ନାରୀଠୁଁ ଜନ୍ମ ହେଇଥିବା ମୁଁ କିଏ ?? ■

ଶୋଭା କିଡ୍ସ ଆଣ୍ଡ କସ୍‌ମେଟିକ୍ସ
ଜନାନା ହସ୍‌ପିଟାଲ ରୋଡ୍
ବ୍ରହ୍ମପୁର - ୭୬୦୦୦୧
ମୋ : ୭୦୦୮ ୯୨୩୨୯୬

## ଏ ସପ୍ତାହର କବିତା

### ଜହ୍ନିକା



ପ୍ରଦୀପ କୁମାର ପଣ୍ଡା

ଜହ୍ନ ଗୋଠଖଣ୍ଡିଆ, ଏକା ଏକା।
ଏମିତି ନୁହେଁ ଯେ ଜହ୍ନର ସାଥୀ ସହଚର ନାହାନ୍ତି
ପରିବାର ନାହିଁ,
ଏକା ଏକା ତାକୁ ଭଲ ଲାଗେ, ଯେମିତି କବିତା।

ଜହ୍ନ ଶୀତଳ, ନଥିବ କି ନିଆଁ ତା'ର ଗର୍ଭରେ !

ପ୍ରଚ୍ଛଦ ଚାହେଁନା ଜହ୍ନ
ଅଥଚ ପ୍ରଚ୍ଛଦପଟ ତାକୁ ଛାଡ଼େନା
କେତେବେଳେ ସତାରା, କେତେବେଳେ ଅନୀଳ ଆକାଶ
ତାର କୋଳ।

ଗୋଲ ଜହ୍ନ ଅପୂର୍ବ ସୁନ୍ଦରୀ,
ମତେ କିନ୍ତୁ ଭଲ ଲାଗେନା
ଭଲ ଲାଗେ ତା'ର ଶିଶିରୀ ଜହ୍ନିକା
ଏକା ଏକା।

ଖଣ୍ଡିଆ ଜହ୍ନ ଆହୁରି ସୁନ୍ଦରୀ
ମଥାରେ, କେଶରେ ଯେବେ ନାଇଥାଏ
ତା'ର ବେଣୀ, କିଛି ତାରା।

ଜହ୍ନାଂଶ ମତେ ଗଣନା କରେ
ପଚାରେ ମୋର ବୟସ,
ମୁଁ କହେ ଏକୋଇଶ
ଜହ୍ନ ହସେ ମୁଁ ଅସ୍ତ ଗଲାବେଳେ।

ଜହ୍ନର ପ୍ରଚ୍ଛଦରେ ଆକାଶ ଥାଉ
ତା ତଳକୁ ଖଣ୍ଡିଆ ଏକ ବାଦଲ
ରାତ୍ରି ହେଉ, ଶିଶିର ବୁଣା ଚାଦର
ଜହ୍ନ ମାଖିବାକୁ ମୋର ବୟସ ନାହିଁ।

ଜହ୍ନ ନଥିବା ଆକାଶରେ ବି ମୁଁ ପୋଏଁ ଜହ୍ନିକା
ଯେତେବେଳେ ମୁଁ କବିତା ଲେଖୁଥାଏ। ■

ବୃନ୍ଦାବନ ବିହାର, ସରଲା
ପୋ. ଧନକଉଡ଼ା
ସମ୍ବଲପୁର-୭୬୮୦୦୬
ମୋ: ୯୪୩୭୧୪୮ ୭୦୯





### ଭୁଜଙ୍ଗର ଆଖି



ସୂର୍ଯ୍ୟସ୍ନାତ ତ୍ରିପାଠୀ

ନିଜ ସହ ନିଜର ହିଁ ପ୍ରତିସ୍ପର୍ଦ୍ଧା ମୋର
ନିଜଠୁ ମୁଁ ପରାଜିତ ନିଜେ ପ୍ରତିଥର

ତା' ହାତରୁ ଖସିପଡ଼ି ଭାଙ୍ଗିଯିବି ଦିନେ
କାଚ ଭଳି କଠିନ ମୁଁ, ଅଥଚ ଭଙ୍ଗୁର

ସୁଡ଼ଙ୍ଗ ଶେଷରେ ଯାହା ଦୀପ ଭଳି ଦିଶେ
ହେଇପାରେ, ଛଳଛଳ ଆଖି ଭୁଜଙ୍ଗର

ତା' ଓଠରେ ହସ ଦେଖି ହସିଦିଏ ସିନା
ମନ ମୋର ଜଳି ପୋଡ଼ି ପାଲଟେ ଅଙ୍ଗାର

କଣ୍ଟା ଭଳି ଫୁଟିନାହିଁ ମୋ ପାଦରେ କେବେ
ହାତକୁ ଚିରିଛି ନୀଳ ପାଖୁଡ଼ାରେ ତା'ର

ଯୋଗୀ ଭଳି ସୁଅରୁ ମୁଁ ଛାଣିଆଣେ ତାକୁ
ବିଛା ଭଳି ମତେ ସିଏ ଦଂଶେ ବାରମ୍ବାର ■

ସିଦ୍ଧେଶ୍ୱରପୁର, କଟକ

# "ନିନ୍ଦା ଓ ପ୍ରଶଂସା ମତେ ଲେଖିବାକୁ ପ୍ରେରିତ କରେ'

-ସହଦେବ ସାହୁ





## ମୁଁ କାହିଁକି ଲେଖେ

ସ୍କୁଲ ଓ କଲେଜରେ ପଢୁଥିବା ବେଳେ ମୁଁ କେତେବେଳେ କେମିତି ଲେଖୁଥିଲି। କେତୋଟି ଗପ, କବିତା ହଷ୍ଟେଲ ଓ କଲେଜ ମାଗାଜିନ୍, ଆଞ୍ଚଳିକ ପତ୍ରିକାରେ ପ୍ରକାଶିତ ହୋଇଥିଲା। ସେତେବେଳେ ମୁଦ୍ରିତ ଅକ୍ଷରରେ ନାମ ଦେଖି ଖୁସି ହେବା ସମ୍ଭବତଃ ଉଦ୍ଦେଶ୍ୟ ଥିଲା। ପରେ ମୁଁ ଆନ୍ତରିକତା ସହିତ ଲେଖିଲି, ଲେଖିବା କାର୍ଯ୍ୟ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ମନେ ହେଲା ଏବଂ ନିୟମିତ ଲେଖା ଚାଲୁ ରଖିଲି, ମତେ କେହି 'ମୁଁ କାହିଁକି ଲେଖେ' ବୋଲି ପ୍ରଶ୍ନ କଲେ ବା ମୁଁ ନିଜକୁ ନିଜେ ଏହି ପ୍ରଶ୍ନ କଲେ, ମୁଁ ଭାବେ ମୋର କିଛି କହିବାକୁ ଅଛି, ମୋର ବକ୍ତବ୍ୟ ଅନ୍ୟମାନେ ଜାଣନ୍ତୁ, ମୁଁ ଜଣେଇବାକୁ ଚାହେଁ, ପାଠକଙ୍କୁ ଉତ୍ସୁକାଏ। ସେଥିପାଇଁ ମୁଁ ଲେଖୁଛି।

ମୁଁ ଏକ ଦାରିଦ୍ର୍ୟ ପରିବେଶରେ ବଢ଼ିଛି। ମୋର ଜନ୍ମ ୧୯୫୯ ମହିହାରେ, ଅର୍ଥାତ୍ ସ୍ୱାଧୀନତାପ୍ରାପ୍ତିର ବାର ବର୍ଷ ପରେ। ମୋର ଯେଉଁ ଶିକ୍ଷକମାନେ ଥିଲେ, ସେମାନେ ସ୍ୱାଧୀନତା ପୂର୍ବରୁ ଜନ୍ମିଥିଲେ, ପ୍ରତ୍ୟକ୍ଷ ବା ପରୋକ୍ଷରେ ସ୍ୱାଧୀନତା ସଂଗ୍ରାମ ସଂସ୍ପର୍ଶରେ ଆସିଥିଲେ , ସ୍ୱାଧୀନତା ସଂଗ୍ରାମୀଙ୍କର ଆଦର୍ଶରେ ପ୍ରଭାବିତ ହୋଇଥିଲେ। ସେହି ଶିକ୍ଷକମାନଙ୍କର କିଛିଟା ଆଦର୍ଶ ଥିଲା, ଯାହାର ପ୍ରଭାବ ମୋ ପରି କିଛି ଛାତ୍ରଙ୍କ ଉପରେ ପଡୁଥିଲା।

ସମାଜବାଦରେ ବିଶ୍ୱାସ କରୁଥିବା ଜଣେ ଶିକ୍ଷକଙ୍କ ଦ୍ୱାରା ପ୍ରଭାବିତ ହୋଇ, ମୁଁ ସ୍କୁଲରେ ପଢୁଥିଲା ବେଳେ ମଧ୍ୟ, ଏକ ବାମପନ୍ଥୀ ଦଳ ପାଇଁ କାମ କରୁଥିଲି। ୧୯୭୪ ମସିହାରେ ବିଧାନସଭା ପାଇଁ ଅନୁଷ୍ଠିତ ନିର୍ବାଚନରେ ଗାଆଁ ଗାଆଁ ବୁଲି ପ୍ରଚାର କରୁଥିଲି। ସାଧାରଣ ଲୋକଙ୍କ ସହ ମିଶୁଥିଲି। ଅନ୍ୟାୟ, ସାମାଜିକ ଅସମାନତା ପ୍ରତ୍ୟକ୍ଷ କରିଥିଲି। ମୁଁ ସେମାନଙ୍କ ଭିତରୁ ଜଣେ ମନେ କରୁଥିଲି। ମନରେ ଏକ ବିଦ୍ରୋହ ଭାବ ରହୁଥିଲା,ସେହି ବିଦ୍ରୋହ ଭାବ, ଅନ୍ୟାୟ ଅସଂଗତି ଗ୍ରହଣ ନ କରିପାରିବା ପ୍ରବୃତ୍ତି ମୋର ରହିଆସିଛି ଏବଂ ମୁଁ ଭାବେ, ତାହା ମୋ ଲେଖାରେ ପ୍ରକଟିତ ହୁଏ।

ମୁଁ ଯୋଉ ଆର୍ଥିକ ଓ ସାମାଜିକ ପୃଷ୍ଠଭୂମିରୁ ଆସିଛି, ଚାକିରି କରିବା ବ୍ୟତୀତ ଅନ୍ୟ କିଛି କରିବାକୁ ଚିନ୍ତା କରି ନଥିଲି। ଏବେ ଅବାନ୍ତର, ପିଲାଳିଆମି ମନେ ହୋଇପାରେ,ସେତେବେଳେ ମୋର ଗୋଟିଏ ସ୍ୱପ୍ନ ଥିଲା, ମୋ ଲେଖା ମାଧ୍ୟମରେ ଜନମତ ପ୍ରଭାବିତ କରିପାରିବି, ସାମାଜିକ ପରିବର୍ତ୍ତନ ଆଣିପାରିବି। ମୁଁ ଚାକିରି କରିବି ଏବଂ ତାହା ସହିତ ଗଳ୍ପ, ଉପନ୍ୟାସ ନୁହେଁ, ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରବନ୍ଧ ଲେଖିବି।

ସରକାରୀ ଚାକିରିରେ ଯୋଗଦେଲା ପରେ ଜାଣିଲି, ସରକାରଙ୍କର ନୀତିନିୟମକୁ ସମାଲୋଚନା କରି ଜଣେ ସରକାରୀ କର୍ମଚାରୀ ଲେଖିପାରିବ ନାହିଁ। ଜଣେ ବରିଷ୍ଠ ଅଭିଜ୍ଞ ଅଫିସର୍ କହିଲେ,ସରକାରଙ୍କ ନୀତିନିୟମକୁ ସଚେତନ ଭାବେ ସମାଲୋଚନା ନ କଲେ ମଧ୍ୟ ପ୍ରବନ୍ଧରେ ଆପେ ଆପେ ସାମାଜିକ ବିରୁଦ୍ଧ କଥା ଆସିଯିବ, ଏବେ ଆପଣଙ୍କ ଉପରିସ୍ଥ ହାକିମ ରୋଷରଖି ଆପଣଙ୍କୁ ହରାଇଣରେ ପକେଇବ। ହତାଶ ଲାଗିଲା। ମୋ ଚାକିରି ମତେ ଭଲ ଲାଗୁ ନଥିଲା। କର୍ମକ୍ଷେତ୍ରରେ ମୁଁ ଆତ୍ମସନ୍ତୋଷ ପାଉ ନ ଥିଲି ବରଂ ମନ ଭିତରେ ଅସନ୍ତୋଷ ରହୁଥିଲା। ଦିନେ ମୋ ସ୍ତ୍ରୀ ଓ ପିଲାମାନେ ନ ଥିଲେ। ମୁଁ ଏକାଥିଲି। ସେଦିନ ଗପଟିଏ ଲେଖିଲି। ଗପଟି ପାଠକୀୟ ଆଦୃତି ପାଇଲା, ଅନେକ ଚିଠି ପାଇଥିଲି। ଲେଖା ଚାଲୁ ରଖିଲି। ମୋର କିଛି ଲେଖା ଉପରେ ପାଠକୀୟ ପ୍ରଶଂସା ପାଇଛି, କିନ୍ତୁ ମୁଁ ଯୋଉ ସଂଗଠନ ପାଇଁ କାମ କରୁଥିଲି, ସେହି ସଂଗଠନର ଅଧିକାରୀ ଓ କର୍ମଚାରୀଙ୍କଠାରୁ ନିନ୍ଦା ପାଇଛି। ଉଭୟ ନିନ୍ଦା ଓ ପ୍ରଶଂସା ମତେ ଲେଖିବାକୁ ପ୍ରେରିତ କରେ। ■

କେ-୮/୫୪୩, କଳିଙ୍ଗ ନଗର, ଭୁବନେଶ୍ୱର
ମୋ: ୯୪୩୭୫୭୮ ୭୩୩

## ପୁସ୍ତକ ପରିଚୟ

### କର୍ମଯୋଗୀ ବିପିନ ବିହାରୀ

ସୁଭାଷ ଚନ୍ଦ୍ର ଶତପଥୀ

କର୍ମ ହିଁ ମଣିଷକୁ ମହାନ୍ କରିଥାଏ। ନିଷ୍ପାପର ଓ ଉତ୍ସର୍ଗୀକୃତ କାର୍ଯ୍ୟ ଯୋଗୁଁ ଜଣେ ସମାଜରେ ନିଜ ପାଇଁ ସୃଷ୍ଟି କରିପାରେ ଏକ ସ୍ୱତନ୍ତ୍ର ପରିଚୟ। ସେଭଳି ଜଣେ କର୍ମଯୋଗୀ ବ୍ୟକ୍ତି ଥିଲେ ବିଶିଷ୍ଟ ଆଇନଜୀବୀ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ବିପିନ ବିହାରୀ ରଥ। ସ୍ୱର୍ଗତ ରଥଙ୍କ ଜୀବନ, ବ୍ୟକ୍ତିତ୍ୱ ଓ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନକୁ ନେଇ ରଚିତ ହୋଇଛି ସୁଭାଷ ଚନ୍ଦ୍ର ଶତପଥୀଙ୍କ 'କର୍ମଯୋଗୀ ବିପିନ ବିହାରୀ' ପୁସ୍ତକ। ଜନ୍ମ, ଶିକ୍ଷା,କର୍ମମୟ ଜୀବନଠାରୁ ଆରମ୍ଭ କରି ପରଲୋକଗମନ ପର୍ଯ୍ୟନ୍ତ ଜୀବନର ବହୁ ସ୍ମରଣୀୟ ଘଟଣା ବର୍ଣ୍ଣନା କରାଯାଇଛି ଏହି ଜୀବନୀ ପୁସ୍ତକରେ। ଜାତିର ପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ସଂସ୍ପର୍ଶରେ ଆସିବାର ଅପୂର୍ବ ସୁଯୋଗ ସେ ଲାଭ କରିଥିଲେ। ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବାନର ସେନା ତାଲିମ ନେଇଥିଲେ। ନାବାଳକ ଥିବାବେଳେ ବିପିନ ବାବୁ କେତେ ଥର କାରାବରଣ ମଧ୍ୟ କରିଥିଲେ। ଛାତ୍ର ରାଜନୀତିଠାରୁ ଆରମ୍ଭ କରି ସେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ନେତୃତ୍ୱ ନେଇ ନିଜକୁ ଜଣେ ଦକ୍ଷ ସଂଗଠକ ଭାବେ ପ୍ରତିପାଦନ କରିପାରିଥିଲେ। ରାଜନୀତି ସହିତ ମଧ୍ୟ ସେ ଜଡ଼ିତ ଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟ ଭାବରେ ଦୁଇ ଥର ମନୋନୀତ ହୋଇ ଆନ୍ତରିକତା ସହିତ ମହାପ୍ରଭୁଙ୍କ ସେବା କରିଥିଲେ। ଜୀବନରେ ବହୁ ସଂଘର୍ଷ ଦେଇ ଗତି କରିଥିଲେ ସୁଦ୍ଧା ସେ ନିଜ ବ୍ୟକ୍ତିତ୍ୱକୁ କଳୁଷିତ ହେବାକୁ ଦେଇ ନଥିଲେ। ବରଂ ସର୍ବଦା ନିଜର ନିର୍ମଳ ଭାବମୂର୍ତ୍ତିକୁ ଅକ୍ଷୁଣ୍ଣ ରଖିଥିଲେ। ଜଣେ ସାହିତ୍ୟ, ସଂସ୍କୃତି ପ୍ରେମୀ ଭାବେ ସେ ଅନ୍ୟମାନଙ୍କ ଶ୍ରଦ୍ଧା ଓ ସମ୍ମାନ ଲାଭ କରୁଥିଲେ। ବିପିନ ବିହାରୀ ରଥଙ୍କ ଜୀବନର ବିଭିନ୍ନ ଦିଗ ସଂପର୍କରେ ଲେଖକ ଏହି ପୁସ୍ତକରେ ଅତି ମାର୍ମିକ ଭାବେ ଆଲୋକପାତ କରିଛନ୍ତି। ଓଡ଼ିଆ ଜୀବନୀ ସାହିତ୍ୟକୁ 'କର୍ମଯୋଗୀ ବିପିନ ବିହାରୀ' ପୁସ୍ତକଟି ଋଦ୍ଧିମନ୍ତ କରିବ ବୋଲି ଆଶା କରାଯାଏ। ■




ଭାରତ ଭାରତୀ
ଗଜପତି ନଗର, ସୂତାହାଟ
କଟକ-୧
ପ୍ରଥମ ପ୍ରକାଶ: ୨୯ ନଭେମ୍ବର ୨୦୨୩
ମୂଲ୍ୟ: ୧୫୦ ଟଙ୍କା

### ଅନୁଭୂତିରେ ସନ୍ଥ ମହିମା

ଡକ୍ଟର ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର

ଚାରିଜଣ ସନ୍ଥଙ୍କ ଜୀବନକୁ ନେଇ ରଚିତ ଡକ୍ଟର ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ 'ଅନୁଭୂତିରେ ସନ୍ଥ ମହିମା' ପୁସ୍ତକ ପ୍ରକାଶ ପାଇଛି। ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆ, କର୍ମଯୋଗୀ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସିଦ୍ଧ ସାଧକ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଓ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୀବନ, ବ୍ୟକ୍ତିତ୍ୱ, ସାଧନା ସଂପର୍କରେ ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି। ଲେଖକଙ୍କ ଜୀବନରେ ଆସିଥିବା ଆଧ୍ୟାତ୍ମିକ ମହାପୁରୁଷମାନଙ୍କର ଅଙ୍ଗେନିଭା ଅନୁଭୂତିକୁ ନେଇ ଏହି ପୁସ୍ତକ ରଚନା କରାଯାଇଛି। ଗୀତା, ଭାଗବତ୍, ଉପନିଷଦ୍, ରାମାୟଣ, ମହାଭାରତ ପ୍ରଭୃତି ଧର୍ମଶାସ୍ତ୍ର ଗଭୀର ଭାବେ ଅଧ୍ୟୟନ କରିଥିବା ଜଣେ ପ୍ରଥିତଯଶା ବିଦ୍ୱାନ୍ ହେଉଛନ୍ତି ବାବା ବଳିଆ। ସାଧକ ବାବା ବଳିଆଙ୍କ ନିବିଡ଼ ସଂସ୍ପର୍ଶରେ ଆସିଥିବାରୁ ଲେଖକ ବାବାଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଓ କୃତିତ୍ୱକୁ ଯଥାର୍ଥ ଭାବେ ଲେଖିବାରେ ସମର୍ଥ ହୋଇଛନ୍ତି। ସେହିପରି ଆଉ ଜଣେ ଜ୍ଞାନୀ, ସିଦ୍ଧ ସାଧକ ହେଉଛନ୍ତି ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ। 'ସତ୍ୟସେବା ମଣ୍ଡଳ' ମାଧ୍ୟମରେ ସେ ଏକଦା ଓଡ଼ିଶାର କୋଣଅନୁକୋଣରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ପୁସ୍ତକରେ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ସାଧନା ଓ ସାରସ୍ୱତ ସର୍ଜନା ସଂପର୍କରେ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି। ସେହିପରି କର୍ମଯୋଗୀ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଓ ଦିବ୍ୟ ଜୀବନ ସଂଘର ପ୍ରାକ୍ତନ ସଭାପତି ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୀବନ, ସାଧନା ଓ ସମାଜ ନିର୍ମାଣରେ ସେମାନଙ୍କ ଅଗ୍ରଣୀ ଭୂମିକା ସଂପର୍କରେ ଏହି ପୁସ୍ତକରେ ଲିପିବଦ୍ଧ କରାଯାଇଛି। ସଦ୍‌ଗୁରୁ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କୁ ଲେଖକ ଯେପରି ଜାଣିଛନ୍ତି, ଠିକ୍ ସେହିଭଳି ବର୍ଣ୍ଣନା କରିଛନ୍ତି। ସେହିପରି ଓଡ଼ିଶାରେ ଆର୍ଯ୍ୟ ସମାଜ ଆନ୍ଦୋଳନର ମୁଖ୍ୟ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ସେବା, ସାଧନା, ଆଦର୍ଶ ଓ ସଂସ୍କାର ସଂପର୍କରେ ଆଲୋକପାତ କରାଯାଇଛି। ଅତି ସରଳ ଭାଷା, ନିରାଡ଼ମ୍ବର ଉପସ୍ଥାପନା ଶୈଳୀରେ ଚାରିଜଣ ସନ୍ଥଙ୍କ ସଂପର୍କରେ ବର୍ଣ୍ଣନା ଲେଖକ କରିଛନ୍ତି। ଏହି ସନ୍ଥମାନଙ୍କ ସଂପର୍କ ଜାଣିବା ପାଇଁ ଏହି ପୁସ୍ତକଟି ଖୁବ୍ ଉପାଦେୟ ହେବ ବୋଲି ଆଶା କରାଯାଏ। ■




ଶିଶୁ ଅନନ୍ତ ଆଶ୍ରମ
ଅରିଲୋ,ଜଗତସିଂହପୁର
ପିନ୍: ୭୫୪୧୬୨
ପ୍ରଥମ ପ୍ରକାଶ: ୬ ଜାନୁଆରୀ ୨୦୨୪
ମୂଲ୍ୟ: ୧୫୦ ଟଙ୍କା

ହକି ଟେଷ୍ଟ ସିରିଜ୍

## ପରାଜୟରୁ ଭାରତର ଅଭିଯାନ ଆରମ୍ଭ

# ଅଷ୍ଟ୍ରେଲିଆ ୫-୧ ଗୋଲରେ ବିଜୟୀ

ପର୍ଥ,୬ ।୪(ଏଜେନ୍ସି)



ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ପୁରୁଷ ହକି ଦଳ ଆରମ୍ଭରୁ ନିରାଶ କରିଛି। ସ୍ଥାନୀୟ ପର୍ଥ ହକି ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ଭାରତ ମାମୁଲି ପ୍ରଦର୍ଶନ କରି ୧-୫ ଗୋଲରେ ଘରୋଇ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ଅଭିଯାନ ଆରମ୍ଭ କରିଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି। ଅଷ୍ଟ୍ରେଲିଆ ମାଟିରେ ଭାରତର ରେକର୍ଡ ସେତେଟା ଉତ୍ସାହଜନକ ରହିନାହିଁ। ଖାସ୍ କରି ୨୦୧୩ ପରଠାରୁ ଭାରତ କେବେବି ଅଷ୍ଟ୍ରେଲିଆକୁ ସିରିଜରେ ହରାଇ ପାରିନାହିଁ। ରବିବାର ଏଠାରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ ଓ ଭାରତ ପ୍ରତ୍ୟାବର୍ତ୍ତନ କରି ସିରିଜକୁ ବରାବର ସ୍ଥିତିକୁ ଆଣିବାକୁ ପ୍ରୟାସ କରିବ।

### ଟମ୍ ୱିକ୍‌ହାମ୍‌ଙ୍କ ଡବଲ ଗୋଲ

ଏହି ଏକପାଖିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପ୍ରତ୍ୟେକ କ୍ୱାର୍ଟରରେ ଅତିକମ୍‌ରେ ଗୋଟିଏ ଗୋଲ ଦେବାକୁ ସକ୍ଷମ ହୋଇଥିଲା। ତୃତୀୟ କ୍ୱାର୍ଟରରେ ଅଷ୍ଟ୍ରେଲିଆ ମାତ୍ର ୨ ମିନିଟ୍‌ରେ ଦୁଇଟି ଗୋଲ ଦେଇ ଭାରତକୁ ନିରାଶ କରିଥିଲା। ଟମ୍ ୱିକ୍‌ହାମ ଏହି ଦୁଇଟି ଗୋଲ ଦେଇ ଭାରତକୁ ବ୍ୟାକଫୁଟକୁ ନେଇଥିଲେ। ଭାରତ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଏକମାତ୍ର ଗୋଲ ଦେଇଥିଲା। ଜୁରଜାନ୍ତ ସିଂ ଏହି ସାନ୍ତ୍ୱନାମୂଳକ ଗୋଲ ଦେଇଥିଲେ। ଅରାନ ଜାଲେୱିସ୍କିଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ହରମନପ୍ରୀତଙ୍କ ଭାରତୟ ଦଳ ଉପରେ ପ୍ରଭାବ ବିସ୍ତାର କରି ଖେଳିଥିଲା। ଆରମ୍ଭରୁ ଘରୋଇ ଦଳ ଆକ୍ରମଣାତ୍ମକ ତଥା କଳାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଭାରତୀୟ ରକ୍ଷଣଭାଗର ଦୁର୍ବଳତା ଏହି ମ୍ୟାଚ୍‌ରେ ସ୍ପଷ୍ଟ ବାରି ହୋଇଥିଲା ଓ ଅଷ୍ଟ୍ରେଲିଆ ଖେଳାଳି ଏହାର ଫାଇଦା ଉଠାଇଥିଲେ। ଅଭିଜ୍ଞ ଗୋଲରକ୍ଷକ ପିଆର ଶ୍ରୀଜେସ୍ ଅଷ୍ଟ୍ରେଲିଆ ଖେଳାଳିଙ୍କ କେତୋଟି ଆକ୍ରମଣକୁ ପଣ୍ଡ କରିଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନଥିଲେ। ଭାରତ ମଧ୍ୟ କେତୋଟି ସୁଯୋଗ ହାତଛଡ଼ା କରିଥିଲା। ୫୧ତମ ମିନିଟ୍‌ରେ ଭାରତକୁ ଦୁଇଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। କିନ୍ତୁ ଅଧିନାୟକ ହରମନପ୍ରୀତ ଏହାକୁ ଗୋଲରେ ପରିଣତ କରିପାରି ନଥିଲେ। କିନ୍ତୁ ଅଷ୍ଟ୍ରେଲିଆର ରକ୍ଷଣଭାଗ ବେଶ୍ ଦୃଢ ଥିଲା। ଫଳରେ ଭାରତ ଅଧିକ ସୁଯୋଗ ସୃଷ୍ଟି କରିପାରି ନଥିଲା।

ମ୍ୟାଚ୍‌ର ତୃତୀୟ ମିନିଟ୍‌ରେ ଟିମ୍ ବ୍ରାଣ୍ଡ ତୃତୀୟ ମିନିଟ୍‌ରେ ଗୋଲ ଦେଇ ଅଷ୍ଟ୍ରେଲିଆ ପାଇଁ ଖାତା ଖୋଲିଥିଲେ। ସେହିପରି ଦ୍ୱିତୀୟ କ୍ୱାର୍ଟରରେ ୨୦ତମ ମିନିଟ୍‌ରେ ଟମ୍ ୱିକ୍‌ହାମ୍ ଗୋଲ ଦେଇ ଅଷ୍ଟ୍ରେଲିଆର ଅଗ୍ରଣୀକୁ ବଢାଇଥିଲେ। ଏହାପରେ ୩୮ତମ ମିନିଟ୍‌ରେ ୱିକ୍‌ହାମ ଆଉ ଏକ ଗୋଲ ଦେଇ ଥିଲେ। ସେହିପରି ୩୭ତମ ମିନିଟ୍‌ରେ ଜୋଏଲ ରିନତାଲା ଗୋଲ ଦେଇଥିଲେ। ୪୭ତମ ମିନିଟ୍‌ରେ ଭାରତ ପାଇଁ ଗୁରଜାନ୍ତ ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ। କିନ୍ତୁ ଫାଇନାଲ ହ୍ୱିସିଲ ବାଜିବାର ଠିକ୍ ୩ ମିନିଟ ପୂର୍ବରୁ ଅର୍ଥାତ ୫୭ତମ ମିନିଟରେ ଫ୍ଲିନ୍ ଓଗିଲଭିଏ ପେନାଲ୍ଟି କର୍ଣ୍ଣର ଜରିଆରେ ୫ମ ଗୋଲ ଦେଇ ଅଷ୍ଟ୍ରେଲିଆକୁ ବୃହତ୍ ବିଜୟ ପ୍ରଦାନ କରିଥିଲେ। ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଭାରତ ଏହି ସିରିଜ ଖେଳି ଅଭ୍ୟାସ ଓ ପ୍ରସ୍ତୁତ୍ କରିବା ଲକ୍ଷ୍ୟରେ ରହିଥିଲା। ତେବେ ଏହି ପରାଜୟରେ ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ ନୈରାଶ୍ୟ ଜାହିର କରିଛନ୍ତି।

## ତୃତୀୟ ବିବାହ ପରେ ପୁଣି ଚର୍ଚ୍ଚାରେ ସୋଏବ





ନୱାଲ ସଇଦ

**କରାଚି, ୬।୪ (ଏଜେନ୍ସି):** ନିକଟରେ ପାକିସ୍ତାନ କ୍ରିକେଟର୍ ସୋଏବ ମଲିକ ଓ ଭାରତୀୟ ଟେନିସ ତାରକା ସାନିଆ ମିର୍ଜାଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଥିଲା। ଏହାପରେ ସୋଏବ ପାକିସ୍ତାନ ଅଭିନେତ୍ରୀ ସାନା ଜାଭେଦଙ୍କୁ ତୃତୀୟଥର ଲାଗି ବିବାହ କରିଥିଲେ। ତେବେ ବର୍ତ୍ତମାନ ସୋଏବ ପୁଣିଥରେ ଖବରର ଶିରୋନାମାରେ ରହିଛନ୍ତି। ପାକିସ୍ତାନ ଅଭିନେତ୍ରୀ ନୱାଲ ସଇଦ ଏକ ଟିଭି ଶୋ'ରେ ସମ୍ବେଦନଶୀଳ କଥା ପ୍ରକାଶ କରିଛନ୍ତି। ଏହି ଟିଭି ଶୋ'ରେ ସଇଦଙ୍କୁ ପଚରାଯାଇଥିଲା କି, ଅଭିନେତାମାନେ ତାଙ୍କୁ 'ଅଶୋଭନୀୟ ମେସେଜ' ପଠାନ୍ତି ନା ନାହିଁ। ଏହାର ଉତ୍ତରରେ ୨୫ ବର୍ଷୀୟା ଏହି ପାକିସ୍ତାନ ଅଭିନେତ୍ରୀଜଣଙ୍କ କହିଥିଲେ, ଅଭିନେତାମାନେ ନୁହେଁ କିନ୍ତୁ କ୍ରିକେଟର୍‌ମାନେ ତାଙ୍କୁ ଅଶୋଭନୀୟ ମେସେଜ ପଠାଇଥାନ୍ତି। ଏହାପରେ ଟିଭି ଆଙ୍କର ଜଣଙ୍କୁ ସଇଦଙ୍କୁ ସେହି କ୍ରିକେଟର୍‌ଙ୍କ ନାମ ପ୍ରକାଶ କରିବା ପାଇଁ କୁହାଯାଇଥିଲା। କିନ୍ତୁ ସେ କୌଣସି କ୍ରିକେଟର୍‌ଙ୍କ ନାମ କହିବାକୁ ମନା କରିଦେଇଥିଲେ। କିନ୍ତୁ ନୱାଲ ବାରମ୍ବାର କହିଥିଲେ ଯେ ଜଣେ ପାକିସ୍ତାନ କ୍ରିକେଟର୍ ତାଙ୍କୁ ବାରମ୍ବାର ମେସେଜ କରିଥାନ୍ତି।

ଏହାପରେ ଟିଭି ଆଙ୍କରଙ୍କ ପକ୍ଷରୁ ସେହି କ୍ରିକେଟର୍ ଜଣଙ୍କ ସୋଏବ ମଲିକ କି ବୋଲି ପ୍ରଶ୍ନ କରାଯାଇଥିଲା। ଏଥିରେ ନୱାଲ ହସିବାରେ ଲାଗିବା ସହ କୌଣସି ଉତ୍ତର ନ ଦେଇ ଚୁପ୍ ରହିଥିଲେ। ଏହାପରେ ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ଭାଇରାଲ ହୋଇଯାଇଥିଲା। ସେହି କ୍ରିକେଟର୍ ଜଣଙ୍କ ସୋଏବ ମଲିକ ବୋଲି ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ କହିବାକୁ ଆରମ୍ଭ କରିଛନ୍ତି। ଫଳରେ ନିକଟରେ ତୃତୀୟଥର ଲାଗି ବିବାହ କରିଥିବା ସୋଏବ ଏବେ ଅଭିନେତ୍ରୀ ନୱାଲଙ୍କ ଲାଗି ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି।

ଖେଲୋ ଇଣ୍ଡିଆ ଉପକନିଷ୍ଠ ବାଳିକା ହକି

## ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି ଉପବିଜେତା

ଭୁବନେଶ୍ୱର, ୬।୪ (ସମିସ)

ଲକ୍ଷ୍ନୌରେ ଚାଲିଥିବା ଦ୍ୱିତୀୟ ଖେଲୋ ଇଣ୍ଡିଆ ଉପକନିଷ୍ଠ ବାଳିକା ହକି ଲିଗ୍‌ରେ ଓଡ଼ିଶା ନାଭାଲ ଟାଟା ହକି ହାଇପର୍‌ଫର୍‌ମାନ୍ସ ସେଣ୍ଟର (ଏଚ୍‌ପିସି) ଉପବିଜେତା ହୋଇଛି। ଶନିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ସାଇ ଶକ୍ତି ଟିମ୍ ୩-୨ ଗୋଲରେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସିକୁ ପରାସ୍ତ କରି ଚାମ୍ପିଅନ ହେବା ସହ ସ୍ୱର୍ଣ୍ଣ ପଦକ ହାତେଇନେଇଥିଲା। ଲକ୍ଷ୍ନୌର ପଦ୍ମଶ୍ରୀ ମହମ୍ମଦ ଶାହିଦ ସିନ୍ଥେଟିକ ହକି ଷ୍ଟାଡିୟମରେ ଖେଳାଯାଇଥିବା ଏହି ଫାଇନାଲ ଲଢ଼େଇରେ ସାଇ ଶକ୍ତି ଟିମ୍‌ର ଖୁସି ଡବଲ୍ ଗୋଲ୍ ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ସେ ୧୩ତମ ଓ ୨୦ତମ ମିନିଟ୍‌ରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ଏହାପରେ ତୃତୀୟ କ୍ୱାର୍ଟର ତଥା ୩୯ତମ ମିନିଟ୍‌ରେ ନିହାରୀକା ଟପ୍ପୋ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ରୂପାନ୍ତରିତ କରିଥିଲେ। ଫଳରେ ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି ୨-୧ସ୍ଥିତିକୁ ମ୍ୟାଚକୁ ଆଣିଥିଲା। ତେବେ ଏହି କ୍ୱାର୍ଟରର ଅନ୍ତିମ ମିନିଟ୍ (୪୫ତମ)ରେ କରୁଣା ସାଇ ଶକ୍ତି ପାଇଁ ୩ୟ ଗୋଲଟି ଦେଇଥିଲେ। ଏହାପରେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଓଡ଼ିଶା ଦ୍ୱିତୀୟ ଗୋଲ୍ ଦେଇଥିଲା। ଅଧିନାୟିକା ସୁଇଟ କୁଜୁର ୫୭ତମ ମିନିଟ୍‌ରେ ଏହି ଗୋଲଟି ଦେଇ ମ୍ୟାଚ୍‌କୁ ୩-୨ରେ ପହଞ୍ଚାଇଥିଲେ। ଏହାସତ୍ତ୍ୱେ ନାଭାଲ ଦଳ ୩-୨ ଗୋଲରେ ଶେଷରେ ପରାଜୟବରଣ କରି ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ସେହିଭଳି ୩ୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ସାଇ ବାଲ୍ ଟିମ୍ ୫-୧ ଗୋଲରେ ପ୍ରୀତମ ସିୱାଚ ହକି ଏକାଡେମୀ ଦଳକୁ ହରାଇ କାଂସ୍ୟ ପଦକ ହାସଲ କରିଛି।




## ଦୁର୍ଘଟଣାରେ ଦୁଇ ପାକ୍ ମହିଳା କ୍ରିକେଟର ଆହତ

**କରାଚି,୬।୪(ଏଜେନ୍ସି):** ପାକିସ୍ତାନ ମହିଳା କ୍ରିକେଟ ଦଳର ଦୁଇଜଣ ତାରକା ଖେଳାଳି କାର୍ ଦୁର୍ଘଟଣାରେ ଆହତ ହୋଇଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଶନିବାର ଏ ନେଇ ସୂଚନା ଦେଇଛି। ଏହି ଦୁଇ କ୍ରିକେଟର ହେଲେ ବିସ୍‌ମା ମାରୁଫ୍ ଓ ସ୍ପିନର ଘୁଲାମ ଫାତିମା। ତେବେ ଏହି ଦୁର୍ଘଟଣା ବିଷୟରେ ପିସିବି ତରଫରୁ ଅଧିକ କିଛି କୁହାଯାଇନାହିଁ। ଏହି ଦୁର୍ଘଟଣାରେ ଖେଳାଳିମାନେ ସାମାନ୍ୟ ଭାବେ ଆହତ ହୋଇଛନ୍ତି। ଆହତ ହେବା ପରେ ଦୁଇ ଖେଳାଳିଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା ଓ ଏବେ ପିସିବି ମେଡିକାଲ ଟିମ୍ ଏମାନଙ୍କର ଦାୟିତ୍ୱ ନେଇଛି। ଆସନ୍ତା ୧୮ ତାରିଖରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ପାକିସ୍ତାନ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଓ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଖେଳିବ। ଏହି ଦୁଇଟି ସିରିଜ ପାଇଁ ମାରୁଫ୍ ଓ ଫାତିମା ସମ୍ଭାବ୍ୟ ଦଳରେ ସ୍ଥାନ ପାଇଛନ୍ତି। ଖୁବ୍‌ଶୀଘ୍ର ଦୁହେଁ ସୁସ୍ଥ ହୋଇ ପ୍ରଶିକ୍ଷଣ ଶିବିରରେ ଯୋଗ ଦେବେ ବୋଲି ପିସିବି ତରଫରୁ କୁହାଯାଇଛି।

## ପାକିସ୍ତାନ କ୍ରିକେଟରଙ୍କ ମିଲିଟାରୀ ଟ୍ରେନିଂ



**କରାଚୀ,୬।୪(ଏଜେନ୍ସି):** ଆଗାମୀ ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ମେଗା ଇଭେଣ୍ଟକୁ ଦୃଷ୍ଟିରେ ରଖି ପାକିସ୍ତାନ କ୍ରିକେଟ ଦଳ ତା'ର ପ୍ରସ୍ତୁତି ଜୋରଦାର କରିଛି। ଏହିକ୍ରମରେ ଦଳର କ୍ରିକେଟରମାନେ କଠିନ ପରିଶ୍ରମ କରିବା ସହ କଷ୍ଟସାଧ ପ୍ରଶିକ୍ଷଣ ନେଉଛନ୍ତି। ପାକିସ୍ତାନ କ୍ରିକେଟ ଦଳର ସବୁ ସଦସ୍ୟ ଏବେ ମିଲିଟାରୀ ଟ୍ରେନିଂ ନେଉଛନ୍ତି। ଦଳରେ ଶୃଙ୍ଖଳା ଓ ଫିଟ୍‌ନେସ୍‌ରେ ଉନ୍ନତି ଆଣିବା ପାଇଁ ବାବର ଆଜମଙ୍କ ନେତୃତ୍ୱରେ ପୂରା ଦଳ ସେନାବାହିନୀ ଶୈଳୀରେ ପ୍ରଶିକ୍ଷଣ ନେଉଛନ୍ତି। ଖେଳାଳିମାନେ ସ୍ନାଇପର ସୁଟିଂଠୁ ଆରମ୍ଭ କରି ପାହାଡ ଚଢା ଓ ଅନ୍ୟ କଷ୍ଟସାଧ ପ୍ରଶିକ୍ଷଣ ନେଉଛନ୍ତି। ଉଲ୍ଲେଖଥାଉ କି, ଦ୍ରୁତ ବୋଲର ଶାହିନ ଶାହା ଆଫ୍ରିଦିଙ୍କୁ ମାତ୍ର ଗୋଟିଏ ସିରିଜ ପରେ ହଟାଇ ବ୍ୟାଟିଂ ତାରକା ବାବର ଆଜମଙ୍କୁ ଏବେ ଟି-୨୦ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ନ୍ୟୁଜିଲାଣ୍ଡଠାରୁ ଗତ ଟି-୨୦ ସିରିଜରେ ପାକିସ୍ତାନ ୧-୪ରେ ପରାସ୍ତ ହୋଇଥିଲା।

## ଗ୍ରାଉଣ୍ଡସମ୍ୟାନଙ୍କ ପୁଅ ଖେଳିଲେ ଆଇପିଏଲ୍

ଅହମ୍ମଦାବାଦ୍,୬।୪(ଏଜେନ୍ସି)

ଏଥର ଆଇପିଏଲରେ ଆଉଏକ ମଜାଦାର ଘଟଣା ଦେଖିବାକୁ ମିଳିଛି। ଜଣେ ଗ୍ରାଉଣ୍ଡସମ୍ୟାନଙ୍କ ପୁଅ ଆଇପିଏଲ ଖେଳି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ସେ ହେଉଛନ୍ତି ୨୩ ବର୍ଷୀୟ ସୌରଭ ଚୌହାନ। ତାଙ୍କ ପିତା ଦୀଲିପ ଚୌହାନ ସ୍ଥାନୀୟ ସୌରଭ ପଟେଲ ଷ୍ଟାଡିୟମରେ ଗ୍ରାଉଣ୍ଡମ୍ୟାନ ଭାବେ କାର୍ଯ୍ୟ କରନ୍ତି। ପିତା ସୌରଭଙ୍କୁ କ୍ରିକେଟର ଭାବେ ଗଢି ତୋଳିବାର ସ୍ୱପ୍ନ ଦେଖିଥିଲେ ଓ ଏହା ସାକାର ହୋଇଛି। ଜଣେ ଅଗ୍ରଭାଗ ବ୍ୟାଟର ଭାବେ ସେ ରଣଜୀ, ଦୁଲୀପ ଓ ମୁସ୍ତାକ ଅଲି ଟ୍ରଫିରେ ମ୍ୟାଚ୍ ଖେଳିଛନ୍ତି।




ବାମହାତୀ ୱିକେଟକିପର ବ୍ୟାଟର ସୌରଭ ପ୍ରଥମଥର ପାଇଁ ଆଇପିଏଲ ନୀଲାମିରେ ବିକ୍ରି ହୋଇଥିଲେ। ସେ ମଧ୍ୟ ଅଫ୍ ବ୍ରେକ୍ ବୋଲିଂ କରିପାରନ୍ତି। ୨୦ ଲକ୍ଷ ଟଙ୍କା ବିନିମୟରେ ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳରେ ସାମିଲ ହୋଇଥିଲେ। ଶନିବାର ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୪ ନଂରେ ବ୍ୟାଟିଂ କରିବାକୁ ଆସି ସେ ୯ ରନ ସଂଗ୍ରହ କରି ୟୁଜବେନ୍ଦ୍ର ଚହଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ପିତା ଗ୍ରାଉଣ୍ଡସମ୍ୟାନ ଥିବାରୁ ଷ୍ଟାଡିୟମ ପରିସରରେ ତାଙ୍କ ପରିବାର ରହୁଥିଲେ। ପିତା ଗ୍ରାଉଣ୍ଡରେ କାର୍ଯ୍ୟକରନ୍ତି ଓ ପ୍ରତିଦିନ କ୍ରିକେଟର ଖେଳୁଥିବାର ଦେଖି ସେ କ୍ରିକେଟ ହେବାକୁ ଇଚ୍ଛା ଜାହିର କରିଥିଲେ।

ଜାପାନୀଜ୍ ଫର୍ମୁଲା-୧ ଗ୍ରାଁ ପ୍ରି

## ଭର୍ଷ୍ଟାପେନ୍‌ଙ୍କୁ କ୍ରମାଗତ ଚତୁର୍ଥ ପୋଲ୍ ପୋଜିସନ




**ଟୋକିଓ,୬।୪(ଏଜେନ୍ସି):** ଜାପାନିଜ ଫର୍ମୁଲା-୧ ଗ୍ରାଁ ପ୍ରିରେ ମାକ୍ସ ଭର୍ଷ୍ଟାପେନ୍ ପୋଲ ପୋଜିସନ ହାସଲ କରିଛନ୍ତି। ଫଳରେ ଚଳିତ ସିଜନରେ ସେ କ୍ରମାଗତ ଚତୁର୍ଥ ପୋଲ୍ ପୋଜିସନ ହାସଲ କରିଛନ୍ତି। ବେଲଜିୟମ ତଥା ନେଦରଲାଣ୍ଡସର ଏହି ଫର୍ମୁଲା-୧ ରେସିଂ ଡ୍ରାଇଭର ରେଡ୍ ବୁଲ ହୋଣ୍ଡା ତରଫରୁ ପ୍ରତିନିଧିତ୍ୱ କରି ୧ ମିନିଟ୍ ୨୮.୧୯୭ ଲାପ୍ ଟାଇମିଂରେ ଶୀର୍ଷରେ ରହି ପୋଲ୍ ପୋଜିସନ ହାସଲ କରିଛନ୍ତି। ସେହିପରି ରେସ୍‌ରେ ରେଡ୍ ବୁଲର ଅନ୍ୟତମ ଡ୍ରାଇଭର ସର୍ଗିଓ ପେରେଜ ଭର୍ଷ୍ଟାପେନ୍‌ଙ୍କଠାରୁ ଅଧିକ ୦.୦୬୬ ସେକେଣ୍ଡ ସମୟ ନେଇ ଦ୍ୱିତୀୟ, ମ୍ୟାକ୍‌ଲରେନ ମର୍ସିଡିଜ୍‌ର ଲଣ୍ଡୋ ନୋରିସ୍ ୦.୨୯୨ ସେକଣ୍ଡ ଅଧିକ ସମୟ ନେଇ ତୃତୀୟ ସ୍ଥାନରେ ରହିଛନ୍ତି। ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ୦.୬୬୯ ସେକେଣ୍ଡ ଅଧିକ ସମୟ ନେଇ ଏହି କ୍ୱାଲିଫାଇଂ ରେସ୍‌ରେ ସପ୍ତମ ସ୍ଥାନରେ ରହିଛନ୍ତି।

କଳାହାଣ୍ଡି କପ୍: ତୋଫାନ, ଦୀପ୍ତି, ଉମାଙ୍କ ୫ ୱିକେଟ୍ ସଫଳତା

# ଗଞ୍ଜାମର ବୃହତ୍ ବିଜୟ

ଭୁବନେଶ୍ୱର, ୬।୪ (ସମିସ)



ତୋଫାନ ଗୌଡ଼



ଦୀପ୍ତି ବିହାରୀ



ଉମା ସାହୁ



ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ବରିଷ୍ଠ ଆନ୍ତଃଜିଲ୍ଲା କ୍ରିକେଟ୍ ପ୍ରତିଯୋଗିତା କଳାହାଣ୍ଡି କପ୍‌ରେ ଶନିବାର ୬ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଗଞ୍ଜାମ ୨୦୯ ରନରେ କନ୍ଧମାଳକୁ ପରାସ୍ତ କରି ବଡ଼ ବିଜୟ ହାସଲ କରିଛି। ଅନ୍ୟଦଳ ଗୁଡ଼ିକ ମଧ୍ୟରେ କେନ୍ଦ୍ରାପଡ଼ା, ନୂଆପଡ଼ା, ସୋନପୁର, ସମ୍ବଲପୁର-ବି ଓ ରାୟଗଡ଼ା ବିଜୟୀ ହୋଇଛନ୍ତି।

ଆଠଗଡ଼ସ୍ଥିତ ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କନ୍ଧମାଳ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ଗଞ୍ଜାମ ୫୦ ଓଭରରେ ୭ ୱିକେଟ୍ ହରାଇ ୩୨୭ ରନ କରିଥିଲା। ଦଳ ପକ୍ଷରୁ ଓମ୍ ଟି. ମୁଣ୍ଡେ ୭୭, ସୌମ୍ୟ ବିଶ୍ୱାଳ ୬୨ ଓ ଦେବାଶିଷ ସାହୁ ୫୩ ରନ କରିଥିଲେ। ଜବାବରେ କନ୍ଧମାଳ ତୋଫାନ ଗୌଡ଼ଙ୍କ ବୋଲିଂକୁ ସାମ୍ନା କରି ନପାରି ୨୭.୫ ଓଭରରେ ୧୧୮ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ତୋଫାନ ୨୨ ରନ ବ୍ୟୟରେ ୫ ୱିକେଟ୍ ସଫଳତା ପାଇଥିଲେ। ସେହିଭଳି ରେଭେନଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚରେ କେନ୍ଦ୍ରାପଡ଼ା ୩ ୱିକେଟ୍‌ରେ ମାଲକାନଗିରିକୁ ମାତ୍ ଦେଇଛି। ଦୀନେଶ ହାଲବାଙ୍କ ୫୮ ରନ ବଳରେ ମାଲକାନଗିରି ୧୫୬ ରନ କରିଥିଲା। କେନ୍ଦ୍ରାପଡ଼ାର ଦୀପ୍ତି ବିହାରୀ ୫ ୱିକେଟ୍ ନେଇଥିଲେ। ଜବାବରେ କେନ୍ଦ୍ରାପଡ଼ା ୩୨.୩ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲଶ। ଗୌରବ ଚୌଧୁରୀ ୪୪ ଓ ଅବିନାଶ ବେହେରା ଅପରାଜିତ ୩୯ ରନ କରିଥିଲେ।

ଅପରପକ୍ଷରେ ରେଭେନଶା ଗ୍ରାଉଣ୍ଡ-୨ ନୂଆପଡ଼ା ୨ ୱିକେଟ୍‌ରେ ଗଜପତିକୁ, ନିମପୁର ଗ୍ରାଉଣ୍ଡରେ ସମ୍ବଲପୁର-ବି ୨ ୱିକେଟ୍‌ରେ ବାଲାଙ୍ଗିରକୁ, ବାରବାଟୀ ଷ୍ଟାଡିୟମରେ ରାୟଗଡ଼ା ୨ ୱିକେଟ୍‌ରେ କଳାହାଣ୍ଡିକୁ ଓ କିଟ୍ ଷ୍ଟାଡିୟମରେ ସୋନପୁର ୪ ୱିକେଟ୍‌ରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ନୂଆପଡ଼ାର ପ୍ରୟାସ ସିଂ (୩ ୱିକେଟ୍), ସୋନପୁରର ରିତିକ ଚୌଧୁରୀ (୪ ୱିକେଟ), ସମ୍ବଲପୁର-ବି'ର ଶ୍ରେଷ୍ଠ ସିଂ (୫୪ ରନ) ଓ ରାୟଗଡ଼ାର ଉମା ସାହୁ (୫ ୱିକେଟ୍) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।




### ଆଇପିଏଲ୍‌ରେ ଧିମା ଶତକ

| ଖେଳାଳି | ବଲ୍ |
|---|---|
| ମନୀଷ ପାଣ୍ଡେ | ୬୭ |
| ବିରାଟ କୋହଲି | ୬୭ |
| ସଚିନ ତେନ୍ଦୁଲକର | ୬୬ |
| ଡେଭିଡ୍ ୱାର୍ଣ୍ଣର | ୬୬ |
| ଜୋଶ୍ ବଟଲର୍ | ୬୬ |

### ବଟଲରଙ୍କ ଶତକ ଆଗରେ କୋହଲି ଫିକା

# ଶୀର୍ଷରେ ରାଜସ୍ଥାନ

**ଜୟପୁର, ୬।୪ (ଏଜେନ୍ସି)**

ବ୍ୟାଟିଂ ଆଇକନ ବିରାଟ କୋହଲିଙ୍କ ୮ମ ଆଇପିଏଲ୍ ଶତକ ବ୍ୟର୍ଥ ଯାଇଛି। ଆଇପିଏଲର ୧୯ତମ ମ୍ୟାଚ୍‌ରେ ସଞ୍ଜୁ ସାମସନଙ୍କ ରାଜସ୍ଥାନ ରୟାଲ୍ସ ୫ ବଲ ବାକିଥାଇ ୬ ୱିକେଟରେ ବିଜୟୀ ହୋଇଛି। ସ୍ଥାନୀୟ ସବାଇ ମାନସିଂ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବେଙ୍ଗାଲୁରୁ ୩ ୱିକେଟ ହରାଇ ୧୮୩ ରନର ଚ୍ୟାଲେଞ୍ଜିଂ ସ୍କୋର ଛିଡା କରିଥିଲା। ଜବାବରେ ରାଜସ୍ଥାନ ୧୯.୧ ଓଭରରେ ୪ ୱିକେଟ ହରାଇ ୧୮୯ ରନକରି ବିଜୟୀ ହୋଇଛି। ଦଳ ତରଫରୁ ଓପନର ଜୋସ ବଟଲର ୫୮ ବଲର ସମ୍ମୁଖୀନ ହୋଇ ୯ ଚୌକା ଓ ୪ ଛକା ସହ ୧୦୦ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ବଟଲରଙ୍କ ଶତକ ଆଗରେ କୋହଲିଙ୍କ ଶତକ ଫିକା ପଡ଼ିଛି। ଦଳ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସଞ୍ଜୁ ସାମସନ ୬୯ ରନ (୪୨ ବଲ, ୮ ଚୌକା ୨ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ଓ ଏହା ଦଳର ବିଜୟ ପାଇଁ ଯଥେଷ୍ଟ ହୋଇଥିଲା। ଇନଫର୍ମ ରିଆନ୍ ପରାଗ ୪, ଧ୍ରୁବ ଜୁରେଲ ୨ ରନ୍ କରି ଆଉଟ୍ ହୋଇଥିବା ବେଳେ ସିମରନ ହେଟ୍‌ମାୟାର ୧୧ ରନ୍ କରି ଅପରାଜିତ ରହିଥିଲେ। ଏହି ବିଜୟ ସହ ରାଜସ୍ଥାନ ୪ ମ୍ୟାଚ୍ ଖେଳି କ୍ରମାଗତ ୪ର୍ଥ ବିଜୟ ସହ ୮ ପଏଣ୍ଟ ହାସଲ କରି ତାଲିକା ଶୀର୍ଷକୁ ଉଠିଛି। ବୋଲିଂରେ ବେଙ୍ଗାଲୁରୁ ତରଫରୁ ରିସି ଟୋପ୍ଲେ ୨, ଯଶ ଦୟାଲ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ୱିକେଟ ନେଇଥିଲେ।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ରୟାଲ୍ ଚ୍ୟାଲେଞ୍ଜର୍ସ ପାଇଁ ବିରାଟ କୋହଲି ଓ ଅଧିନାୟକ ଫାଫ୍ ଡୁ ପ୍ଲେସିସ୍ ଓପନିଂ ୱିକେଟ୍ ଭାଗୀଦାରିରେ ଶତକୀୟ ଭାଗୀଦାରି କରି ସାମସନଙ୍କ ନିଷ୍ପତ୍ତିକୁ ଭୁଲ୍ ପ୍ରମାଣିତ କରିଥିଲେ। ପ୍ରଥମ ୱିକେଟ୍‌ରେ ଉଭୟ ୮୪ ବଲରୁ ୧୨୫ ରନ ଉଠାଇ ଏକ ଦୃଢ଼ ମୂଳଦୁଆ ପକାଇଥିଲେ। ୨ଟି ଚୌକା ଓ ଛକା ସହାୟତାରେ ୩୩ ବଲରୁ ୪୪ ରନ କରିଥିବା ଡୁ ପ୍ଲେସିସଙ୍କୁ ବଟଲରଙ୍କ ହାତରେ କ୍ୟାଚ୍ କରାଇ ଯୁଜବେନ୍ଦ୍ର ଚହଲ ଏହି ବହୁପ୍ରତୀକ୍ଷିତ ବ୍ରେକ ଥ୍ରୁ ରାଜସ୍ଥାନକୁ ଦେଇଥିଲେ। ତେବେ ପରବର୍ତ୍ତୀ ଦୁଇ ବ୍ୟାଟର୍ ଗ୍ଲେନ ମ୍ୟାକ୍ସୱେଲ୍ ଓ ପଦାର୍ପଣକାରୀ ସୌରଭ ଚୌହାନ ସଅଳ ପ୍ୟାଭିଲିୟନ ଫେରିଯିବାରୁ ବେଙ୍ଗାଲୁରୁର ବଡ଼ ସ୍କୋର ଆଶା ମଉଳିଯାଇଥିଲା। ଅଷ୍ଟ୍ରେଲୀୟ ବିସ୍ଫୋରକ ବ୍ୟାଟର୍ ମ୍ୟାକ୍ସୱେଲ ୧ ରନ କରି ନାନ୍ଦ୍ରେ ବର୍ଗରଙ୍କ ବଲରେ କ୍ଲିନବୋଲ୍ଡ ହୋଇଯାଇଥିଲେ। ସେହିଭଳି ଗୋଟିଏ ଛକା ସହାୟତାରେ ୯ ରନ କରିଥିବାବେଳେ ସୌରଭ ଚୌହାନ ଚହଲଙ୍କ ୨ୟ ଶିକାର ବନିଥିଲେ। ତେବେ ଗୋଟିଏ ପାଶ୍ୱର୍ରୁ କୋହଲି ତାଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ଜାରି ରଖି ଆଇପିଏଲ୍ କ୍ୟାରିୟରର ରେକର୍ଡ ୮ମ ଶତକ ହାସଲ କରିଥିଲେ। ୬୭ ବଲରୁ ଶତକ ପୂରଣ କରିଥିବା କୋହଲି ପାଳି ଶେଷ ବେଳକୁ ୭୨ ବଲରେ ୧୧୩ ରନ କରି ଅପରାଜିତ ରହିଥିଲେ। ଏହି ଶତକୀୟ ପାଳିରେ ସେ ୧୨ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମେରନ ଗ୍ରୀନ ୬ ବଲରୁ ୫ ରନ କରି ଅପରାଜିତ ରହିଥିଲେ।

## ଆଇପିଏଲ୍‌ରେ ଧିମା ଶତକ

ଆଇପିଏଲ୍ ଇତିହାସରେ କୋହଲିଙ୍କ ଏହା ରେକର୍ଡ ୮ମ ଶତକ ଥିଲା। ୨୪୨ତମ ମ୍ୟାଚରୁ ସେ ଏହି ଶତକୀୟ ପାଳି ଖେଳିଥିଲେ। ଆଇପିଏଲ୍‌ରେ ସର୍ବାଧିକ ଶତକ ହାସଲ କରିବାରେ କୋହଲିଙ୍କ ପଛକୁ କ୍ରିସ୍ ଗେଲ୍ (୬ଟି) ଓ ଜୋଶ୍ ବଟଲର୍ (୫ଟି) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି। ସେହିଭଳି ଲୋକେଶ ରାହୁଲ ସେନ ୱାଟସନ ଓ ଡେଭିଡ୍ ୱାର୍ଣ୍ଣରଙ୍କ ବ୍ୟାଟରୁ ୪ଟି ଲେଖାଏ ଶତକ ଦେଖିବାକୁ ମିଳିଛି। ଅପରପକ୍ଷରେ କୋହଲି ଆଇପିଏଲ୍‌ରେ ଧିମା ଶତକୀୟ ପାଳି ଖେଳିବାର ମଧ୍ୟ ଅଲୋଡ଼ା ରେକର୍ଡ କରିଛନ୍ତି। ଏହି ତାଲିକାରେ ସେ ଏବେ ମନୀଷ ପାଣ୍ଡେଙ୍କ ସହ ମିଳିତ ଭାବେ ଶୀର୍ଷରେ ରହିଛନ୍ତି। କୋହଲି ଶନିବାର ୬୭ ବଲରୁ ଶତକ ପୂରଣ କରିଥିଲେ। ପୂର୍ବରୁ ମନୀଷ ପାଣ୍ଡେ ୨୦୦୯ରେ ବେଙ୍ଗାଲୁରୁ ପକ୍ଷରୁ ଖେଳି ଡେକାନ ଚାର୍ଜସ ବିପକ୍ଷରେ ସମାନ ୬୭ ବଲରେ ଶତକ ହାସଲ କରିଥିଲେ। ସେବେଠାରୁ ଦୀର୍ଘ ୧୫ ବର୍ଷ ଧରି ଆଇପିଏଲ୍‌ରେ ଧୀମା ଶତକର ରେକର୍ଡ ପାଣ୍ଡେଙ୍କ ନାମରେ ରହିଥିଲା। ଏବେ କୋହଲି ଏହି ଅଲୋଡ଼ା ରେକର୍ଡର ସମକକ୍ଷ ହୋଇଛନ୍ତି।

## ଆଇପିଏଲ୍‌ରୁ ହାସରଙ୍ଗା ଆଉଟ୍

**ନୂଆଦିଲ୍ଲୀ, ୬।୪ (ଏଜେନ୍ସି):** ସନରାଇଜର୍ସ ହାଇଦ୍ରାବାଦ ଦଳକୁ ଝଟ୍‌କା ଲାଗିଛି। ଦଳର ଲେଗ୍-ସ୍ପିନ ଅଲ୍‌ରାଉଣ୍ଡର ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗା ଚଳିତ ଆଇପିଏଲ୍‌ରୁ ସମ୍ପୂର୍ଣ୍ଣ ଭାବେ ଓହରିଯାଇଛନ୍ତି। ଆଘାତଜନିତ ସମସ୍ୟା ଲାଗି ସେ ଦଳର ପ୍ରାରମ୍ଭିକ ୪ଟି ମ୍ୟାଚ୍ ଖେଳିପାରି ନଥିଲେ। ଏବେ ସମ୍ପୂର୍ଣ୍ଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ଶ୍ରୀଲଙ୍କା କ୍ରିକେଟ୍ (ଏସ୍‌ଏଲ୍‌ସି) ପକ୍ଷରୁ ଶନିବାର ସ୍ପଷ୍ଟ କରାଯାଇଛି। '୨୬ ବର୍ଷୀୟ ହାସରଙ୍ଗା ବର୍ତ୍ତମାନ ଗୋଇଠି ଆଘାତଜନିତ ସମସ୍ୟାରୁ ଧିରେ ଧିରେ ସୁସ୍ଥ ହେଉଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ତାଙ୍କୁ ଆହୁରି କିଛିଦିନ ଲାଗିବ। ମେଡିକାଲ ଟିମ୍ ପକ୍ଷରୁ ତାଙ୍କୁ ଯଥେଷ୍ଟ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଛି। ଯାହା ଫଳରେ ସେ ଆଉ ଚଳିତ ଆଇପିଏଲ୍‌ରେ ଭାଗନେଇପାରିବେ ନାହିଁ ବୋଲି ଶ୍ରୀଲଙ୍କା କ୍ରିକେଟ୍ ପକ୍ଷରୁ କୁହାଯାଇଛି।

ପ୍ରକାଶଯୋଗ୍ୟ, ଗତ ଖେଳାଳି ନିଲାମୀରେ ହାଇଦ୍ରାବାଦ୍ ଫ୍ରାଞ୍ଚାଇଜ ହାସରଙ୍ଗାଙ୍କୁ ୧.୫ କୋଟି ଟଙ୍କାରେ କ୍ରୟ କରିଥିଲା। ଏଥିପୂର୍ବରୁ ହାସରଙ୍ଗା ବେଙ୍ଗାଲୁରୁ ଫ୍ରାଞ୍ଚାଇଜ ପାଇଁ ଆଇପିଏଲ୍ ଖେଳିସାରିଛନ୍ତି। ଆଇପିଏଲ୍‌ରେ ସେ ମୋଟ୍ ୨୬ ମ୍ୟାଚ୍ ଖେଳି ୩୫ ୱିକେଟ୍ ଅକ୍ତିଆର କରିଛନ୍ତି।

## କେଶ କାଟିବା ଲାଗି ଏକ ଲକ୍ଷ ଖର୍ଚ୍ଚ!



**ନୂଆଦିଲ୍ଲୀ, ୬।୪ (ଏଜେନ୍ସି):** କ୍ରିକେଟ୍ ଆଇକନ୍ ବିରାଟ କୋହଲିଙ୍କ ଭାରତ ସମେତ ସାରା ବିଶ୍ୱରେ ଅଗଣିତ ପ୍ରଶଂସକ ରହିଛନ୍ତି। ଖେଳ ବ୍ୟତୀତ କୋହଲି ତାଙ୍କ ଭିନ୍ନ ଷ୍ଟାଇଲ୍ ଲାଗି ପ୍ରଶଂସକଙ୍କ ହୃଦୟରେ ରାଜ କରିଥାନ୍ତି। ଏହି ଅବସରରେ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ରିପୋର୍ଟ ମୁତାବକ, କୋହଲି ତାଙ୍କ କେଶ କାଟିବା ଲାଗି ପାଖାପାଖି ଥରକେ ଏକ ଲକ୍ଷ ଟଙ୍କା ଖର୍ଚ୍ଚ କରିଥାନ୍ତି। ଚଳିତ ଆଇପିଏଲ୍‌ରେ କୋହଲିଙ୍କୁ ଭିନ୍ନ ହେୟାର ଷ୍ଟାଇଲ୍‌ରେ ଦେଖିବାକୁ ମିଳିଥିଲା। ଏଥିଲାଗି ସେ କେଶ କାଟିଥିବା ରଶିଦ ସଲାମନିଙ୍କୁ ୮୦ ହଜାର ଟଙ୍କା ଦେଇଥିବା ଜଣାପଡ଼ିଛି। କିନ୍ତୁ ଜଣାଶୁଣା ମୁମ୍ବଇର ଜଣାଶୁଣା ହେୟାର ଷ୍ଟାଇଲିଷ୍ଟ ଆଲିମ ହାକିମ ଦାବି କରିଛନ୍ତି ଯେ, କୋହଲି ଏଥିଲାଗି ଏକ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ତେବେ କୋହଲିଙ୍କ ପକ୍ଷରୁ ଏନେଇ ଔପଚାରିକ ଭାବେ କୌଣସି ସୂଚନା ଦିଆଯାଇନାହିଁ।

### ଆଇପିଏଲ୍-୧୭

### ଆଜିର ମ୍ୟାଚ୍

**ମୁମ୍ବାଇ- ଦିଲ୍ଲୀ**
ସ୍ଥାନ- ମୁମ୍ବଇ, ସମୟ- ଅପରାହ୍ଣ ୩.୩୦

**ଲକ୍ଷ୍ନୌ- ଗୁଜରାଟ**
ସ୍ଥାନ- ଲକ୍ଷ୍ନୌ, ସମୟ- ରାତି ୭.୩୦

- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

## ବିରାଟଙ୍କ ୭,୫୦୦ ରନ୍ ପୂରଣ

**ଜୟପୁର,୬।୪(ଏଜେନ୍ସି):** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସୁପରଷ୍ଟାର ବିରାଟ କୋହଲି ପ୍ରଥମ ବ୍ୟାଟର ଭାବେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ୭,୫୦୦ ରନ ପୂରଣ କରିବାର ସୌଭାଗ୍ୟ ହାସଲ କରିଛନ୍ତି। ଶନିବାର ଜୟପୁରରେ ଅନୁଷ୍ଠିତ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ସେ ୩୪ ରନ କରିଥିବା ବେଳେ ଏହି ମାଇଲଖୁଣ୍ଟ ଅତିକ୍ରମ କରି ଇତିହାସ ସୃଷ୍ଟି କରିଛନ୍ତି। ବେଙ୍ଗାଲୁରୁ ପାଳିର ୭ମ ଓଭରରେ ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌ରେ ଏକ ରନ ସଂଗ୍ରହ କରି ସେ ଏହି ସଫଳତା ପାଇଛନ୍ତି। କୋହଲି ପୂର୍ବରୁ ଏକମାତ୍ର ବ୍ୟାଟର ଭାବେ ଆଇପିଏଲ୍‌ରେ ୭,୦୦୦ ରନ ପୂରଣ କରିଛନ୍ତି। ସେହିପରି ଅଭିଜ୍ଞ ଓପନର ଶିଖର ଧାୱନ ୬,୭୫୫ ରନ ସଂଗ୍ରହ କରି ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କୋହଲି ଶନିବାର ରାଜସ୍ଥାନ ବିପକ୍ଷରେ ୭୨ ବଲର ସମ୍ମୁଖୀନ ହୋଇ ୧୨ ଚୌକା ଓ ୪ ଛକା ସହ ୧୧୩ ରନର ବିସ୍ଫୋରକ ଅପରାଜିତ ଶତକୀୟ ପାଳି ଖେଳିଥିଲେ। କୋହଲି ଚଳିତ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହ କରି ଅରେଞ୍ଜ କ୍ୟାପର ଅଧିକାରୀ ମଧ୍ୟ ହୋଇଛନ୍ତି।

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୪ | ୪ | ୦ | ୮ | +୧.୨୦ |
| କୋଲକାତା | ୩ | ୩ | ୦ | ୬ | +୨.୫୧୮ |
| ଚେନ୍ନାଇ | ୪ | ୨ | ୨ | ୪ | +୦.୫୧୭ |
| ଲକ୍ଷ୍ନୌ | ୩ | ୨ | ୧ | ୪ | +୦.୪୮୩ |
| ହାଇଦ୍ରାବାଦ | ୪ | ୨ | ୨ | ୪ | +୦.୪୦୯ |
| ପଞ୍ଜାବ | ୪ | ୨ | ୨ | ୪ | -୦.୨୨୦ |
| ଗୁଜରାଟ | ୪ | ୨ | ୨ | ୪ | -୦.୫୮୦ |
| ବେଙ୍ଗାଲୁରୁ | ୫ | ୧ | ୪ | ୨ | -୦.୮୪୩ |
| ଦିଲ୍ଲୀ | ୪ | ୧ | ୩ | ୨ | -୧.୩୪୭ |
| ମୁମ୍ବାଇ | ୩ | ୦ | ୩ | ୦ | -୧.୪୨୩ |

### ଜାତୀୟ ଶକ୍ତି ଉତ୍ତୋଳନ

## ୧୫ ଜଣିଆ ଓଡ଼ିଶା ଦଳର ହାଇଦରାବାଦ୍ ଗସ୍ତ



**ଭୁବନେଶ୍ୱର,୬।୪(ସମିସ):** ଜାତୀୟ ବିରଷ୍ଠ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଓଡ଼ିଶାର ଏକ ୧୫ ଜଣିଆ ଦଳ ଶନିବାର ହାଇଦରାବାଦ୍ ଗସ୍ତ କରିଛି। ଆସନ୍ତା ୮ରୁ ୧୨ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଚୟନ ହୋଇଥିବା ଏହି ଦଳରେ ରଞ୍ଜନ ହଂସଦା, ପ୍ରବୀର କୁମାର ପୃଷ୍ଟି, ପାଡଲା ଶ୍ରୀନାବାସ, ଦେବାଶିଷ ମହାନ୍ତି, କପିଳେନ୍ଦ୍ର ସାମଲ, ମାଇକେଲ ମାଣ୍ଡିଆ, ସୌମ୍ୟପ୍ରଭା ଟୁଡୁ, ପ୍ରଭାତି ସିଂ, ଦେବୀ ସିଂ ଦିବ୍ୟଲେଖା ମିଶ୍ର, ତନୟା ପଣ୍ଡା, ରାଜସ୍ମିତା ସାହୁ, ନଗ୍‌ମା ଆରା ବେଗମ ବିଭିନ୍ନ ଓଜନ ବର୍ଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଦଳ ସହ ପ୍ରଶିକ୍ଷକ ରାକେଶ ଶତପଥି ଓ ପ୍ରବନ୍ଧକ ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ ଗସ୍ତ କରିଛନ୍ତି। ଏହି ଦଳକୁ ଶକ୍ତିଉତ୍ତୋଳନ ସଂଘର ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

### ● ପ୍ରଚଣ୍ଡ ଖରା ଯୋଗୁ କଟକଣା

## ୧୧ରୁ ଅପରାହ୍ଣ ୩ଟା ଯାଏ ବାହାରେ ଖେଳ ବନ୍ଦ

**ଭୁବନେଶ୍ୱର,୬।୪(ସମିସ):** ରାଜ୍ୟରେ ଅନୁଭୂତ ପ୍ରଚଣ୍ଡ ଖରା ଓ ଗରମ କାରଣରୁ ଆଉଟଡୋର ଗେମ୍ ଉପରେ କଟକଣା ଜାରି କରାଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର ଏ ସଂକ୍ରାନ୍ତରେ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁସାରେ ବାହାରେ କୌଣସି କ୍ରୀଡ଼ା ଆୟୋଜନ ହେବ ନାହିଁ। କ୍ରିକେଟ, ଫୁଟବଲ, ହକି ଭଳି ଖେଳ ବାହାରେ ଖେଳାଯାଇପାରିବ ନାହିଁ। ଭୀଷଣ ଖରା ଯୋଗୁ ସକାଳ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ବାହାରେ ସବୁ ପ୍ରକାର ଖେଳକୁ ବନ୍ଦ କରାଯିବ।




### ● ଦିଲ୍ଲୀ ଅଶ୍ୱଚାଳନା ପ୍ରତିଯୋଗିତା

## ଓଡ଼ିଶାର ରିଶିତାଙ୍କୁ ୨ ସ୍ୱର୍ଣ୍ଣ ସହ ୬ ପଦକ

**ଭୁବନେଶ୍ୱର, ୬।୪ (ସମିସ):** ନୂଆଦିଲ୍ଲୀରେ ଚାଲିଥିବା ଦିଲ୍ଲୀ ଅଶ୍ୱଚାଳନା ପ୍ରତିଯୋଗିତାରେ ପୁଣିଥରେ ଚମକିଛନ୍ତି ଓଡ଼ିଆ ଝିଅ ରିଶିତା ସାମନ୍ତରାୟ। ଆର୍ମି ପୋଲୋ ଓ ରାଇଡିଂ କ୍ଲବଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ୧୩ ବର୍ଷୀୟା ରିଶିତା ୨ ସ୍ୱର୍ଣ୍ଣ ସହ ମୋଟ୍ ୬ଟି ପଦକ ବିଜୟୀ ହୋଇଛନ୍ତି। ସେ ଓପନ୍ ହ୍ୟାକ୍ସ ଓ କନଫାଇଣ୍ଡ ହ୍ୟାକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ପୋଲ୍ ବେଣ୍ଡିଂରେ ରୌପ୍ୟ ଏବଂ ଓପନ୍ ଡ୍ରେସେଜ, ହିଟିଂ (ଷ୍ଟିକ ଓ ବଲ୍), ଥ୍ରୋ ଇଭେଣ୍ଟରେ କାଂସ୍ୟ ପଦକ ହାସଲ କରିଥିଲେ। ନିକଟରେ ଦୁଇଦିନ ତଳେ ତାଙ୍କ ସାନ ଭଉଣୀ ୫ ବର୍ଷୀୟା ରିଦ୍ଧି ଗୋଟିଏ ସ୍ୱର୍ଣ୍ଣ ପଦକ ଏଠାରେ ଜିତିଥିଲେ। ପ୍ରକାଶଯୋଗ୍ୟ, ଭୁବନେଶ୍ୱରର କର୍ଣ୍ଣେଲ ଆଶିଷ ସାମନ୍ତରାୟ ଏବଂ ରୋହିଣୀଙ୍କ ସୁକନ୍ୟା ହେଉଛନ୍ତି ରିଶିତା ଓ ରିଦ୍ଧି।









PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA